# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୪/୨୦୨୫ (୧୮ପୃଷ୍ଠା+ଛୁଟିଦିନ) Bhubaneswar, Sunday, September 14/2025 Page 18 ₹ 7.00 | SAMBALPUR

୫୧ଶ ଭାଗ ୨୯୦ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 290 ମୂଲ୍ୟ₹୭/-






Celebrating
60
Years of
Anokha Swad
DIAMOND JUBILEE
KAMLA PASAND
Celebrating
60
YEARS
अनोखा स्वाद
• Not recommended for minors
• Chewing of pan masala is injurious to health
No Tobacco, No Nicotine

ଧରିତ୍ରୀ 51 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୪/୨୦୨୫ | Bhubaneswar, Sunday, September 14/2025 | ପୃଷ୍ଠା-୧










**ସୁରକ୍ଷିତ ଘରକୁ ଫେରନ୍ତୁ:** କେନ୍ଦୁଝରରେ ଶନିବାର 'ଶୂନ ଦୁର୍ଘଟଣା ଦିବସ' କାର୍ଯ୍ୟକ୍ରମ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ସୁରକ୍ଷିତ ଗାଡ଼ି ଚଳାଇବା, ସୁରକ୍ଷିତ ଘରକୁ ଫେରିବା' ବାର୍ତ୍ତା ନେଇ ଆୟୋଜିତ ସଚେତନତା ଅଭିଯାନକୁ ଶୁଭାରମ୍ଭ କରିଛନ୍ତି।

# ନୂଆପଡ଼ା ଉପନିର୍ବାଚନ ପୂର୍ବରୁ ଏସ୍‌ଏସ୍‌ଆର୍

**ବିହାର ବିଧାନସଭା ଭୋଟ ପୂର୍ବରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ବିବାଦ ଲାଗିରହିଥିବାବେଳେ ଭାରତର ନିର୍ବାଚନ କମିଶନ (ଇସିଆଇ) ଓଡ଼ିଶାର ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ହେବାକୁ ଥିବା ଉପନିର୍ବାଚନ ପାଇଁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (ଏସ୍‌ଏସ୍‌ଆର୍) ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଛନ୍ତି। ସେପ୍ଟେମ୍ବର ୮ରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ଏହି ଆସନ ଖାଲିପଡ଼ିଛି। ଉପନିର୍ବାଚନ ତାରିଖ ଘୋଷଣା ହୋଇ ନ ଥିବାବେଳେ ଜନ ପ୍ରତିନିଧି ଆଇନ, ୧୯୫୦ର ଧାରା ୨୧ ଅଧୀନରେ ଏସ୍‌ଏସ୍‌ଆର୍ କରାଇବାକୁ ନିଷ୍ପତ୍ତି ନିଆଯାଇଛି। କମିଶନ ଦେଶବ୍ୟାପୀ ଏସ୍‌ଆଇଆର୍ କରାଇବା ସକାଶେ ପ୍ରସ୍ତୁତି ଚଳାଇଥିବାବେଳେ ନୂଆପଡ଼ା ନିର୍ବାଚନ ପୂର୍ବରୁ ଏସ୍‌ଏସ୍‌ଆର୍ ଓଡ଼ିଶାରେ ଏସ୍‌ଆଇଆର୍ ପାଇଁ ମୂଳଦୁଆ ପକାଇପାରେ ବୋଲି କୁହାଯାଉଛି।**

- **ଆଜି ମତଦାନ କେନ୍ଦ୍ରଗୁଡ଼ିକର ପରିବର୍ତ୍ତନ**
- **୧୫ରୁ ୨୯ ତାରିଖ ଭିତରେ ଦାବି ଓ ଆପତ୍ତି ଜଣାଇହେବ**
- **ଅକ୍ଟୋବର ୯ରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା**

ଭୁବନେଶ୍ୱର, ୧୩।୯(ସୁନିତ୍ ମିଶ୍ର)

ନୂଆପଡା ବିଧାନସଭା ଆସନରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ(ଏସ୍‌ଏସ୍‌ଆର୍) କରାଯିବ। ଆଗକୁ ଏହି ବିଧାନସଭା ଆସନ ଲାଗି ହେବାକୁ ଥିବା ଉପନିର୍ବାଚନ ପୂର୍ବରୁ ହିଁ ଏସ୍‌ଏସ୍‌ଆର୍ କରାଯିବ। ନୂଆପଡ଼ା ଆସନରେ ଅନୁଷ୍ଠିତ ହେବାକୁ ଥିବା ଉପନିର୍ବାଚନ ପାଇଁ ଜନପ୍ରତିନିଧିତ୍ୱ ଆଇନ, ୧୯୫୦ର ଧାରା ୨୧ ଅନୁଯାୟୀ ଏସ୍‌ଏସ୍‌ଆର୍ କରିବାକୁ ଭାରତର ନିର୍ବାଚନ ଆୟୋଗ ୧ ଜୁଲାଇ ୨୦୨୫କୁ ଯୋଗ୍ୟତା ତାରିଖ ଧାର୍ଯ୍ୟ କରିଛନ୍ତି।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ, ଏସ୍‌ଏସ୍‌ଆର ପାଇଁ କେତେଗୁଡ଼ିଏ କାର୍ଯ୍ୟସୂଚୀ ନିର୍ଦ୍ଧାରିତ କରାଯାଇଛି। ରବିବାର ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମତଦାନ କେନ୍ଦ୍ରଗୁଡ଼ିକର ପୁନଃ ବ୍ୟବସ୍ଥାପନ ବା ପରିବର୍ତ୍ତନ କରାଯିବ। ସୋମବାର ସମନ୍ୱିତ ଚିଠା ଭୋଟର ତାଲିକା ପ୍ରକାଶ କରାଯିବ। ଆସନ୍ତା ୧୫ରୁ ୨୯ ତାରିଖ ମଧ୍ୟରେ ଭୋଟରମାନେ ସେମାନଙ୍କ ଦାବି ଓ ଆପତ୍ତି ଜଣାଇପାରିବେ। ☞ପୃଷ୍ଠା-୨

## ଏସ୍‌ଆଇଆର୍, ଏସ୍‌ଏସ୍‌ଆର୍ ମଧ୍ୟରେ ପାର୍ଥକ୍ୟ

ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ହେଉଛି ଘରକୁ ଘର ଯାଇ ଭୋଟରମାନଙ୍କ ଗଣନା କରି ନୂଆ ଭୋଟର ତାଲିକା ପ୍ରସ୍ତୁତ କରିବା। ପ୍ରଚଳିତ ତାଲିକାକୁ ବିଚାରକୁ ନ ନେଇ ଗଣନାକାରୀମାନେ ପ୍ରତି ଘରକୁ ଯାଇ ଧାର୍ଯ୍ୟ ତାରିଖ ସୁଦ୍ଧା ଯୋଗ୍ୟ ଭୋଟରମାନଙ୍କ ତାଲିକା ପ୍ରସ୍ତୁତ କରିଥାନ୍ତି। ବର୍ତ୍ତମାନର ଭୋଟର ତାଲିକା ତ୍ରୁଟିଯୁକ୍ତ ଏବଂ ସମ୍ପୂର୍ଣ୍ଣ ନୂଆ ତାଲିକା ପ୍ରସ୍ତୁତ ଆବଶ୍ୟକ ବୋଲି ନିର୍ବାଚନ କମିଶନ ଯେତେବେଳେ ସିଦ୍ଧାନ୍ତରେ ପହଞ୍ଚନ୍ତି, ସେତେବେଳେ ସ୍ୱତନ୍ତ୍ର ସଘନ ସଂଶୋଧନ କରାଯାଇଥାଏ। ସାଧାରଣତଃ ନିର୍ବାଚନ ପୂର୍ବରୁ କିମ୍ବା ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ଭଳି ପ୍ରଶାସନିକ ପ୍ରକ୍ରିୟା ପରେ ଏସ୍‌ଆଇଆର୍ ହୋଇଥାଏ। ଅନ୍ୟପକ୍ଷରେ ସ୍ୱତନ୍ତ୍ର ସାରାଂଶ ସଂଶୋଧନ (ଏସ୍‌ଏସ୍‌ଆର୍) ନିର୍ବାଚନ ପୂର୍ବରୁ ହୋଇଥାଏ। ଏଥିରେ ଭୋଟର ତାଲିକାର ସମୀକ୍ଷା କରାଯିବା ସହ ୧୮ ବର୍ଷ ବୟସରେ ପହଞ୍ଚିଥିବା ନୂଆ ଭୋଟରଙ୍କୁ ଯୋଡ଼ାଯାଇଥାଏ। ଯେଉଁମାନେ ନିର୍ବାଚନମଣ୍ଡଳୀ ବଦଳାଇଥାନ୍ତି, ତଦନୁଯାୟୀ ପୂର୍ବ ନିର୍ବାଚନମଣ୍ଡଳୀରୁ ସେମାନଙ୍କ ନାଁ କଟାଯାଇ ନୂଆ ନିର୍ବାଚନମଣ୍ଡଳୀ ଭୋଟର ତାଲିକାରେ ସାମିଲ କରାଯାଇଥାଏ। ସେହିପରି ଡୁପ୍ଲିକେଟ୍ ଓ ମୃତ ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯାଇଥାଏ।

## ଏସିଆ କପ୍: ଆଜି ଭାରତ-ପାକିସ୍ତାନ ମ୍ୟାଚ

ଦୁବାଇ,୧୩।୯

ଏସିଆ କପ୍ ଟି୨୦ କ୍ରିକେଟ୍ ଟୁର୍ନାମେଣ୍ଟର ଗ୍ରୁପ୍-ଏ'ରେ ରବିବାର ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଏହି ହାଇ ଭୋଲ୍‌ଟେଜ୍ ମ୍ୟାଚ୍‌କୁ ନେଇ ଦୁଇ ଦେଶ ମଧ୍ୟରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ଗତ ଏପ୍ରିଲ ୨୨ ତାରିଖରେ ଜମ୍ମୁ-କଶ୍ମୀରର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଦୋଷ ଦେବା କାହାକୁ**

## ୨୭ରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୧୩।୯(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୭ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ବ୍ରହ୍ମପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋପାଳପୁର ବିଧାନସଭା କ୍ଷେତ୍ରକୁ ଏହି ଅବସରରେ ପ୍ରଧାନମନ୍ତ୍ରୀ ଗସ୍ତ କରିବା କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି। ମୋଦି ସେଠାରେ ଆୟୋଜିତ ଏକ ଜନସଭାକୁ ସମ୍ବୋଧନ କରିବେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଗୋପାଳପୁରସ୍ଥିତ ହଳଦିଆପଦର ନିକଟରେ ଥିବା ପଡ଼ିଆରେ ହୋଇପାରେ। ସେହି ସ୍ଥାନକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ମଧ୍ୟ ପରିଦର୍ଶନ କରିସାରିଲେଣି। ହେଲେ ଚୂଡ଼ାନ୍ତ ନିଷ୍ପତ୍ତି ୨ ଦିନ ଭିତରେ ହେବ ବୋଲି ଜଣାପଡ଼ିଛି। ଆସନ୍ତା ୧୭ରେ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିବସ ପାଳନ ହେବ। ସେହିଦିନଠାରୁ ଭାଜପା ରାଜ୍ୟରେ ସେବା ପକ୍ଷ ପାଳନ କରିବ। ତେଣୁ ଏହାରି ଭିତରେ ☞ପୃଷ୍ଠା-୨





**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T:- ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା15/09/2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0192/2526


## ଭୁଶୁଡ଼ିଲା ମାର୍କେଟ କମ୍ପ୍ଲେକ୍ସ

### ଚାପିହୋଇ ଦୋକାନୀ ମୃତ

କୋରାପୁଟ,୧୩।୯ (ଅମିତାଭ ବେହେରା)

କୋରାପୁଟ ସହରର ବସ୍‌ଷ୍ଟାଣ୍ଡ ନିକଟରେ ତଥା ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ମାର୍କେଟ କମ୍ପ୍ଲେକ୍ସର ୨ ଦୋକାନ ଘର ଭୁଶୁଡ଼ି ଶନିବାର ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଦୋକାନ ମାଲିକ ଲୋକନାଥ ପାତ୍ର(୬୨)। ଅନ୍ୟ ୩ ଜଣ ଘଟଣାରୁ ବର୍ତ୍ତିଯାଇଛନ୍ତି। ପ୍ରାୟ ୫ ଘଣ୍ଟା ଉଦ୍ଧାର କାର୍ଯ୍ୟ ଚାଲିଥିଲା ବେଳେ ୨୬ ନମ୍ବର ଜାତୀୟ ☞ପୃଷ୍ଠା-୨

## ପରକୀୟା ପ୍ରୀତି ସନ୍ଦେହରେ କଙ୍ଗାରୁକୋର୍ଟ

### ୨ ଯୁବକଙ୍କ ସହ ମହିଳାଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼

ବାରିପଦା, ୧୩।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅଞ୍ଚଳରେ ପରକୀୟା ପ୍ରୀତି ସନ୍ଦେହ କରି ଏକ ଅମାନବୀୟ ଘଟଣା ଘଟିଛି। ଗ୍ରାମବାସୀ ୨ ଯୁବକଙ୍କ ସହ ମହିଳାଙ୍କୁ ବିଦ୍ୟୁତ ଖୁଣ୍ଟରେ ବାନ୍ଧି କଙ୍ଗାରୁକୋର୍ଟରେ ନିସ୍ଠୁର ମାଡ଼ ମାରିଛନ୍ତି। ଏହାର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ୭ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବେଗୁନିଆ ପଞ୍ଚାୟତ ଅଧୀନ





ଦୁରଦୁରା ଗ୍ରାମର ଜାଙ୍ଗେ ହୋ(୨୨), ଘନଶ୍ୟାମ ହୋ(୨୫), ଅନିଲ ହୋ(୨୫), ପଦ୍ମାବତୀ ହୋ(୩୪), ସୁରୁବାଲି ହୋ(୫୨), ବୁଦ୍ଧୁନୀ ହୋ(୪୮) ଓ ମାଟା ହୋ(୪୫)।

ଶୁକ୍ରବାର ଅପରାହ୍ନରେ ଜଣେ ବିଧବା ନିକଟସ୍ଥ ହାଟକୁ ଯାଇ ଘରକୁ ଫେରୁଥିଲେ। ସନ୍ଧ୍ୟା ସମୟରେ ୨ଯୁବକଙ୍କ ସହ କଥା ହୋଇ ଆସୁଥିବାରୁ ଗ୍ରାମର ଲୋକମାନେ ଦେଖି ସନ୍ଦେହ କରିଥିଲେ, ଯାହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇବାରୁ ଗ୍ରାମବାସୀ ମହିଳାଙ୍କ ସହ ☞ପୃଷ୍ଠା-୨




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭାଦ୍ର ସତ୍‌ସଙ୍ଗ ମହୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ଗୋଷ୍ଠୀ ସମ୍ବଳ କର୍ମୀ ସଂଘ ପକ୍ଷରୁ ସାଙ୍ଗଠନିକ ଆଲୋଚନା, ସ୍ଥାନ: ହୋଟେଲ୍ ଲୁମ୍ବିନୀ କନଭେନ୍‌ଶନ୍, ନିଳାଦ୍ରି ବିହାର, ସମୟ: ମଧ୍ୟାହ୍ନ ୧୨ଟା।
- ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ସମୟ: ଅପରାହ୍ନ ୩ଟା ୩୦।
- ଗଙ୍ଗାଧର ମେହେର ପ୍ରତିଷ୍ଠାନ ପକ୍ଷରୁ ପୁଅ ଜିଉଁତିଆ (ଦୂତୀବାହନ ଓଷା), ସ୍ଥାନ: ହାଉସିଂବୋର୍ଡ କଲୋନି, ଚନ୍ଦ୍ରଶେଖରପୁର, ସମୟ: ସନ୍ଧ୍ୟା ୬ଟା।

## କଟକ

- ଓଡ଼ିଶା ସେଲସ୍ ଏକଜିକ୍ୟୁଟିଭ ଆସୋସିଏଶନ ପକ୍ଷରୁ ରକ୍ତଦାନ ଓ ସ୍ୱାସ୍ଥ୍ୟସେବା ଶିବିର, ସ୍ଥାନ: ଶ୍ରୀନିବାସ, ତେଲେଙ୍ଗାବଜାର, ସମୟ: ସକାଳ ୯ଟା ୩୦।
- ବିଦ୍ୟାଳୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା, ସ୍ଥାନ: ପିଏମ୍‌ଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ, ନୂଆପାଟଣା, ତିଗିରିଆ,ସମୟ: ସକାଳ ୯ ଟା୩୦।
- ସାହିତ୍ୟ ଓ ସଂସ୍କୃତି ମହୋତ୍ସବ, ୪୯ତମ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଓ ପୁସ୍ତକ ଉନ୍ମୋଚନ-୨୦୨୫, ସ୍ଥାନ: ଚୌଦ୍ୱାର ଗାନ୍ଧି ଛକସ୍ଥିତ ପୌର ଟାଉନହଲ, ସମୟ: ପୂର୍ବାହ୍ନ ୧୦ଟା।
- ସବୁଜ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ସ୍ଥାନ: ବଡ଼ମ୍ବା ଟେନିସ ପଡ଼ିଆସ୍ଥିତ ବୈକୁଣ୍ଠ ସ୍ମୃତି ସଦନ, ସମୟ: ପୂର୍ବାହ୍ନ ୧୦ ଟା୩୦।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ବିଡ଼ାନାସୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଅଖିଳ ଭାରତୀୟ ସାହିତ୍ୟ ପରିଷଦ କଟକ ଶାଖା ପକ୍ଷରୁ ମହାପୁରୁଷ ଅଚ୍ୟୁତାନନ୍ଦ ଜୟନ୍ତୀ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଚହଟା, ସମୟ: ଅପରାହ୍ନ ୩ଟା।
- ଶ୍ରୀ ଅରବିନ୍ଦ ମେଡିକାଲ ଆସୋସିଏଶନ୍‌ର ୩୬ତମ ବାର୍ଷିକ ସମ୍ମିଳନୀର ଉଦ୍‌ଯାପନୀ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ଅପରାହ୍ନ ୩ଟା।
- ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବୀ ମା'ଭଟ୍ଟାରିକାଙ୍କ ଶୋଡ଼ଶ ଉପଚାର ପୂଜା ଆରମ୍ଭ, ସ୍ଥାନ: ମା' ଭଟ୍ଟାରିକା ମନ୍ଦିର ପରିସର, ସମୟ: ଅପରାହ୍ନ ୩ଟା।
- ଇଣ୍ଡିଆନ ଆସୋସିଏଶନ୍ ଅଫ୍ ମେଡିକାଲ ମାଇକ୍ରୋ ବାୟୋଲୋଜିଷ୍ଟସ୍ ଓଡ଼ିଶା ଚାପ୍ଟର ପକ୍ଷରୁ ୧୬ତମ ବାର୍ଷିକ ସମ୍ମିଳନୀର ଉଦ୍‌ଯାପନୀ, ସ୍ଥାନ: ନୂତନ ସମ୍ମିଳନୀ କକ୍ଷ, ଏସ୍‌ସିବି ମେଡିକାଲ, ସମୟ: ଅପରାହ୍ନ ୫ଟା।
- ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରିଣୀ ସଂଘ ଭକ୍ତିପସରାର ସପ୍ତବିଂଶତମ ବାର୍ଷିକ ଉତ୍ସବ ପ୍ରବଚନର ଦ୍ୱିତୀୟ ଦିବସ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର ପରିସର, ରାଣୀହାଟ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ସର୍ବଭାରତୀୟ ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ସଂଘ ପକ୍ଷରୁ ହିନ୍ଦୀ ଦିବସ ପାଳନ ଏବଂ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର, ସ୍ଥାନ: ଟ୍ରାଫିକ କଲୋନୀ କାର୍ଯ୍ୟାଳୟ ପରିସର, ଜଟଣୀ, ସମୟ: ପୂର୍ବାହ୍ନ ୧୧ଟା।
- କର୍ମ ମନ୍ଦିର ପରିବାର ପକ୍ଷରୁ 'ଆମ ନୂଆଁଖାଇ ଭେଟଘାଟ-୨୦୨୫' ଏବଂ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଉତ୍ତରାୟଣୀ କ୍ଲବ୍, ଜଟଣୀ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର

- ପୂର୍ବତନ ବିଧାୟକ ଗୋପନାରାୟଣ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଷ୍ଟେଶନ ଛକ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ହୋଟେଲ ହରିପ୍ଲାଜା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଭଦ୍ରକ

- ଦିବଂଗତ ରାଜନେତା ଦେବେନ୍ଦ୍ର ତ୍ରିପାଠୀଙ୍କ ସ୍ମୃତିସଭା, ସ୍ଥାନ: ରାଜନଗର ମଙ୍ଗଳପୁର, ଆଗରପଡ଼ା, ସମୟ: ମଧ୍ୟାହ୍ନ ୧୨ଟା।

## ମୟୂରଭଞ୍ଜ

- ଆମେ ବାରିପଦା ପକ୍ଷରୁ ନାଟକ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୬ଟା ୩୦।

## ଢେଙ୍କାନାଳ

- ସନ୍ଧ୍ୟାତାରା ସାହିତ୍ୟ ସଂସଦ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ସଭାଗୃହ, ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା ୪୫ ମିନିଟ।
- ଶ୍ରୀଜଗନ୍ନାଥଙ୍କ ଦିବ୍ୟଲିଳା ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ସମୟ: ପୂର୍ବାହ୍ନ ସାଢେ ୧୦ଟା।

## କୋରାପୁଟ

- ଆରକ୍ଷୀ ଉପଖଣ୍ଡସ୍ତରୀୟ ସାଧାରଣ ବୈଠକ, ସ୍ଥାନ: ସିମାଦ୍ରୀ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଦଶହରା ପାଇଁ ଆଜ୍ଞାମାଳ, ସ୍ଥାନ: ଭଗବତୀ ମନ୍ଦିର, ଜୟପୁର, ସମୟ: ରାତି ୮ଟା।

## ସମ୍ବଲପୁର

- ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଆସ ସ୍କୁଲ ଯିବା ପଦଯାତ୍ରା ଶୁଭାରମ୍ଭ, ସ୍ଥାନ: ରିଜର୍ଭ ପୋଲିସ ଲାଇନ, ସମୟ : ସକାଳ ୭ଟା।
- ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ଥିତ ପ୍ରେକ୍ଷାଳୟ, ସମୟ : ସକାଳ ୮ଟା।
- ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସ୍ୱଚ୍ଛ ସୁନ୍ଦର ସବୁଜ ସମ୍ବଲପୁର କାର୍ଯ୍ୟକ୍ରମ, ସ୍ଥାନ : କ୍ଷେତରାଜପୁର, ସମୟ : ସକାଳ ୮ଟା ୩୦।
- ବନ୍ଦନା ଆର୍ଟ କର୍ନର ଓ ଆରକେ ଟ୍ୟୁଟୋରିଆଲ ପକ୍ଷରୁ ଚିତ୍ରକଳା ଓ ହସ୍ତକଳା ପ୍ରତିଯୋଗିତା, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଆର୍ଟ ଗ୍ୟାଲେରି, ସମୟ : ସକାଳ ୮ଟା ୩୦।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ: ପବ୍ଲିକ ଲାଇବ୍ରେରି ପ୍ରେକ୍ଷାଳୟ, ସମୟ : ସକାଳ ୯ଟା।
- ଶ୍ରୀମଦ୍ ଭାଗବତ ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତା, ସ୍ଥାନ : ପବ୍ଲିକ ଲାଇବ୍ରେରି ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ବିବେକାନନ୍ଦ କନ୍ୟାକୁମାରୀ ସମ୍ବଲପୁର ଶାଖା ପକ୍ଷରୁ ବିଶ୍ୱ ଭାତୃତ୍ୱ ଦିବସ କାର୍ଯ୍ୟକ୍ରମ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ସନ୍ଧ୍ୟା ୬ଟା୧୫।

## ବଲାଙ୍ଗୀର

- ସନ୍ତରଣ ପ୍ରଶିକ୍ଷଣ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା

## ରାଉରକେଲା

- ଅହୋରାତ୍ର ୮ମ ଜାତୀୟ ସ୍ତରୀୟ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଜଗଦା ବାଟମା ମଙ୍ଗଳା ଶକ୍ତିପୀଠ, ସମୟ: ସକାଳ ୬ଟା।
- ପାନୀୟ ଜଳ ପ୍ରକଳ୍ପ ମୈତ୍ରୀ ଧାରା ଉଦଘାଟନ, ସ୍ଥାନ: ସେକ୍ଟର-୧୭ , ସମୟ: ପୂର୍ବାହ୍ନ ୧୨ଟା।
- ପୁତ୍ରଜୀବିତ୍ସା ପର୍ବ ପାଳନ, ସ୍ଥାନ: ସେକ୍ଟର-୨୧, ସମୟ: ପୂର୍ବାହ୍ନ ୧୧ଟା।
- ଇସ୍ପାତ ସାହିତ୍ୟ ସଂସଦ ସାହିତ୍ୟ ସମ୍ମିଳନୀ, ସ୍ଥାନ:ସେକ୍ଟର-୭, ଅନୁଷ୍ଠାନ ସଭାଗୃହ, ସମୟ:ପୂର୍ବାହ୍ନ ୧୦ଟା।
- ପାତଞ୍ଜଳୀ ଯୋଗ କେନ୍ଦ୍ର ପକ୍ଷରୁ ଭାଗବତ ଉପରେ ଆଲୋଚନା ଚକ୍ର, ସ୍ଥାନ:ସେକ୍ଟର-୨୦,ସମୟ: ପୂର୍ବାହ୍ନ ୧୦ଟା ୩୦।

## ସୁନ୍ଦରଗଡ଼

- ଅଘରିଆ ସମାଜ ପକ୍ଷରୁ ଜିଲ୍ଲା ସ୍ତରୀୟ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ ସେଣ୍ଟର,ସମୟ:ପୂର୍ବାହ୍ନ୧୦ଟା୩୦।

## ବରଗଡ଼

- ଏଡିଭର୍ସ ଫାଉଣ୍ଡେଶନ ପକ୍ଷରୁ ନୂଆଖାଇ ଭେଟ,ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ:ଅପରାହ୍ନ ୩ଟା।
- ଗଜଲକ୍ଷ୍ମୀ ପୂଜା ପାଇଁ ବୈଠକ,ସ୍ଥାନ:ୟୁଥ ଆସୋସିଏଶନ, ଶକ୍ତି ନଗର, ବରଗଡ଼, ସମୟ:ସନ୍ଧ୍ୟା ୬ଟା।

## କଳାହାଣ୍ଡି

- ମା'ଲଙ୍କେଶ୍ୱରୀଙ୍କ ପ୍ରସିଦ୍ଧ ଖଣ୍ଡାବସା ପର୍ବ, ସ୍ଥାନ: ଜୁନାଗଡ଼ ମା' ଲଙ୍କେଶ୍ୱରୀ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଖଣ୍ଡାବସା ଫୁଟ୍‌ବଲ କପ ଉଦ୍‌ଯାପନ, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ପୁରୁଣାକଟକସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ଖଣ୍ଡାବସା ପର୍ବ, ସ୍ଥାନ: ମା' ଭୈରବୀ ମନ୍ଦିର ପ୍ରାଙ୍ଗଣ, ପୁରୁଣାକଟକ, ସମୟ: ଅପରାହ୍ନ ୪ଟା

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଦେବଗଡ଼ ସହର ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଚିଉଙ୍କାନୀ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ସୁବର୍ଣ୍ଣପୁର ସୁରେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୮ଟା ୩୦।
- ସର୍ବ ଭାରତୀୟ ଲୁଡୁରପଙ୍କ କ୍ରିକେଟ କପ୍ ପାଇଁ ବୈଠକ, ସ୍ଥାନ: ଲୁଡୁରପଙ୍କ ହାଇସ୍କୁଲ ପଡିଆ,ବୀରମହାରାଜପୁର, ସମୟ: ଅପରାହ୍ନ ୪ଟା।
- ପୁଅଜିଉନ୍ତିଆ ଓଷା, ସ୍ଥାନ: ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା ।
- ମାହେଶ୍ୱରୀ ପୀଠରେ ଷୋହଳ ପୂଜା ଆରମ୍ଭ, ସ୍ଥାନ:ହିଲୁଙ୍ଗ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଶ୍ରୀ ସତ୍ୟସାଇ ସେବା ମହୋତ୍ସବ, ସ୍ଥାନ: ଅଗ୍ରେସନ ଭବନ ଖଡିଆଳ, ସମୟ: ସକାଳ ୮ଟା।
- ମଦର ଟେରେସା ସେବା ସଂଗଠନ ପଣ୍ଡରାପଥର ନୂଆଁଖାଇ ଭେଟ୍‌ଘାଟ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଧାନମଣ୍ଡି, ସମୟ: ସକାଳ ୯ଟା।
- ଷଷ୍ଠ ୟୋୟଲ କପ ଫୁଟ୍‌ବଲ ଟୁର୍ନାମେଣ୍ଟ ପ୍ରଥମ ସେମିଫାଇନାଲ ଖେଳ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆରି ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।
- ପଞ୍ଚାୟତ ସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ: ଖଡ଼ିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ରାଜାମୁଣ୍ଡା ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ସମାଜବାଦୀ ପାର୍ଟିର ସାଧାରଣ ବୈଠକ, ସ୍ଥାନ: କୋଶଳେଶ୍ୱର ମଣ୍ଡପ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ପ୍ରତ୍ୟୁଷଯାତ୍ରାରେ ସଫଳତା ସାଙ୍ଗକୁ ପ୍ରତିଯୋଗିତାମୂଳକ କାର୍ଯ୍ୟ ଓ ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଦୂରହେବ। ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ନୂଆ ଯୋଜନାଟିଏ କରିବା ସକାଶେ ମନ ବଳାଇ କାମରେ ଲାଗିପାରନ୍ତି। ଆକସ୍ମିକ ସମସ୍ୟା ଉପୁଜିବାରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ବୃଷ** ସନ୍ଦେହ ଏବଂ ଭୁଲ୍ ବୁଝାମଣାରୁ ଘର ସଦସ୍ୟ ବିରକ୍ତି ପ୍ରକାଶ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ପଡ଼ିପାରେ। ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦେଇ ବନ୍ଧୁଙ୍କ ପ୍ରଶଂସାଭାଜନ ହେବେ। ସଙ୍ଗୀତ, କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତି କରିବାର ସୂଚନା ରହିଛି।

**ମିଥୁନ** ଆଜି ଅର୍ଥ, ସମ୍ମାନ ଓ କଳା, ସଙ୍ଗୀତାଦିରୁ ପ୍ରଶଂସା ପାଇବେ। କର୍ମକ୍ଷେତ୍ରରେ ପ୍ରତିଯୋଗୀ କିମ୍ବା ପ୍ରତିଦ୍ୱନ୍ଦ୍ୱୀ ଦୋଷାରୋପ କରି ସମସ୍ୟା ବଢ଼ାଇଦେବେ। ପୂର୍ବ ଯୋଜନା ଅନୁଯାୟୀ କର୍ମ କଲେ ସଫଳତା ପାଇବା ଆଶା କରାଯାଇପାରେ। ଶିଳ୍ପ, ପରିବହନ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସକାଶେ ଦିନଟି ବହୁତ ଭଲ।

**କର୍କଟ** ବନ୍ଧୁଙ୍କ ଅସହଯୋଗରୁ କର୍ମକ୍ଷେତ୍ରରେ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ନିଜେ ଅସୁବିଧା ଭିତରେ ଚଳୁଥିଲେ ମଧ୍ୟ ପଡ଼ୋଶୀଙ୍କ କାମରେ ଯଥାସାଧ୍ୟ ସାହାଯ୍ୟ କରିବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ପ୍ରିୟବନ୍ଧୁଟି ନିଜର ପାରିବାରିକ କ୍ଷେତ୍ରର ଅଭିମାନଭରା କଥା କହି ଦୁଃଖ କରିପାରନ୍ତି ।

**ସିଂହ** ଆଜିର ଆବଶ୍ୟକତା ପୂରଣ ସକାଶେ ବନ୍ଧୁଙ୍କ ସାକ୍ଷାତ୍ କାମକୁ ଆସିବ। ପଦସ୍ଥ ବ୍ୟକ୍ତିଙ୍କ କିଛି ଆଶ୍ୱସ୍ତିସୂଚକ କଥା ଶୁଣି ମନ ହାଲୁକା ହୋଇଯାଇପାରେ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜର କାମଟି ଅଟକି ରହିଯିବାର ସୂଚନା ପୂର୍ଣ୍ଣମାତ୍ରାରେ ରହିଛି। ପ୍ରଶାସନିକ କିମ୍ବା ରାଜନୀତିରେ ସଙ୍ଗଠନ ଓ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା** ମତାନ୍ତରଜନିତ ପାରିବାରିକ ଅଶାନ୍ତିରୁ ମନ ଅସ୍ଥିର ରହିବ। ଆଜିର ଯାତ୍ରାରେ ହଇରାଣ ହରକତ ହେବାକୁ ପଡ଼ିପାରେ। ଘରର ବରାଦ ଅନୁଯାୟୀ କୌଣସି ଗୃହୋପକରଣ କିଣିବା ସକାଶେ ଯୋଜନା କରିପାରନ୍ତି। କୌଣସି କର୍ମଚାରୀ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ତାହାର ଆପଣଙ୍କ ପ୍ରତି ଥିବା ଭଲ ମନୋଭାବକୁ ବଦଳାଇ ଦେଇପାରେ।

**ତୁଳା** ସୁବିଧା ଓ ସହଯୋଗ ଅଭାବରୁ ଆରମ୍ଭ କରିଥିବା କାମ ସମ୍ପନ୍ନରେ ସମସ୍ୟାର ସମ୍ମୁଖୀନ ହେବେ। କେତେକ ଦୀର୍ଘ ମିଆଦୀ ଯାଜନା ଫସର ଫାଟିଯିବାରୁ ମନ ଭଲ ରହିବ ନାହିଁ। ଭଲ ସମ୍ପର୍କ ରହିଥିବା ବନ୍ଧୁ ଅନ୍ୟର କାନକୁହା କଥା ଶୁଣି ଦୂରେଇ ରହିପାରନ୍ତି। ବାଣିଜ୍ୟ ଓ ପରିବହନରେ ସମସ୍ୟା ସମାଧାନ ହେବାର ଆଶା ରହିଛି।

**ବିଛା** ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯାଇଥିବାରୁ ଆଶ୍ୱସ୍ତି ଅନୁଭବ କରିବେ। ନୂତନ ବସ୍ତ୍ର ଓ ଆଭୂଷଣ ଲାଭ ସହ ବନ୍ଧୁଙ୍କ ସାନ୍ନିଧ୍ୟରୁ ଖୁସି ରହିବେ। କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର କୌଶଳ ଅବଲମ୍ବନ କରି ଆଶା ପୂରଣ ଦିଗରେ ଚେଷ୍ଟା କରିପାରନ୍ତି। ସାମାଜିକ ସ୍ତରରେ ସାହିତ୍ୟ, ସଙ୍ଗୀତ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ।

**ଧନୁ** ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁଙ୍କ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଆଲୋଚନା ପରିସରରେ ପ୍ରତିଦ୍ୱନ୍ଦ୍ୱୀଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବକେୟା ଆଦାୟ କରିବାରେ ଅନ୍ୟମାନଙ୍କର ସହାୟତା ନେବାକୁ ପଡ଼ିପାରେ। ବ୍ୟବସାୟ, ବାଣିଜ୍ୟରେ କ୍ଷତିର ଭରଣା କରିବା ସକାଶେ ପ୍ରଯତ୍ନ କରିପାରନ୍ତି।

**ମକର** ଆଜି କର୍ମାରମ୍ଭ, ବନ୍ଧୁଙ୍କ ଆଲୋଚନା ତଥା ବ୍ୟବସାୟ ଓ ବାଣିଜ୍ୟରେ ଆଶାନୁରୂପ ଲାଭ ହେବ। ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହେବ। ଭଲ କଥା କହିଲେ ମଧ୍ୟ ପରିବାର ସଦସ୍ୟମାନେ ଭୁଲ୍‌ବୁଝି ଓଲଟି ଦୋଷାରୋପ କରିପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସହ ସ୍ଥଗିତ କାମ ସମ୍ପନ୍ନ ହେତୁ ଖୁସି ମିଳିବ। ଋଣ ପରିଶୋଧ ସକାଶେ ବନ୍ଧୁ କିମ୍ବା ବିଭିନ୍ନ ଋଣପ୍ରଦାନକାରୀ ସଂସ୍ଥା ସହ ଯୋଗାଯୋଗ କଲେ ଉପକୃତ ହେବେ। ପାରିବାରିକ ଶୃଙ୍ଖଳା ରକ୍ଷା କରିବାକୁ ଯାଇ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ଆଜିର ଯାତ୍ରା ଓ ଗତାନୁଗତିକ କାମରେ କୌଣସି ବାଧା ଉପୁଜିବ ନାହିଁ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ମାତ୍ର କୌଣସି କାମ ସମ୍ପନ୍ନ କରିବା ପାଇଁ ବିଶେଷ କଷ୍ଟ କରିବାକୁ ପଡ଼ିବ ନାହିଁ। ପାରିବାରିକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବା କାରଣରୁ ସାମୟିକ ବିଚଳିତ ଅନୁଭବ କରିପାରନ୍ତି।

ଆଜି ସେପ୍ଟେମ୍ବର ୧୪ ତାରିଖ, ଆଶ୍ୱିନ କୃଷ୍ଣପକ୍ଷର ମୂଳାଷ୍ଟମୀ ରବିବାର, ଦ୍ୱିତୀବାହନ ଓଷା, ଦେବ୍ୟୁତ୍ଥାପନ, ସହସ୍ର କୁମ୍ଭାଭିଷେକ, ଷୋଡ଼ଶ ଦିନାତ୍ମକ ଦୁର୍ଗାପୂଜା ଆରମ୍ଭ, ବିମଳା ଦେବୀଙ୍କର ମହାପୂଜା ଆରମ୍ଭ, ଦୁର୍ଗାମାଧବ ବିଜେ, ରାଶିନକ୍ଷତ୍ର-ଦିବା ଘ.୦୮।୪୧ ପର୍ଯ୍ୟନ୍ତ ରୋହିଣୀ/ବୃଷ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ମହାଳୟା ବିଧିରେ କରାଯିବ। ସକାଳ ଘ.୦୫।୩୭ ଗତେ ଘ.୦୯।୪୦ ମଧ୍ୟେ, ଘ.୦୧।୧୩ ଗତେ ଘ.୦୧।୪୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୧୫ ଗତେ ଘ.୦୫।୪୬ ମଧ୍ୟେ ରାହୁକାଳ।

## ଭୁଶୁଡ଼ିଲା ମାର୍କେଟ...

ରାଜପଥ ବନ୍ଦ ରହିଥିଲା। ସୂଚନା ଅନୁଯାୟୀ, ଲୋକନାଥ କେତେଜଣ ଶ୍ରମିକଙ୍କୁ ନେଇ ଦଶହରା ପୂର୍ବରୁ ଦୋକାନ ସଫା କରୁଥିଲେ। ଏହି ସମୟରେ ଶ୍ରମିକମାନେ ଡ୍ରିଲିଂ କାର୍ଯ୍ୟ କରୁଥିବା ବେଳେ ଗୋଟିଏ କୋଠାର ଦୁଇଟି ଦୋକାନ ଛାତ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିଲା। ଦୋକାନରେ ଥିବା ଲୋକନାଥଙ୍କ ଭାଇ ଓ ୨ ଶ୍ରମିକ ଭାଙ୍ଗିବା ଶବ୍ଦ ଶୁଣି ବାହାରକୁ ବାହାରି ଆସିଥିଲେ। କିନ୍ତୁ ଲୋକନାଥ ଦୋକାନ ଭିତରେ ରହିଯାଇଥିବାରୁ ସେ ଛାତ ତଳେ ଚାପିହୋଇଯାଇଥିଲେ। ଏହା ଦେଖି ତାଙ୍କ ଭାଇ ଶ୍ରୀଧର ପାତ୍ର ବାହାରେ ଅଚେତ୍ ହୋଇପଡ଼ିଥିଲେ। କୋରାପୁଟ ଜିଲା ଏସ୍‌ପି ରୋହିତ ବର୍ମା ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଇଥିଲେ। ଏହା ପରେ ଓଏସ୍‌ଏପି ତୃତୀୟ ବାଟାଲିଆନ ଓଡ୍ରାଫ ଟିମ୍, ଅଗ୍ନିଶମ ବାହିନୀ ଓ କୋରାପୁଟ ଟାଉନ ପୋଲିସ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ କରିଥିଲେ। ଘଟଣାର ଏକ ଘଣ୍ଟା ପରେ ଲୋକନାଥଙ୍କୁ ଗୁରୁତର ଅବସ୍ଥାରେ ଛାତ ତଳୁ ଉଦ୍ଧାର କରାଯାଇଥିଲା। ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ କୋରାପୁଟ ବିଧାୟକ ରଘୁରାମ ମାଛ, ପ୍ରୋବେସନାରି ଆଇଏଏସ୍ ଅଫିସର ସନ୍ତୋଷ ପାତ୍ର, ଉପଜିଲାପାଳ ପ୍ରେମଲାଲ ହିଆଲ, ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ପୋଲିସ ଏସ୍‌ଡିପିଓ ଏବଂ ଟାଉନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ଏହି ମାର୍କେଟ କମ୍ପ୍ଲେକ୍ସର ଅନ୍ୟ ଦୋକାନ ଗୃହଗୁଡ଼ିକ ଯାଞ୍ଚ କରାଯାଇ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏସ୍‌ପି ବର୍ମା ଓ ଉପଜିଲାପାଳ ହିଆଲ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୃତ ଲୋକନାଥଙ୍କ ପରିବାର ଲୋକଙ୍କୁ ଜିଲା ପ୍ରଶାସନ ପକ୍ଷରୁ ତହସିଲଦାର ଏସ୍. ସବୀର ୩୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି।

ପ୍ରଥମ ପୃଷ୍ଠାରୁ...



କୋରାପୁଟରେ ମାର୍କେଟ କମ୍ପ୍ଲେକ୍ସର ୨ ଦୋକାନ ଭୁଶୁଡ଼ିବା ପରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାସିଲା ପଥର ବୁଡ଼ିଲା ଶୋଲ,**
**ହରିବୋଲ ଭାଇ ଗୋବିନ୍ଦ ବୋଲ।**

ଯେଉଁଠି ବିପର୍ଯ୍ୟୟ ଦେଖା ନ ଯିବା କଥା ସେଠି ଯଦି ସେହିଭଳି ଅବସ୍ଥା ସୃଷ୍ଟି ହୁଏ, ତେବେ ସେଥିରୁ ବର୍ତ୍ତିବା ମଣିଷଙ୍କ ପକ୍ଷେ ଦୁରୂହବ୍ୟାପାର ହୋଇଯାଏ। ଏପରିସ୍ଥଳେ ସେଥିରୁ ରକ୍ଷା ପାଇବାଲାଗି କେବଳ ହରି ହିଁ ଭରସା ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଭିତରେ ଭିତରେ ମୂଷା**
**କାଟି ଦେଇଗଲା ଖୋଷା**
**ନହର ଯାକ ଖୋଜା ପଡ଼ିଛି**
**ରଙ୍କକୁ ପଡ଼ିଛି ଦଶା!**

ଧୂର୍ତ୍ତ ପ୍ରକୃତି ବ୍ୟକ୍ତିର କାର୍ଯ୍ୟକଳାପକୁ କେହି ସହଜରେ ଜାଣିପାରି ନ ଥାନ୍ତି। ଏମିତି କଳକୌଶଳ ବା ଖଞ୍ଜରେ କାମ କରନ୍ତି ଯେ ତା'ର ଟେର୍ କେହି ବି ପାଇପାରି ନ ଥାନ୍ତି। ଏପରି ବ୍ୟକ୍ତି ଅତି ସନ୍ତର୍ପଣ ସହକାରେ ନିଜର ଫାଇଦା ଉଠାଇ ନେଇ ସରଳ ନିରୀହ ବ୍ୟକ୍ତି ମୁଣ୍ଡରେ ସବୁ ଦୋଷ ଲଦି ଦେଇଥାନ୍ତି। ଫଳସ୍ୱରୂପ ଉକ୍ତ ବ୍ୟକ୍ତି କିଛି ନ କରି ମଧ୍ୟ ସମାଜ ଆଖିରେ ନିନ୍ଦନୀୟ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଏସିଆ କପ୍: ଆଜି ...

ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ ପର୍ଯ୍ୟଟକ ପ୍ରାଣ ହରାଇଥିଲେ। ମୃତକଙ୍କ ମଧ୍ୟରେ ସମସ୍ତେ ପୁରୁଷ ଥିଲେ। ଜବାବରେ ଭାରତ ପକ୍ଷରୁ ଅପରେଶନ ସିନ୍ଦୂର କରାଯାଇଥିଲା। ଏହି ଘଟଣାକୁ ୫ ମାସ ପୂରି ନଥିବା ବେଳେ ଦୁଇ ଦେଶ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌କୁ ପ୍ରବଳ ବିରୋଧ କରାଯାଉଛି। ମୃତକଙ୍କ ପରିବାରବର୍ଗଙ୍କ ପକ୍ଷରୁ ମ୍ୟାଚ୍‌କୁ ବର୍ଜନ କରିବାକୁ ଦାବି କରାଯାଉଛି। ପହଲଗାମ ଆକ୍ରମଣରେ ପ୍ରାଣ ହରାଇଥିବା ଶୁଭମ ଦ୍ୱିବେଦୀଙ୍କ ସ୍ତ୍ରୀ ଐଶାନ୍ୟା ଦ୍ୱିବେଦୀ କହିଛନ୍ତି ଯେ, ପାକିସ୍ତାନ ସହ ଭାରତ ମ୍ୟାଚ୍ ଖେଳିବା ଉଚିତ ନୁହେଁ। ପହଲଗାମରେ ପ୍ରାଣ ହରାଇଥିବା ୨୬ ଜଣଙ୍କ ପ୍ରତି ବିସିସିଆଇର କୌଣସି ସକାରାତ୍ମକ ମନୋଭାବ ନଥିଲା ଭଳି ମନେହେଉଛି। ସେମାନଙ୍କ ପରିବାରର କେହି ପ୍ରାଣ ହରାଇ ନ ଥିବାରୁ ସେମାନଙ୍କ ଲାଗି ଏହା ମୂଲ୍ୟହୀନ। କ୍ରିକେଟରମାନେ କାହିଁକି ପାକିସ୍ତାନ ସହ ଖେଳୁଛନ୍ତି। ଖେଳାଳିମାନେ ମଧ୍ୟ ନିଜ ପକ୍ଷ ରଖିପାରିବେ। ଏପରିକି ମ୍ୟାଚ୍ ବାତିଲ ପାଇଁ ସୁପ୍ରିମକୋର୍ଟରେ ମଧ୍ୟ ଏକ ଆବେଦନ ଦାଖଲ କରାଯାଇଥିଲା। ଏଥିରେ ଉଲ୍ଲେଖ କରାଯାଇଥିଲା ଯେ, କ୍ରିକେଟ୍ ଦୁଇ ଦେଶ ମଧ୍ୟରେ ବନ୍ଧୁତା ଓ ସମନ୍ୱୟକୁ ଦର୍ଶାଏ। କିନ୍ତୁ ଆମ ସୈନ୍ୟମାନେ ବଳିଦାନ ଦେଉଥିବା ବେଳେ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ଦେଶ ସହ ମ୍ୟାଚ୍ ଖେଳିବା ଭୁଲ ବାର୍ତ୍ତା ଦେବ ଏବଂ ସଶସ୍ତ୍ର ବାହିନୀର ମନୋବଳକୁ ଦୁର୍ବଳ କରିବ। କିନ୍ତୁ ସୁପ୍ରିମକୋର୍ଟ ଆବେଦନକୁ ଖାରଜ କରିଥିଲେ। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ମଧ୍ୟ ମ୍ୟାଚ୍‌କୁ ବିରୋଧ କରାଯାଉଛି। ଶିବ ସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ କହିଛନ୍ତି ଯେ, ଯୁଦ୍ଧ ଓ କ୍ରିକେଟ୍ ଏକା ସମୟରେ କେମିତି ଚାଲିପାରିବ। ସେମାନେ ଦେଶଭକ୍ତିକୁ ଏକ ବ୍ୟାପାର କରିଦେଇଛନ୍ତି। ସେମାନଙ୍କୁ କେବଳ ଟଙ୍କା ଦରକାର। ଅନ୍ୟପକ୍ଷରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର ପ୍ରକାଶ କରିଛନ୍ତି ଯେ, ଏସିସି ଓ ଆଇସିସି ଦ୍ୱାରା ଯେତେବେଳେ ବହୁଦେଶୀୟ ଟୁର୍ନାମେଣ୍ଟ ଆୟୋଜନ କରାଯାଏ, ସେତେବେଳେ ମ୍ୟାଚ୍ ଖେଳିବା ବାଧ୍ୟବାଧକତା ହୋଇଯାଏ। ଯଦି ସେମାନେ ମ୍ୟାଚ୍ ଖେଳିବେ ନାହିଁ, ତେବେ ସେମାନଙ୍କୁ ଟୁର୍ନାମେଣ୍ଟରୁ ବିଦାୟ ନେବାକୁ ପଡ଼ିବ। ସେମାନଙ୍କୁ ମ୍ୟାଚ୍‌ରୁ ଓହରିବାକୁ ପଡ଼ିବ ଓ ପ୍ରତିପକ୍ଷ ଦଳକୁ ପଏଣ୍ଟ ମିଳିବ। କିନ୍ତୁ ପାକିସ୍ତାନ ସହ ଭାରତ କୌଣସି ଦ୍ୱିପାକ୍ଷିକ ଟୁର୍ନାମେଣ୍ଟ ଖେଳେ ନାହିଁ। ତେବେ ଉଭୟ ଭାରତ ଓ ପାକିସ୍ତାନ ଏସିଆ କପ୍ ଟୁର୍ନାମେଣ୍ଟରେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ଦୁଇ ଦଳ ଯଥାକ୍ରମେ ସେମାନଙ୍କ ପ୍ରଥମ ମ୍ୟାଚ୍‌ରେ ୟୁଏଇ ଓ ଓମାନକୁ ହରାଇଛନ୍ତି। ଦୁଇ ଦଳ ଏହି ଟୁର୍ନାମେଣ୍ଟରେ ସର୍ବାଧିକ ୩ ଥର ପରସ୍ପରକୁ ଭେଟିପାରନ୍ତି।

## ୨୭ରେ ଓଡ଼ିଶା ଆସିବେ ...

ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବେ। ମୋଦି ତାଙ୍କ ଗତ ଜନ୍ମଦିନ ସମୟରେ ଓଡ଼ିଶା ଆସି ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ରାଜ୍ୟରେ ଭାଜପା ସରକାର ଆସିବା ପରେ ଏହା ପ୍ରଧାନମନ୍ତ୍ରୀଙ୍କ ୮ମ ଥର ପାଇଁ ରାଜ୍ୟ ଗସ୍ତ କାର୍ଯ୍ୟକ୍ରମ ହେବ। ଅନ୍ୟପକ୍ଷରେ ଭାଜପା କ୍ଷମତାକୁ ଆସିବା ପରଠାରୁ ଖାଲି ପଡ଼ିଥିବା ୬ ମନ୍ତ୍ରୀ ପଦ ପୂରଣ ଏବଂ ନିଗମ ଓ ବୋର୍ଡରେ ଦଳୀୟ ନେତାଙ୍କୁ ଥଇଥାନ କରାଯାଇପାରିନାହିଁ। ଏହି ପ୍ରସଙ୍ଗରେ ଶନିବାର ଗଣମାଧ୍ୟମକୁ ସୂଚନା ଦେଇ ଦଳର ପ୍ରଭାରୀ ବିଜୟ ପାଲ ସିଂ ତୋମାର

- **ଏହି ମାସରେ ବହୁ କିଛି ହେବାକୁ ଯାଉଛି: ତୋମାର**
- **ପ୍ରଭାରୀଙ୍କ ମନ୍ତବ୍ୟ ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ନିଗମ ଓ ବୋର୍ଡରେ ନିଯୁକ୍ତି ନେଇ ଚର୍ଚ୍ଚା**

କହିଛନ୍ତି, ଏହି ମାସରେ ବହୁ କିଛି ହେବାକୁ ଯାଉଛି। ମୋଦି ଯେତେବେଳେ ଓଡ଼ିଶା ଆସନ୍ତି କିଛି ଦେଇକରି ଯାଇଥାଆନ୍ତି। ପ୍ରଧାନମନ୍ତ୍ରୀଙ୍କ ଫୋକସ୍‌ରେ ସବୁବେଳେ ଯୁବବର୍ଗ, ଏହା ତାଙ୍କର ପ୍ରାଥମିକତା ବୋଲି ତୋମାର କହିଛନ୍ତି।

ମନ୍ତ୍ରୀ ତଥା ଭାଜପା ନେତା ବିଭୂତି ଭୂଷଣ ଜେନା କହିଛନ୍ତି, ୨୭ରେ ପ୍ରଧାନମନ୍ତ୍ରୀ ଆସିବା ଏକ ପ୍ରକାର ନିଶ୍ଚିତ। ଏଥିଲାଗି ଦୁଇରୁ ୩ଟା ଜାଗା ଦେଖାଯାଇସାରିଛି। ବର୍ଷା ଯୋଗୁ ଯେଉଁ ସ୍ଥାନ ଉପଯୁକ୍ତ ହେବ ସେହି ଅନୁଯାୟୀ ଦେଖାଚାଲିଛି, ଯାହା ଦୁଇ ଦିନ ଭିତରେ ସ୍ଥିର ହୋଇଯିବ। କାର୍ଯ୍ୟକ୍ରମରେ ୩ ଲକ୍ଷ ଲୋକଙ୍କ ସମାଗମ ହେବ। ପ୍ରଧାନମନ୍ତ୍ରୀ ତାଙ୍କ ଗସ୍ତ ଅବସରରେ କିଛି ପ୍ରକଳ୍ପର ଶୁଭାରମ୍ଭ ମଧ୍ୟ କରିବେ ବୋଲି ମନ୍ତ୍ରୀ ଜେନା କହିଛନ୍ତି। ଅନ୍ୟପଟେ ମୋଦିଙ୍କ ଓଡ଼ିଶା ଗସ୍ତ ନେଇ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଯେତେବେଳ ପର୍ଯ୍ୟନ୍ତ ଓଡ଼ିଶାର ସବୁ ଖଣି ତାଙ୍କ ବନ୍ଧୁମାନଙ୍କୁ ଲିଜ୍‌ରେ ଦିଆଯାଇ ନାହିଁ ସେତେଦିନ ପର୍ଯ୍ୟନ୍ତ ସେ ଆସୁଥିବେ। ମଣିପୁରରେ ଦୀର୍ଘଦିନ ହେଲା ପ୍ରତିବାଦ ଚାଲିଛି, ଏତେଦିନ ପରେ ତାଙ୍କର ଚେତିଲା ପଶିଲା ବୋଲି ଭକ୍ତ କହିଛନ୍ତି।

## ନୂଆପଡ଼ା ଉପନିର୍ବାଚନ ...

ଅକ୍ଟୋବର ୭ ତାରିଖରେ ସବୁ ଦାବି ଏବଂ ଆପତ୍ତିର ସମାଧାନ କରାଯିବ। ଅକ୍ଟୋବର ୯ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ୨୦୨୪ ନିର୍ବାଚନରେ ନୂଆପଡ଼ା ବିଧାନସଭା କ୍ଷେତ୍ର(୭୧)ରୁ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ବିଜୟୀ ହୋଇଥିଲେ। ଗତ ୮ ତାରିଖରେ ତାଙ୍କର ଦେହାନ୍ତ ହୋଇଯାଇଛି। ଢୋଲକିଆଙ୍କ ଦେହାନ୍ତ ପରେ ଏହି ବିଧାନସଭା ନିର୍ବାଚନମଣ୍ଡଳୀର ଆସନ ଖାଲି ନେଇ ଗତ ୧୧ ତାରିଖରେ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇସାରିଛି। ନିୟମାନୁଯାୟୀ କୌଣସି ଆସନ ଖାଲି ହେବାର ୬ ମାସ ମଧ୍ୟରେ ସେଠାରେ ଉପନିର୍ବାଚନ କରାଯିବ। ସେହି କ୍ରମରେ ଏବେଠାରୁ ନୂଆପଡ଼ା ଉପନିର୍ବାଚନ ଲାଗି ନିର୍ବାଚନ କମିଶନ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ଆଗକୁ ବିହାର ନିର୍ବାଚନ ହେବାକୁ ଯାଉଛି। ତେଣୁ ବିହାର ନିର୍ବାଚନ ନେଇ ଘୋଷଣା ହେବାବେଳେ ନୂଆପଡ଼ା ଆସନର ଉପନିର୍ବାଚନ ତାରିଖ ମଧ୍ୟ ଘୋଷଣା ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

## ପରକୀୟା ପ୍ରୀତି ...

୨ଯୁବକଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ଏହି ଘଟଣାକୁ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ. ୩୧୦/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଫଟୋ ଓ ଭିଡିଓକୁ ଦେଖି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଘଟଣାରେ ଜଡ଼ିତ ଅନ୍ୟ ଅପରାଧୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରିଣୀ ସଂଯୁକ୍ତା ମହାଳିକ କହିଛନ୍ତି।

# ସୁରକ୍ଷା ପ୍ରତିଟି ବ୍ୟକ୍ତିଙ୍କ ସାମୂହିକ ଦାୟିତ୍ୱ: ମୁଖ୍ୟମନ୍ତ୍ରୀ

## ଶୂନ ଦୁର୍ଘଟଣା ଦିବସର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

■ ଦୁର୍ଘଟଣା ଶୂନ୍ୟ ରାଜ୍ୟ ଗଢ଼ିବା ପାଇଁ ଆହ୍ୱାନ

■ ୧୩ ବ୍ଲକ୍‌ରେ ଗଡ଼ିଲା ଶୂନ ଦୁର୍ଘଟଣା ବାର୍ତ୍ତା ପ୍ରଚାର ରଥ

କେନ୍ଦୁଝର, ୧୩।୯ (ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଡ଼କ ସୁରକ୍ଷା ବାର୍ତ୍ତା ପ୍ରଚାରକଙ୍କୁ ସମ୍ମାନିତ କରୁଛନ୍ତି।

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଆୟୋଜିତ ଜିରୋ ଆକ୍ସିଡେଣ୍ଟ ଡେ ବା ଶୂନ ଦୁର୍ଘଟଣା ଦିବସ ଅଭିଯାନର ଶନିବାର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିଯାନର ଶୁଭାରମ୍ଭକରି ସୁରକ୍ଷା କେବଳ ସରକାରଙ୍କ କାମ ନୁହେଁ। ଏଥିପ୍ରତି ସଚେତନ ହେବା ପ୍ରତ୍ୟେକ ବ୍ୟକ୍ତିଙ୍କ ସାମୂହିକ ଦାୟିତ୍ୱ। ଓଡ଼ିଶାକୁ ଏକ ଦୁର୍ଘଟଣା ଶୂନ୍ୟ ରାଜ୍ୟ ଭାବେ ଗଢ଼ିବା ପାଇଁ ସମସ୍ତଙ୍କୁ ସେ ଆହ୍ୱାନ ଦେଇଥିଲେ।

ଗଣମାଧ୍ୟମକୁ ବିବୃତି ଦେଇ ସେ କହିଥିଲେ, ଭୁବନେଶ୍ୱରରେ ଶୂନ ଦୁର୍ଘଟଣା ଦିବସର ସଫଳତା ପରେ କେନ୍ଦୁଝରରେ ଏହି ଅଭିଯାନକୁ ଆଗକୁ ନେବାରେ ଓଡ଼ିଶା ପ୍ରଥମ ଜିଲା ହୋଇଛି। ଆମର ଲକ୍ଷ୍ୟ ଶୂନ ଦୁର୍ଘଟଣା ଦିବସ ସଚେତନତା ବାର୍ତ୍ତାକୁ ପ୍ରତି ସହର, ଗାଁ ଏପରିକି ଘରେ ଘରେ ପହଞ୍ଚାଇବା। ନିଜେ ସଚେତନ ହେବା ସହ ଅନ୍ୟଙ୍କୁ ସଚେତନ କରାଇବା। ସମସ୍ତ କ୍ଷେତ୍ରରେ ସତର୍କତା ହିଁ ଆମକୁ ଏସବୁ ଦୁର୍ଘଟଣାରୁ ବଞ୍ଚାଇପାରିବ। କେନ୍ଦୁଝର ଏକ ଖଣିବହୁଳ ଅଞ୍ଚଳ ହୋଇଥିବାରୁ ଦିନରାତି ଖଣିଜ ପଦାର୍ଥ ପରିବହନ ହୋଇଥାଏ। ଏହା ଅଞ୍ଚଳର ଅର୍ଥନୀତିକୁ ସଚଳ କରୁଛି, କିନ୍ତୁ ସଡ଼କ ସୁରକ୍ଷା ପାଇଁ ଏକ ବିଶେଷ ଚାଲେଞ୍ଜ ହୋଇଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତେଣୁ ପ୍ରତ୍ୟେକ ନାଗରିକଙ୍କୁ ଯାତାୟାତ ସମୟରେ ସଡ଼କ ସୁରକ୍ଷା ନିୟମାବଳୀ ମାନିବା ସହ ସତର୍କତା ଅବଲମ୍ବନ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମସ୍ତଙ୍କ ସହଯୋଗ ବିନା ଏହା ସଫଳ ହୋଇପାରିବ ନାହିଁ ବୋଲି କହିଥିଲେ। ଏଥିସହ ଖଣି ଓ ଶିଳ୍ପ କ୍ଷେତ୍ର ସହ ସଂଲଗ୍ନ ସମସ୍ତ କମ୍ପାନୀ, ଡ୍ରାଇଭର, କର୍ମଚାରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଅନ୍ତୁ। ଭାରିଯାନଗୁଡ଼ିକର ନିୟମିତ ମେଣ୍ଟେନାନ୍ସ, ଡ୍ରାଇଭରଙ୍କ ପ୍ରଶିକ୍ଷଣକୁ ଗୁରୁତ୍ୱ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିରୋ ଆକ୍ସିଡେଣ୍ଟ ସେଲ୍ଫି ପଏଣ୍ଟ, ଦସ୍ତଖତ ଅଭିଯାନକୁ ଉଦ୍‌ଘାଟନକରିବା ସହ ସଡ଼କ ସୁରକ୍ଷା ବାର୍ତ୍ତା ପ୍ରଚାରକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲାର ସମସ୍ତ ୧୩ ବ୍ଲକ୍‌ରେ ସଡ଼କ ସୁରକ୍ଷା ସଚେତନତା ତଥା ଶୂନ ଦୁର୍ଘଟଣା ବାର୍ତ୍ତା ପ୍ରଚାର ରଥର ଶୁଭାରମ୍ଭ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ନାୟକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାୟକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ, ଏସ୍‌ଟିଏ କମିଶନର ଅମିତାଭ ଠାକୁର, ଡିଆଇଜି ବ୍ରିଜେଶ ରାୟ, ଜିଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆଇଆଇଟି ମାଡ୍ରାସ୍ ସହାୟତାରେ କେନ୍ଦୁଝରରେ ଏଥିନିମନ୍ତେ ଏକ ୧୪ ଦିନିଆ କାର୍ଯ୍ୟକ୍ରମ ଆୟୋଜନ ହେଉଛି। ଦୁର୍ଘଟଣାକୁ କିପରି ପ୍ରତିହତ କରିହେବ, ସେଥିପାଇଁ ଆଇଆଇଟି ମାଡ୍ରାସ୍‌ର ଏକ ଟିମ୍ ମାର୍ଗଦର୍ଶନ କରିବେ।




# ମାଡ଼ ଭୟରେ ବନ୍ଦ ବାକ୍ସରେ ଛାତ୍ର

ବଣାଇଁ, ୧୩।୯ (ପ୍ରଦୀପ ତ୍ରିପାଠୀ)

■ ଅଚେତ ଅବସ୍ଥାରେ ଉଦ୍ଧାର

■ ସହପାଠୀଙ୍କୁ ଦାୟୀକଲେ ପରିବାର ଲୋକେ

ସୁନ୍ଦରଗଡ଼ ଜିଲା ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ଜର୍ଡାର ଏକ ବିଦ୍ୟାଳୟର ଛାତ୍ରାବାସରୁ ଶୁକ୍ରବାର ଜଣେ ଛାତ୍ରଙ୍କୁ ଅଚେତ ଅବସ୍ଥାରେ ବାକ୍ସ ଭିତରୁ ଉଦ୍ଧାର କରାଯାଇଛି। ତାଙ୍କ ଘର ବ୍ରାହ୍ମଣଡିହି ଗ୍ରାମରେ ହୋଇଥିବାବେଳେ ସେ ତୃତୀୟ ଶ୍ରେଣୀରେ ପଢ଼ନ୍ତି। ମାଡ଼ ଭୟରେ ଉକ୍ତ ଛାତ୍ରଙ୍କୁ ତାଙ୍କର ଜଣେ ସହପାଠୀ ଏକ ବାକ୍ସ ଭିତରେ ପୂରାଇ ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଛାତ୍ର ଜଣଙ୍କ ସୁସ୍ଥ ଥିବାବେଳେ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ପରିବାର ଲୋକେ ଘରକୁ ନେଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ଛାତ୍ରାବାସରେ କୌଣସି କାରଣ ଯୋଗୁ ତୃତୀୟ ଶ୍ରେଣୀର ଛାତ୍ର ଏବଂ ତାଙ୍କର ସହପାଠୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଭୟଭୀତ ହୋଇ ମାଡ଼ ଭୟରେ ଜଣେ ସହପାଠୀ ତାଙ୍କୁ ଏକ ବାକ୍ସ ଭିତରେ ପୂରାଇ ଦେଇଥିଲେ। ପ୍ରାର୍ଥନା କ୍ଲାସ ପରେ ରୋଲ୍ ନଂ. ପଡିବା ସମୟରେ ଛାତ୍ର ଜଣଙ୍କ ଅନୁପସ୍ଥିତ ଥିବା ଜଣାପଡ଼ିଥିଲା। ଏହା ଦେଖି ୱାର୍ଡେନ ପ୍ରଧାନଶିକ୍ଷକଙ୍କୁ ଜଣାଇ ସମସ୍ତେ ଖୋଜିଥିଲେ। କୌଣସି ସ୍ଥାନରେ ତାଙ୍କୁ ନ ପାଇବା ପରେ ତାଙ୍କ ଘରକୁ ଫୋନ କରିଥିଲେ। ପରିବାର ଲୋକେ ଛାତ୍ରାବାସରେ ପହଞ୍ଚି ଖୋଜାଖୋଜି କରିଥିଲେ। ଏହି ସମୟରେ ଏକ ବନ୍ଦ ବାକ୍ସ ଭିତରୁ କିଛି ଶବ୍ଦ ଶୁଣାଯାଇଥିଲା। ପରିବାର ଲୋକେ ଖୋଲିବା ପରେ ଅଚେତ ଅବସ୍ଥାରେ ଛାତ୍ରଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଜର୍ଡା ଡାକ୍ତରଖାନାରେ ଚିକିତ୍ସା କରିବା ପରେ ଘରକୁ ନେଇଯାଇଥିଲେ। ଝଗଡ଼ା ଲାଗିଥିବା ସହପାଠୀ ବାକ୍ସ ଭିତରେ ପୂରାଇ ଥିବା ନେଇ ପରିବାର ଲୋକେ ଅଭିଯୋଗ କରିଥିବା ବେଳେ ସହପାଠୀ ଏହାକୁ ମିଛ କଥା କହି ମାଡ଼ ଭୟରେ ନିଜେ ସେ ବାକ୍ସ ଭିତରେ ଲୁଚିଥିବା କହିଛନ୍ତି। ଏହି ଘଟଣା ଅଭିଭାବକ ମହଲରେ ଆଲୋଡ଼ନ ସୃଷ୍ଟି କରିଛି। ଛାତ୍ରାବାସରେ ଏଭଳି ଘଟଣା ଘଟୁଥିବାରୁ ପିଲାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାର ତୁରନ୍ତ ଏନେଇ ଦୃଷ୍ଟି ଦେବାକୁ ଦାବି ହେଉଛି।

# ବଡ଼ଚଣାର ପୂର୍ବତନ ଥାନା ଅଧିକାରୀ ନିଲମ୍ବିତ

ଚଣ୍ଡିଖୋଲ, ୧୩।୯ (ପ୍ରଦୀପ୍ତ କୁମାର ପୃଷ୍ଟି)

## କର୍ତ୍ତବ୍ୟରେ ଅବହେଳା, ପୋଲିସ ଆଇନ ଉଲ୍ଲଂଘନ




ମଧୁସ୍ମିତା ବେହେରା

ଯାଜପୁର ଜିଲା ବଡ଼ଚଣା ଥାନାର ପୂର୍ବତନ ଥାନା ଅଧିକାରୀ ମଧୁସ୍ମିତା ବେହେରାଙ୍କୁ ଶନିବାର ନିଲମ୍ବିତ କରାଯାଇଛି। କର୍ତ୍ତବ୍ୟରେ ଅବହେଳା ଓ ପୋଲିସ ଆଇନ ଉଲ୍ଲଂଘନ ଅଭିଯୋଗରେ ଓଡ଼ିଶା ପୋଲିସ ମୁଖ୍ୟାଳୟ ପତ୍ର ସଂଖ୍ୟା ୩୨୧୫ରେ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିଲମ୍ବନ ସମୟରେ ସେ ଯାଜପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ ରହିବେ ବୋଲି ନିର୍ଦ୍ଦେଶ ରହିଛି।

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ କଟିକଟା ବଜାରର ଏକ ଔଷଧ ଦୋକାନରେ ରୋଗୀ ଦେଖୁଥିବା ଡାକ୍ତରଙ୍କ ପାଖକୁ ବଡ଼ଚଣା ଥାନା ଅଞ୍ଚଳର ଜଣେ ମହିଳା ଚିକିତ୍ସା ପାଇଁ ଯାଇଥିଲେ। ଏହି ସମୟରେ ସମ୍ପୃକ୍ତ ଡାକ୍ତର ନକଲି ବୋଲି ମହିଳା ଜଣକ ଜାଣି ବଡ଼ଚଣା ଥାନରେ ଅଭିଯୋଗ କରିଥିଲେ। ୨୪।୦୬।୨୦୨୫ରେ ବଡ଼ଚଣା ଥାନା ଅଧିକାରୀ ଥିବା ମଧୁସ୍ମିତା ଘଟଣାର ତଦନ୍ତ କରିବାକୁ କଟିକଟା ଯାଇଥିଲେ। ସେଠାରେ ଡାକ୍ତରଙ୍କୁ ପାଇ ନ ଥିଲେ। ଏହାପରେ ସମ୍ପୃକ୍ତ ଡାକ୍ତର ରୋଗୀ ଦେଖୁଥିବା ଔଷଧ ଦୋକାନର ମାଲିକ ପ୍ରଫୁଲ୍ଲ ସାହୁଙ୍କୁ ମଧୁସ୍ମିତା ଉଠାଇ ଆଣି ୩ ଦିନ ଥାନାରେ ଅଟକ ରଖିଥିଲେ। ଏଥିସହିତ ତାଙ୍କୁ ନିର୍ଯ୍ୟାତନା ଦେଉଥିଲେ। ପରେ ତାଙ୍କୁ ଛାଡ଼ିବାକୁ ମଧ୍ୟସ୍ଥଙ୍କ ଜରିଆରେ ୨.୫ ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା। ଏନେଇ ପ୍ରଫୁଲ୍ଲଙ୍କ ପୁଅ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ଡିଜିପି ଓ ଯାଜପୁର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ ଅଭିଯୋଗର ତଦନ୍ତ କରିଥିଲେ। ଏଥିସହିତ ମଧୁସ୍ମିତାଙ୍କ ନାମରେ ପୂର୍ବରୁ ବହୁ ଅଭିଯୋଗ ରହିଥିଲା। ଗତ ୫ ଦିନ ତଳେ ଯାଜପୁର ଏସ୍‌ପି ଗୃହ ବିଭାଗ ନିର୍ଦ୍ଦେଶକ୍ରମେ ମଧୁସ୍ମିତାଙ୍କୁ ବଡ଼ଚଣା ଥାନାରୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରିଥିଲେ।

# କେନ୍ଦ୍ରୀୟ ଡେପୁଟେଶନରେ ଯିବେ ଶାଳିନୀ ପଣ୍ଡିତ

ଭୁବନେଶ୍ୱର, ୧୩।୯ (ସୁନିତ୍ ମିଶ୍ର)

୨୦୦୧ ବ୍ୟାଚ୍ ଆଇଏଏସ୍ ଅଫିସର ଶାଳିନୀ ପଣ୍ଡିତ ୫ ବର୍ଷିଆ କେନ୍ଦ୍ରୀୟ ଡେପୁଟେଶନରେ ଯିବେ। କେନ୍ଦ୍ର ସରକାରଙ୍କ ଅର୍ଥସେବା ମନ୍ତ୍ରଣାଳୟର ଯୁଗ୍ମ ସଚିବ ଭାବେ ତାଙ୍କୁ ନୂଆ ନିଯୁକ୍ତି ମିଳିଛି। ଯେବେ ସେ ଏହି ଦାୟିତ୍ୱ ଗ୍ରହଣ କରିବେ ସେବେଠାରୁ ୫ ବର୍ଷ ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇବେ। ପଣ୍ଡିତଙ୍କ କେନ୍ଦ୍ରୀୟ ଡେପୁଟେଶନ ନେଇ ଶନିବାର କେନ୍ଦ୍ର ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ ବିଜ୍ଞପ୍ତି ପ୍ରକାଶ କରିଛି। ଶାଳିନୀଙ୍କ ସମେତ ବିଭିନ୍ନ ରାଜ୍ୟର ୩୫ ଜଣ ଅଫିସର ଡେପୁଟେଶନରେ ଯିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଶାଳିନୀ ପଣ୍ଡିତ ଏବେ ଓଡ଼ିଶା ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗର ସଚିବ ଭାବେ ଦାୟିତ୍ୱରେ ଅଛନ୍ତି।

# ସଡ଼କ ଦୁର୍ଘଟଣା: ବାପା ଆଗରେ ଝିଅ ମୃତ

ଆଠଗଡ, ୧୩।୯ (ସତ୍ୟ ପ୍ରସାଦ ରଥ)

ସଡ଼କ ଦୁର୍ଘଟଣାରେ ବାପା ଆଗରେ ଝିଅର ଜୀବନ ଯାଇଛି। କଟକ ଜିଲା ଆଠଗଡ଼ ଥାନା ଅନ୍ତର୍ଗତ ନଡ଼ୁଆପଡା ନିକଟସ୍ଥ ସାପୁଆ ବ୍ରିଜ୍ ନିକଟରେ ଅପରାହ୍ନରେ ଏଭଳି ଦୁଃଖଦ ଘଟଣା ଘଟିଛି। ମୃତା ହେଲେ ଆଠଗଡ଼ ଏନ୍‌ଏସି ଅନ୍ତର୍ଗତ ମୈତ୍ରୀନଗରର ବିମଳ ଲୋଚନ ସାହୁଙ୍କ ସ୍ତ୍ରୀ ରଶ୍ମିତା (୩୨)। ସେ ଆଠଗଡ଼ ଥାନା ଅନ୍ତର୍ଗତ ଅରଖପାଟଣାସ୍ଥିତ ବାପଘରକୁ ଆସିଥିଲେ। ଅପରାହ୍ନରେ ବାପା ରବୀନ୍ଦ୍ରନାଥ ସାହୁଙ୍କ ସହ ଏକ ସ୍କୁଟିରେ ଶ୍ୱଶୁର ଘରକୁ ଫେରୁଥିବା ବେଳେ ସାପୁଆ ବ୍ରିଜର ହମ୍ପସ୍ ନିକଟରେ ଖସି ପଡ଼ିଥିଲେ। ଏହି ସମୟରେ ସମ୍ମୁଖପଟୁ ଆସୁଥିବା ଏକ ହାଇୱା (ନଂ.ଓଡି -୦୫- ବିଏନ୍ -୪୦୮୧) ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ରଶ୍ମିତାଙ୍କ ମୃତ୍ୟୁ ଘଟିଛି। ଖବରପାଇ ଆଠଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ହାଇୱାକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇଛି। ଏଥିସହ ହାଇୱା ଚାଳକ ସମୀର କୁମାର ସିଂହକୁ ଥାନାରେ ଅଟକ ରଖିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା।

# ଭୁବନେଶ୍ୱରରୁ ମହିଳା ଟ୍ରାଫିକ୍ କନଷ୍ଟେବଲ ନିଖୋଜ

ଭୁବନେଶ୍ୱର, ୧୩।୯ (ସତ୍ୟଜିତ୍ ରାଉତ)




କମିଶନରେଟ୍ ପୋଲିସ ପକ୍ଷରୁ ସୋସିଆଲ ମିଡିଆରେ ଛଡ଼ାଯାଇଥିବା ଡିଜିଟାଲ ପୋଷ୍ଟର।

ରାଜଧାନୀରେ କାର୍ଯ୍ୟରତ ଜଣେ ମହିଳା କନଷ୍ଟେବଲ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଶୁଭମିତ୍ରା ସାହୁ (୨୫)। ତାଙ୍କ ଘର ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ପିଠୁକୁଲିରେ ହୋଇଥିବା ବେଳେ ସେ ଭୁବନେଶ୍ୱର ସୂର୍ଯ୍ୟନଗରରେ ରହୁଥିଲେ। ଡ୍ୟୁଟିକୁ ଯାଇ ସପ୍ତାହେ ହେବ ଶୁଭମିତ୍ରା ନିଖୋଜ ଥିବାବେଳେ ପୋଲିସ ତାଙ୍କ ପତ୍ତା ପାଇପାରିନାହିଁ। ଏନେଇ ଏତଲାକ୍ରମେ କ୍ୟାପିଟାଲ ଥାନା ପୋଲିସ ଏକ ମ୍ୟାନ୍ ମିସିଂ ରିପୋର୍ଟ (ଏମ୍‌ଏମ୍‌ଆର୍) ପଞ୍ଜୀକୃତକରି ତଦନ୍ତ କରୁଛି। ତେବେ ପୋଲିସ

## ପୋଷ୍ଟର ଜାରିକଲା କମିଶନରେଟ୍ ପୋଲିସ

ଶୁଭମିତ୍ରାଙ୍କ ପରିଚୟ ପାଇବା ପାଇଁ ସୋସିଆଲ ମିଡିଆର ସାହାଯ୍ୟ ନେଇଛି। ଶୁକ୍ରବାର ଭୁବନେଶ୍ୱର ଡିସିପିଙ୍କ ଅଫିସିଆଲ୍ ସୋସିଆଲ୍ ମିଡିଆ ହ୍ୟାଣ୍ଡେଲରେ ଏନେଇ ପୋଷ୍ଟର ଛଡାଯାଇଛି। ସୂଚନା ଦେବା ପାଇଁ ୨୫ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଛି। ଶୁଭମିତ୍ରାଙ୍କ ସମ୍ପର୍କରେ କୌଣସି ଖବର ପାଇଲେ ମୋବାଇଲ୍ ନଂ.୭୦୦୮୨୬୪୧୯କୁ କଲ୍ କିମ୍ବା ନଂ.୮୨୮୦୩୩୮୩୦୨କୁ ହ୍ୱାଟ୍ସଆପ୍ ମେସେଜ ଦେଇ ସୂଚନା ଦେବାକୁ କୁହାଯାଇଛି। ସୂଚନାଦାତାଙ୍କ ପରିଚୟ ସମ୍ପୂର୍ଣ୍ଣ ଗୋପନ ରଖାଯିବ ବୋଲି ଉଲ୍ଲେଖ କରାଯାଇଛି। ଶୁଭମିତ୍ରାଙ୍କ ପିତାଙ୍କ ନାମ ଦୁର୍ଯ୍ୟୋଧନ ସାହୁ। ତାଙ୍କ ଉଚ୍ଚତା ୫ ଫୁଟ ୫ ଇଞ୍ଚ। ସେପ୍ଟେମ୍ବର ୬ ସକାଳ ପ୍ରାୟ ୧୦ଟାରେ ଶୁଭମିତ୍ରା ସୂର୍ଯ୍ୟନଗରସ୍ଥିତ ଘରୁ ଡ୍ୟୁଟିକୁ ବାହାରି ଯାଇଥିଲେ। ଶୁଭମିତ୍ରାଙ୍କ ଡ୍ୟୁଟି ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଥିଲା। କିନ୍ତୁ ଡ୍ୟୁଟି ପରେ ସେ ଘରକୁ ଫେରି ନ ଥିଲେ। ତାଙ୍କ ମୋବାଇଲ ଫୋନ୍ ସୁଇଚ୍ ଅଫ୍ ରହିଥିଲା। ବହୁ ଖୋଜାଖୋଜି ପରେ ତାଙ୍କୁ ନ ପାଇବାରୁ ପରିବାର ଲୋକେ କ୍ୟାପିଟାଲ ଥାନାରେ ଏତଲା ଦେଇଥିଲେ।

# ପ୍ରଶାନ୍ତ ପାଣିଗ୍ରାହୀ ପାଇବେ ଇନ୍‌ସା ଫେଲୋ ସମ୍ମାନ

ଭୁବନେଶ୍ୱର, ୧୩।୯ (ସୁଚିସ୍ମିତା ସାହୁ)

ବିଶିଷ୍ଟ ଓଡିଆ କ୍ୱାଣ୍ଟମ ପଦାର୍ଥ ବିଜ୍ଞାନୀ ତଥା ଶିକ୍ଷାବିତ୍ ପ୍ରଫେସର ଡ. ପ୍ରଶାନ୍ତ କୁମାର ପାଣିଗ୍ରାହୀ ଚଳିତ ବର୍ଷ ଇନ୍‌ସା ଫେଲୋ ସମ୍ମାନ ପାଇଁ ମନୋନୀତ ହୋଇଛନ୍ତି। ଭାରତର ବିଜ୍ଞାନ ଓ ବୈଜ୍ଞାନିକଙ୍କୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ପାଇଁ ୧୯୩୫ ମସିହାରେ ପ୍ରତିଷ୍ଠିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଇନ୍ ଇଣ୍ଡିଆ (ନିସି) ୧୯୭୦ ମସିହାରୁ ଇଣ୍ଡିଆନ ନ୍ୟାଶନାଲ ସାଇନ୍ସ ଏକାଡେମୀ (ଇନ୍‌ସା) ନାମରେ କାର୍ଯ୍ୟ କରୁଛି। ତେବେ ଇନ୍‌ସାର ଫେଲୋ ହେବା ଏକ ମର୍ଯ୍ୟାଦାଜନକ ଉପଲବ୍ଧି।

# ସାତକୋଶିଆ ବିସ୍ଥାପିତଙ୍କ ଜମିର ହେଉନି କିସମ ପରିବର୍ତ୍ତନ

ଅନୁଗୋଳ, ୧୩।୯ (ଦିବ୍ୟଶାନ୍ତନୁ ନାଥ)



ବିସ୍ଥାପନ ପୂର୍ବରୁ ସାତକୋଶିଆ କୋର୍ ଅଞ୍ଚଳରେ ଥିବା ରାଇଗୁଡ଼ା ଗାଁ।

■ ଜମି ଦଖଲ ନେବା ସତ୍ତ୍ୱେ ପଟ୍ଟାରେ ନାହିଁ ବନ ବିଭାଗ ନାମ

■ ରାଜସ୍ୱ ବିଭାଗ ସହ ସମନ୍ୱୟ ଅଭାବ ଥିବା ଅଭିଯୋଗ

■ ଦୀର୍ଘବର୍ଷ ଧରି ଲୋକଙ୍କ ନାମରେ ଗଡୁଛି ଖଜଣା

ଦୀର୍ଘବର୍ଷ ହେଲା ଗାଁ ବିସ୍ଥାପିତ ହେଲାଣି। ଗାଁ ଲୋକେ ଅନ୍ୟ ଅଞ୍ଚଳର ବାସିନ୍ଦା ହେଲେଣି। ଗାଁ ଲୋକଙ୍କ ନାମରେ ଥିବା ଜମି ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳରେ ମିଶାଇ ଦିଆଗଲାଣି। ହେଲେ ଉକ୍ତ ଜମିର କିସମ ପରିବର୍ତ୍ତନ ଏଯାଏ ହୋଇପାରି ନାହିଁ। ଏପରି କି ଜମିପଟ୍ଟାରୁ ରୟତମାନଙ୍କ ନାମ କଟାଯାଇ ବନ ବିଭାଗ ନାମରେ ତାହାକୁ କରାଯାଇ ନାହିଁ। ଫଳରେ ଏବେ ବି ପଟ୍ଟାଧାରୀଙ୍କ ନାମରେ ଜମି ଖଜଣା ବାବଦ ଟଙ୍କା ସରକାରୀ ଖାତାରେ ବକେୟା ଭାବେ ଗଡ଼ିଚାଲିଛି। ରାଜସ୍ୱ ଓ ବନ ବିଭାଗ ଭିତରେ ଆବଶ୍ୟକ ସମନ୍ୱୟ ଅଭାବରୁ ଏପରି ସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି। ତେବେ ବିସ୍ଥାପିତ ଲୋକମାନେ ଆଗାମୀ ଦିନରେ ଏହାକୁ ନେଇ ସମସ୍ୟାରେ ପଡ଼ିପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି।

ସୂଚନା ମୁତାବକ, ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ମଧ୍ୟରେ ବାଘସଂଖ୍ୟା ବୃଦ୍ଧି କରିବା ନିମନ୍ତେ କିଛିବର୍ଷ ତଳେ ଆନ୍ତଃ ରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିଲା। ଏହା ପୂର୍ବରୁ ଜଙ୍ଗଲର କୋର୍ ଅଞ୍ଚଳରେ ରହିଥିବା ଜନବସତିଗୁଡିକୁ ବିସ୍ଥାପନ କରିବା ପାଇଁ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନଟିସିଏ)ର ନିୟମାବଳୀ ରହିଥିଲା। ଏଥିପାଇଁ ୨୦୧୭ ମସିହାରେ ପ୍ରଥମେ ରାଇଗୁଡ଼ା ରାଜସ୍ୱ ଗ୍ରାମକୁ ଜଙ୍ଗଲ ମଧ୍ୟରୁ ନୂଆଖେତା ଗାଁ ମୁଣ୍ଡକୁ ବିସ୍ଥାପନ କରାଯାଇଥିଲା। ପରେ ଚୁଲୁକା, କଟରଙ୍ଗ ଆଦି ଗାଁ ମଧ୍ୟ ବିସ୍ଥାପିତ ହୋଇଥିଲା। ଗୋପାଳପୁର ଏବଂ ଟିକରପଡ଼ା ଅଞ୍ଚଳରେ ବର୍ତ୍ତମାନ ମଧ୍ୟ ସ୍ୱେଚ୍ଛାକୃତ ବିସ୍ଥାପନ ପ୍ରକ୍ରିୟା ବନ ବିଭାଗ ପକ୍ଷରୁ ଜାରି ରଖାଯାଇଛି। କିନ୍ତୁ ରାଇଗୁଡ଼ାଠାରୁ ଆରମ୍ଭ କରି କଟରଙ୍ଗ ପର୍ଯ୍ୟନ୍ତ ଯେତେ ରାଜସ୍ୱ ଗ୍ରାମ ବିସ୍ଥାପିତ ହୋଇଛି, ଅଦ୍ୟାବଧି ସେଠାକାର ଲୋକଙ୍କ ନାମରେ ଜମିପଟ୍ଟା ପୂର୍ବପରି ରହିଛି। ବିସ୍ଥାପନ ପରେ ଗାଁ ରାଜସ୍ୱ ଜମି ଜଙ୍ଗଲ କିସମରେ ପରିବର୍ତ୍ତନ ସହ ବନ ବିଭାଗ ନାମରେ ପଟ୍ଟା ହେବା କଥା। କିନ୍ତୁ ୨୦୧୭ ମସିହାରୁ ରାଇଗୁଡ଼ା ବିସ୍ଥାପିତ ହୋଇଥିଲେ ହେଁ ୮ ବର୍ଷ ପରେ ମଧ୍ୟ ଲୋକଙ୍କ ନାମରେ ପଟ୍ଟା ରହିଛି। ଫଳରେ ରାଇଗୁଡ଼ା ଲୋକଙ୍କ ନାମରେ ଜମି ବାବଦ ଖଜଣା ଗଡୁଥିବା ଜଣାପଡ଼ିଛି। ବର୍ଷାଧିକ ସମୟ ହେବ ଲୋକେ ଗାଁ ଛାଡ଼ି ଯାଇଥିବା ବେଳେ ସେମାନଙ୍କ ନାମରେ ସରକାରୀ ଖାତାରେ ଗଡୁଥିବା ଏହି ଖଜଣା କିଏ ଭରଣା କରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଗଦାଧର ପାତ୍ର କହିଛନ୍ତି, ଏ ନେଇ ତହସିଲଦାରଙ୍କ ସହ ଆଲୋଚନା ହୋଇଛି। ସବିଶେଷ ବିବରଣୀ ଦେବାକୁ କୁହାଯାଇଛି। ଯଥାଶୀଘ୍ର କିସମ ପରିବର୍ତ୍ତନ କରାଯିବ।



ହେ ଈଶ୍ୱରଙ୍କର ବୀର ସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ-ବିଜୟ ହିଁ ତୁମ ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ। -ଶ୍ରୀଅରବିନ୍ଦ

ଦେବୋତ୍ଥାନ, ମୂଳାଷ୍ଟମୀ, ସହସ୍ର କୁମ୍ଭାଭିଷେକ, ଦ୍ୱିତୀବାହନ ଓଷା



# ଦୋଷ ଦେବା କାହାକୁ



ଆକାର ପଟେଲ

ନିକଟରେ ଚାଇନାର ଉତ୍ଥାନ ସମ୍ପର୍କରେ ବ୍ୟାଖ୍ୟା କରି ଆମେରିକୀୟ ଶିକ୍ଷାବିତ୍ ଡାନ୍ ୱାଙ୍ଗ ଏକ ପୁସ୍ତକ ଲେଖିଛନ୍ତି। ସେ ତାଙ୍କ ସିଦ୍ଧାନ୍ତରେ ଦର୍ଶାଇଛନ୍ତି, ଚାଇନା ହେଉଛି ଏକ ଇଞ୍ଜିନିୟରଙ୍କ ସମାଜ ଏବଂ ସେଠାକାର ସରକାର ଇଞ୍ଜିନିୟରଙ୍କ ଦ୍ୱାରା ଚାଲିଛି। ଅନ୍ୟ ପକ୍ଷରେ ଆମେରିକା ଏକ ଆଇନଜୀବୀ ସମାଜ। ମାନୁଫାକ୍ଚରିଂ ଓ ନିର୍ମାଣରେ ଚାଇନା ଆଗୁଆ ହୋଇଥିବାବେଳେ ଆମେରିକା ସେସବୁ କ୍ଷେତ୍ରରେ ପଛୁଆ ବୋଲି ସେ କହିଛନ୍ତି। ଚାଇନା ବିଶେଷକରି ୨୦୧୫ରେ 'ମେଡ୍ ଇନ୍ ଚାଇନା ୨୦୨୫' ଯୋଜନା ଚୟନ କରିବା ଯୋଗୁ ତାହାର ଅଗ୍ରଗତି ହୋଇପାରିଛି। ତେବେ ଅନେକ ସମୟରେ ଏଭଳି ସବୁ ଚୟନ ବା ବିକଳ୍ପ କାମ କରେନାହିଁ ବୋଲି ୱାଙ୍ଗ ସୂଚିତ କରିଛନ୍ତି। ଏକ ଇଞ୍ଜିନିୟରିଂ ନେତୃତ୍ୱସମ୍ପନ୍ନ ମାନସିକତା ଯୋଗୁ ସାଂଘାଇରେ ଘାତକ ଲକ୍ଡାଉନ ସୃଷ୍ଟି ହୋଇଥିଲା କିମ୍ବା ଏକକ ସନ୍ତାନ ନୀତି ଅଗ୍ରହଣୀୟ ହେବା ସାମ୍ନାକୁ ଆସିଛି। କିନ୍ତୁ ଦ୍ରୁତତମ ଟ୍ରେନ, ଅକ୍ଷୟ ଶକ୍ତି, ବୈଦ୍ୟୁତିକ ଯାନ, ପାଣିଜାହାଜ ଓ ରକେଟ ନିର୍ମାଣ, ବିମାନ ଚଳାଚଳ, ସେମିକଣ୍ଡକ୍ଟର ଏବଂ କୃତ୍ରିମ ବୁଦ୍ଧିମତ୍ତା ଭଳି ଶିଳ୍ପ ନୀତିରେ ଚାଇନା ସଫଳ ହୋଇଛି। ଏହିସବୁ କ୍ଷେତ୍ରରେ ଚାଇନା ଯାହା ଚାହିଁଛି ତାହା ହାସଲ କରିଛି। ଆଜି ଆମକୁ ସମାନ ପ୍ରଶ୍ନ ପଚାରିବାକୁ ମୁଁ ଚାହେଁ- ଭାରତ ସରକାର କ'ଣ ହାସଲ କରିବାକୁ ଚାହିଁଛନ୍ତି ଏବଂ ଏହା ପାଇବାକୁ ସଫଳ ହୋଇଛନ୍ତି କି ? ଏହାର ଉତ୍ତର ଅର୍ଥ ବ୍ୟବସ୍ଥା, ନିଯୁକ୍ତି ଏବଂ ବିଶେଷକରି ବୈଦେଶିକ ନୀତିରୁ ମିଳେ। କାହାକୁ ଆମେ ଦୋଷ ଦେବା। ଏସବୁ ବିଷୟକୁ ନେଇ ଆମେ ଚିନ୍ତିତ ନୋହୁଁ। ତେବେ ଭାରତ ସରକାର କେଉଁସବୁ ବିଷୟକୁ ଚୟନ କରି ସେଥିରେ ସଫଳ ହୋଇଛନ୍ତି ତାହା ଦେଖିବା। ଚଳିତ ମାସରେ ରାଜସ୍ଥାନ ପ୍ରୋହିବିଶନ ଅଫ୍ ଅନ୍‌ଲ'ଫୁଲ କନ୍‌ଭର୍ସନ ଅଫ୍ ରିଲିଜିଅନ ବିଲ୍, ୨୦୨୫ ପାସ୍ ହୋଇଛି। ଏହାର ଗୋଟିଏ ଲକ୍ଷ୍ୟ ହେଉଛି ହିନ୍ଦୁ ଓ ମୁସଲମାନ ମଧ୍ୟରେ ଆନ୍ତଃଧର୍ମୀୟ ବିବାହର ଆପରାଧୀକରଣ ଏବଂ ଦ୍ୱିତୀୟଟି ହେଉଛି ସୁବିଧାସୁଯୋଗରୁ ବଞ୍ଚିତ ସମ୍ପ୍ରଦାୟଗୁଡ଼ିକର ଖ୍ରୀଷ୍ଟଧର୍ମ ଗ୍ରହଣ ପ୍ରକ୍ରିୟାକୁ ବନ୍ଦ କରିବା। ଅନ୍ୟ ଆଇନଗୁଡ଼ିକ ଭଳି ରାଜସ୍ଥାନର ଏହି ଆଇନରେ ଧର୍ମାନ୍ତରୀକରଣ ଉପରେ ଦଣ୍ଡବିଧାନର ପ୍ରାବଧାନ ରହିଛି, କିନ୍ତୁ ସମସ୍ତଙ୍କ ପାଇଁ ନୁହେଁ। ଏଥିରେ କୁହାଯାଇଛି, ଯଦି କୌଣସି ବ୍ୟକ୍ତି ତାଙ୍କ ମୂଳ ବା ପୈତୃକ ଧର୍ମକୁ ଫେରିଆସନ୍ତି, ତେବେ ତାହାକୁ ଧର୍ମାନ୍ତରୀକରଣ ବୋଲି ଗଣାଯିବ ନାହିଁ। ଏହାସହ ପୈତୃକ ଧର୍ମ କହିଲେ, ପୂର୍ବଜଙ୍କ ଧର୍ମ, ବିଶ୍ୱାସ ଓ ପରମ୍ପରା ବୋଲି ଏଥିରେ ସୂଚିତ କରାଯାଇଛି। ଏଭଳି ବିଷୟ ପ୍ରଥମ ଆଇନ ଉତ୍ତରାଖଣ୍ଡ ଫ୍ରିଡମ ଅଫ୍ ରିଲିଜିଅନ ଆକ୍ଟ, ୨୦୧୮ରେ ଆରମ୍ଭ କରାଯାଇଥିଲା। ଏହାପରେ ହିମାଚଳପ୍ରଦେଶ (୨୦୧୯), ଉତ୍ତରପ୍ରଦେଶ (୨୦୨୦), ମଧ୍ୟପ୍ରଦେଶ (୨୦୨୧), ଗୁଜରାଟ (୨୦୨୧), ହରିୟାଣା (୨୦୨୨) ଏବଂ କର୍ଣ୍ଣାଟକ (୨୦୨୨) ପ୍ରଣୟନ କରାଯାଇଥିବା ଆଇନରେ ଏଭଳି ସମାନ କଥା ବି କୁହାଯାଇଥିଲା।

ଏହିସବୁ ଆଇନ ଭାଜପା ଶାସନ ସମୟରେ ରାଜ୍ୟଗୁଡ଼ିକରେ ପ୍ରଣୟନ ହୋଇଥିଲା। କିନ୍ତୁ ରାଜସ୍ଥାନ ଆଇନ କିଛି ନୂଆ କଥା ଯୋଡ଼ିଛି। ଏଥିରେ କୁହାଯାଇଛି, ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ ଏବଂ ମେସେଜ ମାଧ୍ୟମରେ ସୂଚନା, ବିଚାରଧାରା କିମ୍ବା ବିଶ୍ୱାସର ପ୍ରଚାରକୁ ଯଦି ଧର୍ମାନ୍ତରୀକରଣ ଉଦ୍ଦେଶ୍ୟରେ କରାଯାଇଥାଏ ତେବେ ତାହାକୁ ଧର୍ମୀୟ ପ୍ରଚାର ଭାବେ ଗଣାଯିବ ଓ ତାହା ବେଆଇନ। ଏଥିରେ ଜେଲ୍‌ଦଣ୍ଡ ଅବଧିକୁ ବୃଦ୍ଧି କରି ୧୪ ବର୍ଷ ରଖାଯାଇଛି ଏବଂ ଆଦିବାସୀ ଓ ଦଳିତ ଯଦି ଧର୍ମାନ୍ତରୀକରଣ କରିଥାନ୍ତି ତେବେ ସେମାନଙ୍କ କ୍ଷେତ୍ରରେ ଜେଲଦଣ୍ଡ ୨୦ ବର୍ଷ ରଖାଯାଇଛି। ଭାଜପା ଦ୍ୱାରା ପ୍ରଣୀତ ଏହିସବୁ ଆଇନ ସମସ୍ତ ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଥିଲେ ମଧ୍ୟ ଆମ ସମାଜରେ ସେସବୁ ଗ୍ରହଣୀୟ ହୋଇଛି। ଏହା ଗ୍ରହଣୀୟ ଯେ, ଏହି ରାଜ୍ୟ ଯାହା କରିବାକୁ ସ୍ଥିର କରିଥିଲା ତାହା କରିବାରେ ସଫଳ ହେଲା। ତେବେ ରାଜନୈତିକ ଦୃଷ୍ଟିରୁ ଆଇନଗୁଡ଼ିକୁ ବଦଳାଇବା କଷ୍ଟକର, କାରଣ ସାମାଜିକ ସ୍ତରରେ ସେଗୁଡ଼ିକୁ ଗ୍ରହଣୀୟ କରିଦିଆଯାଇଛି। ଏହିସବୁ ଆଇନ ସପକ୍ଷରେ ଅନେକ ଲୋକ ଅଛନ୍ତି କିମ୍ବା ଏହାକୁ ଅନେକେ ବି ଚାହୁଁନାହାନ୍ତି। ହେଲେ ଏଭଳି ଲୋକଙ୍କ ସଂଖ୍ୟା ତୁଳନାରେ ଆଇନଗୁଡ଼ିକୁ ପ୍ରତ୍ୟାହାର କରିନେବା ପାଇଁ ଚାହୁଁଥିବା ଲୋକଙ୍କ ସଂଖ୍ୟା ବହୁତ କମ୍।

କର୍ଣ୍ଣାଟକରେ ୧୭ ମେ ୨୦୨୨ରେ ଲାଗୁ କରାଯାଇଥିବା ଆଇନରେ ଦର୍ଶାଯାଇଛି, ଧର୍ମ ପରିବର୍ତ୍ତନ କରିବାକୁ ଚାହୁଁଥିବା ଲୋକମାନେ ୩୦ଦିନ ପୂର୍ବରୁ ଜିଲା ମାଜିଷ୍ଟ୍ରେଟଙ୍କୁ ଏ ସମ୍ପର୍କରେ ଜଣାଇବାକୁ ପଡ଼ିବ। ପରେ ଏହା ବିରୋଧରେ ଥିବା ଅଭିଯୋଗ ସଂଗ୍ରହ କରିବା ସକାଶେ ସମ୍ପୃକ୍ତ ଅଧିକାରୀ ତାଙ୍କ କାର୍ଯ୍ୟାଳୟ ଏବଂ ତହସିଲ ଅଫିସର ନୋଟିସ ବୋର୍ଡରେ ସେହି ଆବେଦନପତ୍ରକୁ ଲଗାଇବେ। ମେ ୨୦୨୩ରେ କଂଗ୍ରେସ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ବିଜୟୀ ହେବା ପରେ ଏହି ଆଇନକୁ ରଦ୍ଦ କରିବ ବୋଲି କହିଥିଲା। ତା' ପର ମାସ ଅର୍ଥାତ୍ ଜୁନ ୧୫ରେ, ''ସିଦ୍ଧ ରମେୟା ନେତୃତ୍ୱାଧୀନ କର୍ଣ୍ଣାଟକ ସରକାର ଧର୍ମାନ୍ତରୀକରଣ ନିରୋଧୀ ଆଇନକୁ ପ୍ରତ୍ୟାହାର କରିନେଇଛନ୍ତି'' ଶୀର୍ଷକ ଖବର ପ୍ରକାଶ ପାଇଥିଲା। କିନ୍ତୁ ତାହା ହୋଇ ନ ଥିଲା। ପରେ ୮ ସେପ୍ଟେମ୍ବରରେ ପ୍ରକାଶ ପାଇଥିଲା, ଧର୍ମାନ୍ତରୀକରଣ ନିରୋଧୀ ଆଇନ ଭାବେ ଜଣାଶୁଣା କର୍ଣ୍ଣାଟକ ପ୍ରୋଟେକ୍ଶନ ଅଫ୍ ରାଇଟ୍ ଟୁ ଫ୍ରିଡମ୍ ଅଫ୍ ରିଲିଜିଅନ ଆକ୍ଟ ସମ୍ପର୍କରେ ସରକାର ବୈଧ ମତ ଲୋଡ଼ିଛନ୍ତି ଏବଂ ସେହି ଆଧାରରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ। ଏଥିରୁ ବୁଝାପଡୁଛି, ସେହି ଆଇନ ଏଯାବତ୍ ବଳବତ୍ତର ରହିଛି। ଦେଖିବାକୁ ଗଲେ ୨୦୧୪ରୁ ଭାଜପା ଶାସିତ ରାଜ୍ୟଗୁଡ଼ିକ କିଛି କରିବାକୁ ଚାହିଁଥିଲେ। ଫଳରେ ୨୦୧୫ରେ ବିଫ୍‌କୁ ନେଇ ଆଇନ, ୨୦୧୮ରେ ଧର୍ମୀୟ ସ୍ୱାଧୀନତା, ୨୦୧୯ରେ ନାଗରିକତ୍ୱକୁ ନେଇ ଆଇନଗୁଡ଼ିକ ଆରମ୍ଭ କରାଯାଇଥିଲା। ଏହାସହ ସର୍ବଧର୍ମ ସହାବସ୍ଥାନକୁ ଶେଷ କରିବା ଏବଂ ସଂଖ୍ୟାଲଘୁଙ୍କୁ ଲକ୍ଷ୍ୟ କରି ଆଇନ ଗଢ଼ାଯାଇଥିଲା। ଏଠାରେ ସରକାର ଯାହା ହାସଲ କରିବାକୁ ଚାହିଁଛନ୍ତି ତାହା ପାଇଛନ୍ତି। ଆମ ସାମ୍ନାରେ 'ମେଡ୍ ଇନ୍ ଚାଇନା ୨୦୨୫' ଯୋଜନାର ଅର୍ଥ କିଛି ରହି ନ ପାରେ, କିନ୍ତୁ ଆମେ ଏହାକୁ ଏବଂ ଅନ୍ୟସବୁ କ୍ଷେତ୍ରକୁ ଗମ୍ଭୀରତାର ସହ ବିଚାର କରି ନ ଥିବାରୁ ବିଫଳ ହୋଇଛୁ। କିନ୍ତୁ 'ରିମେକ୍ ଇଣ୍ଡିଆ ୨୦୨୫' ଯୋଜନାର ସଫଳତାକୁ ଗ୍ରହଣ କରିବା କଷ୍ଟକର ଏବଂ ଏହାର ପରିଣାମ ଆମେ ଏହି ସବୁ ଆଇନ, ଗଣମାଧ୍ୟମ ଏବଂ ଆମ ଚାରିପାଖ ସମାଜରେ ଦେଖିପାରିବା।

Email:aakar.patel@gmail.com

# ଶତାୟୁ ଓଡ଼ିଶା



ଡ. ପ୍ରଫୁଲ୍ଲ କୁମାର ସାହୁ

ଆଉ ଗୋଟିଏ ଦଶନ୍ଧି ପରେ ଓଡ଼ିଶା ପାଳନ କରିବ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ହୀରକ ଜୟନ୍ତୀ। ଏବେଠାରୁ ଆରମ୍ଭ ହୋଇଗଲାଣି ପ୍ରସ୍ତୁତି। ୨୦୩୬ ମସିହା ସୁଦ୍ଧା ଶତାୟୁ ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ସରକାରଙ୍କ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ ହେବା ସହିତ ତିଆରି ହେଲାଣି ନକ୍ସା। ସରକାରଙ୍କ ଘୋଷଣା ଅନୁସାରେ ଆଗାମୀ ୧୦ ବର୍ଷ ମଧ୍ୟରେ ଓଡ଼ିଶା ହେବ ଦେଶର ଶ୍ରେଷ୍ଠ ୫ଟି ରାଜ୍ୟ ମଧ୍ୟରେ ଅନ୍ୟତମ। ଓଡ଼ିଶାର ସମ୍ବଳ ଓ ଦକ୍ଷତାକୁ ବିଚାରକୁ ନେଲେ ଏହା କିଛି ଅସମ୍ଭବ ନୁହେଁ, ମାତ୍ର ଏଥିପାଇଁ ଆବଶ୍ୟକ ଦୃଢ଼ ନେତୃତ୍ୱ ଓ ନିଷ୍ଠାପର ପ୍ରୟାସ।

ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶା। ସମ୍ଭାବନାକୁ ସାକାର କରିବା ପାଇଁ ଆବଶ୍ୟକ ଯୋଜନାବଦ୍ଧ ବିକାଶ। ବିକଶିତ ଓଡ଼ିଶା ପାଇଁ ଗଲା ୯୦ବର୍ଷ ମଧ୍ୟରେ ରାଜ୍ୟ କେତେ ଆଗକୁ ବଢ଼ିଛି ଏବଂ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ କେତେ ବାଟ ବାକି ଅଛି - ତାକୁ ଦୃଷ୍ଟିରେ ରଖି ଗତି ସ୍ଥିର କରିବା ଉଚିତ। ବିକଶିତ ଓଡ଼ିଶାର ପ୍ରଥମ ସୋପାନ ହେଉଛି ମୁଣ୍ଡପିଛା ଆୟବୃଦ୍ଧି। ଅର୍ଥ ମନ୍ତ୍ରଣାଳୟ ତଥ୍ୟ ଅନୁସାରେ (୨୦୨୩-୨୪) ଓଡ଼ିଶାରେ ମୁଣ୍ଡପିଛା ଆୟ ୧,୮୩,୭୬୭ ଟଙ୍କା, ଯାହା ଜାତୀୟ ହାର (୨,୧୧,୭୨୫) ଠାରୁ ଯଥେଷ୍ଟ କମ୍। ମୁଣ୍ଡପିଛା ଆୟ କ୍ଷେତ୍ରରେ ଛୋଟ ରାଜ୍ୟ ସିକିମ୍ (୭,୦୭,୧୮୧) ସବା ଆଗରେ ଥିବାବେଳେ ୧୫ ତମ ସ୍ଥାନରେ ରହିଛି ଓଡ଼ିଶା। ଓଡ଼ିଶାରେ ଯଦି ମୁଣ୍ଡପିଛା ଆୟ ନ ବଢ଼ିବ ତେବେ ୨୦୩୬ ମସିହା ସୁଦ୍ଧା କେମିତି ସମ୍ଭବ ହେବ ସମୃଦ୍ଧ ଓଡ଼ିଶା ଗଠନ ?

ଓଡ଼ିଶାରେ ପ୍ରତି ହଜାରେ ଗ୍ରାମୀଣ ପରିବାର ମଧ୍ୟରୁ ୧୧୩ଟି ପରିବାର ବାସ କରନ୍ତି କଚ୍ଚାଘରେ। ଏ କ୍ଷେତ୍ରରେ ଛତିଶଗଡ଼, ଅରୁଣାଚଳ ପ୍ରଦେଶ ଓ ବିହାର ପରେ ଦେଶର ସବୁଠାରୁ ପଛୁଆ ରାଜ୍ୟ ଓଡ଼ିଶା। ଆଗାମୀ ଦଶବର୍ଷ ମଧ୍ୟରେ ଓଡ଼ିଶାରେ ଥିବା ପ୍ରତ୍ୟେକ ପରିବାର ଯଦି ପକ୍କା ଘରେ ବାସକରନ୍ତି, ତାହା ହେବ ସମୃଦ୍ଧ ଓଡ଼ିଶାର ଉଲ୍ଲେଖନୀୟ ଉପଲବ୍ଧି।

ଆମ ରାଜ୍ୟରେ ପାଞ୍ଚବର୍ଷରୁ କମ୍ ବୟସର ପ୍ରତି ହଜାରେ ପିଲାଙ୍କ ଭିତରୁ ୨୯୭ ଜଣଙ୍କର ଶାରୀରିକ ଓଜନ କମ୍। ପାଞ୍ଚବର୍ଷରୁ କମ୍ ବୟସର ପିଲାଙ୍କ ମଧ୍ୟରୁ ୩୧୦ଜଣ ବର୍ତ୍ତମାନ କ୍ଷୁଦ୍ରକାୟ। ୧୫ ରୁ ୪୯ ବର୍ଷ ବୟସ୍କ ପ୍ରତି ହଜାରେ ମହିଳାଙ୍କ ମଧ୍ୟରୁ ୨୧୮ଜଣ ରକ୍ତହୀନତା ରୋଗରେ ଆକ୍ରାନ୍ତ। ଏବେ ରାଜ୍ୟରେ ଲକ୍ଷେ ଜୀବିତ ଶିଶୁ ଜନ୍ମ କରୁଥିବା ମା'ମାନଙ୍କ ମଧ୍ୟରୁ ୧୧୯ ଜଣ ମୃତ୍ୟୁବରଣ କରୁଛନ୍ତି ଏବଂ ଜନ୍ମଗ୍ରହଣ କରୁଥିବା ପ୍ରତି ହଜାରେ ଜୀବିତ ଶିଶୁଙ୍କ ମଧ୍ୟରୁ ୩୯ ଜଣ ମୃତ୍ୟୁମୁଖରେ ପଡୁଛନ୍ତି ଜନ୍ମର ପାଞ୍ଚ ବର୍ଷ ମଧ୍ୟରେ। ଏହି ମୃତ୍ୟୁହାରକୁ ସଂକୁଚିତ ନକଲେ କେମିତି ସମ୍ଭବ ହେବ ସମୃଦ୍ଧ ଓଡ଼ିଶା।

ଗୋଟିଏ ଜାତିର ପ୍ରଗତିର ପରିଚାୟକ ହେଉଛି ଶିକ୍ଷା। ସେଥିପାଇଁ କୁହାଯାଏ ଯେଉଁ ରାଜ୍ୟର ଅଧିବାସୀ ଯେତେ ଅଧିକ ଶିକ୍ଷିତ, ସେ ରାଜ୍ୟ ସେତେ ବିକଶିତ। ମାତ୍ର ବିଡ଼ମ୍ବନାର ବିଷୟ ସମୃଦ୍ଧିର ଶିଖର ଆରୋହଣ କରିବାକୁ ଚାହୁଁଥିବା ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ବହୁ ପଛରେ। କୌଣସିମତେ କାମ ଚଳେଇ ନେବାର ପ୍ରବଣତା ଭିତରେ ପଛକୁ ଠେଲି ହୋଇ ଯାଉଛି ତା'ର ମାନବୃଦ୍ଧିର ଲକ୍ଷ୍ୟ। ଆମ ରାଜ୍ୟରେ ନବମ-ଦଶମ ଶ୍ରେଣୀରୁ ପ୍ରତି ରାଜ୍ୟରେ ଶିକ୍ଷାର୍ଥୀଙ୍କ ମଧ୍ୟରୁ ୭୩୭ଜଣ ପାଠପଢ଼ା ଛାଡୁଛନ୍ତି, ଯାହା ଦେଶର ସର୍ବାଧିକ ସଂଖ୍ୟା। ସବୁ ବିଦ୍ୟାଳୟରେ କମ୍ପ୍ୟୁଟର ବ୍ୟବସ୍ଥା କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲେ ବି ଏବେ ସୁଦ୍ଧା ସେଥିରୁ ୩୦ ଭାଗ ବିଦ୍ୟାଳୟ ବଞ୍ଚିତ। ପ୍ରାଥମିକ ବିଦ୍ୟାଳୟଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଜଳଜଳ କରି ଦିଶୁଛି ବ୍ୟବସ୍ଥାର ବିକଳ ଚିତ୍ର। ପୂର୍ବାପେକ୍ଷା ଭିତ୍ତିଭୂମିର ଯଥେଷ୍ଟ ବିକାଶ ଘଟିଛି ସତ, କିନ୍ତୁ ସବୁଠି ଲାଗି ରହିଛି ଶିକ୍ଷକ ମରୁଡ଼ି।

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ ତା'ର ଶ୍ରମ ଶକ୍ତିର ୪୯ ପ୍ରତିଶତ କୃଷି କ୍ଷେତ୍ରରେ ନିୟୋଜିତ। ଅଥଚ ରାଜ୍ୟର ଅର୍ଥନୀତିରେ କୃଷିର ଯୋଗଦାନ ମାତ୍ର ୧୯ ପ୍ରତିଶତ। ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ୍ୟ ୭୦ ପ୍ରତିଶତ ଜମି ଜଳସେଚନରୁ ବଞ୍ଚିତ। ଗୋଟାଏ କୃଷିପ୍ରଧାନ ରାଜ୍ୟରେ କୃଷି ଓ କୃଷକର ଭାଗ୍ୟ ଯଦି ପାଣିପାଗ ଉପରେ ନିର୍ଭର କରେ, ତେବେ କେମିତି ବଦଳିବ ରାଜ୍ୟର ଭାଗ୍ୟ ? ଏକଦା ମଧୁବାବୁ ଉତ୍କଳ ସମ୍ମିଳନୀ ମଣ୍ଡପରୁ କହିଥିଲେ ଓଡ଼ିଆ ଜାତିରେ କୃଷକଙ୍କ ସଂଖ୍ୟା ବେଶି। ସେମାନଙ୍କ ଉନ୍ନତି ନ ହେଲେ କେବେବି ସମ୍ଭବ ହେବନି ଜାତିର ଉନ୍ନତି।

୨୦୧୧ ଜନଗଣନା ତଥ୍ୟ ଅନୁସାରେ ସେତେବେଳେ ଓଡ଼ିଶାର ମୋଟ ଜନସଂଖ୍ୟା ୪କୋଟି ୧୯ଲକ୍ଷ ୪୭ ହଜାର ୩୫୮ ମଧ୍ୟରୁ ନିରକ୍ଷରଙ୍କ ସଂଖ୍ୟା ଥିଲା ୯୭ଲକ୍ଷ ୯୯ହଜାର। ଅର୍ଥାତ ସାକ୍ଷରତା ହାର ଥିଲା ପାଖାପାଖି ୭୬ ପ୍ରତିଶତ। ଇତିମଧ୍ୟରେ ସାକ୍ଷରତା ହାର ଯେ ବଢ଼ିଛି ଏହା ସତ୍ୟ, କିନ୍ତୁ ଧାର୍ଯ୍ୟ ଲକ୍ଷ୍ୟ ଠାରୁ କମ୍। ସ୍ୱତନ୍ତ୍ର ପ୍ରଦେଶ ହେବାର



୯୦ବର୍ଷ ପରେ ବି ୯୦ ପ୍ରତିଶତ ଲୋକଙ୍କୁ ସାକ୍ଷର କରିବାରେ ବିଫଳ ହୋଇଛି ଓଡ଼ିଶା। ନିରକ୍ଷରତା କାରଣରୁ ଓଡ଼ିଶାକୁ ଜାବୁଡ଼ି ଧରିଛି ଦାରିଦ୍ର୍ୟ। ତେଣୁ ସମୃଦ୍ଧ ରାଜ୍ୟ ଗଠନ କରିବାକୁ ହେଲେ ନିରକ୍ଷରତାର ମୂଳୋତ୍ପାଟନ ହେବା ଆବଶ୍ୟକ।

ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାର ସ୍ଥିତି ଅତ୍ୟନ୍ତ ଦୁର୍ବଳ। ବିଶେଷକରି ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ବଡ଼ ସମସ୍ୟା ହେଉଛି ଡାକ୍ତରଙ୍କ ଅନୁପସ୍ଥିତି। ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ମାପକାଠି ଅନୁସାରେ ଏକ ହଜାର ଲୋକଙ୍କ ପାଇଁ ଜଣେ ଡାକ୍ତର ରହିବା ଜରୁରୀ। ମାତ୍ର ଓଡ଼ିଶାରେ ୧୯୪୩ ଜଣ ଲୋକଙ୍କ ପାଇଁ ଅଛନ୍ତି ଜଣେ ଡାକ୍ତର। ରାଜ୍ୟରେ ଏବେ ସୁଦ୍ଧା ଏମିତି କିଛି ଗାଁ ଅଛି, ଯେଉଁଠିକି ଆବଶ୍ୟକ ବେଳେ ପଶିପାରେନି ୧୦୮ ଆମ୍ବୁଲାନ୍ସ। ତେଣୁ ଦୁର୍ଗମ ଅଞ୍ଚଳର ରାସ୍ତା, ସେତୁ, ନଳାପୋଲ, ଆଭ୍ୟନ୍ତରୀଣ ଗ୍ରାମ୍ୟ ରାସ୍ତା ଓ ଆନ୍ତଃ ଗ୍ରାମ ସଡ଼କର ଉନ୍ନତୀକରଣ ତଥା ମୁଖ୍ୟ ରାସ୍ତା ସହିତ ସଂଯୋଗ କରାଯିବା ଆବଶ୍ୟକ।

ଓଡ଼ିଶାରେ ଅଛି ସୁବିସ୍ତୃତ ବେଳାଭୂମି। ନଡ଼ିଆଚାଷ ପାଇଁ ଏହା ଉପଯୁକ୍ତ। ଓଡ଼ିଶାରେ ପ୍ରତି ଗାଁରେ ରହିଛି ଦେବଦେବୀ ମନ୍ଦିର। ମନ୍ଦିରର ପ୍ରଧାନ ଫସଲ ହେଲା ନଡ଼ିଆ। ଓଡ଼ିଶାବାସୀ ସବୁଦିନେ ନଡ଼ିଆ ତେଲ ଲଗେଇ ସ୍ନାନ କରନ୍ତି ସତ, କିନ୍ତୁ ଓଡ଼ିଶାରେ ଉତ୍ପାଦନ ହୁଏନି ନଡ଼ିଆତେଲ। ୪୮୦ କି.ମି. ବେଳାଭୂମି ଥିବା ସତ୍ତ୍ୱେ ଆମେ ଆମର ଆବଶ୍ୟକତା ପାଇଁ ବାହାରୁ ଆମଦାନୀ କରୁଛୁ ବାର୍ଷିକ ୬.୭ଲକ୍ଷ ଟନ୍ ଲୁଣ। ଅଥଚ ଆମ ଲୁଣ ଶ୍ରମିକ ବେକାର। ଓଡ଼ିଶାରେ କପା ଉତ୍ପାଦନର ପରିମାଣ ବାର୍ଷିକ ପାଖାପାଖି ୭ଲକ୍ଷ ଟନ୍। କିନ୍ତୁ ସୂତାକଳ ଅଚଳ। ବାହାରୁ ଆମଦାନୀ କରୁଛୁ ବାର୍ଷିକ ହାରାହାରି ୨୫ କୋଟି ଟଙ୍କାର କପଡ଼ା।

ପର୍ଯ୍ୟାପ୍ତ ଜଳସଂପଦ ସାଙ୍ଗକୁ ରାଜ୍ୟରେ ରହିଛି ବିପୁଳ ଅରଣ୍ୟସମ୍ପଦ। କେବଳ ଖଣିଜ ପଦାର୍ଥକୁ ଉତ୍ତୋଳନ କରି ବିକ୍ରି ବାବଦରେ ରୟାଲଟିରୁ ମିଳୁଥିବା ରାଜସ୍ୱ ବ୍ୟତୀତ ଏସବୁକୁ ଏପର୍ଯ୍ୟନ୍ତ ଆମ ମୁଖ୍ୟ ଆୟର ସ୍ରୋତ ଭାବରେ ଗ୍ରହଣ କରି ପାରିନି ରାଜ୍ୟ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲା ଭଳି ଆମ ରାଜ୍ୟରେ ବିସ୍ତୀର୍ଣ୍ଣ ବେଳାଭୂମି ସହିତ ରହିଛି ବିଶାଳ ଚିଲିକା ହ୍ରଦ, ପୂର୍ବଘାଟ ପର୍ବତମାଳାର ମନୋରମ ମାଳଅଞ୍ଚଳ, ବିଶ୍ୱବିଖ୍ୟାତ ମନ୍ଦିର ଓ ଅନେକ ଐତିହାସିକ ସ୍ଥଳ। ମାତ୍ର ଆଦୌ ସନ୍ତୋଷ ଜନକ ନୁହେଁ ପର୍ଯ୍ୟଟନ ଶିଳ୍ପର ବିକାଶ। ଏଥିରେ ଆୟ ଓ ନିଯୁକ୍ତି ସମ୍ଭାବନା ଥିଲେ ବି ଏ ଦିଗରେ ସରକାର ଉଦାସୀନ।

ଓଡ଼ିଶାକୁ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ଔଦ୍ୟୋଗିକ ବିକାଶର ନକ୍ସା ପ୍ରସ୍ତୁତ କରିବା ଦରକାର। ଏହି ପ୍ରେକ୍ଷାପଟରେ ୨୦୨୫ ବର୍ଷ ଆରମ୍ଭରେ ସରକାରଙ୍କ ଦ୍ୱାରା ଆୟୋଜିତ ହୋଇଥିଲା 'ଉତ୍କର୍ଷ ଓଡ଼ିଆ' ଶୀର୍ଷକ ଏକ ଆଡ଼ମ୍ବରପୂର୍ଣ୍ଣ ଓ ବ୍ୟୟବହୁଳ କାର୍ଯ୍ୟକ୍ରମ। ସରକାରଙ୍କ ଘୋଷଣା ଅନୁସାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ୧୬.୭୩ ଲକ୍ଷ କୋଟି ଟଙ୍କାର ନିବେଶ ପାଇଁ ପ୍ରସ୍ତାବ ଆସିଛି ଏବଂ ଏହାଦ୍ୱାରା ସୃଷ୍ଟି ହୋଇଛି ୧୨.୮୮ଲକ୍ଷ ନିଯୁକ୍ତି ସମ୍ଭାବନା। ସମୟ କହିବ ପୁଞ୍ଜିନିବେଶ, ପ୍ରକଳ୍ପ ପ୍ରତିଷ୍ଠା ଓ ନିଯୁକ୍ତିର ପରିମାଣ। କିନ୍ତୁ ବିକଶିତ ଓଡ଼ିଶା ପାଇଁ କେବଳ ଶିଳ୍ପ କରିଡ଼ର ପ୍ରତିଷ୍ଠା ଯଥେଷ୍ଟ ନୁହେଁ, ଏଥିପାଇଁ ପ୍ରତ୍ୟେକ କ୍ଷେତ୍ରରେ ବିକାଶ ଲୋଡ଼ା।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ନେପାଳ ନେତ୍ରୀ

ହିମାଳୟ ଦେଶ ନେପାଳ ରାଜତନ୍ତ୍ରରୁ ମୁକ୍ତି ପାଇବା ପରେ ୨୦୦୮ରେ ଗଣତନ୍ତ୍ରରେ ପାଦ ଦେଇଥିଲା। ରାଜତନ୍ତ୍ର ଉଚ୍ଛେଦ ପରେ ଆଶା କରାଯାଉଥିଲା ଗଣତାନ୍ତ୍ରିକ ପ୍ରକ୍ରିୟା ମାଧ୍ୟମରେ 'ନ୍ୟାୟ ନେପାଳ' ଗଢ଼ି ଉଠିବ। ହେଲେ ଦୁଇ ଦଶନ୍ଧି ପୂରିବା ପୂର୍ବରୁ ଏହି ଛୋଟିଆ ଦେଶ ଦେଖିଲା ବୃହତ୍ ବିକ୍ଷୋଭ। ଏହାର ନେତୃତ୍ୱ ନେଇଥିବା ବର୍ଗ 'ଜେନ୍ ଜେଡ୍'କୁ ନେଇ ବିଶ୍ୱବ୍ୟାପୀ ଚର୍ଚ୍ଚା ଲାଗିରହିଛି। ୧୯୯୭ରୁ ୨୦୧୨ ମଧ୍ୟରେ ଜନ୍ମଗ୍ରହଣ କରିଥିବା ଏହି ତରୁଣ ପିଢ଼ି ଦେଶର ରାଜନୈତିକ ଅସ୍ଥିରତା, ଅର୍ଥନୈତିକ ମାନ୍ଦାବସ୍ଥା, ଅସମ୍ଭାଳ ରୂପ ଧାରଣ କରିଥିବା ଦୁର୍ନୀତି ଓ ବେକାର ସମସ୍ୟାରେ ଅତିଷ୍ଠ ହୋଇପଡ଼ିବାରୁ ରାସ୍ତାକୁ ଓହ୍ଲାଇଲେ। ସରକାର ନିଜ ଅପରାଗତା ଲୁଚାଇବା ପାଇଁ ଫେସ୍‌ବୁକ୍, ଟୁଇଟର, ହ୍ୱାଟ୍ସଆପ୍, ୟୁଟ୍ୟୁବ୍ ଭଳି ସୋସିଆଲ ମିଡିଆର ୨୬ଟି ସାଇଟ୍‌କୁ ବନ୍ଦ କରିଦେବା ପରେ ଯୁବପିଢ଼ିଙ୍କ କ୍ରୋଧ ପଞ୍ଚମକୁ ଚାଲିଯାଇଥିଲା। ଅତୀତର ଶ୍ରୀଲଙ୍କା ଓ ବାଂଲାଦେଶରେ ସଂଘଟିତ ହିଂସାତ୍ମକ ବିକ୍ଷୋଭର ପ୍ରତିରୂପ ଯେଭଳି ନେପାଳରେ ପ୍ରତିଫଳିତ ହୋଇଛି। ବିକ୍ଷୋଭକାରୀ ପାର୍ଲାମେଣ୍ଟ, ସୁପ୍ରିମକୋର୍ଟ, ରାଜନୈତିକ ବ୍ୟକ୍ତିଙ୍କ ବାସଭବନରେ ନିଆଁ ଲଗାଇ ଦେବାଠାରୁ ଆରମ୍ଭ କରି ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସ୍ତ୍ରୀଙ୍କୁ ଜାଳିଦେବା ଭଳି କ୍ରୋଧ ପ୍ରକଟ କଲେ। ଏହାର ପରିଣତି ୫୦ରୁ ଅଧିକ ଲୋକଙ୍କ ଜୀବନ ନେଇଥିବା ବେଳେ ଅନେକ ଶହ ଆହତ ହୋଇଛନ୍ତି। ଜଳୁଥିବା ନେପାଳକୁ ଦେଖି ପ୍ରଧାନମନ୍ତ୍ରୀ ଥିବା କେ.ପି. ଶର୍ମା ଓଲି ଇସ୍ତଫା ଦେବା ପରେ କେତେକାଂଶରେ ସ୍ଥିତି ସ୍ୱାଭାବିକ ଆଡ଼କୁ ଆସିଛି। ଗଣତନ୍ତ୍ରର ମୁରବୀବିହୀନ ଏହି ଭୂଖଣ୍ଡର ତତ୍କ୍ଷଣାତ୍ ନେତୃତ୍ୱ ନେବା ଲାଗି କିଏ ଯୋଗ୍ୟ ହେବେ ବୋଲି ଖୋଜା ଚାଲୁଥିବା ବେଳେ ସେହି ଦାୟିତ୍ୱ ଏବେ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ସୁଶୀଲା କାର୍କିଙ୍କ ଉପରେ ନ୍ୟସ୍ତ କରାଯାଇଛି। ଫଳରେ ସେ ପ୍ରଥମ ମହିଳା ଭାବେ ନେପାଳର ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ୨୦୨୬ ମାର୍ଚ୍ଚରେ ସେଠାରେ ନିର୍ବାଚନ ହେବା ପରେ ଦେଶର ଗଣତାନ୍ତ୍ରିକ ଗତି କିଭଳି ରୂପ ନେବ ଜଣାପଡ଼ିବ। ତେବେ ଯୁବପିଢ଼ି ଯେଉଁ ମହିଳାଙ୍କ ଉପରେ ପ୍ରଚଣ୍ଡ ଭରସା କରି ତାଙ୍କୁ ଏହି ଦାୟିତ୍ୱ ସଅଁପି ଦେଇଛନ୍ତି, ତାଙ୍କ ବ୍ୟକ୍ତିତ୍ୱ ବିଷୟରେ ଜାଣିବ ଲାଗି ସମସ୍ତଙ୍କ ଆଗ୍ରହ ରହିବା ସ୍ୱାଭାବିକ।

ସୁଶୀଳା ୭ ଜୁନ୍ ୧୯୫୨ରେ ନେପାଳର ସାର୍ଲାହି ଜିଲା ସାଙ୍କାରପୁରଠାରେ ଛେତ୍ରୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ପରିବାରର ୭ ସନ୍ତାନଙ୍କ ମଧ୍ୟରେ ସେ ଜ୍ୟେଷ୍ଠା ଥିଲେ। ସେ

ବ୍ୟକ୍ତିତ୍ୱ



ସୁଶୀଳା କାର୍କି

ତ୍ରିଭୁବନ ବିଶ୍ୱବିଦ୍ୟାଳୟ ଅଧୀନ ମହେନ୍ଦ୍ର ମୋରାଙ୍ଗ କଲେଜରୁ ୧୯୭୨ରେ କଳାରେ ସ୍ନାତକ କରିଥିଲେ। ୧୯୭୫ରେ ଭାରତର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିବା ପରେ ସ୍ୱଦେଶ ଫେରିଥିଲେ। ୧୯୭୮ରେ ତ୍ରିଭୁବନ ବିଶ୍ୱବିଦ୍ୟାଳୟରୁ ସୁଶୀଳା ଆଇନରେ ଡିଗ୍ରୀ ଅର୍ଜନ କରିଥିଲେ। ପଢ଼ା ଶେଷ ପରେ ଧରନ୍‌ସ୍ଥିତ ମହେନ୍ଦ୍ର ମଲ୍ଟିପୁଲ କ୍ୟାମ୍ପସରେ ଜଣେ ସହକାରୀ ଶିକ୍ଷୟିତ୍ରୀ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ତେବେ ୧୯୯୦ରେ ସେ ରାଜନୀତିରେ ସ୍ୱଚ୍ଛତା ଆଣିବା ଲାଗି କରାଯାଇଥିବା 'ପିପୁଲ୍ସ ମୁଭମେଣ୍ଟ'ରେ ନିଜକୁ ସାମିଲ କରିଥିଲେ। ସେତିକିବେଳେ ତାଙ୍କ ନେତୃତ୍ୱ ନେବାର ଆଭାସ ମିଳିଥିଲା। ସେହି ସମୟରେ ସେ ମଧ୍ୟ ବିରାଟନଗର ଜେଲରେ ବନ୍ଦୀ ଜୀବନ କଟାଇଥିଲେ। ଏଭଳି ଅଭିଜ୍ଞତାକୁ ନେଇ ସେ 'କାରା' ନାମରେ ଏକ ଉପନ୍ୟାସ ରଚନା କରିଥିଲେ। ୨୦୦୮ ସେ ଆଇନ ବ୍ୟବସାୟ କରିବାକୁ ଯାଇ ନେପାଳ ବାର୍ ଆସୋସିଏଶନରେ ସିନିୟର ଆଡ୍‌ଭୋକେଟ ହୋଇଥିଲେ। ଆଇନଗତ ବିଦ୍‌ବତ୍ତା ପ୍ରଦର୍ଶନ ପରେ ସେ ୨୦୦୯ ଜାନୁଆରୀରେ ନେପାଳ ସୁପ୍ରିମକୋର୍ଟର ଆଡ୍‌ହକ ଜଷ୍ଟିସ୍ ହେବାର ଗୌରବ ମଧ୍ୟ ଅର୍ଜନ କରିଥିଲେ। ପରେ ସେ ସ୍ଥାୟୀ ବିଚାରପତି ହୋଇଥିଲେ। ଏପ୍ରିଲ ୨୦୧୬ରେ କଲ୍ୟାଣ ଶ୍ରେଷ୍ଠା ପ୍ରଧାନ ବିଚାରପତି ପଦବୀରୁ ଅବସର ଗ୍ରହଣ କରିବା ପରେ ସାମ୍ବିଧାନିକ ପରିଷଦ ସୁଶୀଳାଙ୍କୁ ତାଙ୍କ ସ୍ଥାନରେ ଅବସ୍ଥାପିତ କରିବା ଲାଗି ସୁପାରିସ କରିଥିଲା। ପରବର୍ତ୍ତୀ ସମୟରେ ସେ ସୁପ୍ରିମକୋର୍ଟର ପ୍ରଥମ ମହିଳା ପ୍ରଧାନ ବିଚାରପତି ହୋଇଥିଲେ। ଅବଶ୍ୟ ତାଙ୍କ ନିଯୁକ୍ତିକୁ ନେଇ ସେ ବିରୋଧର ସମ୍ମୁଖୀନ ହୋଇଥିଲେ। ଏଭଳି କି ତାଙ୍କ ବିରୋଧରେ ମହାଭିଯୋଗ ଅଣାଯାଇଥିଲା। ନ୍ୟାୟିକ ଅଡୁଆରେ ଧନ୍ଦି ହୋଇଥିଲେ ହେଁ ୨୦୧୭ ଜୁନ୍ ୬ରେ ସେ ୬୫ ବର୍ଷରେ ପହଞ୍ଚିବା ପରେ ନିଜ ପଦବୀରୁ ଇସ୍ତଫା ଦେଇଥିଲେ।

ଅବସର ଗ୍ରହଣ କରିବା ପରେ ସୁଶୀଳା ନିଜ ବାଲ୍ୟଜୀବନଠାରୁ ଆରମ୍ଭ କରି ବିଚାରପତି କ୍ୟାରିୟର ଯାଏ ଘଟଣାବଳୀକୁ ନେଇ ଆତ୍ମଜୀବନୀ 'ନ୍ୟାୟ' ଲେଖିଛନ୍ତି। ବିଭିନ୍ନ ମାମଲାରେ ସେ ଐତିହାସିକ ନିଷ୍ପତ୍ତି ନେଇ ଜନପ୍ରିୟତା ହାସଲ କରିଥିବାରୁ ସେ ଯୁବପିଢ଼ିଙ୍କ ପାଇଁ ଆଦର୍ଶ ପାଲଟିଛନ୍ତି। ତେବେ କେ.ପି. ଶର୍ମା ଓଲି ପ୍ରଧାନମନ୍ତ୍ରୀ ପଦବୀରୁ ଇସ୍ତଫା ଦେବା ପରେ ବିକ୍ଷୋଭକାରୀମାନେ ଅନ୍‌ଲାଇନ୍ ପ୍ଲାଟଫର୍ମ 'ଡିସ୍‌କର୍ଡ' ମାଧ୍ୟମରେ ଏକ ସର୍ଭେ କରିଥିଲେ, ଯେଉଁଥିରେ ସମ୍ଭାବ୍ୟ ପାଞ୍ଚ ପ୍ରାର୍ଥୀଙ୍କ ମଧ୍ୟରୁ ସୁଶୀଳାଙ୍କୁ ଚୟନ କରାଯାଇଥିଲା।

ସ୍ୱାମୀ ଦୁର୍ଗା ପ୍ରସାଦ ସୁବେଦି ଓ ଝିଅକୁ ନେଇ ସୁଶୀଳାଙ୍କ ସଂସାର। ଏକଦା ନେପାଳୀ କଂଗ୍ରେସର ଯୁବ ଶାଖାର ନେତା ଭାବେ ଦୁର୍ଗା ଦେଶରେ ପରିଚିତ ଥିଲେ। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ପଢ଼ିବା ବେଳେ ଦୁର୍ଗାଙ୍କ ସହ ସୁଶୀଳାଙ୍କ ସାକ୍ଷାତ୍ ହୋଇଥିଲା।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପଶ୍ଚିମବଙ୍ଗ ମୁର୍ସିଦାବାଦରେ ମୁକ୍ତାକାଶ ସ୍କୁଲ ଆରମ୍ଭ କରିଛନ୍ତି ପ୍ରଫେସର ଅଂଶୁମାନ ଠାକୁର। ବିଶେଷକରି ଆଦିବାସୀ ପିଲାଙ୍କ ପାଇଁ ସେ ଏହି ସ୍କୁଲ ଖୋଲିଛନ୍ତି ଏବଂ ଏହାର ନାମ ହେଉଛି 'ଅନିର୍ବାଣ ଗଛେର ଇସ୍କୁଲ'। ଅଧାରୁ ପାଠପଢ଼ା ଛାଡ଼ିଦେଇଥିବା ପିଲାଙ୍କୁ ପଢ଼ାଇ ପୁନର୍ବାର ଶିକ୍ଷାର ମୁଖ୍ୟସ୍ରୋତକୁ ସେମାନଙ୍କୁ ଫେରାଇ ଆଣୁଛନ୍ତି। ଅଂଶୁମାନ ମୁର୍ସିଦାବାଦସ୍ଥିତ ପ୍ରଫେସର ସୟଦ ନୁରୁଲ ହାସନ କଲେଜରେ ବେଙ୍ଗଲୀ ସାହିତ୍ୟର ପ୍ରାଧ୍ୟାପକ ଭାବେ କାମ କରୁଛନ୍ତି। ରବୀନ୍ଦ୍ରନାଥ ଠାକୁରଙ୍କ ବିଚାରଧାରାରେ ଅନୁପ୍ରାଣିତ ହୋଇ ସେ ଏଭଳି ଶିକ୍ଷାଦାନ ପଦ୍ଧତିକୁ ଆପଣାଇଛନ୍ତି ଏବଂ ନିମ୍ବ ଓ ଆମ୍ବ ଗଛ ତଳେ ଛାତ୍ରୀଛାତ୍ରଙ୍କୁ ପଢ଼ାଉଛନ୍ତି। ସେ ପିଲାମାନଙ୍କୁ ଶିକ୍ଷା ମାଧ୍ୟମରେ ପରିବେଶ ସହ ଯୋଡ଼ିବାରେ ମଧ୍ୟ ସକ୍ଷମ ହେଉଛନ୍ତି। ଅଂଶୁମାନ ପ୍ରଥମେ ୫ ଜଣଙ୍କୁ ନେଇ୨୦୨୧ରେ ଏହି ସ୍କୁଲ ଆରମ୍ଭ କରିଥିଲେ। ଏବେ ସେଠାରେ ୧୦୫ ଜଣ ପିଲା ପଢୁଛନ୍ତି। ଏହାକୁ ନିଜସ୍ୱ ରୋଜଗାରରେ ଚଳାଉଛନ୍ତି। ଏହି ସ୍କୁଲ ପାଇଁ ପ୍ରତିମାସରେ ମାତ୍ର ୩୦୦ଟଙ୍କା ହିସାବରେ ବର୍ଷକୁ ୩,୬୦୦ ଟଙ୍କା ଖର୍ଚ୍ଚ ହେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୪ ସେପ୍ଟେମ୍ବର ୧୯୭୬**

- ଆମେରିକାନ ଏୟାର ଲାଇନ୍‌ସର ବିମାନକୁ ଅପହରଣ କରି ପ୍ୟାରିସ ନେଇଯାଇଥିବା ଅପହରଣକାରୀମାନେ ପଣବନ୍ଦୀମାନଙ୍କୁ ମୁକ୍ତ କରିଦେବା ଫ୍ରାନ୍ସ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି।
- ଜାପାନରେ ସାମ୍ପ୍ରତିକ ବାତ୍ୟା ଓ ବର୍ଷା ଫଳରେ ୧୨୦ଜଣ ବ୍ୟକ୍ତିଙ୍କ ପ୍ରାଣହାନି।

## ସୁଡୋକୁ

su|do|ku Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 1 | | | | 3 | | 7 | |
| 5 | | | | | | | | 1 |
| | | | | 9 | | 8 | | |
| | | 9 | | | | | 4 | |
| | | | | | | 6 | | |
| 3 | 6 | | 4 | | | | | 2 |
| | 8 | 4 | 7 | | | | | |
| 7 | | 6 | | 1 | | | | 5 |
| | | | | | 9 | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 7 | 2 | 5 | 8 | 9 | 1 | 6 |
| 2 | 1 | 8 | 9 | 6 | 4 | 5 | 7 | 3 |
| 9 | 5 | 6 | 7 | 1 | 3 | 8 | 4 | 2 |
| 1 | 6 | 5 | 8 | 7 | 2 | 4 | 3 | 9 |
| 8 | 3 | 9 | 5 | 4 | 6 | 7 | 2 | 1 |
| 4 | 7 | 2 | 3 | 9 | 1 | 6 | 5 | 8 |
| 5 | 9 | 3 | 6 | 2 | 7 | 1 | 8 | 4 |
| 7 | 2 | 1 | 4 | 8 | 9 | 3 | 6 | 5 |
| 6 | 8 | 4 | 1 | 3 | 5 | 2 | 9 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଚିକିତ୍ସା ବିଜ୍ଞାନ ପାଇଁ ଉପହାର

ମହାଶୟ,

ଅନ୍ତର୍ଜାତୀୟ କ୍ୟାନସର ଗବେଷଣା ସଂସ୍ଥା ୨୦୨୨ ମସିହାରେ ଦେଇଥିବା ତଥ୍ୟ ଅନୁଯାୟୀ ବିଶ୍ୱର ପ୍ରାୟ ୯.୭ ମିଲିୟନ ଲୋକ କ୍ୟାନସରରେ ମୃତ୍ୟୁବରଣ କରିଛନ୍ତି। ତେଣୁ ଏହିପରି ଏକ ଜଟିଳ ରୋଗ ବିରୋଧରେ ରୁଷିଆ ଏକ ଟିକା ପ୍ରସ୍ତୁତ କରିଛି। ଏହି ଟିକାର ନାମ 'ଏଣ୍ଟେରୋମିକ୍ସ'। ଏହାକୁ ରୁଷିଆର ସଂଘୀୟ ଜୀବବିଜ୍ଞାନ ଚିକିତ୍ସା ସଂସ୍ଥାର ତତ୍ତ୍ୱାବଧାନରେ ପ୍ରସ୍ତୁତ କରାଯାଇଛି। ଏହି ଟିକାକୁ ଦୁଇଟି ବୈଜ୍ଞାନିକ ଉପାୟରେ ବିଭକ୍ତ କରାଯାଇଛି ଯଥା କ୍ୟାନସର କୋଷକୁ ନଷ୍ଟ କରୁଥିବା ଭୂତାଣୁ ଟିକା ଏବଂ ଅନ୍ୟଟି ହେଲା ଏମ୍ଆର୍ଏନ୍ଏ ଟିକା। ଉଭୟ ଉପାୟକୁ ବୈଜ୍ଞାନିକମାନେ ପ୍ରାଥମିକ ସ୍ତରରେ ବ୍ୟବହାର କରି ସଫଳତା ପାଇଛନ୍ତି। ବୈଜ୍ଞାନିକଙ୍କ ଅନୁଯାୟୀ ଏହି ଟିକା ନେବା ପରେ ଟ୍ୟୁମରର ବୃଦ୍ଧି କ୍ଷମତା କମିଯିବା ସହ ଏହାର ଆକାର ୭୦ ରୁ ୮୦ ପ୍ରତିଶତ ହ୍ରାସ ପାଉଛି। ରୁଷିଆ ସରକାର ଦାବି କରିଛନ୍ତି ଯେ ଏହି ଟିକା ଶରୀର ପାଇଁ ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ ଶହେ ପ୍ରତିଶତ ପ୍ରଭାବଶାଳୀ। ପ୍ରାଥମିକ ସ୍ତରୀୟ ପରୀକ୍ଷା ସଫଳ ହେବା ପରେ ଏହାକୁ ରୁଷିଆର ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଅନୁମତି ମିଳିଲେ ଟିକା ବଜାରରେ ଉପଲବ୍ଧ ହେବ। ଆଗାମୀ ଭବିଷ୍ୟତରେ ଯଦି ଏହି ଟିକା ସଫଳତାର ସହ ସମସ୍ତ କ୍ୟାନସର ବିରୋଧରେ କାର୍ଯ୍ୟକରେ ତେବେ ଚିକିତ୍ସା ବିଜ୍ଞାନ ପାଇଁ ଏହା ଏକ ସଞ୍ଜୀବନୀ ଭାବେ ନିଶ୍ଚୟ ଉଭାହେବ।

**– ଅଧ୍ୟାପକ ରାଜେଶ ରାୟ, ଉଦ୍ଭିଦ ବିଜ୍ଞାନ ବିଭାଗ, ବିଦ୍ୱାନ ମହାବିଦ୍ୟାଳୟ, ଜୟପୁର**

## ଚିରନ୍ତନୀ

ବୁଡ଼ିଯାଏ ନିରିମମ ରବି
ଦିବସ ଅନ୍ତର କିବା କ୍ଷଣେ ଗଲା ଦ୍ରବି !
ଦୁହେଁ ଦୁଇ ମୁଖେ ଚାହିଁ ସ୍ଥିର ଅବିରତ
ଆସିବ ବିୟୋଗ, ନିଶା ଧୀରେ ଉପଗତ,
ଏପାରେ ରହିବ ଏକ, ଆନ ଆରପାରେ
ଚଳିବ ବିରହବ୍ୟଥା ଭାରେ !

-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମା' ଲଙ୍କେଶ୍ୱରୀଙ୍କ ବିଜୟ ଓ ହର୍ଷୋଲ୍ଲାସର ପର୍ବ 'ଖଣ୍ଡାବସା'





## ଜେନାବଳିଗଡ଼ରୁ ଜୁନାଗଡ଼

କଳାହାଣ୍ଡି ଜିଲାର ୧୮ ଗଡ଼ ମଧ୍ୟରେ ଶ୍ରେଷ୍ଠତ୍ୱ ହାସଲ କରିଥିବା ଜୁନାଗଡ଼ ସମଗ୍ର ଦକ୍ଷିଣ କୋଶଳରେ ଜେନାବଳିଗଡ଼ ନାମରେ ପରିଚିତ ଥିଲା। ଏହି ଗଡ଼ର ରକ୍ଷାକାରିଣୀ ଭାବେ ଅନାଦିକାଳରୁ ଜଗଜ୍ଜନନୀ ମା' ଲଙ୍କେଶରୀ ଇଷ୍ଟଦେବୀ ଭାବରେ ପୂଜା ପାଇଆସୁଛନ୍ତି। ବିଭିନ୍ନ କିମ୍ବଦନ୍ତୀର ଭିତ୍ତିଭୂମିରୁ ଜଣାପଡ଼ିଛି, ଏଠାକାର ରାଜା ଦକ୍ଷିଣରେ ଲଙ୍କାଗଡ଼ ବିଜୟକରି ଲଙ୍କାର ଦେବୀ ଲଙ୍କେଶ୍ୱରୀଙ୍କୁ ଆଣି ଜୁନାଗଡ଼ଠାରେ ସ୍ଥାପନ କରାଇଥିଲେ। ସେହିଦିନଠୁ ମା' ଲଙ୍କେଶ୍ୱରୀ ଏଠାରେ ପୂଜା ପାଇଆସୁଛନ୍ତି। ବିଜୟର ସ୍ମାରକୀ ସ୍ୱରୂପ ଦେବୀଙ୍କ ଦୁଇପାର୍ଶ୍ୱରେ ଥିବା ଦୁଇଟି ଖଣ୍ଡା ଏହାର ଦ୍ୟୋତକ। ମା' ହେଉଛନ୍ତି ପାପର ସଂହାରକାରିଣୀ ଓ ଧର୍ମର ସଂସ୍ଥାପନାକରିଣୀ। ମା' ଲଙ୍କେଶ୍ୱରୀଙ୍କ ବାରମାସରେ ତେରପର୍ବ ପାଳିତ ହୁଏ। ସେଥିମଧ୍ୟରୁ ଦେବୀଙ୍କ ବିଜୟ ଓ ହର୍ଷୋଲ୍ଲାସର ପର୍ବ 'ଖଣ୍ଡାବସା' ପର୍ବ ପ୍ରସିଦ୍ଧି ଲାଭ କରିଛି। ଆଶ୍ୱିନ ମାସ ମୂଳାଷ୍ଟମୀ ଦିନ ଜେନାବଳିପାଟଣାର ନାଗବଂଶୀୟ ରାଜାଙ୍କ ଦ୍ୱାରା ଏହି ପର୍ବ ପାଳନ ହୁଏ। କେଉଁ ଆବହମାନ କାଳରୁ ଆମ ଦେଶରେ ଶକ୍ତି ଉପାସନାର ପରମ୍ପରା ପ୍ରଚଳିତ ହୋଇ ଆସୁଛି। ସେଥିପାଇଁ ଶାସ୍ତ୍ର ଓ ପୁରାଣରେ ଅନେକ ବିଧିବିଧାନ ମଧ୍ୟ ରହିଛି। ଦେବୀଙ୍କ ପୂଜା ପୂର୍ବରୁ ତାଙ୍କ ଅସ୍ତ୍ରଶସ୍ତ୍ର ପୂଜା କରିବାର ଶାସ୍ତ୍ରୀୟ ନିୟମ ରହିଛି। ଦେବୀଙ୍କ ଖଡ୍‌ଗ ବା ଖଣ୍ଡା ହେଉଛି ଶକ୍ତି ଓ ଶୌର୍ଯ୍ୟର ପ୍ରତୀକ। ସେଥିପାଇଁ ରାଜାମାନେ ଦେବୀ ଉପାସନା କରିବା ସହ ଖଣ୍ଡାକୁ ପୂଜା କରିଆସୁଛନ୍ତି। ଏହି ପର୍ବ ପୂର୍ବରୁ ଖଣ୍ଡାକୁ ମାର୍ଜନା କରାଯାଇ ଅକ୍ଷତ (ଅରୁଆ ଚାଉଳ) ଉପରେ ଥୋଇ ପୂଜାର୍ଚ୍ଚନା କରାଯାଏ। ପରେ ଏହାକୁ ମା'ଙ୍କ ସିଂହାସନ ପାଖରେ ରଖାଯାଇଥାଏ।

ପୌରାଣିକ ମତବାଦରୁ ଜଣାପଡ଼େ, ଏହି ଜୁନାଗଡ଼ ଥିଲା ଗୋସିଂହ ଦୈତ୍ୟର ରାଜଧାନୀ, ଯାହାର ସ୍ପଷ୍ଟ ଚିତ୍ର ପାଇଁ ଅସୁରଗଡ଼ ଏବେ ମଧ୍ୟ ମୂକସାକ୍ଷୀ ହୋଇ ରହିଛି। ପରେ ଏହି ରାଜ୍ୟରେ ଦୁର୍ଭିକ୍ଷ ପଡ଼ିବାରୁ ଇନ୍ଦ୍ରଙ୍କୁ ଆରାଧନା ସହ ଇନ୍ଦ୍ରଖୁଣ୍ଟି ପୋତା ହୋଇଥିଲା। ଖଣ୍ଡାବସା ପର୍ବ ଶୁଭାରମ୍ଭ ହେଲେ ସେହି ଇନ୍ଦ୍ରଖୁଣ୍ଟି ଭିତରେ ଗୋଟିଏ ଖୁଣ୍ଟି ପୋତାଯାଇ ତା'ଉପରେ ତିନିଟି ଟୋକେଇ ରଖାଯାଏ। କଳାହାଣ୍ଡି ମହାରାଜା ହେଉଛନ୍ତି ଏହି ପର୍ବର ମୁଖ୍ୟ ପୁରୋଧା। ପର୍ବଦିନ ସେ ଭବାନୀପାଟଣା ରାଜବାଟୀରୁ ଜୁନାଗଡ଼ ଆସି ଡାକବଙ୍ଗଳାରେ ସପରିବାର ଉପସ୍ଥିତ ରହନ୍ତି। ତାଙ୍କୁ ସ୍ୱାଗତ ଜଣାଇବା ପାଇଁ ବାଜିଉଠେ ବୀରବାଦ୍ୟ ଘୁମୁରା। ଲୋକେ ତାଙ୍କୁ ବାଜା ରୋଶଣିରେ ଡାକବଙ୍ଗଳାକୁ ପାଛୋଟି ଆଣନ୍ତି। ସେହି ପରମ୍ପରା ଅନୁସାରେ ଉତ୍ସବ ଦିନ ରାଜ ପରିବାର ଡାକବଙ୍ଗଳାରେ ରହିଥାନ୍ତି। ଲଙ୍କେଶ୍ୱରୀ ମନ୍ଦିର ନିକଟ ବୁଢ଼ାରଜା ମନ୍ଦିରରୁ ଶଙ୍ଖୁଆରୀ ଖଣ୍ଡା ଓ ଲଙ୍କେଶ୍ୱରୀ ମନ୍ଦିରରୁ ପାଟଖଣ୍ଡାକୁ ପୂଜକ ଡାକବଙ୍ଗଳା ପରିସରରେ ନିର୍ମିତ ଅସ୍ଥାୟୀ କୁଡ଼ିଆକୁ ଆଣିଥାନ୍ତି। ପରେ ସ୍ୱର୍ଣ୍ଣକାର ଦୁଇଟି ଖଣ୍ଡାକୁ ମାର୍ଜନା କରିଥାନ୍ତି। ମାର୍ଜନା ପରେ ବିବିଧ ବାଦ୍ୟ ସହ ଏକ ଶୋଭାଯାତ୍ରାରେ ପୂଜାରୀ ଖଣ୍ଡାକୁ ମନ୍ଦିରରେ ପ୍ରବେଶ କରାଇବା ପରେ ରାଜା ମନ୍ଦିରକୁ ଆସନ୍ତି। ସେଠାରେ ଦେବୀଙ୍କର ଖଣ୍ଡାବସା ପୂଜା ନିମିତ୍ତ ଷୋଡ଼ଶ କଳସ ସ୍ଥାପନ ପୂର୍ବକ ପଣ୍ଡିତମାନଙ୍କୁ ଯଥାଯୋଗ୍ୟ ବରଣକରି ପାଟଖଣ୍ଡାକୁ ଦେବୀଙ୍କ ପାର୍ଶ୍ୱରେ ଥିବା ଚାଉଳ ଉପରେ ଉପବେଶନ କରାନ୍ତି। ପରେ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଆରମ୍ଭ ହୁଏ। ବାମ ଓ ଦକ୍ଷିଣ ପାର୍ଶ୍ୱରେ ସ୍ଥାପନ ପୂର୍ବକ ଶକ୍ତିପୂଜା ଓ ତନ୍ତ୍ରପୂଜା ମାଧ୍ୟମରେ ପୂଜାପାଠ ହୋଇଥାଏ। ପରେ ଅଖଣ୍ଡ ଓ ମହାଯୋଗ ନାମକ ଦୁଇଟି ଦୀପକୁ ପ୍ରଜ୍ୱଳନ କରାଯାଏ। ଲୋହିତ ପାଟବସ୍ତ୍ର ସୁଶୋଭିତା, ମନ୍ଦାରମାଳା ବିମଣ୍ଡିତା ଦେବୀଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରନ୍ତି। ଧୂପଦୀପ, ନୈବେଦ୍ୟ ଅର୍ପଣ ପରେ ଲଙ୍କେଶ୍ୱରୀଙ୍କ ପୂଜକ ପାଟଗଡ଼ରା ନାମକ ପଶୁ (ମେଷ) ଓ ମହାପଶୁ (ପୋଢ଼) ମା'ଙ୍କ ଉଦ୍ଦେଶ୍ୟରେ ବଳି ଦିଅନ୍ତି। ଏହାପରେ ଜନସାଧାରଣ ଆଳିତ ଦର୍ଶନକରନ୍ତି, ପୂଜା ସମାପନ ହୁଏ। ଖଣ୍ଡାବସା ସାରି ମହାରାଜା ଲଙ୍କେଶ୍ୱରୀଙ୍କ ପାର୍ଶ୍ୱଦେବତା ଶ୍ରୀ ଶ୍ରୀ ବୁଢ଼ାରଜା ଲିଙ୍ଗକୁ ପୂଜାର୍ଚ୍ଚନା ପାଇଁ ବୁଢ଼ାରଜାଙ୍କ ମନ୍ଦିରକୁ ବିଜେକରନ୍ତି। ବୁଢ଼ାରଜାଙ୍କ ପୂଜା ମୂଳାଷ୍ଟମୀରୁ ମହାଷ୍ଟମୀ ପର୍ଯ୍ୟନ୍ତ ହୁଏ। ଏଥିପାଇଁ ପୂଜକ, ପୂଜାରୀ, ସୁଆର, ବୋଉଦ, ଫୁଲବାଲା, ବାଜାବାଲା, ପଞ୍ଝୁଆ, ଶଙ୍ଖୁଆ ବଂଶାନୁକ୍ରମେ ଦେବୀଙ୍କ ସେବା କରିଆସୁଛନ୍ତି।

ଖଣ୍ଡାବସା ରାତିରେ ହସିଉଠେ ଜୁନାଗଡ଼ ସହର। ଜିଲାର ବିଭିନ୍ନ ଅଞ୍ଚଳ ସମେତ ଜିଲା ବାହାରୁ ଏପରି କି ରାଜ୍ୟ ବାହାରୁ ବହୁ ଦର୍ଶକ, ଶ୍ରଦ୍ଧାଳୁ ଏହି ପର୍ବ ଦେଖିବାକୁ ଆସିଥାନ୍ତି। ଅତୀତରେ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଲୋକଙ୍କର ଏହା ପ୍ରିୟ ଉତ୍ସବ ଥିଲା। ପାର୍ବଣ ସମୟରେ ସେଠାରୁ ଅନେକ ବ୍ୟବସାୟୀ ଏଠାକୁ ଆସନ୍ତି। ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ନୃତ୍ୟଗୀତ, ଘୁମୁରା, ଘୋଡ଼ାନାଚ, ଫୁଟ୍‌ବଲ ଆଦି ପ୍ରତିଯୋଗିତା ସହ ଜୀବନ୍ତ ନାଟକ ପରିବେଷଣ ହୋଇଥାଏ। ରବିବାର ମା'ଙ୍କ ଖଣ୍ଡାବସା ପର୍ବ ପାଳନ ହେବାକୁ ଯାଉଥିବାବେଳେ ଏଥିପାଇଁ ଜୁନାଗଡ଼ ସହର ଚଳଚଞ୍ଚଳ ହୋଇଉଠିଛି।

**ରିପୋର୍ଟ: ଉତ୍ତମ କୁମାର ଦାଶ, ଭବାନୀପାଟଣା।**










## ଜୁନାଗଡ଼ର ଇତିହାସକୁ ମନେ ପକାଇଦିଏ



"ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ପର୍ବ କେଉଁ ଆବହମାନ କାଳରୁ ହୋଇଆସୁଛି। ମା'ଙ୍କ ଏହି ପର୍ବ ପାଇଁ ସପ୍ତାହ ପୂର୍ବରୁ ପ୍ରସ୍ତୁତ ହେବାକୁ ପଡ଼ିଥାଏ। ଆମ ସାତପୁରୁଷ ଏହି ମନ୍ଦିରରେ ପୂଜକ ଭାବେ କାର୍ଯ୍ୟ ତୁଲାଇଆସୁଛୁ। ମନ୍ଦିରର ସମସ୍ତ ରୀତିନୀତି ପ୍ରସ୍ତୁତି ଆମ ଦ୍ୱାରା ହୋଇଥାଏ।

ଅନୀଲ କୁମାର ପଣ୍ଡା, ପୂଜକ, ମା' ଲଙ୍କେଶ୍ୱରୀ ମନ୍ଦିର, ଜୁନାଗଡ଼



"ମା'ଙ୍କ ଖଣ୍ଡାବସା ପର୍ବ ରାଜାରାଜୁଡ଼ା ଅମଳରୁ ଅନୁଷ୍ଠିତ ହୋଇଆସୁଛି। ଏହି ପର୍ବ ଜୁନାଗଡ଼ ଇତିହାସର କିମ୍ବଦନ୍ତୀ କହିଲେ ଅତ୍ୟୁକ୍ତି ହେବନାହିଁ। ଖଣ୍ଡାବସା ପର୍ବ ଦିନ ଜୁନାଗଡ଼ ସହର ଚଳଚଞ୍ଚଳ ହୋଇଉଠିଥାଏ। ଚାରିଆଡ଼େ ଆଧାତ୍ମିକ ପରିବେଶ। ଏହି ପର୍ବ ପାଇଁ ଦୂରଦୂରାନ୍ତରେ ଥିବା ବନ୍ଧୁ, କୁଣିଆ ମଧ ଘରକୁ ଆସିଥାନ୍ତି।

ଈଶ୍ୱର ପୂଜାରୀ, ବରିଷ୍ଠ ନାଗରିକ, ଜୁନାଗଡ଼



"ମା'ଙ୍କ ଖଣ୍ଡାବସା ପର୍ବ ଜୁନାଗଡ଼ର ପୁରୁଣା ଇତିହାସକୁ ମନାପକାଇଦିଏ। ନାଗବଂଶୀୟ ରାଜାଙ୍କଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ପର୍ବ ପ୍ରତିବର୍ଷ ପାଳନ ହୋଇଆସୁଛି। ଚଳିତବର୍ଷ ମଧ ଏହି ପର୍ବ ଧୁମଧାମରେ ପାଳନ ହେବ।

ଅଦ୍ୱୈତ କୁମାର ମେହେର, ସ୍ଥାନୀୟ ଯୁବକ



"ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ଉତ୍ସବ ପ୍ରତିବର୍ଷ ଧୁମଧାମରେ ପାଳିତ ହୋଇଆସୁଛି। ବର୍ଷକରେ ଥରେ ଏହି ପର୍ବ ପଡୁଥିବାରୁ ଜୁନାଗଡ଼ବାସୀ ଚାହିଁ ରହିଥାନ୍ତି। ଚାରିଆଡ଼େ ଭକ୍ତିମୟ ପରିବେଶ ସୃଷ୍ଟି କରିଥାଏ। ଏହିଦିନ ମା'ଙ୍କ ସିଧାସଳଖ ଦର୍ଶନ ମିଳିଥାଏ। ସେଥିପାଇଁ ଆମେ ବେଶ୍ ଉତ୍ସାହିତ ଅଛୁ।

ଅନସୂୟା ପଣ୍ଡା, ଗୃହିଣୀ, ଜୁନାଗଡ଼






# ମା'ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ପର୍ବ ଆଜି

କଳାହାଣ୍ଡି ଜିଲା ଜୁନାଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ଲଙ୍କେଶରୀଙ୍କ ଖଣ୍ଡାବସା ପର୍ବ ରବିବାର ଅନୁଷ୍ଠିତ ହେବ। ଏଥିପାଇଁ ଶନିବାର ଦେବୀପୀଠ ଉତ୍ସବମୁଖର ହୋଇଉଠିଛି। ମା'ଙ୍କ ଦର୍ଶନ ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। କେତେଜଣ ଭକ୍ତ ମାନସିକ ପୂରଣ ପାଇଁ ମା'ଙ୍କ ନିକଟରେ ଭୋଗଲଗାଇଥିଲେ। ରବିବାର ଅପରାହ୍ନ ୫.୩୦ରୁ ୬ଟା ମଧ୍ୟରେ ମା'ଙ୍କ ଖଣ୍ଡା ଡାକବଙ୍ଗଳା ଅଭିମୁଖେ ଶୋଭାଯାତ୍ରାରେ ବାହାରିବ ଓ ରାତି ୯ଟା ୧୫ରେ ମା'ଙ୍କ ଖଣ୍ଡାବସା ପର୍ବ ହେବ ବୋଲି ପୂଜକ ଅନୀଲ ପଣ୍ଡା ପ୍ରକାଶ କରିଛନ୍ତି।

## ଆଲୋକମାଳାରେ ଝଲସୁଛି ମା'ଙ୍କ ମନ୍ଦିର

ଶନିବାର ରାତିରେ ଆଲୋକମାଳାରେ ଝଲସିଉଠୁଛି ଇଷ୍ଟଦେବୀଙ୍କ ମନ୍ଦିର ସମେତ ମୁଖ୍ୟଦ୍ୱାର ଓ ଆଖପାଖ ଅଞ୍ଚଳ। ଏହି ପର୍ବ ଯେମିତି ଶାନ୍ତିଶୃଙ୍ଖଳା ସହ ଅନୁଷ୍ଠିତ ହେବ ସେ ନେଇ ଜୁନାଗଡ଼ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଏଥିରେ ୧ ପ୍ଲାଟୁନ ପୋଲିସ ମୁତୟନ ସହ ଧର୍ମଗଡ଼ ଉପଖଣ୍ଡ ଅଧୀନ ସମସ୍ତ ଥାନାର ଏସ୍ଆଇ ଓ ଏଏସ୍ଆଇ ଯୋଗଦେଇ ଶାନ୍ତିଶୃଙ୍ଖଳା ନିୟନ୍ତ୍ରଣ କରିବେ। ସେହିପରି ଜୁନାଗଡ଼ ଆଇଆଇସି ଶେଷଦେବ ବେହେରା, ଧର୍ମଗଡ଼ ଏସ୍‌ଡିପିଓ ଡୋଲାମଣି ଭୋଇ ପ୍ରମୁଖ ଉପସ୍ଥିତ ରହି ଆଇନଶୃଙ୍ଖଳାର ତଦାରଖ କରିବେ। ପ୍ରଶାସନିକ ସ୍ତରରେ ଜୁନାଗଡ଼ ଭାରପ୍ରାପ୍ତ ତହସିଲଦାର ବିରୂପାକ୍ଷ ନନ୍ଦ, ବିଡିଓ ଦେବାଶିଷ କର, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ ଖିଲୋ ପ୍ରମୁଖ ଦାୟିତ୍ୱ ତୁଲାଇବେ।

**ଉତ୍ତମ କୁମାର ଦାଶ, ଭବାନୀପାଟଣା/**
**ସୁନୀଲ କୁମାର ସିଂହ, ଜୁନାଗଡ଼**


ଆଲୋକମାଳାରେ ଝଲସୁଛି ମା'ଙ୍କ ମନ୍ଦିର।









































































## ସଂକ୍ଷେପରେ

### ବ୍ରିଟେନ୍‌ରେ ଶିଖ୍ ମହିଳାଙ୍କୁ ଗଣବଳାତ୍କାର

ଲଣ୍ଡନ, ୧୩।୯

ବ୍ରିଟେନ୍‌ର ଓଲ୍ଡବୁରି ସହରରେ ଜଣେ ୨୦ ବର୍ଷୀୟା ଶିଖ୍ ମହିଳାଙ୍କୁ ୨ ଜଣ ଲୋକ ବଳାତ୍କାର କରିବା ସହ ତାଙ୍କ ଜାତୀୟତାକୁ ନେଇ ଗାଳିଗୁଲଜ କରିଛନ୍ତି। ମହିଳାଙ୍କୁ ତାଙ୍କ ଦେଶକୁ ଫେରିଯିବା ପାଇଁ ସେମାନେ କହିଥିଲେ। ଏହା ଏକ ବର୍ଣ୍ଣବୈଷମ୍ୟ ଆକ୍ରମଣ ବୋଲି କୁହାଯାଉଛି। ଏହି ଘଟଣା ସେଠାରେ ରହୁଥିବା ଶିଖ୍‌ମାନଙ୍କୁ କ୍ଷୁବ୍ଧ କରିଛି। ସେମାନେ ଏହାକୁ ଏକ ଟାର୍ଗେଟ ଆକ୍ରମଣ ବୋଲି କହିଛନ୍ତି। ମଙ୍ଗଳବାର ସକାଳେ ଓଲ୍ଡବୁରିର ଟେମ୍ ରୋଡ୍ ନିକଟରେ ମହିଳା ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ପୋଲିସ ମାମଲା ରୁଜୁ କରିବା ସହ ଆକ୍ରମଣକାରୀଙ୍କୁ ଧରିବା ପାଇଁ ମହିଳାଙ୍କ ସହଯୋଗ ଲୋଡ଼ିଛି। ସିସିଟିଭି ଫୁଟେଜ୍‌କୁ ଅନୁଧ୍ୟାନ କରାଯିବା ସହ ଫୋରେନ୍‌ସିକ୍ ଅନୁଧ୍ୟାନ ଜାରି ରହିଛି। ପୋଲିସ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ ବଢ଼ାଇବାକୁ ପ୍ରତିଶ୍ରୁତି ଦେଇଛି।

### ରୁଷିଆର ନାଗରିକତ୍ୱ ଚାହାନ୍ତି ଫ୍ରାନ୍ସର ପୂର୍ବ ରାଷ୍ଟ୍ରପତିଙ୍କ ନାତି


ପିଏରେ ଡି ଗୌଲେ

ମସ୍କୋ, ୧୩।୯

ଫ୍ରେଞ୍ଚ୍ ଫିଫ୍‌ଥ ରିପବ୍ଲିକ୍‌ର ପ୍ରତିଷ୍ଠାତା ତଥା ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ଡି ଗୌଲେଙ୍କ ନାତି ପିଏରେ ଡି ଗୌଲେ ତାଙ୍କ ପିଲାମାନଙ୍କ ପାଇଁ ରୁଷିଆର ନାଗରିକତ୍ୱ ଚାହାନ୍ତି ବୋଲି ସେଠାର ନ୍ୟୁଜ୍ ଏଜେନ୍ସି ଟାସ୍‌କୁ ସାକ୍ଷାତ୍କାରରେ କହିଛନ୍ତି। ତେବେ ନାଗରିକତ୍ୱ ନିଷ୍ପତ୍ତି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଉପରେ ନିର୍ଭର କରୁଥିବା ସେ କହିଛନ୍ତି। ଆମ ପିଲାଙ୍କୁ ପାଠ ପଢ଼ାଇବା ଓ ସେମାନଙ୍କ ଉପଯୁକ୍ତ ପାଳନପୋଷଣ ପାଇଁ ନାଗରିକତ୍ୱ ଗ୍ରହଣ କରିବା ଜରୁରୀ ହୋଇପଡ଼ିଛି। ଆମେ ସେମାନଙ୍କୁ ନୈତିକ ପତନ ଓ ପାଶ୍ଚାତ୍ୟ ମୂଲ୍ୟବୋଧରୁ ଦୂରେଇ ରଖିବାକୁ ଚାହୁଁଛୁ। ରୁଷିଆର ନାଗରିକତ୍ୱ ହାସଲ କରିବା ତାଙ୍କ ପାଇଁ ଗର୍ବର ବିଷୟ ହେବ ବୋଲି ପିଏରେ ଡି ଗୌଲେ କହିଛନ୍ତି।

### ଦିଶା ପଟାନିଙ୍କ ଘରେ ଫାୟାରିଂ

**ନିଜକୁ ଦାୟୀ କଲା ଗୋଲ୍ଡି ବ୍ରାର୍ ଗ୍ୟାଙ୍ଗ୍**



ବରେଲୀ, ୧୩।୯

ବଲିଉଡ୍ ଅଭିନେତ୍ରୀ ଦିଶା ପଟାନିଙ୍କ ଉତ୍ତରପ୍ରଦେଶର ବରେଲୀ ଜିଲା ସିଭିଲ ଲାଇନ୍ସସ୍ଥିତ ବାସଭବନ ସମ୍ମୁଖରେ ଶୁକ୍ରବାର ବିଳମ୍ବିତ ରାତିରେ ୮ରୁ ୧୦ ରାଉଣ୍ଡ ଗୁଳିମାଡ଼ ହୋଇଛି। ମୋଟରସାଇକେଲରେ ୨ ଅଚିହ୍ନା ବ୍ୟକ୍ତି ଆସି ଦିଶାଙ୍କ ଘର ସାମ୍ନାରେ ଫାୟାରିଂ କରିଥିଲେ। ଏହି ସମୟରେ ଦିଶାଙ୍କ ବାପା ତଥା ଅବସରପ୍ରାପ୍ତ ଡିଏସ୍‌ପି ଜଗଦୀଶ ସିଂ ପାଟିଲ, ମା' ଏବଂ ଭଉଣୀ ଘରେ ଥିଲେ। ପୋଲିସ ଏବଂ ଫୋରେନ୍‌ସିକ୍ ଟିମ୍ ତଦନ୍ତ ଚଳାଇଛି। ଦିଶାଙ୍କ ପରିବାରର ସୁରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଫାୟାରିଂ ପାଇଁ ଗ୍ୟାଙ୍ଗଷ୍ଟର୍ ଗୋଲ୍ଡି ବ୍ରାର୍ ଗ୍ୟାଙ୍ଗ୍ ନିଜକୁ ଦାୟୀ କରିଛି। ଗ୍ୟାଙ୍ଗର ଜଣେ ସଦସ୍ୟ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି ଲେଖିଛନ୍ତି, ଦିଶାଙ୍କ ଭଉଣୀ ଖୁସ୍‌ବୁ ସନ୍ଥ ପ୍ରେମାନନ୍ଦଜୀ ମହାରାଜ ଏବଂ କଥାବାଚକ ଅନିରୁଦ୍ଧାଚାର୍ଯ୍ୟଙ୍କ ବିରୋଧରେ ଟିପ୍ପଣୀ କରିଥିଲେ। ଏହାର ପ୍ରତିଶୋଧ ପାଇଁ ଫାୟାରିଂ କରାଯାଇଛି। ଯଦି କେହି ସନାତନ ଧର୍ମ କିମ୍ବା ସନ୍ଥମାନଙ୍କ ବିରୋଧରେ ଟିପ୍ପଣୀ କରୁଛନ୍ତି, ତେବେ ସେମାନେ ଏହାର ପରିଣାମ ଭୋଗିବାକୁ ପ୍ରସ୍ତୁତ ରୁହନ୍ତୁ ବୋଲି ଏଥିରେ ଲେଖାଯାଇଛି।

ଦିଲ୍ଲୀରେ ଆଜି



ଦିଲ୍ଲୀ ୟୁନିଭର୍ସିଟି ଷ୍ଟୁଡେଣ୍ଟ ୟୁନିୟନ୍ ନିର୍ବାଚନ ପାଇଁ ଶନିବାର ଏସ୍‌ଏଫ୍‌ଆଇ-ଏଆଇଏସ୍‌ଏ ପକ୍ଷରୁ ପ୍ରାର୍ଥୀମାନଙ୍କ ନାମ ଏବଂ ଘୋଷଣାପତ୍ରକୁ ଜାରି କରାଯାଇଛି। (ଫଟୋ-ଚମନ ଗୌତମ)

# ମଣିପୁରବାସୀ ଶାନ୍ତିପଥ ବାଛନ୍ତୁ: ମୋଦି

ଇମ୍ଫାଲ, ୧୩।୯

ମଣିପୁରରେ ୨୦୨୩ ମେ'ରୁ କୁକି-ଜୋ ଏବଂ ମୈତେଇ ସମ୍ପ୍ରଦାୟ ମଧ୍ୟରେ ଜାତିଆଣ ହିଂସା ଲାଗି ରହିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ ଥର ପାଇଁ ଶନିବାର ଉକ୍ତ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଗସ୍ତ କରିଛନ୍ତି। ବିବାଦରେ ଲିପ୍ତ ଥିବା ସମସ୍ତ ସଂଗଠନକୁ ଶାନ୍ତିର ମାର୍ଗ ବାଛିବାକୁ ସେ ଏହି ଅବସରରେ ନିବେଦନ କରିଛନ୍ତି। ଅଞ୍ଚଳରେ ଶାନ୍ତି ପୁନଃପ୍ରତିଷ୍ଠା ଲାଗି ତାଙ୍କ ସରକାର ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

୨ ବର୍ଷ ୪ ମାସ ଧରି ମଣିପୁରରେ ହିଂସାକାଣ୍ଡ ଲାଗି ରହିଥିବାବେଳେ ଏଥିରେ ୨୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ଅନେକ ହଜାର ବାସହରା ହୋଇଥିଲେ। ହିଂସାରେ ବହୁ ଧନଜୀବନ ନଷ୍ଟ ହୋଇଥିବା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ସେଠାକୁ ଯାଉ ନ ଥିବାରୁ ବିରୋଧୀ ଦଳଗୁଡ଼ିକର ଆକ୍ରୋଶର ଶିକାର ହୋଇଆସୁଥିଲେ। ଦୀର୍ଘଦିନ ପରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ବିରୋଧୀ ଦଳ କଂଗ୍ରେସ ଏକ ସାଂକେତିକତା କହିବା ସହ ଚେହେରା ବଞ୍ଚାଇବାର ଏକ ନାଟକ ବୋଲି କହିଛି। ଉତ୍ତରପୂର୍ବାଞ୍ଚଳ ଗସ୍ତ ଅବସରରେ ହିଂସାପ୍ରବଣ ମଣିପୁରରେ ସଂକ୍ଷିପ୍ତ ରହଣି ସେଠାର ଜନସାଧାରଣଙ୍କ ପ୍ରତି ଗଭୀର ଅପମାନ। ପ୍ରଧାନମନ୍ତ୍ରୀ ନିଜ ପାଇଁ ଭବ୍ୟ ସ୍ୱାଗତ ଉତ୍ସବର ଆୟୋଜନ କରିବା ସେଠାକାର ପୀଡ଼ିତମାନଙ୍କ ପ୍ରତି କ୍ରୂର ଆଘାତ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି।

କୁକିବହୁଳ ଚୁରାଚାନ୍ଦପୁରରେ ଏକ ରାଲିକୁ ସମ୍ବୋଧନ କରି ମୋଦି କହିଥିଲେ, ସମସ୍ତ ସଂଗଠନ ଶାନ୍ତିର ମାର୍ଗ ବାଛନ୍ତୁ ଓ ସେମାନଙ୍କ ସ୍ୱପ୍ନ ପୂରଣ କରନ୍ତୁ। ସେ ଓ


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଭାରତ ସରକାର ମଣିପୁରବାସୀଙ୍କ ସହ ରହିବେ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ନିକଟରେ ପାର୍ବତ୍ୟାଞ୍ଚଳ ଏବଂ ଉପତ୍ୟକାର ବିଭିନ୍ନ ଗୋଷ୍ଠୀ ସହ ସରକାରଙ୍କର ବୁଝାମଣା ହୋଇଥିବାରୁ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ ଆଲୋଚନା, ସମ୍ମାନ ଓ ପାରସ୍ପରିକ ବୁଝାମଣା ଉପରେ ଗୁରୁତ୍ୱ ଦେବା ସହ ଶାନ୍ତି ସ୍ଥାପନରେ ଏହି ବୁଝାମଣା ସହାୟକ ହେବ ବୋଲି କହିଛନ୍ତି। ମଣିପୁରରେ ପୂର୍ବାବସ୍ଥା ଫେରାଇ ଆଣିବାକୁ କେନ୍ଦ୍ର ସରକାର ସମସ୍ତ ସମ୍ଭାବ୍ୟ ଉଦ୍ୟମ ଚଳାଇଛନ୍ତି। ଯେଉଁ ପରିବାର ହିଂସାରେ ଘର ହରାଇଛନ୍ତି, ସେମାନଙ୍କ ପାଇଁ ସରକାର ୭,୦୦୦ ନୂଆ ଘର ନିର୍ମାଣ କରିବାରେ ସହାୟତା କରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଇମ୍ଫାଲର କାଙ୍ଗଲା ଫର୍ଟ କମ୍ପ୍ଲେକ୍ସ ଏବଂ ଚୁରାଚାନ୍ଦପୁରର ପିସ୍ ଗ୍ରାଉଣ୍ଡରେ ରହିଥିବା ବିସ୍ଥାପିତ କୁକି ଓ ମୈତେଇ ସମ୍ପ୍ରଦାୟର ଲୋକମାନଙ୍କୁ ଭେଟି ପ୍ରଧାନମନ୍ତ୍ରୀ ସେମାନଙ୍କ ସମସ୍ୟା ସମ୍ପର୍କରେ ବୁଝିଥିଲେ। ରାଜ୍ୟରେ ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ତାଙ୍କ ସରକାର ପ୍ରତିଶ୍ରୁତିବଦ୍ଧ। ମଣିପୁର ପାର୍ବତ୍ୟାଞ୍ଚଳ ଓ ଉପତ୍ୟକାର ଲୋକମାନଙ୍କ ମଧ୍ୟରେ ବିଶ୍ୱାସର ଏକ ଦୃଢ଼ ସେତୁ ନିର୍ମାଣ ହେବା ଜରୁରୀ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଜନନୀ ଭାରତର ମୁକୁଟରେ ମଣିପୁର ଏକ ରତ୍ନ। ଏଠାରେ ଯେକୌଣସି ପ୍ରକାର ହିଂସା ନିନ୍ଦନୀୟ। ଏହା କେବଳ ଦୁର୍ଭାଗ୍ୟଜନକ ନୁହେଁ, ଆମ ପୂର୍ବଜ ଏବଂ ଭବିଷ୍ୟତ ବଂଶଧରମାନଙ୍କ ପ୍ରତି ଗମ୍ଭୀର ଅନ୍ୟାୟ। ଆମେ ଏକାଠି ମଣିପୁରକୁ ନିଶ୍ଚୟ ଶାନ୍ତି ଓ ବିକାଶର ମାର୍ଗରେ ନେଇଯିବା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଜାତୀୟ ସୁରକ୍ଷାରେ ମଣିପୁର ଯବାନମାନଙ୍କ ଭୂମିକାକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିବା ସହ ସେମାନଙ୍କ ବୀରତ୍ୱକୁ ଦେଶ ସବୁବେଳେ ମନେରଖିବ ବୋଲି କହିଛନ୍ତି। ଅପରେଶନ ସିନ୍ଦୂରର ସଫଳତାରେ ମଣିପୁରର ବୀରପୁତ୍ରମାନେ ପ୍ରମୁଖ ଭୂମିକା ନେଇଥିଲେ।

### ମିଜୋରାମରେ ପ୍ରଥମ ରେଲଲାଇନ୍ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ଆଇଜଲ୍, ୧୩।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ମିଜୋରାମରେ ପ୍ରଥମ ରେଲଲାଇନ୍ ଉଦ୍‌ଘାଟନ କରିଛନ୍ତି। ରେଳ ସଂଯୋଗ ଦ୍ୱାରା ମିଜୋରାମ ଓ ଏହାର ଆଖପାଖ ଅଞ୍ଚଳରୁ ଉତ୍ପାଦିତ ବିଭିନ୍ନ ଫଳ ଓ ମସଲାକୁ ଦେଶ ତଥା ଦେଶ ବାହାରେ ବ୍ୟାପକ ବଜାର ସୁବିଧା ମିଳିବ ବୋଲି ପ୍ରଧାନମନ୍ତ୍ରୀ ଏହି ଅବସରରେ କହିଛନ୍ତି। ପୂର୍ବରୁ ଭୋଟବ୍ୟାଙ୍କ ରାଜନୀତି ଯୋଗୁ ଉତ୍ତରପୂର୍ବାଞ୍ଚଳ ଅନେକ କ୍ଷତି ସହିଥିଲା। କିନ୍ତୁ ଏବେ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ସରକାରଙ୍କ ଉଦ୍ୟମ ବଳରେ ଏହି ଅଞ୍ଚଳ ଦେଶର ବିକାଶ ଇଞ୍ଜିନ୍‌ରେ ନିଜକୁ ପରିବର୍ତ୍ତନ କରିଛି। ୨୦୧୪ରେ ପ୍ରଧାନମନ୍ତ୍ରୀ ହେବା ପରେ ମୋଦିଙ୍କର ଏହା ଥିଲା ମଣିପୁରକୁ ଦ୍ୱିତୀୟ ଗସ୍ତ। ସେ ମିଜୋରାମରେ ୯,୦୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିବା ସହ ଆଇଜଲ୍ ନିକଟ ଲେଙ୍ଗ୍‌ପୁଇ ଏୟାରପୋର୍ଟରୁ ଜନସାଧାରଣଙ୍କୁ ଭର୍ଚୁଆଲି ଉଦ୍‌ବୋଧନ ଦେଇଥିଲେ। ସେ ଆଇଜଲ୍ ଏବଂ ଦିଲ୍ଲୀ ମଧ୍ୟରେ ରାଜଧାନୀ ଏକ୍ସପ୍ରେସ୍ ଚଳାଚଳକୁ ଶୁଭାରମ୍ଭ କରିଛନ୍ତି।

ରେଳ ସଂଯୋଗ ଦ୍ୱାରା ମିଜୋରାମ ଲାଭବାନ୍ ହେବା ସହ ଏଠାରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରତିଶ୍ରୁତି ଦେଇଛନ୍ତି। ନୂଆ ରେଲଲାଇନ ଦେଇ ସପ୍ତାହେ ମଧ୍ୟରେ ମାଲ୍‌ବାହୀ ଟ୍ରେନ୍ ଚଳାଚଳ କରିବ ଏବଂ ପଣ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ପରିବହନ ଦ୍ରୁତତର ହେବ। ଫଳରେ ଏଠାରେ ବିଭିନ୍ନ ସେବା ଓ ଦ୍ରବ୍ୟ ଶସ୍ତା ହେବା ସାଙ୍ଗକୁ ପରିବହନ ସମୟ ମଧ୍ୟ ହ୍ରାସ ପାଇବ ବୋଲି ରେଳମନ୍ତ୍ରୀ କହିଥିଲେ।

### ରୁଷିଆରୁ ତୈଳ କିଣୁଥିବା ଦେଶ ଉପରେ ଟାରିଫ୍ ଲଗାଅ

**ଜି୭ ରାଷ୍ଟ୍ରଙ୍କୁ କହିଲା ଆମେରିକା**

ୱାଶିଂଟନ, ୧୩।୯ (ପି.ଟି.)

ରୁଷିଆରୁ ତୈଳ କିଣୁଥିବା ଦେଶଗୁଡ଼ିକ ଉପରେ ଟାରିଫ୍ ଲଗାଇବା ପାଇଁ ଆମେରିକା ଜି୭ ରାଷ୍ଟ୍ରଗୁଡ଼ିକୁ କହିଛି। କେବଳ ମିଳିତ ଉଦ୍ୟମ ହିଁ ରୁଷିଆର ଯୁଦ୍ଧ ମେଶିନ୍‌କୁ ପାଣ୍ଠି ଯୋଗାଣ ହ୍ରାସ କରିବ। ଆମେରିକା ଅର୍ଥ ସଚିବ ସ୍କଟ୍ ବେସେଣ୍ଟ ଏବଂ ବାଣିଜ୍ୟ ପ୍ରତିନିଧି ରାଷ୍ଟ୍ରଦୂତ ଜାମିଏସନ୍ ଗ୍ରିର୍ ଶୁକ୍ରବାର ଜି୭ ଅର୍ଥମନ୍ତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ରୁଷିଆରୁ ତୈଳ କିଣୁଥିବା ଦେଶଗୁଡ଼ିକ ଉପରେ ଜି୭ ରାଷ୍ଟ୍ରଗୋଷ୍ଠୀ ଟାରିଫ୍ ଲଗାଇବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚାହାନ୍ତି ବୋଲି ସେମାନେ କହିଥିଲେ। କାନାଡା ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ୟୁକ୍ରେନ୍ ଯୁଦ୍ଧ ବନ୍ଦ ନିମନ୍ତେ ରୁଷିଆ ଉପରେ ଚାପ ବଢ଼ାଇବାର ବିଭିନ୍ନ କୌଶଳ ଉପରେ ଆଲୋଚନା ହୋଇଥିଲା। ଜି୭ରେ ଆମେରିକା ସମେତ କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ ଏବଂ ବ୍ରିଟେନ୍ ରହିଛନ୍ତି। ତେବେ ଟାରିଫ୍ ଲଗାଯିବାକୁ ଥିବା ଦେଶଗୁଡ଼ିକର ନାଁ ଉଲ୍ଲେଖ କରାଯାଇନାହିଁ।

### ଖବରଦାତାଙ୍କୁ ଆକ୍ରମଣ ଘଟଣାକୁ ଆଇଏନ୍‌ଏସ୍‌ର ନିନ୍ଦା

ନୂଆଦିଲ୍ଲୀ, ୧୩।୯

ଆନ୍ଧ୍ରପ୍ରଦେଶରୁ ପ୍ରକାଶିତ ଦୈନିକ 'ସାକ୍ଷୀ'ର ଖବରଦାତାମାନଙ୍କୁ ଆକ୍ରମଣ ଏବଂ ମିଥ୍ୟା ଅଭିଯୋଗରେ ବେଆଇନ ମାମଲା ରୁଜୁକରି ତଦନ୍ତ କରାଯିବା ଆଦି ଘଟଣାକୁ ଦ ଇଣ୍ଡିଆନ୍ ନ୍ୟୁଜ୍ ପେପର ସୋସାଇଟି(ଆଇଏନ୍‌ଏସ୍) ନିନ୍ଦା କରିଛି। ଖବର ପ୍ରସାରଣ କରୁଥିବା ସମୟରେ ଏହାର ଖବରଦାତା ଏବଂ ସଂସ୍ଥା ଉପରେ ଆକ୍ରମଣ କରାଯିବା ଘଟଣା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଏହାକୁ ସବୁ ସ୍ତରରୁ ବିରୋଧ କରାଯିବା ସହ ଖବରଦାତାଙ୍କ ନିମନ୍ତେ ଏକ ସୁସ୍ଥ ବାତାବରଣ ଏବଂ ନିର୍ଭୟରେ ରିପୋର୍ଟିଂ କରିବାର ପରିବେଶ ସୃଷ୍ଟି କରାଯିବା ନେଇ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ବୋଲି ଆଇଏନ୍‌ଏସ୍ ସାଧାରଣ ସମ୍ପାଦକ ମାରି ପଲ୍ ଏକ ବିବୃତିରେ କହିଛନ୍ତି।

# ମାର୍ଚ୍ଚ ୫ରେ ନେପାଳ ନିର୍ବାଚନ

**ସଂସଦ ଭଙ୍ଗକୁ ବିଭିନ୍ନ ଦଳର ନିନ୍ଦା**

**କର୍ଫ୍ୟୁ ହଟିବା ପରେ ସ୍ୱାଭାବିକ ହେଉଛି ଜୀବନ**

କାଠମାଣ୍ଡୁ, ୧୩।୯

ନେପାଳ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଦେଶର ସଂସଦକୁ ଭଙ୍ଗ କରାଯିବା ସହ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ସୁଶୀଳା କାର୍କିଙ୍କୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ କରାଯାଇଥିଲା। ତେବେ ଏହି ପଦକ୍ଷେପକୁ ଶନିବାର ଦେଶର ଅନେକ ରାଜନୈତିକ ଦଳ ଓ ଆଇନଜୀବୀ ସଙ୍ଗଠନ ନିନ୍ଦା କରିଛନ୍ତି। ଏହା ଏକ ଅସାମ୍ବିଧାନିକ, ସ୍ୱେଚ୍ଛାଚାରୀ ପଦକ୍ଷେପ। ଏହି ପଦକ୍ଷେପ ଦ୍ୱାରା ଗଣତନ୍ତ୍ରକୁ ଗଭୀର ଭାବେ ଆଘାତ ଲାଗିଥିବା ସେମାନେ କହିଛନ୍ତି। ଦେଶର ସବୁଠାରୁ ବଡ଼ ରାଜନୈତିକ ଦଳ ନେପାଳୀ କଂଗ୍ରେସ (ଏନ୍‌ସି)


କାଠମାଣ୍ଡୁର ଏକ ଟ୍ରମା ସେଣ୍ଟରରେ ଆହତ ବିକ୍ଷୋଭକାରୀଙ୍କୁ ଭେଟିବା ପାଇଁ ଶନିବାର ନେପାଳ ଅନ୍ତରୀଣ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କି ପହଞ୍ଚିଛନ୍ତି।

କହିଛି, ସମ୍ବିଧାନକୁ ଉଲ୍ଲଂଘନ କରୁଥିବା ଯେକୌଣସି ନିର୍ଦ୍ଦେଶ ଗ୍ରହଣୀୟ ନୁହେଁ। ଏହି ପଦକ୍ଷେପ ସମ୍ବିଧାନର ଆତ୍ମାକୁ ଆଘାତ ଦେଇଛି। ସିପିଏନ୍-ୟୁଏମ୍‌ଏଲ୍‌ର ସାଧାରଣ ସମ୍ପାଦକ ଶଙ୍କର ପୋଖରେଲ କହିଛନ୍ତି, ଅଧାରୁ ନେପାଳ ସଂସଦକୁ ଭଙ୍ଗ କରାଯିବା ଅତ୍ୟନ୍ତ ଚିନ୍ତାଜନକ ଓ ନିନ୍ଦା ଯୋଗ୍ୟ ପଦକ୍ଷେପ। ସେହିପରି ସଂସଦକୁ ମନଇଚ୍ଛା ଭଙ୍ଗ କରାଯିବା ସମ୍ବିଧାନର ଗୁରୁତ୍ୱକୁ କ୍ଷୁଣ୍ଣ ପହଞ୍ଚାଇଛି ବୋଲି ନେପାଳ ବାର୍ ଆସୋସିଏଶନ (ଏନ୍‌ବିଏ) କହିଛି।

ତେବେ ଆସନ୍ତା ବର୍ଷ ମାର୍ଚ୍ଚ ୫ରେ ନେପାଳର ପରବର୍ତ୍ତୀ ସଂସଦୀୟ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଶନିବାର ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ନବନିଯୁକ୍ତ ଅନ୍ତରୀଣ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କିଙ୍କ ସୁପାରିଶ କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଜେନ୍ ଜେଡ୍‌ର ହିଂସାତ୍ମକ ବିରୋଧ ପ୍ରଦର୍ଶନରେ ଦେଶର ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜଗୁଡ଼ିକ ନଷ୍ଟ ହୋଇଯାଇଥିବା ନେଇ ଶନିବାର ନେପାଳ ସୁପ୍ରିମକୋର୍ଟ ଟିପ୍ପଣୀ କରିଛନ୍ତି। ଆନ୍ଦୋଳନରେ ହୋଇଥିବା ପୋଡ଼ାଜଳା, ପଥର ଫିଙ୍ଗା, ଭଙ୍ଗାରୁଜା ଏବଂ ଲୁଟ୍‌ପାଟ୍ ଆଦି ଯୋଗୁ ସୁପ୍ରିମକୋର୍ଟ ବିଲ୍ଡିଂ ଓ ପରିସର କ୍ଷତିଗ୍ରସ୍ତ ହୋଇଥିବା କହି ପ୍ରଧାନ ବିଚାରପତି ପ୍ରକାଶମାନ ସିଂ ରାଉତ ଦୁଃଖ ପ୍ରକାଶ କରିଛନ୍ତି। ଶନିବାର ନେପାଳ କର୍ତ୍ତୃପକ୍ଷ କାଠମାଣ୍ଡୁ ଉପତ୍ୟକା ସମେତ ଦେଶର ଅନ୍ୟାନ୍ୟ ଅଞ୍ଚଳରେ ଲାଗିଥିବା କର୍ଫ୍ୟୁକୁ ହଟାଇ ଦେଇଛନ୍ତି, ଯାହାଫଳରେ ପ୍ରାୟ ସପ୍ତାହେ ପରେ ଦେଶରେ ଜନଜୀବନ ସ୍ୱାଭାବିକ ହୋଇଛି।

## ଫୁରସତ୍

### ଓଜନ କମାଇଲେ ମିଳୁଛି ପୁରସ୍କାର

ବେଜିଂ

ଚାଇନାର ଶେନ୍‌ଜେନ୍‌ସ୍ଥିତ ଟେକ୍ କମ୍ପାନୀ ଆରାଶି ଭିଜନ ଇନ୍‌କର୍ପୋରେଶନ (ଇନ୍‌ଷ୍ଟା ୩୬୦ ନାମରେ ବହୁଳ ଭାବେ ପରିଚିତ) ସମ୍ପ୍ରତି ସୋସିଆଲ ମିଡିଆରେ ଚର୍ଚ୍ଚାରେ ରହିଛି। ଗତ ୩ ବର୍ଷ ଧରି 'ମିଲିୟନ ୟୁଆନ୍ ୱେଟ୍ ଲସ୍ ଚ୍ୟାଲେଞ୍ଜ' ନାମରେ ନିଜ କର୍ମଚାରୀଙ୍କ ପାଇଁ ଏହି କମ୍ପାନୀ ଏକ ପ୍ରତିଯୋଗିତା ଚଳାଇଛି। ଉକ୍ତ ପ୍ରତିଯୋଗିତା ଅନ୍ତର୍ଗତ କର୍ମଚାରୀମାନେ ଓଜନ ହ୍ରାସ କରି ନଗଦ ପୁରସ୍କାର ଜିତି ପାରୁଛନ୍ତି। ସ୍ୱାସ୍ଥ୍ୟ ସଚେତନତା ଏବଂ ଫିଟ୍‌ନେସ୍ ପ୍ରତି ନିଜ କର୍ମଚାରୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ 'ମିଲିୟନ ୟୁଆନ୍ ୱେଟ୍ ଲସ୍ ଚ୍ୟାଲେଞ୍ଜ'କୁ ଆରମ୍ଭ କରାଯାଇଥିବା ନେଇ ଇନ୍‌ଷ୍ଟା ୩୬୦ ପକ୍ଷରୁ କୁହାଯାଇଛି।

ଚଳିତ ବର୍ଷ ଏହି ପ୍ରତିଯୋଗିତା



ଗତ ଅଗଷ୍ଟ ୧୨ ତାରିଖରୁ ଆରମ୍ଭ ହୋଇଥିଲା, ଯେଉଁଥିରେ ତଜନ୍‌ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରିଥିଲେ। କମ୍ପାନୀର ପ୍ରତ୍ୟେକ କର୍ମଚାରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଏହି ପ୍ରତିଯୋଗିତାରେ ୦.୫ କେ.ଜି. ଓଜନ ହ୍ରାସ କଲେ ୫୦୦ ୟୁଆନ୍ (ପ୍ରାୟ ୬,୨୦୦ ଟଙ୍କା) ପୁରସ୍କାର ମିଳିଥାଏ।

୨୦୨୨ରୁ ବର୍ତ୍ତମାନ ସୁଦ୍ଧା ଏହି ପ୍ରତିଯୋଗିତାର ୭ଟି ରାଉଣ୍ଡ ଆୟୋଜନ ସରିଛି, ଯେଉଁଥିରେ ପ୍ରାୟ ୨୦ ଲକ୍ଷ ୟୁଆନ୍ (ପ୍ରାୟ ୨.୫ କୋଟି ଟଙ୍କା) କର୍ମଚାରୀମାନଙ୍କୁ ପୁରସ୍କାର ସ୍ୱରୂପ ଦିଆଯାଇଛି। ୨୦୨୩ରେ ୯୯ ଜଣ କର୍ମଚାରୀ ସମୁଦାୟ ୯୫୦ କେ.ଜି. ଓଜନ ହ୍ରାସ କରି ମୋଟ ୯.୫ ଲକ୍ଷ ୟୁଆନ୍ (ପ୍ରାୟ ୧.୨ କୋଟି ଟଙ୍କା) ନଗଦ ପୁରସ୍କାର ରାଶି ଜିତିଥିଲେ। ଚଳିତ ବର୍ଷ ଇନ୍‌ଷ୍ଟା ୩୬୦ର କର୍ମଚାରୀ ଶିୟେ ୟାକି ସବୁଠାରୁ ଚର୍ଚ୍ଚିତ ପ୍ରତିଯୋଗୀ ଥିଲେ। ସେ ୯୦ ଦିନ ମଧ୍ୟରେ ୨୦ କେ.ଜି. ଓଜନ କମାଇଥିଲେ। ତାଙ୍କୁ ୨୦ ହଜାର ୟୁଆନ୍ (ପ୍ରାୟ ୨.୫ ଲକ୍ଷ) ଟଙ୍କାର ପୁରସ୍କାର ରାଶି ମିଳିଥିଲା। ସେ ଦୈନିକ ୧.୫ ଘଣ୍ଟା ବ୍ୟାୟାମ କରୁଥିଲେ ଏବଂ କଠୋର ଡାଏଟ୍‌କୁ ଅନୁସରଣ କରୁଥିଲେ ବୋଲି ଶିୟେ କହିଛନ୍ତି।


ଆୟୁଷ୍ମାନ ଖୁରାନା

### ଟ୍ରେନ୍‌ରେ ଗୀତ ଗାଇ ରୋଜଗାର କରୁଥିଲେ

ମୁମ୍ବାଇ

ସମ୍ପ୍ରତି ବଲିଉଡ୍‌ର ଆଗଧାଡ଼ିର ଅଭିନେତାଙ୍କ ମଧ୍ୟରେ ଆୟୁଷ୍ମାନ ଖୁରାନା ଅନ୍ୟତମ। ତେବେ ଚଣ୍ଡିଗଡ଼ ନିବାସୀ ଆୟୁଷ୍ମାନଙ୍କୁ ଅନେକ ସଂଘର୍ଷ କରିବା ପରେ ବଲିଉଡ୍‌ରେ ସ୍ଥାନ ମିଳିଥିଲା। ଏନେଇ ସେ ଶନିବାର ଏକ ପୋଡ୍‌କାଷ୍ଟରେ କହିଛନ୍ତି। ଆୟୁଷ୍ମାନ୍ କହିଛନ୍ତି, ଯେତେବେଳେ ସେ କଲେଜରେ ପଢୁଥିଲେ, ସେ ତାଙ୍କ ବନ୍ଧୁମାନଙ୍କ ସହ ମିଶି ଟ୍ରେନ୍‌ରେ ଗୀତ ଗାଇ ଟଙ୍କା ରୋଜଗାର କରୁଥିଲେ। ଦିଲ୍ଲୀରୁ ମୁମ୍ବାଇ ଯାଉଥିବା ପଶ୍ଚିମ ଏକ୍ସପ୍ରେସ୍ ଟ୍ରେନ୍‌ରେ ସେ ବନ୍ଧୁମାନଙ୍କ ସହ ମିଶି ଗୀତ ଗାଉଥିଲେ। ଯାତ୍ରୀମାନେ ଖୁସିରେ ଦେଉଥିବା ଟଙ୍କା ସେତେବେଳେ ତାଙ୍କ ପାଇଁ ରୋଜଗାରର ଏକମାତ୍ର ମାଧ୍ୟମ ଥିଲା। ଏହି ଟଙ୍କାରେ ସେ ବନ୍ଧୁମାନଙ୍କ ସହ ଗୋଆ ପରି ବିଭିନ୍ନ ସ୍ଥାନକୁ ଭ୍ରମଣ ପାଇଁ ଯାଉଥିଲେ ବୋଲି ଆୟୁଷ୍ମାନ୍ କହିଛନ୍ତି। ଧୀରେ ଧୀରେ ସେ ଥିଏଟର, ଲାଇଭ ଶୋ, ଷ୍ଟ୍ରିଟ୍ ଡ୍ରାମା ଆଦିରେ ଅଭିନୟ କରିବାକୁ ସୁଯୋଗ ପାଇଥିଲେ। ତେଣୁ ଏହାରି ଭିତରେ କଲେଜରେ କାହାରିକୁ ପ୍ରେମ ନିବେଦନ କରିବା ପାଇଁ ସେ ସମୟ ପାଇ ନ ଥିଲେ ବୋଲି ଆୟୁଷ୍ମାନ୍ କହିଛନ୍ତି।

# ଏମ୍ସ ଭୁବନେଶ୍ୱର ଦେଶର ୧୪ତମ ଶ୍ରେଷ୍ଠ ମେଡିକାଲ କଲେଜ



ଏନ୍ଆଇଆର୍ଏଫ୍ ର୍ୟାଙ୍କିଙ୍ଗ୍ ପ୍ରମାଣପତ୍ର ସହ ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା.ଆଶୁତୋଷ ବିଶ୍ୱାସ ଓ ଅନ୍ୟମାନେ।

**ଭୁବନେଶ୍ୱର,୧୩।୯(ବନ୍ଦନା ସେଠୀ)**

ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ରାଜ୍ୟ ତଥା ସମଗ୍ର ପୂର୍ବ ଭାରତ ପାଇଁ ପୁଣି ଗୌରବ ଆଣିଛି ଏମ୍ସ ଭୁବନେଶ୍ୱର। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଜାତୀୟ ଶିକ୍ଷାନୁଷ୍ଠାନ ମାନ୍ୟତା ତାଲିକା (ଏନ୍ଆଇଆର୍ଏଫ୍ ମେଡିକାଲ)ରେ ଏମ୍ସ ଭୁବନେଶ୍ୱରକୁ ଦେଶର ଶ୍ରେଷ୍ଠ ମେଡିକାଲ କଲେଜ ବର୍ଗରେ ୧୪ତମ ସ୍ଥାନ ମିଳିଛି। ୨୦୨୪ରେ ଏହି ପ୍ରତିଷ୍ଠାନ ଏନ୍ଆଇଆର୍ଏଫ୍ ର୍ୟାଙ୍କିଙ୍ଗରେ ୧୫ତମ ସ୍ଥାନରେ ଥିଲା। ସେହିପରି ସାମଗ୍ରିକ କ୍ଷେତ୍ରରେ ମଧ୍ୟ ଏମ୍ସ ଭୁବନେଶ୍ୱର ଶ୍ରେଷ୍ଠ ଶହେ ଡାକ୍ତରୀ ଶିକ୍ଷା ପ୍ରତିଷ୍ଠାନ ମଧ୍ୟରେ ରହିଛି।

ଶିକ୍ଷାଦାନ, ଶିକ୍ଷା ଏବଂ ସମ୍ବଳ (ଟିଏଲ୍ଆର୍), ଗବେଷଣା ଏବଂ ବୃତ୍ତିଗତ ଅଭ୍ୟାସ (ଆର୍ପି), ସ୍ନାତକୋତ୍ତର ଫଳାଫଳ (ଜିଓ), ଆଉଟରିଚ୍ ଏବଂ ଇନକ୍ଲୁସିଭିଟି (ଓଆଇ) ଏବଂ ପିଅର ପର୍ସେପ୍ସନ (ପିପି) ଭଳି ୫ଟି ମାନଦଣ୍ଡକୁ ଭିତ୍ତିକରି ଏହି ତାଲିକା ପ୍ରସ୍ତୁତ କରାଯାଇଛି। ଏକାଡେମିକ୍ ଓ ବୃତ୍ତିଗତ ଉତ୍କର୍ଷ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରି ଏମ୍ସ ଭୁବନେଶ୍ୱର ଚଳିତବର୍ଷ ୧୦୦ ରୁ ୬୪.୩୧ ସ୍କୋର୍ କରିଛି, ଯାହା ଏହାର ସର୍ବାଙ୍ଗୀନ ପ୍ରଦର୍ଶନ ତଥା ବର୍ଦ୍ଧିତ ଜାତୀୟ ଖ୍ୟାତିର ପ୍ରତିଫଳନ। ଏହି ସଫଳତାକୁ ନେଇ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସିଇଓ ଡା. ଆଶୁତୋଷ ବିଶ୍ୱାସ ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ତଥା ଏମ୍ସର ପରିବାରକୁ ଧନ୍ୟବାଦ ଜଣାଇଛନ୍ତି। ରୋଗୀ ସେବା, ଗବେଷଣା ଏବଂ ଶିକ୍ଷାର ସାମଗ୍ରିକ ବିକାଶରେ ଏହି ପ୍ରତିଷ୍ଠାନ ଉତ୍କର୍ଷର ନିରନ୍ତର ଅନୁସରଣ ଜାରି ରଖିବ ବୋଲି ସେ କହିଛନ୍ତି। ଏନେଇ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏମ୍ସର ଡିନ୍ (ପରୀକ୍ଷା) ଡା. ସୌଭାଗ୍ୟ କୁମାର ଜେନା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, କୁଳସଚିବ ଡା. ସୁଦୀପ୍ତ ରଞ୍ଜନ ସିଂହ, ଡା. ବିନୋଦ କୁମାର ପାତ୍ରୋ ପ୍ରମୁଖ ଉପସ୍ଥିତ ଥିଲେ।

# 'କନ୍ୟାଙ୍କ ସୁରକ୍ଷା ପାଇଁ ଦୃଢ଼ ବ୍ୟବସ୍ଥା ଲୋଡ଼ା'

**କଟକ,୧୩।୯(କାର୍ତ୍ତିକ ସାହୁ)**

ଓଡ଼ିଶା ହାଇକୋର୍ଟର ଜୁଭେନାଇଲ ଜଷ୍ଟିସ କମିଟି, ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ୟୁନିସେଫ୍‌ର ମିଳିତ ଆନୁକୂଲ୍ୟରେ କନ୍ୟା ସନ୍ତାନ ସୁରକ୍ଷା: ଭାରତରେ କନ୍ୟା ସନ୍ତାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ସକ୍ଷମ ପରିବେଶ ଶୀର୍ଷକ ରାଜ୍ୟସ୍ତରୀୟ ଜୁଭେନାଇଲ ଜଷ୍ଟିସ୍ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀଠାରେ ଶନିବାର ଆୟୋଜିତ କର୍ମଶାଳାକୁ ଉଦ୍‌ଘାଟନ କରି ହିଂସା, ବାଲ୍ୟବିବାହ ଏବଂ ଶୋଷଣରୁ କନ୍ୟାମାନଙ୍କୁ ସୁରକ୍ଷା ଦେବା ପାଇଁ ଦୃଢ଼ ସଂସ୍ଥାଗତ ବ୍ୟବସ୍ଥା ଲୋଡ଼ା ବୋଲି କହିଛନ୍ତି। ମୁଖ୍ୟ ବିଚାରପତି ବାଲ୍ୟବିବାହ ନିଷେଧ ଆଇନ, ୨୦୦୬ ଏବଂ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା) ଆଇନ, ୨୦୧୫ର ବିଭିନ୍ନ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ହାଇକୋର୍ଟର କିଶୋର ନ୍ୟାୟ କମିଟି ଅଧ୍ୟକ୍ଷା ତଥା ବିଚାରପତି ସାବିତ୍ରୀ ରଥ ସ୍ୱାଗତ ଭାଷଣ ଦେଇ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କନ୍ୟା ସନ୍ତାନମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ସମାନ ସୁଯୋଗ ଅଧିକାରକୁ ସୁନିଶ୍ଚିତ କରିବା ଆମର ମୌଳିକ କର୍ତ୍ତବ୍ୟ ବୋଲି ସେ କହିଥିଲେ। ନ୍ୟୁଜ୍‌ଲେଟରର ମୁଖ୍ୟ ସମ୍ପାଦକ ତଥା ହାଇକୋର୍ଟ ଜୁଭେନାଇଲ ଜଷ୍ଟିସ୍ କମିଟି ସଦସ୍ୟ ବିଚାରପତି ଏ. କେ. ମହାପାତ୍ର ୨୦୧୭ରେ ଆରମ୍ଭ ହୋଇଥିବା



କନ୍ୟାସନ୍ତାନ ସୁରକ୍ଷା ଉପରେ ରାଜ୍ୟସ୍ତରୀୟ ଜୁଭେନାଇଲ ଜଷ୍ଟିସ ପରାମର୍ଶ କର୍ମଶାଳାରେ ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନଙ୍କ ସହ ଉପସ୍ଥିତ ଅତିଥିବୃନ୍ଦ।

## କନ୍ୟା ସନ୍ତାନ ସୁରକ୍ଷା ଉପରେ ରାଜ୍ୟସ୍ତରୀୟ ଜୁଭେନାଇଲ ଜଷ୍ଟିସ୍ ପରାମର୍ଶ କର୍ମଶାଳା

ନ୍ୟୁଜ୍‌ଲେଟରର ଶିଶୁ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଏଥିସହ ମୁଖ୍ୟ ବିଚାରପତି ଟଣ୍ଡନ ଜୁଭେନାଇଲ ଜଷ୍ଟିସ କମିଟିର ନ୍ୟୁଜଲେଟର ୨୦୨୫ ବର୍ଷ ସଂସ୍କରଣକୁ ଉନ୍ମୋଚନ କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶକ ମୋନିଷା ବାନାର୍ଜୀ କହିଲେ, କନ୍ୟାସନ୍ତାନଙ୍କୁ ସୁରକ୍ଷା, ନ୍ୟାୟ, ମର୍ଯ୍ୟାଦା ଦେବା ବିକାଶର ମୂଳମନ୍ତ୍ର। ପ୍ରତ୍ୟେକ ଶିଶୁକୁ ସୁରକ୍ଷା ଦେବା ଆମର କର୍ତ୍ତବ୍ୟ। ସରକାରୀ, ବେସରକାରୀ ଅନୁଷ୍ଠାନ, ଆମର ଢାଞ୍ଚା ବିଷୟରେ ଆମ ସମାଜକୁ ତତ୍ପର ହେବାକୁ ପଡ଼ିବ ବୋଲି ସେ ମତପ୍ରକାଶ କରିଥିଲେ।

ୟୁନିସେଫ ଓଡ଼ିଶା କ୍ଷେତ୍ର କାର୍ଯ୍ୟାଳୟର ମୁଖ୍ୟ ୱିଲିୟମ ହାନଲନ ଜୁନିୟର କହିଲେ, ଶିଶୁମାନଙ୍କ ବିରୋଧରେ ହିଂସା କେବଳ ମୌଳିକ ମାନବାଧିକାରର ଉଲ୍ଲଂଘନ ନୁହେଁ, ବରଂ ଏକ ଜରୁରୀ ଜନସ୍ୱାସ୍ଥ୍ୟ ସଙ୍କଟ। କନ୍ୟା ସନ୍ତାନ ଓ ସମସ୍ତ ଶିଶୁଙ୍କ ବିରୋଧରେ ହିଂସା ସମାପ୍ତ କରିବା ପାଇଁ ଆମର ଆଇନକୁ ସୁଦୃଢ଼ କରିବା ସହ ସଚେତନତା ସୃଷ୍ଟି କରିବାକୁ ପଡ଼ିବ। ହାଇକୋର୍ଟ କିଶୋର ନ୍ୟାୟ କମିଟି ସଦସ୍ୟ ବିଚାରପତି ଏମ୍. ଏସ୍. ରମଣ ଧନ୍ୟବାଦ ଦେଇଥିଲେ।

# 'ଭିସୁଟ୍ ଉତ୍କର୍ଷ ଦେଶ ବିଦେଶରେ ବିସ୍ତାରିତ'



ମଞ୍ଚାସୀନ ଅତିଥିମାନଙ୍କ ଉପସ୍ଥିତିରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଜଣେ ମେଧାବୀ ଛାତ୍ରୀଙ୍କୁ ଡିଗ୍ରୀ ଓ ପଦକ ପ୍ରଦାନ କରୁଛନ୍ତି।

## ୧୬ତମ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ

**ସମ୍ବଲପୁର,୧୩।୯(ପ୍ରମୋଦ ବହିଦାର)**

ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍) ପିଢ଼ି ପରେ ପିଢ଼ି ପ୍ରଖ୍ୟାତ ଯାନ୍ତ୍ରିକ, ବୈଜ୍ଞାନିକ, ଉଦ୍ଭାବକ ସହ ନେତୃତ୍ୱ ସୃଷ୍ଟି କରିବାରେ ସକ୍ଷମ ହୋଇଛି। ଏଭଳି ଏକ ଶିକ୍ଷାନୁଷ୍ଠାନର ସମାବର୍ତ୍ତନ ଉତ୍ସବରେ କୁଳାଧିପତିଭାବେ ଅଧ୍ୟକ୍ଷତା କରିବାର ସୁଯୋଗ ପାଇବା ମୋ ପାଇଁ ଗୌରବର ବିଷୟ। ଭିସୁଟ୍ ସାର୍ ବିଶ୍ୱେଶ୍ୱରାୟ ପ୍ରେକ୍ଷାଳୟରେ ଶନିବାର ଅପରାହ୍ନରେ ଅନୁଷ୍ଠିତ ଏହାର ୧୬ତମ ସମାବର୍ତ୍ତନ ଉତ୍ସବରେ ଅଧ୍ୟକ୍ଷତା କରିବା ଅବସରରେ ରାଜ୍ୟପାଳ ତଥା କୁଳାଧିପତି ଡ. ହରିବାବୁ କମ୍ଭମପାଟି ଏହା କହିଛନ୍ତି। ସର୍ବପ୍ରଥମେ ଏହି ମାଟିର ମହାନ୍ ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ର ସାଏ ଯାହାଙ୍କ ନାମରେ ଶିକ୍ଷାନୁଷ୍ଠାନ ନାମିତ ହୋଇଛି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ବକ୍ତବ୍ୟ ରଖି ଉପନିବେଶବାଦର ଅତ୍ୟାଚାର ବିରୋଧରେ ସୁରେନ୍ଦ୍ର ସାଏଙ୍କ ଅଦମ୍ୟ ସାହସ, ସଂଘର୍ଷ, ତ୍ୟାଗ ଓ ବଳିଦାନରେ ଅନୁପ୍ରାଣିତ ପଦକ ବିଜେତାଙ୍କ ସହ ସମସ୍ତ ସ୍ନାତକ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଦେଶ ବିଦେଶରେ ବିସ୍ତାରିତ। ସେମାନଙ୍କର ଶିକ୍ଷାଭିତ୍ତିକ ଉତ୍କର୍ଷ ଏହି ପ୍ରତିଷ୍ଠାନକୁ ଗୌରବାନ୍ୱିତ କରିଛି। ଏହାର ଗଭୀର ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା, ନବସୃଜନୀୟ ଶକ୍ତି ଓ ମହାକାଶ ଅନୁସନ୍ଧାନ ଦ୍ୱାରା ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କୁଳାଧିପତି ଡ. କମ୍ଭମପାଟି କହିଥିଲେ। ତେବେ ଭିସୁଟ୍‌ରୁ ସୃଷ୍ଟ ମାନବ ସମ୍ବଳ ଦକ୍ଷ ବୃତ୍ତିଗତ ମନୋଭାବାପନ୍ନ ନ ହୋଇ ବରଂ ନିଯୁକ୍ତି ସୃଷ୍ଟିକାରୀ, ଉଦ୍ଭାବକ ଏବଂ ଉଦ୍ୟୋଗୀ ଗଠନର ନେତୃତ୍ୱ ନେବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସେ ଆହ୍ୱାନ ଦେଇଥିଲେ।

ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଥିଲେ, ଦଶନ୍ଧି ଦଶନ୍ଧି ଧରି ଭିସୁଟ୍ ରାଜ୍ୟ ତଥା ଦେଶରେ ବୈଷୟିକ ଶିକ୍ଷାର ପ୍ରସାର କରିଆସୁଛି। ଗରିବ ଓ ସାଧାରଣ ପରିବାରର ପିଲା ଏଠାରେ ଅଧ୍ୟୟନକରି ଦେଶର ବୈଜ୍ଞାନିକ ଓ ଯାନ୍ତ୍ରିକ ଶକ୍ତିର ପ୍ରତୀକ ହେବାରେ ସକ୍ଷମ ହୋଇଛନ୍ତି। ଛାତ୍ରୀଛାତ୍ର ଓ ଗବେଷକମାନଙ୍କ ପାଇଁ ବିଶ୍ୱ ମାନର ଗୁଣାତ୍ମକ ଶିକ୍ଷାର ସୁଯୋଗ ପ୍ରଦାନକରି ଭିସୁଟ୍ ଆଗାମୀ ଦିନରେ ଆହୁରି ସୁନାମ ଅର୍ଜନ କରିବାର ସାମର୍ଥ୍ୟ ବହନ କରୁଛି। ଏଠାରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ଚାକିରି ଖୋଜିବା ବଦଳରେ ଚାକିରିଦାତା ହେବାକୁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଏଥିପାଇଁ ଭିସୁଟ୍‌କୁ ଭବିଷ୍ୟତ ଆଧାରିତ ବୈଷୟିକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ସମସ୍ତଙ୍କୁ ଦାୟିତ୍ୱ ନେବାକୁ ମନ୍ତ୍ରୀ ପ୍ରଧାନ ଆହ୍ୱାନ ଦେଇଥିଲେ।

ସମାବର୍ତ୍ତନ ଉତ୍ସବରେ ସମ୍ମାନିତ ଅତିଥିଭାବେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ରାଜ୍ୟ ଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଭଟଲି ବିଧାୟକ ତଥା ଭିସୁଟ୍ ପରିଚାଳନା ବୋର୍ଡ ସଦସ୍ୟ ଇରାଶିଷ ଆଚାର୍ଯ୍ୟ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ ଭିସୁଟ୍‌ର ୧୨୨୦ଜଣ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଶିକ୍ଷାରେ ଉତ୍କୃଷ୍ଟତା ପାଇଁ ୨୭ଜଣଙ୍କୁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣପଦକ, ୮ ଜଣଙ୍କୁ ଡୋନୋର୍ସ ସ୍ୱର୍ଣ୍ଣପଦକ, ୩୦ଜଣଙ୍କୁ ମେଧା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେହିପରି ପିଏଚ୍.ଡି. କାର୍ଯ୍ୟକ୍ରମରେ ୭୪ ଜଣ, ଏମ୍‌ଟେକ୍‌ରେ ୧୦୪, ଏମ୍‌ସିଏରେ ୩୯, ଏମ୍‌ଏସ୍‌ସିରେ ୫୯, ଇଣ୍ଟିଗ୍ରେଟେଡ୍ ଏମ୍‌ଏସ୍‌ସିରେ ୪୭, ବିଟେକ୍‌ରେ ୮୭୬, ବି.ଆର୍କ (ସ୍ଥାପତ୍ୟ)ରେ ୧୭ ତଥା ବିଟେକ୍ ଓ ଏମ୍‌ଟେକ୍ ଦ୍ୱୈତ ଡିଗ୍ରୀ ପାଇଁ ୪ ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏହାସହ ୪ ଶ୍ରେଷ୍ଠ ଆଲୁମ୍ନିଙ୍କୁ ସମ୍ମାନିତ କରାଯାଇଥିଲା।

# ରାଜ୍ୟରେ ୩,୦୬,୬୯୫ ମାମଲା ଫଇସଲା

## ୨୬୫,୨୬,୯୫,୭୩୯ ଜରିମାନା, କ୍ଷତିପୂରଣ ରାଶି ସ୍ଥିରୀକୃତ

**କଟକ,୧୩।୯(କାର୍ତ୍ତିକ ସାହୁ)**

ନ୍ୟାଶନାଲ ଲିଗାଲ ସର୍ଭିସ ଅଥୋରିଟି (ନାଲସା) ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ରାଜ୍ୟର ୩୦ ଜିଲାରେ ଥିବା ବିଭିନ୍ନ ଜିଲାସ୍ତରୀୟ ଅଦାଲତ ସମେତ କଟକସ୍ଥିତ ଋଣ ଆଦାୟ ଟ୍ରିବ୍ୟୁନାଲ, ଖାଉଟି ଅଦାଲତ, ଭୁବନେଶ୍ୱରସ୍ଥିତ ଇଣ୍ଡଷ୍ଟ୍ରିଆଲ ଟ୍ରିବ୍ୟୁନାଲ ଓ ଷ୍ଟେଟ ଏଜୁକେଶନ ଟ୍ରିବ୍ୟୁନାଲରେ ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣର ପାଟ୍ରୋନ-ଇନ୍-ଚିଫ୍ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ, ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ମାନସ ରଞ୍ଜନ ପାଠକଙ୍କ ମାର୍ଗଦର୍ଶନରେ



## ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଲୋକ ଅଦାଲତ ପରିଚାଳିତ ହୋଇଛି।

ବିଭିନ୍ନ ଅଦାଲତରେ ପଡ଼ିରହିଥିବା ମୋଟ ୨୨,୯୩୬ଟି ମାମଲା, ରାଜସ୍ୱ ମାମଲା ୨,୭୬,୦୯୩ଟି ଏବଂ ପ୍ରି-ଲିଟିଗେଶନ ମାମଲା ୭,୬୬୪ଟି ମିଶି ମୋଟ ୩,୦୬,୬୯୫ଟି ମାମଲା ଫଇସଲା କରାଯାଇଥିଲା। ଏଥିସହ ମୋଟ ୨୬୫,୨୬,୯୫,୭୩୯ ଟଙ୍କା ଜରିମାନା ଏବଂ କ୍ଷତିପୂରଣ ରାଶି ବାବଦରେ ସ୍ଥିରୀକୃତ ହୋଇଛି।

ବିଭିନ୍ନ ଅଦାଲତରେ ପଡ଼ିରହି ସମାଧାନ ହୋଇଥିବା ମାମଲାଗୁଡ଼ିକ ମଧ୍ୟରୁ କ୍ରିମିନାଲ କମ୍ପାଉଣ୍ଡେବଲ ଅଫେନ୍ସ ୩୭୦, ଏନ୍ଆଇ ଆକ୍ଟ ୨୨୦୦, ମନି ରିକଭରି ୬୮୨, ମୋଟରଯାନ ଦୁର୍ଘଟଣାଜନିତ ୧୩୦୯, ଶ୍ରମ ବିବାଦ ୩୯, ବିଦ୍ୟୁତ୍ ଓ ପାଣି ବିଲ ବିବାଦ ୩୫, ବୈବାହିକ ତଥା ପାରିବାରିକ ବିବାଦ ୬୬୦, ଜମି ଅଧିଗ୍ରହଣ ୦୨, ରାଜସ୍ୱ ଓ ଅନ୍ୟାନ୍ୟ ବିବାଦ ୨,୭୬,୦୯୩, ଖାଉଟି ବିବାଦ ଆଦି ୩୨, ଅନ୍ୟାନ୍ୟ ସିଭିଲ ବିବାଦ ୨,୨୨୮, ଅନ୍ୟାନ୍ୟ ଫୌଜଦାରି ୧୫,୩୭୯, ଋଣ ଆଦାୟ ଟ୍ରିବ୍ୟୁନାଲ ୮, ରାଜ୍ୟ ଖାଉଟି ଅଦାଲତରେ ୨ଟି, ରାଜ୍ୟ ଶିକ୍ଷା ଟ୍ରିବ୍ୟୁନାଲରେ ୮ଟି, ଭୁବନେଶ୍ୱର ଶ୍ରମ ଅଦାଲତରେ ୨ ଓ ଭୁବନେଶ୍ୱର ଶିଳ୍ପ ଟ୍ରିବ୍ୟୁନାଲରେ ୨ଟି ମାମଲା ଫଇସଲା ହୋଇଛି।

# ହିନ୍ଦୀ ପୃଥିବୀର ତୃତୀୟ ସର୍ବାଧିକ ବ୍ୟବହୃତ ଭାଷା

**ଭୁବନେଶ୍ୱର,୧୩।୯(ବନ୍ଦନା ସେଠୀ)**

## ଆଜି ବିଶ୍ୱ ହିନ୍ଦୀ ଦିବସ




ବିଭିନ୍ନତା ମଧ୍ୟରେ ଏକତା ହେଉଛି ଭାରତର ବୈଶିଷ୍ଟ୍ୟ। ଦେଶ ସ୍ୱାଧୀନ ହେବା ପରେ ଭାଷାକୁ ନେଇ ବଡ଼ ପ୍ରଶ୍ନ ଉଠିଥିଲା। ଶେଷରେ ହିନ୍ଦୀ ଭାଷାକୁ ରାଷ୍ଟ୍ରଭାଷା ବା ରାଜଭାଷାର ମାନ୍ୟତା ମିଳିଥିଲା। ସମ୍ବିଧାନ ସଭା ଦେବନାଗରୀ ଲିପିରେ ଲେଖାଯାଇଥିବା ହିନ୍ଦୀ ଭାଷାକୁ ରାଷ୍ଟ୍ରର ଭାଷା ରୂପେ ସ୍ୱୀକାର କରିଥିଲେ। ସମ୍ବିଧାନ ସଭାରେ ୧୯୪୯ ସେପ୍ଟେମ୍ବର ୧୪ରେ ହିନ୍ଦୀକୁ ସରକାରୀ ଭାଷା ଭାବରେ ଗ୍ରହଣ କରାଯାଇଥିଲା। ତେଣୁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ସେପ୍ଟେମ୍ବର ୧୪କୁ ହିନ୍ଦୀ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲେ। ଦୈନନ୍ଦିନ ଜୀବନରେ ହିନ୍ଦୀର ବହୁଳ ବ୍ୟବହାର, ହିନ୍ଦୀ ସାହିତ୍ୟର ପ୍ରସାର କରିବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଉଛି। ବିଶ୍ୱର ସବୁଠାରୁ ଅଧିକ ବ୍ୟବହୃତ ହେଉଥିବା ଭାଷାଗୁଡିକ ମଧ୍ୟରୁ ଗୋଟିଏ ହେଉଛି ହିନ୍ଦୀ। ଏହା ଭାରତର କୋଟି କୋଟି ଲୋକଙ୍କର ମାତୃଭାଷା। ହିନ୍ଦୀ ଏହାର ନାମ ପାର୍ସୀ ଶବ୍ଦ ହିନ୍ଦ୍‌ରୁ ପାଇଛି, ଯାହାର ଅର୍ଥ ହେଉଛି 'ଇନ୍ଦସ ନଦୀର ଭୂମି।' ହିନ୍ଦୀ ପୃଥିବୀର ତୃତୀୟ ସର୍ବାଧିକ ବ୍ୟବହାର ହେଉଥିବା ଭାଷା ଭାବରେ ପରିଗଣିତ ହୁଏ। ଭାରତ ବ୍ୟତୀତ ନେପାଳ, ପାକିସ୍ତାନ, ଶ୍ରୀଲଙ୍କା ଏବଂ ଅନ୍ୟ ପଡ଼ୋଶୀ ଦେଶରେ ହିନ୍ଦୀ ଭାଷାରେ ଅନେକ ଲୋକ କଥାବାର୍ତ୍ତା କରିଥାନ୍ତି। ହିନ୍ଦୀ ହଜାର ବର୍ଷରୁ ଉର୍ଦ୍ଧ୍ୱ ପୁରାତନ ଭାଷା।


**ODISHA HYDRO POWER CORPORATION LTD.,** (OHPC)

O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA – 768017, DISTRICT: SAMBALPUR (ODISHA), PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in CIN : U40101OR1995SGC003963

No.CAD-1739

No. HHEP/Tech-WK-104, Vol-IV/6161 Date : 10.09.2025

**NOTICE INVITING TENDER NO HHEP-53/2025**

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Contractors having **valid HT License with supervision for EHT works** issued from ELBO, Govt of Odisha, valid IT PAN, GST registration certificate and past experience for carrying out such type of work as mentioned below.

| Sl. No. | Description of work/ Service | Cost of tender paper (non-refundable) in Rs. | EMD in shape of DD/BC (Refundable) in Rs. |
|---|---|---|---|
| 1 | Annual Maintenance Contract for two years for maintenance of equipments of 132KV Switchyard, 11KV Switch house & LT Systems of HHEP,Burla | Rs. 11800/- (Rs. 10000 + GST @ 18%) | 57565/- |

- Sale of tender paper: **16.09.2025 (10.00AM) to 03.10.2025 upto 05.30PM**
- Receipt of tender paper: **04.10.2025 upto 03.30PM**
- Date & time of opening of tender: **04.10.2025 at 04.00PM**
- For details of tender documents / terms & conditions / corrigendum / errata / addendum if any please visit our website **www.ohpcltd.com.**

Sd/-
C&P Head, HHEP, Burla

OIPR-04007/11/0072/2526

**DISTRICT EDUCATION OFFICE, SAMAGRA SIKHYA, ANGUL**

No.2896, Dated 13.09.2025

**NOTIFICATION**

It is hereby informed to all concerned that the **Draft Provisional List of Applicants** who has applied for various vacancies under **Kasturba Gandhi Balika Vidyalaya (KGBV) Hostels of Angul District** has been published in the **OSEPA website (https://osepa.odisha.gov.in)** and the **District Website (https://angul.odisha.gov.in).**

Applicants are hereby invited to submit their **objections, if any,** against the draft provisional list/draft Reject list in the prescribed objection form. The objection form must be submitted **on or before 23.09.2025** during office hours on working days only, at the Office of the District Education Officer, Samagra Sikhya, Angul.

No Objections will be entertained after the stipulated date.

**Sd./- District Education Officer cum DPC, Angul**

**OFFICE OF THE EXECUTIVE ENGINEER**
**RURAL WORKS DIVISION, BARGARH**

Email : rd_bgh@yahoo.co.in, Gmail : rwd.bgh@gmail.com

No.O-738 **e-Procurement Notice No. ONLINE-BGH-07 of 2025-26**

| | | | |
|---|---|---|---|
| 1 | Name of the Work | : | Building work during 2025-26 in the district of Bargarh |
| 2 | EMD | : | @1% of the estimated cost put to tender |
| 3 | Other details | : | As per DTCN |

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Bargarh | ONLINE-BGH-07 OF 2025-26 | 15.09.2025 at 11.00 A.M. | 25.09.2025 upto 5.00 P.M. | 25.09.2025 upto 4.00 P.M. | 26.09.2025 at 11.00 A.M. |

Further details can be seen from the website www.tendersorissa.gov.in.

Sd./- Executive Engineer
R.W. Division, Bargarh

OIPR-25062/11/0033/2526

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**

E-mail : seec.bbsr2010@gmail.com

**Bid Identification No.S.E.E.C (R&B) 12/2025-26**

**No. 3293 / Date : 03.09.2025**

**No.B-490** : The Superintending Engineer, Electrical Circle (R&B), Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.15.09.2025 at 05.00 P.M. to dt.29.09.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.03.10.2025 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

**Sd./- Superintending Engineer Electrical Circle (R&B), Odisha, BBSR**

OIPR-34006/11/0046/2526

**Government of Jharkhand**
**Directorate of Food & Consumer Affairs**
**3rd Floor, JSFC Bhawan, Kadru, Ranchi -834002**

**Reverse e-Auction Procurement Notice through GeM Portal**

Letter No.-kha.up.ni.01-namak-11/2025- **1506** Date : **12-09-2025**

**Selection Of Bidder For Supply Of Free Flow Refined Iodized Edible Salt (As Per FSSAI Norms) For 2nd Quarter (July 2025 to September 2025) Of Financial Year 2025-26 By e-Tender Through E-Bid Followed By Reverse Auction on GeM Platform.**

| Bid Details | |
|---|---|
| GeM Bid No. | GEM/2025/B/6677183 Dated: 12-09-2025 |
| Earnest Money Deposit (EMD)/Bid Security | Rs. 42,90,000.00 as EMD (margin money) in the form of Demand Draft issued from any scheduled commercial bank in the name of "Director, Directorate of Food and Consumer Affairs, Jharkhand Ranchi" in the office of Directorate of Food and Consumer Affairs, Jharkhand, Ranchi, 3rd JSFC Bhawan, Kadru, Ranchi – 834002 before last date of submission of bid documents. |
| Document Sale Date & Timing i.e Last Date & time for downloading RFP from website http://jharkhand.gov.in/food & GeM portal | From 12-09-2025 to 03-10-2025 |
| Online Bid Submission Period | From 12-09-2025 to 03-10-2025 (1600 hrs.) |
| Pre-Bid Meeting | 19-09-2025 at 12:00 pm through google meet (https://meet.google.com/jxf-paxh-ovq) |
| Date of Auction | Will be published after technical evaluation |
| Nameand concerned person for Correspondence | Mr. Dilip Tirkey Mobile no.- 9470520458 , email- directorfood18@gmail.com |

Sd/-
Director
(Directorate of Food & Consumer Affairs)

PR 361819 (Directorate of Food and Consumer Affairs) 25-26 (D)

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**P.H.DIVISION, CUTTACK**

e-mail ID- eephctcii@gmail.com, sephdctc521@gmail.com

No.C-1057: **e-Procurement Notice for**
**Bid Identification No.SEPH-DIVISION, CTC-22 of 2025-26**

1. Name of the Work : 1 No. P.H. Work
2. Estimated Cost : Rs.668.90 Lakh
3. Tender Paper Cost : Rs.10,000.00
4. Period of Completion : 2 Months
5. Date & Time of availability of bid document in the portal : 16.09.2025 from 11.00 A.M. to 03.10.2025 upto 5.00 P.M.
6. Last date & time of seeking clarification : 22.10.2025 upto 5.00 P.M.
7. Last date/time of receipt of bids in the portal : 03.10.2025 upto 5.00 P.M.
8. Date & Time of opening of bids: 04.10.2025 at 11.00 A.M.
9. Name and address of the Officer Inviting Bid : I/C Superintending Engineer P.H. Division, Cuttack- 753004 Odisha, Ph.(0671) 2441063 email: eephctcii@gmail.com sephdctc521@gmail.com

Further details can be seen from e-procurement portal https://www.tendersodisha.gov.in. **Sd./- I/C Superintending Engineer P.H. Division, Cuttack**

OIPR-13225/11/0034/2526

## ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିବ ମା'ଙ୍କ ପୀଠ

କଳାହାଣ୍ଡି ଜିଲା ଜୁନାଗଡ଼ରେ ରବିବାର ସନ୍ଧ୍ୟାରେ ପାଳନ ହେବ ମା'ଲଙ୍କେଶ୍ୱରୀଙ୍କ ପ୍ରସିଦ୍ଧ ଖଣ୍ଡାବସା ପର୍ବ। ଏହିଅବସରରେ ବିଭିନ୍ନ ପ୍ରକାର ମେଲୋଡି କାର୍ଯ୍ୟକ୍ରମ ସହ ଘୁମୁରା, ଡ୍ୟାନ୍ସ ଡ୍ୟାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ସ୍ଥାନୀୟ କଳାକାରଙ୍କ ଦ୍ୱାରା ଲୋକନୃତ୍ୟ ମଧ୍ୟ ପରିବେଷଣ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିବ ମା'ଲଙ୍କେଶ୍ୱରୀ ପୀଠ। ଏହାସହ ଖଣ୍ଡାବସା ଉପଲକ୍ଷେ ଚାଲିଥିବା ଫୁଟ୍‌ବଲ ପ୍ରତିଯୋଗିତାର ଫାଇନାଲ ଖେଳ ମଧ୍ୟ ଅନୁଷ୍ଠିତ ହେବ।

## ଖଣ୍ଡାବସା କପ୍ ଫୁଟ୍‌ବଲ: ଫାଇନାଲ ଆଜି

ଜୁନାଗଡ଼ ହାଇସ୍କୁଲ ପଡିଆଠାରେ ଚାଲିଥିବା ମା' ଲଙ୍କେଶ୍ୱରୀ ଖଣ୍ଡାବସା କପ୍ ଫୁଟ୍‌ବଲ ମ୍ୟାଚର ଶନିବାର ପ୍ରଥମ ସେମିଫାଇନାଲ ବାନେର ଓ ଭବାନୀପାଟଣା ମର୍ଣ୍ଣିଂ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ଭବାନୀପାଟଣା ମର୍ଣ୍ଣିଂ କ୍ଲବ ବିଜୟୀ ହୋଇ ଫାଇନାଲରେ ପହଞ୍ଚିଛି। ସେହିପରି ଦ୍ୱିତୀୟ ସେମିଫାଇନାଲ ଖେଳ କର୍ଲାକୋଟ ଓ ଭବାନୀପାଟଣା ଏଏସ୍ ଫ୍ରେଣ୍ଡ୍‌ସ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭବାନୀପାଟଣା ଏଏସ୍ ଫ୍ରେଣ୍ଡ୍‌ସ କ୍ଲବ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଛି। ରବିବାର ଭବାନୀପାଟଣା ମର୍ଣ୍ଣିଂ କ୍ଲବ ଓ ଭବାନୀପାଟଣା ଏଏସ୍ ଫ୍ରେଣ୍ଡ୍‌ସ କ୍ଲବ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ।


ପଲ୍ଲବୀ ଦାସ

## ଜୁନାଗଡ଼ର ଗଡ଼ଦେବୀ ମା' ଲଙ୍କେଶ୍ୱରୀ

ଯେତେପାରୁଛୁ ଦୁଃଖ ଦେ
ବଦଳରେ ପାଦପାଖେ ରଖିଥା ମୋତେ।
ମୁଁ ଥକିପଡ଼ିଛି ବାଟବଣା ହୋଇ
ସୁଖ ଲାଳସାରେ ଖାଲି ଦୁଃଖ ଫଳେ।
ଅଭୟଛାଇ ଟିକେ ଦିଅନ୍ତୁନି ମାଁ,
ଦୟାର ଏକଇ ଈଶ୍ୱରୀ
ମୋ' ଗଡ଼ ଠାକୁରାଣୀ ମା' ଲଙ୍କେଶ୍ୱରୀ।
ଖଡ୍ଗଧାରିଣୀ ବି ତ ଜନନୀ,
ଆଖି ଫିଟିଲା ଦିନୁଁ ଜାଣିଛି
ତୁ ଅଭୟଦାୟିନୀ।

ମେଘ ପାଚିଲେ ଫୁଲେ ହାତୀନଇ,
ତୋ' କୋମଳ ଇସାରାରେ ଧସେଇ ପଶେନି
ତୁ ଭକ୍ତିପ୍ରାଣର ସ୍ନେହମୟୀ, ସମ୍ଭାଳି ରଖିଛୁ ସଭିଙ୍କୁ।
ତୋତେ ଡାକିବିନି କେମିତି
ଦୁଃଖ ମୋ ପାଖରେ ଥାଉ
ତୁ ବି ଥା'।
ସୁଖ ଉଛୁଳିଲେ ଥରୁଟେ ଡାକିଦେବୁ
ଫେରିଆସି ଧାଇଁ ବି ତୋ' ଶରଣ ଆଶାରେ
ସୁଖ ମୋର ପୋଡ଼ିଯାଉ ମଳିନ ସନ୍ଧ୍ୟାରେ।
ବରଷକେ ଥରେ ଆସିଛି ତୋ ଖଣ୍ଡାବସା ପର୍ବେ।

ଜୁନାଗଡ଼, କଳାହାଣ୍ଡି
































































# ପ୍ରଧାନ ଶିକ୍ଷକ ନିଲମ୍ବିତ, ଗ୍ରାମବାସୀଙ୍କ ସ୍କୁଲ ଘେରାଉ

**ଛାତ୍ରଙ୍କ ଆଖିରେ ଅଠା ଲାଗିବା ଘଟଣା**

**ଆଉ ୨ ଛାତ୍ର ମେଡିକାଲରେ ଭର୍ତ୍ତି**

ଫୁଲବାଣୀ,୧୩।୯(ରାକେଶ କୁମାର ରାଉତ)



ସଲାଗୁଡ଼ା ସରକାରୀ ଆଶ୍ରମ ବିଦ୍ୟାଳୟ ସମ୍ମୁଖରେ ଶନିବାର ମହିଳାମାନେ ଧାରଣା ଦେଇଛନ୍ତି।

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ୍ ସଲାଗୁଡ଼ା ପଞ୍ଚାୟତ ସଲାଗୁଡ଼ା ସେବାଶ୍ରମରେ ଛାତ୍ରଙ୍କ ଆଖିରେ ସହପାଠୀ ଅଠା (ଫେବିକୁଇକ୍) ଲଗାଇବା ଘଟଣାରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଏନେଇ ଜିଲାପାଳ ବେଦ ଭୂଷଣ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋରଞ୍ଜନ ସାହୁଙ୍କୁ ନିଲମ୍ବନ କରିଛନ୍ତି। କାର୍ଯ୍ୟରେ ଅବହେଳା, ବିଦ୍ୟାଳୟରେ ରହୁ ନ ଥିବା ନେଇ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଘଟଣାକୁ ନେଇ ଗ୍ରାମବାସୀ ସକାଳେ ସ୍କୁଲ ଘେରାଉ କରିଛନ୍ତି। ଜିଲା ମଙ୍ଗଳ ଅଧିକାରୀ ଏବଂ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଗ୍ରାମବାସୀ ସ୍କୁଲ ଘେରାଉରୁ ହଟିଥିଲେ। ଏହି ଘଟଣାରେ ଆଉ ୨ ଜଣ ପିଲା ଶନିବାର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଫଳରେ ମୋଟ ଛାତ୍ରସଂଖ୍ୟା ୧୦ରେ ପହଞ୍ଚିଛି। ଏହି ୨ଜଣ ପିଲା ଡରରେ କିଛି କହି ନ ଥିଲେ। ପରେ ଏହା ଜଣାପଡ଼ିବା ପରେ ଜିଲା ମଙ୍ଗଳ ଅଧିକାରୀ ସେମାନଙ୍କୁ ମେଡିକାଲ ପଠାଇଥିଲେ। ସୂଚନାଯୋଗ୍ୟ, ଗୁରୁବାର ରାତି ୯ଟାରେ ସମସ୍ତେ ଖାଇ ଶୋଇଥିବା ବେଳେ କେତେଜଣ ସହପାଠୀ ଛାତ୍ର ୪ର୍ଥ ଓ ୫ମରେ ପଢୁଥିବା ୧୦ ଜଣ ଛାତ୍ରଙ୍କ ଆଖିରେ ଅଠା (ଫେବିକୁଇକ) ଲଗାଇ ଦେଇଥିଲେ। ଶୁକ୍ରବାର ସକାଳୁ ଆଖି ଖୋଲିପାରି ନ ଥିଲେ। ସେମାନେ କାନ୍ଦିବା ଆରମ୍ଭ କରିବାରୁ ଘଟଣା ପଦାକୁ ଆସିଥିଲା। ସେମାନଙ୍କ ମଧ୍ୟରୁ ୭ ଜଣଙ୍କୁ ଗୁରୁତର ଅବସ୍ଥାରେ ଫୁଲବାଣୀ ମେଡିକାଲକୁ ଅଣାଯାଇଥିଲା। ସେଠାରେ ଚିକିତ୍ସା ପରେ ପିଲାମାନଙ୍କ ଆଖି ଖୋଲିଛି, ହେଲେ ପୀଡ଼ା ଓ ଫୁଲା ରହିଛି । ସମସ୍ତଙ୍କ ଅବସ୍ଥା ଭଲ ଥିବା ମେଡିକାଲ ସୂତ୍ରରୁ ଜଣାପଡ଼ିଛି।

## ନାବାଳକଙ୍କ ସହ ଅପ୍ରାକୃତ ଯୌନ ସମ୍ପର୍କ ରଖିବା ଅଭିଯୋଗରେ ଜଣେ ଗିରଫ

ଧରାକୋଟ,୧୩।୯(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଜଣେ ଷଷ୍ଠ ଶ୍ରେଣୀରେ ପଢୁଥିବା ନାବାଳକଙ୍କ ସହ ଅପ୍ରାକୃତ ଯୌନ ସମ୍ପର୍କ ରଖିବା ଅଭିଯୋଗରେ ଧରାକୋଟ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଆଲୋକ ପଣ୍ଡା (୧୯)। ତାଙ୍କ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ବ୍ରହ୍ମପୁରସ୍ଥିତ ପୋସକୋ କୋର୍ଟକୁ ପଠାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ ଧରାକୋଟ ଥାନା ଅନ୍ତର୍ଗତ କୁଶପଡା ଗ୍ରାମର ଆଲୋକ ଗ୍ରାମର ଷଷ୍ଠ ଶ୍ରେଣୀରେ ପଢୁଥିବା ଜଣେ ନାବାଳକ (୧୨)ଙ୍କୁ ଗତ ସୋମବାର ଏକ ନିର୍ମାଣାଧୀନ କଲ୍ୟାଣମଣ୍ଡପ ଭିତରକୁ ଡାକିନେଇ ତାଙ୍କ ସହ ଅପ୍ରାକୃତ ଯୌନ ସମ୍ପର୍କ ରଖିଥିଲେ। ପୂର୍ବରୁ ଆଲୋକ ନାବାଳକଙ୍କୁ ବିଭିନ୍ନ ଉପାୟରେ ପ୍ରଲୋଭିତ କରି ରଖିଥିଲେ। ଏପରିକି କଥାବାର୍ତ୍ତାର ଅଡିଓ ରେକର୍ଡ କରି ମଧ୍ୟ ରଖିଥିଲେ। ଘଟଣା ଦିନ ଅପ୍ରାକୃତ ଯୌନ ସମ୍ପର୍କ ସ୍ଥାପନ ପରେ ନାବାଳକଙ୍କୁ ଘରକୁ ଯାଇ ଟଙ୍କା ମାଗି ଆଣିବାକୁ କହିଥିଲେ। ନାବାଳକ ମନା କରିବାରୁ ତାଙ୍କୁ ରେକର୍ଡ କରି ରଖିଥିବା କଥା ସବୁ ପ୍ରଘଟ କରିଦେବାକୁ ଭୟ ଦେଖାଇଥିଲେ। ନାବାଳକ ଜଣକ ଘରକୁ ଯାଇ ଏକଥା ମା'ବାପାଙ୍କୁ ଜଣାଇଥିଲେ। ମା' ଶୁକ୍ରବାର ଏନେଇ ଧରାକୋଟ ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ନଂ. ୩୪୮/୨୫ରେ ମାମଲା ରୁଜୁ ହୋଇଥିଲା। ଏହାର ତଦନ୍ତ କରାଯାଇ ଅଭିଯୁକ୍ତ ଆଲୋକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି ।

## ପାଳିତ ଝିଅଙ୍କୁ ଗର୍ଭବତୀ କରି ବାପା ଗିରଫ

ଧର୍ମଶାଳା/କାଏମା,୧୩।୯
(ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ମିର୍ଜାପୁର ଗ୍ରାମରେ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ତାଙ୍କ ପାଳିତ ଝିଅଙ୍କୁ ଗର୍ଭବତୀ କରିଥିବା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଏଥିସହିତ ବୟାନ ରେକର୍ଡ ପାଇଁ ପୀଡ଼ିତାଙ୍କୁ ଯାଜପୁର ଟାଉନସ୍ଥିତ ସର୍ଟ୍ ଷ୍ଟେ ହୋମରେ ରଖିଛି। ସମ୍ପୃକ୍ତ ବ୍ୟକ୍ତି ଦିବ୍ୟାଙ୍ଗ ହୋଇଥିବାରୁ ନାବାଳିକା ତାଙ୍କ ସେବା କରୁଥିଲେ। ଏହାର ସୁଯୋଗନେଇ ସେ ନାବାଳିକାଙ୍କ ସହ ଶାରିରୀକ ସମ୍ପର୍କ ରଖଥିଲେ। ଫଳରେ ନାବାଳିକା ଗର୍ଭବତୀ ହୋଇଥିଲେ। ନାବାଳିକା ଏବେ ୫ ମାସର ଗର୍ଭବତୀ ଅଛନ୍ତି। ମାତ୍ର ଲୋକଲଜ୍ଜା ଭୟରେ ତାଙ୍କ ଘରେ ଏ ସମ୍ପର୍କରେ ଜଣାଇ ନ ଥିଲେ। ଅନ୍ୟପକ୍ଷରେ କାହାକୁ କହିଲେ ତାଙ୍କୁ ଜୀବନରୁ ମାରିଦେବାକୁ ସମ୍ପୃକ୍ତ ବ୍ୟକ୍ତି ଧମକ ଦେଇଥିଲେ। ପୀଡ଼ିତାଙ୍କ ମା' ଏକଥା ଜାଣିବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୫୭୨/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝି ସୂଚନା ଦେଇଛନ୍ତି।

## ଅଫୁଟା ଗୁଳି ସହ ଦେଶୀ ବନ୍ଧୁକ ଜବତ,୨ ଗିରଫ

ବଇଣ୍ଡା,୧୩।୯(ପରିକ୍ଷିତ ସାହୁ)/ଆଠମଲ୍ଲିକ(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡ ଅଧୀନସ୍ଥ ଧଣ୍ଡାତୋପା ଓଭରବ୍ରିଜ୍ କ୍ୟାମ୍ପରୁ ଶୁକ୍ରବାର ଧଣ୍ଡାତୋପା ବନ ବିଭାଗ କର୍ମଚାରୀ ଓ ଠାକୁରଗଡ଼ ପୋଲିସ ମିଳିତ ଭାବେ ଚଢ଼ାଉ କରି ଏକ ଦେଶୀ ବନ୍ଧୁକ, କିଛି ଅଫୁଟା ଗୁଳି, ବାରୁଦ ବୋତଲ ସହ ପଟାସ ଜବତ କରିଛନ୍ତି। ଏଥିସହ କିଶୋରନଗର ଥାନା ବ୍ରାହ୍ମଣୀପାଳି ଗ୍ରାମର ସୁଶାନ୍ତ ପ୍ରଧାନ(୩୬) ଓ କଦଳୀମୁଣ୍ଡା ଗ୍ରାମର ଧୋବେଇ ପ୍ରଧାନ(୨୭)ଙ୍କୁ ଗିରଫ କରିଛନ୍ତି। ଧଣ୍ଡାତୋପା ରେଞ୍ଜର ବବୁବାହନ ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ନମ୍ବର ୨୭୦/୨୫ରେ ଏକ ମାମଲା ରୁଜୁ କରିଛି। ଏସିଏଫ୍ ଦିବ୍ୟ ସିଂ ମାଝୀ, ରେଞ୍ଜର ସାହୁ, ଫରେଷ୍ଟର ଗୌରଚନ୍ଦ୍ର ଦନ୍ତାଙ୍କ ସମେତ ବନ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ। ଶନିବାର ଠାକୁରଗଡ଼ ଥାନା ଅଧିକାରୀ ଶଶିଭୂଷଣ ବେହେରା ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

## ଆଇଟିଆଇ ହଷ୍ଟେଲରେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ

ବସ୍ତା, ୧୩।୯(ହରିଶଙ୍କର ପାଢ଼ି)

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ନଳବାହାରସ୍ଥିତ ଏକ ଘରୋଇ ଆଇଟିଆଇ କଲେଜରେ ପଢୁଥିବା ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଶନିବାର ଜବତ କରିଛି। ମୃତ ଛାତ୍ରୀଙ୍କ ଘର ମୟୂରଭଞ୍ଜ ଜିଲା ବଡ଼ସାହି ଅଞ୍ଚଳରେ। ଏ ସମ୍ପର୍କରେ ପୋଲିସ ଏକ ହତ୍ୟା ମାମଲା (ନଂ.୩୩୨/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

ମିଳିଥିବା ସୂଚନାନୁସାରେ, ନଳବାହାରସ୍ଥିତ ପପୁଲାର ଆଇଟିଆଇରେ ଇଲେକ୍ଟ୍ରିସିଆନ୍ ବିଭାଗର ପ୍ରଥମ ବର୍ଷ ଛାତ୍ରୀ ଭାବେ ସେ ପ୍ରଶିକ୍ଷଣ ନେଉଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଓଢ଼ଣୀରେ ଝୁଲି ଆତ୍ମହତ୍ୟା କରିଥିଲେ ବୋଲି କଲେଜ କର୍ତ୍ତୃପକ୍ଷ ଛାତ୍ରୀଙ୍କ ବାପାଙ୍କୁ ଟେଲିଫୋନ୍ ଯୋଗେ ଜଣାଇଥିଲେ। ଖବରପାଇ ବସ୍ତା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅପରପକ୍ଷେ ଛାତ୍ରୀଙ୍କ ପରିବାର ପକ୍ଷରୁ ଝିଅକୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଇଛି ବୋଲି ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ମୃତ ଛାତ୍ରୀଙ୍କ ପରିବାରକୁ ନ୍ୟାୟ ଓ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ କଲେଜ କର୍ତ୍ତୃପକ୍ଷ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ପରିବାର ପକ୍ଷରୁ ଦାବି ହୋଇଛି।

## ଅଟୋ ଚାଳକଙ୍କ ଗଳାକାଟି ହତ୍ୟା

ଟିକିରି,୧୩।୯
(ପ୍ରଫୁଲ୍ଲ କୁମାର ବେହେରା)


ମୃତ ଖଗେଶ୍ୱର ମାଣ୍ଡାଙ୍ଗି।

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଦୋରାଗୁଡା ଥାନା ଅଧୀନ ଜି.କରଳ ଗାଁ ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ଅଟୋ ଚାଳକଙ୍କ ଗଳାକାଟି ହତ୍ୟା କରାଯାଇଛି। ମୃତକ ହେଲେ ପଡୋଶୀ କୋରାପୁଟ ଜିଲା କାଳାଆମ୍ବ ଗ୍ରାମର ଖଗେଶ୍ୱର ମାଣ୍ଡାଙ୍ଗି। ହତ୍ୟା ପରେ ଅଭିଯୁକ୍ତ ଜଣକ ଫେରାର ହୋଇଯାଇଛନ୍ତି। ଶନିବାର ସକାଳେ ରାୟଗଡା ଏସ୍‌ଡିପିଓ ଗୌରହରି ସାହୁ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରିଛନ୍ତି। ଗୁଣି ସନ୍ଦେହରେ ତାଙ୍କୁ ହତ୍ୟା କରାଯାଇଥିବା ମୃତକଙ୍କ ଭାଇ ଦୋରାଗୁଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, କୋରାପୁଟ ଜିଲା କାଳାଆମ୍ବ ଗ୍ରାମର ଖଗେଶ୍ୱର ମାଣ୍ଡାଙ୍ଗି ଓ ରମାକାନ୍ତ ମାଣ୍ଡାଙ୍ଗି ଅଟୋ ଯୋଗେ ଟିକିରି ବାଲିଯାତ୍ରା ଦେଖିବାକୁ ଯାଇଥିଲେ। ବୁଲାବୁଲିକରି ଗାଁକୁ ଫେରିବା ସମୟରେ ଉକ୍ତ ଗ୍ରାମର ଚିତ୍ର ମାଣ୍ଡାଙ୍ଗି ଗାଁକୁ ଯିବାକୁ କହି ସେମାନଙ୍କୁ ଲିଫ୍ଟ ମାଗିଥିଲେ। ଖଗେଶ୍ୱର ତାଙ୍କୁ ଅଟୋରେ ଲିଫ୍ଟଦେବା ପରେ ସମସ୍ତେ ଗାଁ ଅଭିମୁଖେ ଯାଉଥିଲେ। ଅଟୋରେ ରମାକାନ୍ତ ଶୋଇପଡିବା ପରେ କୌଣସି କାରଣକୁ ନେଇ ଚିତ୍ର ଅଧବାଟରେ ଏକ ଧାରୁଆ ଅସ୍ତ୍ରରେ ଅଟୋଚାଳକ ଖଗେଶ୍ୱରଙ୍କୁ ଆକ୍ରମଣ କରିଥିଲେ। ଏହି ସମୟର ରମାକାନ୍ତ ଉଠିପଡି ଖଗେଶ୍ୱରଙ୍କୁ ରକ୍ଷା କରିବାରୁ ତାଙ୍କୁ ମଧ୍ୟ ଚିତ୍ର ଆକ୍ରମଣ କରିଥିଲେ। ଫଳରେ ସେ ଭୟଭୀତ ହୋଇ ସେଠାରୁ ପଳାଇ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବରପାଇ ଦୋରାଗୁଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୁମୂର୍ଷ ଅବସ୍ଥାରେ ଖଗେଶ୍ୱରଙ୍କୁ ଉଦ୍ଧାରକରି ଉଷାପଡାସ୍ଥିତ ଉତ୍କଳ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଦାରାଗୁଡ଼ା ଆଇଆଇସି କିରଣବାଳା ସାମଲ ସୂଚନା ଦେଇଛନ୍ତି।

BUSINESS

## ମାରୁତି ଅଲ୍ ନ୍ୟୁ ଭିକ୍ଟୋରିଜ୍ ଅନାବରଣ

ଭୁବନେଶ୍ୱର,୧୩।୯




ଭାଣପୁରସ୍ଥିତ ମାରୁତି ସୁଜୁକି ଅଧିକୃତ ବିକ୍ରିତା ସ୍କାଏ ଅଟୋମୋବାଇଲ ପକ୍ଷରୁ ମାରୁତି ଅଲ୍ ନ୍ୟୁ ଭିକ୍ଟୋରିଜ୍ ଶନିବାର ଅନାବରଣ କରାଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି କାର୍‌ର ଉନ୍ମୋଚନ ଉତ୍ସବରେ ସ୍କାଏ ଅଟୋମୋବାଇଲ ଆରେନାର ସିଓଓ ତୁଷାର ରଞ୍ଜନ ବେହେରା, ସ୍କାଏ ଅଟୋମୋବାଇଲ ନେକ୍ସାର ସିଓଓ ପ୍ରବୀଣ ଲାଥ, ଜେନେରାଲ ମ୍ୟାନେଜର ସଞ୍ଜୟ କୁମାର ଗୁପ୍ତା, ସିନିୟର ସେଲ୍ସ ମ୍ୟାନେଜର ଜଗନ୍ନାଥ ପ୍ରସାଦ ସାହୁ, କ୍ୱାଲିଟି ମ୍ୟାନେଜର ରଶ୍ମିରେଖା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ନୂଆ ଡିଜାଇନ ଓ ଆଧୁନିକ ଫିଚର୍ସ ସହ ଲଞ୍ଚ ହୋଇଥିବା ଏହି କାର୍‌ରେ ଏଲଇଡି ଲାଇଟିଂ ଓ କନେକ୍ଟେଡ୍ ଟେଲିମ୍ୟାଟ୍ ରହିଛି। ଏହା ଏଏକ୍ସଆଇ, ଭିଏକ୍ସଆଇ, ଜେଡ୍ଏକ୍ସଆଇ, ଜେଡ୍ଏକ୍ସଆଇ ଅପ୍ସନାଲ, ଜେଡ୍ଏକ୍ସଆଇ ପ୍ଲସ୍ ଓ ଜେଡ୍ଏକ୍ସଆଇ ପ୍ଲସ୍ ଅପ୍ସନାଲ ଭଳି ଛଅଟି ଭାରିଆଣ୍ଟରେ ଉପଲବ୍ଧ। ମୁଖ୍ୟ ଫିଚର୍ସ ମଧ୍ୟରେ ୧୦.୨୫ ଇଞ୍ଚ ଡିଜିଟାଲ ଡ୍ରାଇଭର ଡିସ୍‌ପ୍ଲେ, ପାନୋରାମିକ୍ ସନ୍‌ରୁଫ୍ ଓ ୬୪-କଲର ଆମ୍ବିଏଣ୍ଟ ଲାଇଟିଂ ରହିଛି। ଏହା ମାରୁତିର ପ୍ରଥମ ଗାଡ଼ି ଯାହା ଲେଭେଲ-୨ ଆଡାସ୍ ସହ ଆସିଛି । ଏହା ପେଟ୍ରୋଲ, ଷ୍ଟ୍ରଙ୍ଗ୍-ହାଇବ୍ରିଡ୍ ଓ ସିଏନ୍‌ଜି ପାୱାର ଟ୍ରେନ୍ ଅପ୍ସନ ସହ ଉପଲବ୍ଧ। ଏହା ମାରୁତିର ପ୍ରଥମ ଗାଡ଼ି ଯାହା ଅଣ୍ଡରବଡି ଟ୍ୱିନ-ଟ୍ୟାଙ୍କ ସିଏନ୍‌ଜି ସେଟ୍‌ଅପ୍ ସହ ଅଧିକ ବୁଟ୍ ସ୍ପେସ୍ ଦେଉଛି।

## ୬୬ ଉପଭୋକ୍ତାଙ୍କୁ ପୁରସ୍କୃତ କଲା ଟିପିସିଓଡିଏଲ୍

ଭୁବନେଶ୍ୱର,୧୩।୯

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ନୟାଗଡ଼ ଡିଭିଜନରେ ଆୟୋଜିତ ଏକ ସ୍ୱତନ୍ତ୍ର ପୁରସ୍କାର ବିତରଣ ସମାରୋହରେ 'ବିଲ୍ ପେ ଆଣ୍ଡ ୱିନ୍ ସ୍କିମ୍' ଅଧୀନରେ ୬୬ ଜଣ ଭାଗ୍ୟଶାଳୀ ଉପଭୋକ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବକେୟା ନ ଥିବା ଯୋଗ୍ୟ ଉପଭୋକ୍ତାମାନଙ୍କୁ ଏକ ଲକି ଡ୍ର' ଜରିଆରେ ଚୟନ କରାଯାଇଥିଲା ଏବଂ ସେମାନଙ୍କୁ ମୋବାଇଲ୍ ଫୋନ୍ ଓ ଅନ୍ୟାନ୍ୟ ଆକର୍ଷଣୀୟ ପୁରସ୍କାର ଦିଆଯାଇଥିଲା। 'ବିଲ୍ ପେ ଆଣ୍ଡ ୱିନ୍ ସ୍କିମ୍' ହେଉଛି ବିଭିନ୍ନ ଡିଭିଜନରେ କାର୍ଯ୍ୟକାରୀ କରାଯାଇଥିବା ଅନେକ କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ।

## ଓଜିବି ପକ୍ଷରୁ ପରିପୂର୍ତ୍ତି ଅଭିଯାନ



ଭୁବନେଶ୍ୱର,୧୩।୯(ଅନୁରାଧା ମହାରଣା)

ଜନସୁରକ୍ଷା ଯୋଜନା ଅଧୀନରେ ଭାରତ ସରକାରଙ୍କର ଅର୍ଥ ମନ୍ତ୍ରଣାଳୟ ଅଧୀନ ବିତ୍ତୀୟ ସେବା ବିଭାଗ ପକ୍ଷରୁ ଦେଶବ୍ୟାପୀ ଗ୍ରାମପଞ୍ଚାୟତ ସ୍ତରୀୟ ଏକ ତ୍ରୈମାସିକ ପରିପୂର୍ତ୍ତି ଅଭିଯାନ ଚାଲିଛି। ସେପ୍ଟେମ୍ବର ୩୦ ଯାଏ ଚାଲିବାକୁ ଥିବା ଏହି ଅଭିଯାନରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ଅଟଳ ପେନ୍‌ସନ ଯୋଜନା (ଏପିୱାଇ) ଭଳି ମୁଖ୍ୟ ଯୋଜନାଗୁଡ଼ିକର ଗ୍ରାମାଞ୍ଚଳରେ ପ୍ରସାର କରାଯାଉଛି। ଏହି ଅବସରରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ସୁନ୍ଦରଗଡ଼ ଶାଖା ପକ୍ଷରୁ ନିକଟରେ ସୁନ୍ଦରଗଡ଼ ଜିଲା ଅନ୍ତର୍ଗତ ସୁନ୍ଦରଗଡ଼ ସଦର ବ୍ଲକ୍‌ର ଲଙ୍କାହୁଡ଼ା ଗ୍ରାମରେ ଏକ ଶିବିର ଆୟୋଜନ କରିଥିଲା। ଶିବିରରେ ଭାରତୀୟ ରିଜର୍ଭ ବ୍ୟାଙ୍କର କ୍ଷେତ୍ରୀୟ ନିର୍ଦ୍ଦେଶକ ଡା. ସାରଦା ପ୍ରସନ୍ନ ମହାନ୍ତ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଶୁଭଦା ପ୍ରସାଦ ମହାନ୍ତି, ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଭବାନୀ ଶଙ୍କର ମହାକୁର ଓ ସ୍ଥାନୀୟ ସରପଞ୍ଚ ସୁଜାତା ନାୟକ ପ୍ରମୁଖ ଯୋଗଦେଇଥିଲେ।

## ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ଆର୍ଥିକ ସମାବେଶ




ଭୁବନେଶ୍ୱର,୧୩।୯

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର ଶାଖା ପକ୍ଷରୁ ଆର୍ଥିକ ସମାବେଶ ସାଚୁରେଶନ ଅଭିଯାନ ବିସ୍ରାଠାରେ ଅନୁଷ୍ଠିତ ହୋଇଯାଇଛି। ସରକାରୀ ପ୍ରାୟୋଜିତ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ଅଞ୍ଚଳର ଅଞ୍ଚଳ ମୁଖ୍ୟ ଦିବ୍ୟେନ୍ଦୁ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ବଲପୁର ଅଞ୍ଚଳ କାର୍ଯ୍ୟାଳୟର ମୁଖ୍ୟ ପ୍ରବନ୍ଧକ ନିଧି ଶର୍ମା, ବିସ୍ରାର ଅତିରିକ୍ତ ବ୍ଲକ୍ ବିକାଶ ଅଧିକାରୀ(ଏବିଡିଓ) ବାସନ୍ତୀ ମାଝୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ(ସିଡିପିଓ) ଏମ୍ରେନ୍ସିଆ କୁଲ୍ଲୁ ଏବଂ ଫୁଲମଣି କେର୍‌କେଟାଙ୍କ ସମେତ ଶାଖା ପ୍ରବନ୍ଧକ ଦୁର୍ଗାଦାସ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡିଏମ୍‌ରେ ବିଶ୍ୱବିଦ୍ୟାଳୟ କ୍ୟାରିୟର ମେଳା

ଭୁବନେଶ୍ୱର,୧୩।୯(ଅନୁରାଧା ମହାରଣା)



ଓଡିଏମ୍ ଏଜୁକେଶନାଲ୍ ଗ୍ରୁପ୍ ପୂର୍ବ ପକ୍ଷରୁ ଭାରତର ସର୍ବବୃହତ୍ ବିଶ୍ୱବିଦ୍ୟାଳୟ କ୍ୟାରିୟର ମେଳା ଶୁକ୍ରବାର ଭୁବନେଶ୍ୱରସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାରତ, ଫ୍ରାନ୍ସ, ଆମେରିକା, କାନାଡା, ଇଟାଲୀ, ଅଷ୍ଟ୍ରେଲିଆ ଏବଂ ସୁଇଜରଲାଣ୍ଡର ୬୮ଟି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ଛାତ୍ର, ଶିକ୍ଷାବିତ୍ ଏବଂ ପ୍ରତିନିଧିମାନେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ପାଇଁ ବିଭିନ୍ନ ଉଚ୍ଚଶିକ୍ଷା ବିକଳ୍ପଗୁଡିକ ଅନୁସନ୍ଧାନ କରିବା ଏବଂ ସେମାନଙ୍କର ଶୈକ୍ଷିକ ଭବିଷ୍ୟତ ବିଷୟରେ ସୂଚନାପୂର୍ଣ୍ଣ ନିଷ୍ପତ୍ତିନେବା ପାଇଁ ସୁଯୋଗ ପ୍ରଦାନ କରିଛି। ଅହମଦାବାଦ ବିଶ୍ୱବିଦ୍ୟାଳୟ, କୋଲକାତାର ଆମିଟି ବିଶ୍ୱବିଦ୍ୟାଳୟ, ଏଫ୍ଏଲ୍ଏମ୍ଇ ୟୁନିଭର୍ସିଟି, ଜିଡି ଗୋଏଙ୍କା ବିଶ୍ୱବିଦ୍ୟାଳୟ ଏବଂ ଓପି ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟି ଭଳି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଆମ ସହ ଯୋଗଦେଇଥିଲେ । ସେମାନଙ୍କ ସହ ଯୁକ୍ତରାଷ୍ଟ୍ରର ସେଣ୍ଟ୍ ଥମାସ୍ ବିଶ୍ୱବିଦ୍ୟାଳୟ, ନର୍ଦ୍ଦନ ଆରିଜୋନା ବିଶ୍ୱବିଦ୍ୟାଳୟ, ନର୍ଥଉଡ୍ ବିଶ୍ୱବିଦ୍ୟାଳୟ ଏବଂ ଇଏଚ୍ଏଲ୍ ହସ୍ପଟାଲିଟି ବିଶ୍ୱବିଦ୍ୟାଳୟ (ସୁଇଜରଲାଣ୍ଡ) ପରି ବିଶିଷ୍ଟ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ମଧ୍ୟ ଏହି କାର୍ଯ୍ୟକ୍ରମରେ ପ୍ରତିନିଧିତ୍ୱ କରିଥିଲେ। ଏହି ଅବସରରେ ଓଡିଏମ୍ ଶିକ୍ଷାସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କର ଶିକ୍ଷାଗତ ଏବଂ ବୃତ୍ତିଗତ ଭବିଷ୍ୟତକୁ ଆକାର ଦେବା ପାଇଁ ସୂଚନାପ୍ରଦ ପସନ୍ଦ କରିବାକୁ ଆବଶ୍ୟକ ଜ୍ଞାନ, ଦକ୍ଷତା ଏବଂ ସମ୍ବଳ ସହ ସଜ୍ଜିତ କରିବା। ଏହି ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ସମାରୋହରେ ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଉପାଧକ୍ଷା ଡ.ସନ୍ଧ୍ୟାରାଣୀ ସ୍ୱାଇଁ, ଉପାଧ୍ୟକ୍ଷ ଡ. ରାଜେଶ କୁମାର ପାଢ଼ୀ ତଥା ଓଡିଏମ୍ ଗ୍ଲୋବାଲ ସ୍କୁଲର ଅଧ୍ୟକ୍ଷ ସୁବ୍ରତ କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

## ରିଲାଏନ୍ସ ଟ୍ରେଣ୍ଡ୍‌ସର ଦୁର୍ଗାପୂଜା ସ୍ପେଶାଲ ଉତ୍ସବ

ଭୁବନେଶ୍ୱର,୧୩।୯(ଅନୁରାଧା ମହାରଣା)




ରିଲାଏନ୍ସ ରିଟେଲର ପୋଷାକ ଏବଂ ଆସେସୋରିଜ୍ ସ୍ପେଶାଲିଟି ଚେନ୍ ଟ୍ରେଣ୍ଡ୍‌ସ ପକ୍ଷରୁ 'ଦୁର୍ଗାପୂଜା ସ୍ପେଶାଲ' ଉତ୍ସବ ଅଭିଯାନ ଶୁଭାରମ୍ଭ କରାଯାଇଛି। ଏହି ଉତ୍ସବ ଅଭିଯାନର ଅଂଶ ଭାବରେ, ୩,୪୯୯ ଟଙ୍କା ଏବଂ ତା'ଠାରୁ ଅଧିକ ମୂଲ୍ୟର କ୍ରୟ ସହ ଗ୍ରାହକମାନେ ଆକର୍ଷଣୀୟ ଉପହାର ପାଇପାରିବେ। 'ପୂଜା ଶପିଙ୍ଗ୍, ଏବେ ଅଧିକ ଲାଭଦାୟକ' ଶୀର୍ଷକ ରହିଥିବା ଏହି ଅଭିଯାନ ଜରିଆରେ ଟ୍ରେଣ୍ଡ୍‌ସ ଏହାର ଗ୍ରାହକଙ୍କ ଉତ୍ସବ ଖୁସିକୁ ବହୁଗୁଣିତ କରିବାକୁ ଲକ୍ଷ୍ୟ ରଖିଛି। ଟ୍ରେଣ୍ଡ୍‌ସ ଷ୍ଟୋରଗୁଡ଼ିକ ଭାରତରେ ଫ୍ୟାଶନକୁ ସହଜଲବ୍ଧ କରିବା ସହିତ ମେଟ୍ରୋ, ମିନି ମେଟ୍ରୋ, ଟାୟାର ୧, ୨ ସହର ଏବଂ ଅନ୍ୟାନ୍ୟ ସ୍ଥାନରେ ଏହାର ଉପସ୍ଥିତିକୁ ସୁଦୃଢ଼ କରିବାରେ ବେଶ୍ ଆଗରେ ରହିଛି। ଗ୍ରାହକମାନେ ଦୁର୍ଗାପୂଜା ଅବସରରେ ଟ୍ରେଣ୍ଡ୍‌ସରେ ମହିଳାଙ୍କ ପୋଷାକ, ପୁରୁଷଙ୍କ ପୋଷାକ, ପିଲାମାନଙ୍କ ପୋଷାକ ଏବଂ ଫ୍ୟାଶନ ଆସେସୋରିଜ୍ ଆଦି କ୍ରୟ କରିପାରିବେ।

**ଆଜିଠାରୁ ମା' ପାଟଣେଶ୍ୱରୀଙ୍କ ଷୋହଳ ପୂଜା**

ପାଟଣାଗଡ଼,(ସଚ୍ଚିଦାନନ୍ଦ ମହାକୁର): ବଲାଙ୍ଗୀର ଜିଲାର ପ୍ରମୁଖ ସହର ହେଉଛି ପାଟଣାଗଡ଼। ଏଠାରେ ମା' ପାଟଣେଶ୍ୱରୀ ପୂଜା ପାଉଛନ୍ତି। ପ୍ରତିବର୍ଷ ଦଶହରା ସମୟରେ ମା' ଙ୍କର ଷୋହଳ ପୂଜା କରାଯାଏ । ଚଳିତବର୍ଷ ରବିବାର ମୂଳାଷ୍ଟମୀ ଠାରୁ ଖଣ୍ଡାଧୁଆ ନୀତି ଆରମ୍ଭ ହେବ । ପ୍ରତିଦିନ ଯନ୍ତ୍ର ପୂଜା ସହ ମା'ଙ୍କର ଷୋଡଶ ଉପଚାର କରାଯିବ । ଆସନ୍ତା ମହାଳୟାରେ ମା' ସମଲେଶ୍ୱରୀଙ୍କ ଝାରବଏଲ ଯାତ୍ରା ହେବାକୁ ଥିବା ବେଳେ ପ୍ରତିପଦା ଦିନ ମା' ପାଟଣେଶରୀ ଦେବୀଙ୍କ ଝାରବଏଲ ଯାତ୍ରା ଅନୁଷ୍ଠିତ ହେବାର ବିଧ ରହିଛି।

## ସଂକ୍ଷେପରେ

### ଟିଟିଲାଗଡ଼ରେ ଡକାୟତି

ଟିଟିଲାଗଡ଼,୧୩।୯(ଶରତ ମିଶ୍ର)

ଟିଟିଲାଗଡ଼ ସହରର ହାଟପଦାପଡ଼ାରେ ଶୁକ୍ରବାର ରାତିରେ ଏକ ବଡ଼ଧରଣର ଡକାୟତି ହୋଇଛି। ଉକ୍ତ ପଡାର ବ୍ୟବସାୟୀ ବିମଲ ଅଗ୍ରୱାଲ(ମଙ୍ଗଲୁ) ଶୋଇଥିବା ବେଳେ ୮ରୁ ୧୦ ଜଣ ମୁଖା ପିନ୍ଧା ଡକାୟତ ତାଙ୍କ ଘରେ ପଶି ଯାଇଥିଲେ । ସେମାନେ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ମଙ୍ଗଲୁ ଏବଂ ତାଙ୍କ ପୁଅ,ବୋହୁଙ୍କ ଠାରୁ ଲୁଟ୍‌ପାଟ କରିଥିଲେ। ପ୍ରାୟ ୪ ଭରି ସୁନା, ୪୫ ହଜାର ଟଙ୍କା ସହ ୨ଟି ମୋବାଇଲ ଲୁଟି ନେଇଥିବା ଜଣାପଡିଛି। ଏନେଇ ଟିଟିଲାଗଡ଼ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

### ବିଶ୍ୱ ଫାଷ୍ଟ ଏଡ୍ ଦିବସ ପାଳିତ

ଲୋଇସିଂହା,୧୩।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା କଲେଜରେ ଏଡ୍‌ସ ସଚେତନତା ଓ ବିଶ୍ୱ ଫାଷ୍ଟ ଏଡ୍ ଦିବସ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ବିଭୁଦେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୟୁଥ ରେଡକ୍ରସ ଅଧିକାରୀ ଅଧ୍ୟାପକ କ୍ଷୀରୋଦ ପାତ୍ର ପ୍ରାଥମିକ ଚିକିତ୍ସା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି ବଲାଙ୍ଗୀର ଜିଲା ଏଡସ ନିୟନ୍ତ୍ରଣ ଶାଖା ଓ କଲେଜ ଏନଏସଏସ ପକ୍ଷରୁ ଏଡସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ହେମନ୍ତ କୁମାର ଦାସ ଏବଂ ଅଧ୍ୟାପକ ଜଗମୋହନ ଦର୍ଜି ଏଡସ ସଚେତନତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ସନ୍ତୋଷ କୁମାର ଦାଶ, ଜଗନ୍ନାଥ ମହାପାତ୍ର, ଅଧ୍ୟାପିକ ସୁନନ୍ଦାରାଣୀ ମହାପତ୍ର ଓ କଲେଜର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

### ଫରେଷ୍ଟର ସେକ୍ସନ ଅଫିସ୍‌ରେ ଝୁଲୁଛି ତାଲା

ଗୁଡଭେଲା,୧୩।୯(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ମହକୁମାସ୍ଥିତ ଜଙ୍ଗଲ ବିଭାଗର ଫରେଷ୍ଟର ସେକ୍ସନ କାର୍ଯ୍ୟାଳୟରେ ଅଧିକାଂଶ ସମୟରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ଏପରି କି କାର୍ଯ୍ୟାଳୟର ସାଇନ ବୋର୍ଡ ନ ଥିବାରୁ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି କାର୍ଯ୍ୟାଳୟର ଅଧିକାରୀ ଅଧିକାଂଶ ଦିନ ଅଫିସକୁ ଆସୁ ନଥିବା ଅଭିଯୋଗ ହେଉଛି। ଏଥିଯୋଗୁ ତଳସ୍ତରର କର୍ମଚାରୀମାନେ ଠିକ ଭାବେ କାର୍ଯ୍ୟ କରୁନାହାନ୍ତି। ଏହି ସେକ୍ସନରେ ହାତୀ ଓ ଭାଲୁ ଉପଦ୍ରବ ଲାଗି ରହିଥିବା ବେଳେ ଚୋରାକାଠ ବେପାରୀମାନେ ମନଇଚ୍ଛା ଜଙ୍ଗଲ ନଷ୍ଟ କରିବାରେ ଲାଗି ପଡିଛନ୍ତି। ଏନେଇ ଗୁଡଭେଲା ଫରେଷ୍ଟର ସେକ୍ସନ କାର୍ଯ୍ୟାଳୟର ଫରେଷ୍ଟରଙ୍କୁ ଫୋନ ଯୋଗେ ଯୋଗାଯୋଗ ଲାଗି ଉଦ୍ୟମ କରାଯାଇଥିଲେ ହେଁ ସମ୍ଭବ ହୋଇ ପାରିନାହିଁ। ଏନେଇ ଦେଓଗାଁ ରେଞ୍ଜର ଯୁଧିଷ୍ଠିର ଜାଲଙ୍କୁ ପଚାରିବାରେ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭା।

# ଏନ୍‌ପିଏସ ଶିକ୍ଷକ ସଂଘର ପ୍ରତିବାଦ ସଭା, ଶୋଭାଯାତ୍ରା

ବଲାଙ୍ଗୀର,୧୩।୯(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ହାଇସ୍କୁଲ ନୂତନ ପେନ୍‌ସନ୍ ସ୍କିମ (ଏନ୍‌ପିଏସ୍) ଶିକ୍ଷକ ସଂଘ ପକ୍ଷରୁ ଶନିବାର ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଜିଲାର ୧୪ଟି ବ୍ଲକର ଶତାଧିକ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗଦାନ କରିଥିଲେ। ୨୦୦୪ରୁ ୨୦୧୩ ମସିହା ମଧ୍ୟରେ ସରକାରୀ ଉଚ୍ଚ ବିଦ୍ୟାଳୟରେ ନିଯୁକ୍ତ ଠିକା ଶିକ୍ଷକଙ୍କ ୬ ବର୍ଷର ଠିକା ଚାକିରୀ କାର୍ଯ୍ୟକାଳକୁ ମୂଳ ଚାକିରୀରେ ଗଣନା କରିବା ସହ ୬ଟି ନ୍ୟାଶନାଲ ଇନ୍‌କ୍ରିମେଣ୍ଟ ଯଥାଶୀଘ୍ର ପ୍ରଦାନ କରିବା ପାଇଁ ଦାବି କରାଯାଇଥିଲା। ଏହାସହିତ ମାଧ୍ୟମିକ ବିଦ୍ୟାଳୟରେ ବହୁ ସଂଖ୍ୟକ ପ୍ରଧାନ ଶିକ୍ଷକ ପଦ ଖାଲି ପଡିଥିବାରୁ ରାଜ୍ୟର ମାଧ୍ୟମିକ ଶିକ୍ଷା ଅବସ୍ଥା ଶୋଚନୀୟ ହୋଇପଡିଥିବା ନେଇ ଆଲୋଚନା ହୋଇଥିଲା। ତାଲିମପ୍ରାପ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ବରିଷ୍ଠତା ତାଲିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଥିବା ନେଇ ପ୍ରଶ୍ନ କରାଯାଇଥିଲା। ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରତିବାଦ ସଭାରେ ଶିକ୍ଷକ ନେତା ମନୋରଞ୍ଜନ ସାହୁ, ନରେନ୍ଦ୍ର ମିଶ୍ର, ଡୋଳାମଣି ସାହୁ, ଶରତ ନାଗ, ବିନୋଦ ମିଶ୍ର, ସୁଧାଂଶୁ ବାରିକ, ଦେବାଶିଷ ବିଶି, ଦୀପାଞ୍ଜଳି ଯୋଷୀ, ବୀର କିଶୋର ସୁନା, କପିଳେଶ୍ୱର କୁମ୍ଭାର, ଶକ୍ତିବାଇ ପଣ୍ଡା ଉଦ୍‌ବୋଧନ ଦେଇଥିଲେ। ସଭାକୁ ହେମନ୍ତ ବାରିକ ପରିଚାଳନା କରିଥିଲେ। ଶେଷରେ ଦ୍ୟୁତି ରଞ୍ଜନ ମହାଲିଙ୍ଗ ଧନ୍ୟବାଦ ଦେଇଥିଲେ। ପ୍ରତିବାଦ ସଭା ପରେ ଏକ ଶୋଭାଯାତ୍ରାରେ ଏନପିଏସ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। ଦାବିଗୁଡିକ ଶୀଘ୍ର ପୂରଣ ନ ହେଲେ ଚଳିତ ମାସ ୨୨ ତାରିଖରେ ଭୁବନେଶ୍ୱର ଲୋୟର ପିଏମଜିଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଆନ୍ଦୋଳନରେ ବଲାଙ୍ଗୀର ଜିଲାର ସମସ୍ତ ଏନପିଏସ ଶିକ୍ଷୟିତ୍ରୀ ଓ ଶିକ୍ଷକ ସମୂହ ଛୁଟିରେ ଯାଇ ଯୋଗ ଦେବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ଅବ୍ୟବସ୍ଥା ସୁଧାରିବାକୁ ଦାବି



ଅମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ହସ୍ପିଟାଲ ଅବ୍ୟବସ୍ଥା ନେଇ ଦାବିପତ୍ର ଦିଆଯାଉଛି।

ବଲାଙ୍ଗୀର,୧୩।୯(ବୀରେନ୍ଦ୍ର କୁମାର ଝାଙ୍କର)

**ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ**

ବଲାଙ୍ଗୀର ଆମ୍ ଆଦମୀ ପାର୍ଟି ଜିଲା ସଭାପତି ଆଶିଷ ପାଣ୍ଡେଙ୍କ ନେତୃତ୍ୱରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ହସ୍ପିଟାଲର ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ନେଇ ଏକ ଦାବିପତ୍ର ଦିଆଯାଇଛି। ଉପମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ବଲାଙ୍ଗୀର ଜିଲାର ହୋଇଥିଲେ ମଧ୍ୟ ଏଠାରେ ସ୍ୱାସ୍ଥ୍ୟ ଅବ୍ୟବସ୍ଥା ଲାଗି ରହିଥିବାରୁ ଲୋକେ ନା ନା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଥିଲେ। ହସ୍ପିଟାଲରେ ଏବେ ସ୍ପେଶାଲିଷ୍ଟ ଡାକ୍ତର ଅଭାବ କାରଣରୁ ଏହା ଏକ ରେଫରାଲ ହସ୍ପିଟାଲରେ ପରିଣତ ହୋଇଛି। ଦୂରଦୂରାନ୍ତରରୁ ଓ ଅନ୍ୟ ଜିଲାରୁ ଏହି ହସ୍ପିଟାଲକୁ ରୋଗୀମାନେ ଆସୁଥିଲେ ମଧ୍ୟ ଚିକିତ୍ସା ସେବା ପାଇପାରୁନାହାନ୍ତି। ପ୍ରତ୍ୟେକ ବିଭାଗର ସ୍ପେଶାଲିଷ୍ଟ, ପ୍ରଫେସର ଏବଂ ଡାକ୍ତର ପଦବୀ ପୂରଣ କରିବା, ମେଡିକାଲ କଲେଜ ହସ୍ପିଟାଲରେ ସ୍ଥାୟୀ ବ୍ଲଡ ବ୍ୟାଙ୍କ ବ୍ୟବସ୍ଥା କରିବା, ହସ୍ପିଟାଲରେ ଏମ୍‌ଆରଆଇ ଏବଂ ସିଟି ସ୍କାନିଂ ବ୍ୟବସ୍ଥା କରିବା, ମୋଟର ସାଇକେଲ ଷ୍ଟାଣ୍ଡରେ ଛାଉଣି କରିବା, ହସ୍ପିଟାଲ ପରିସର ସଫା ରଖିବା, ମୁଖ୍ୟରାସ୍ତାରୁ ହସ୍ପିଟାଲ ପରିସର ଗେଟ ପର୍ଯ୍ୟନ୍ତ ରାସ୍ତାରେ ଆଲୋକର ବ୍ୟବସ୍ଥା କରିବାକୁ ଦାବି କରାଯାଇଥିଲା। ଏହି ସମସ୍ୟାର ସମାଧାନ କରାନଗଲେ ଆଗକୁ ଆନ୍ଦୋଳନ କରାଯିବ ବୋଲି ପାଣ୍ଡେ କହି ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର ଜୟପ୍ରକାଶ ମିଶ୍ର, ଅଶୋକ ସୁନା, ରମାକାନ୍ତ ବେହେରା, ସଦାଶିବ ମେହେର, ଅନ୍ତର୍ଯ୍ୟାମୀ ସାହୁ, ପଙ୍କଜ, କାହ୍ନୁ କରଣ, ବାଳକୃଷ୍ଣ ନୈକ, କୁନା ତରିଆ, ଶ୍ରୀବସ୍ତ ସାହୁ ଉପସ୍ଥିତ ଥିଲେ ।

### ଉପରଝର-ରେଙ୍ଗାଲି ରାସ୍ତାରୁ ବନ୍ଧୁକ ଓ ବାଇକ୍ ଜବତ

**ପୋଲିସକୁ ଖୋଲା ଚାଲେଞ୍ଜ ଦେଉଛନ୍ତି ଅପରାଧୀ**

ଦେଓଗାଁ,୧୩।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଉପରଝର ଅଞ୍ଚଳରେ ଦିନକୁ ଦିନ ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ଦେଓଗାଁ ଥାନାରୁ ପ୍ରାୟ ୧୫ କିଲୋମିଟର ଦୂର ହେଉଥିବାରୁ ଅପରାଧୀମାନେ ଖୁଲମଖୁଲା ଅପରାଧ କରୁଥିବା ପ୍ରାୟ ସମୟରେ ନଜରକୁ ଆସୁଛି। ଶୁକ୍ରବାର ରାତି ପ୍ରାୟ ୮ଟା ସମୟରେ ଉପରଝର-ରେଙ୍ଗାଲି ରାସ୍ତାରେ ଦୁଇଜଣ ଯୁବକ ବାଇକ୍‌ରେ ଆସି ରେଙ୍ଗାଲି ଗାଁର ଜଣେ ଯୁବକଙ୍କୁ ଅଟକାଇ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ମାଡ ମାରିଥିଲେ। ସଂପୃକ୍ତ ଯୁବକ କୌଣସି ମତେ ସେଠୁ ଚାଲିଆସି ଗାଁ ଲୋକଙ୍କୁ ଫୋନ କରିଥିଲେ। ଗାଁ ଲୋକେ ଠେଙ୍ଗାବାଡି ଧରି ଆସିବାରୁ ଉକ୍ତ ଯୁବକଦ୍ୱୟ ଗୋଟିଏ ବନ୍ଧୁକ ଓ ବାଇକ୍ ଛାଡି ଫେରାର ମାରିଥିଲେ। ଖବରପାଇ ଡିଏସପି ସମର୍ଥ କେ. ବେହେରା ଘଟଣାସ୍ଥଳରେ ପହଞ୍ଚି ବନ୍ଧୁକ ଓ ବାଇକ୍‌କୁ ଜବତ କରିବା ସହ ତଦନ୍ତ ଜାରି ରଖିଥିବା ନେଇ ସୂଚନା ଦେଇଛନ୍ତି। ଏହି ଘଟଣା ନିଶା କାରବାର ଯୋଗୁ ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଉପରଝର ଛକରେ ପୋଲିସ ଫାଣ୍ଡି ସ୍ଥାପନ କରିବା ଓ ପାଟ୍ରୋଲିଂ କଡାକଡି କରିବା ପାଇଁ ସ୍ଥାନୀୟ ଯୁବ ସଂଗଠନ ତଥା ଅଞ୍ଚଳବାସୀ ଦାବି କରିଛନ୍ତି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍‌ସରେ ସ୍ଥାନ ପାଇଲେ ଦୀପିକା

ଲୋଇସିଂହା,୧୩।୯(ସୁଶାନ୍ତ ବାରିକ)

ଚର୍ଚ୍ଚାରେ ବିସ୍ମୟ ବାଳିକା ଦୀପିକା ବିଶ୍ୱାଳ। ତାଙ୍କୁ ମାତ୍ର ୨ବର୍ଷ ୩ ମାସ। ହେଲେ ସେ ନିର୍ଭୁଲ୍ ଭାବରେ ଉଚ୍ଚାରଣ କରିପାରୁଛନ୍ତି ବିଭିନ୍ନ ଶ୍ଳୋକ। ଖାଲି ସେତିକି ନୁହେଁ, ସପ୍ତାହ,ବାର, ମାସର ନାଁ , ବିଭିନ୍ନ ପ୍ରାଣୀ, ଫଳ ,ଫୁଲ ,ଜାତୀୟ ସଙ୍କେତ, ସଂଖ୍ୟା, ୫ ଯାଏ ପଣକିଆ ଏପରି ଅନେକ ପ୍ରଶ୍ନର ଚଟାପଟ ଉତ୍ତର କହି ଇଣ୍ଡିଆ ବୁକ ଅଫ୍ ରେକର୍ଡ୍‌ସରେ ସ୍ଥାନ ପାଇଛନ୍ତି । ଦୀପିକାଙ୍କ ଘର ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ୍ ବକଟି ପଞ୍ଚାୟତ ବଡ଼ଖଲିଆପାଲି ଗ୍ରାମରେ। ମା' ଚନ୍ଦ୍ରିକା ପଧାନ ଓ ବାପା ପୌଲସ୍ତ୍ୟ ବିଶ୍ୱାଳଙ୍କ ଝିଅ ଦୀପିକା ନିଜର ବିଚକ୍ଷଣ ବୁଦ୍ଧି ଯୋଗୁ ଏହି ସମ୍ମାନର ଅଧିକାରିଣୀ ହୋଇ ଗାଁ,ବ୍ଲକ୍ ତଥା ଜିଲା ପାଇଁ ଗୌରବ ଆଣିପାରିଛନ୍ତି । ୨୦୨୩ରେ ଜନ୍ମ ଗ୍ରହଣ କରିଥିବା ଦୀପିକା ପ୍ରାୟ ଦେଢବର୍ଷ ବୟସରୁ କଥା କହିବା ଆରମ୍ଭ କରିଥିଲେ। ଝିଅର ମେଧାଶକ୍ତିକୁ ଠଉରାଇପାରି ମା'ଚନ୍ଦ୍ରିକା ତାଙ୍କୁ ଶିକ୍ଷାଦେବା ଆରମ୍ଭ କରିଥିଲେ। ଥରଟିଏ ଶୁଣିଲା ମାତ୍ରେ ତାକୁ ମନେରଖିପାରନ୍ତି ଦୀପିକା। ପରବର୍ତ୍ତୀ ସମୟରେ ତାହା ପଚାରିଲେ ନିର୍ଭୁଲ୍ ଭାବେ ଶୀଘ୍ର ଉତ୍ତର ଦେଉଛନ୍ତି। ଝିଅର ଏହି କୃତିତ୍ୱକୁ ଦେଖି ଗତ ଜୁଲାଇ ମାସରେ ତାଙ୍କ ଅଭିଭାବକ ଇଣ୍ଡିଆ ବୁକ୍ ଅଫ ରେକର୍ଡ୍‌ସରେ ଆବେଦନ କରିଥିଲେ। ଝିଅର ସଫଳତାରେ ମା'ବାପା ଖୁସି ଜାହିର କରିଛନ୍ତି। ଏହି କୁନି ଝିଅର ସଫଳତାକୁ ନେଇ ଅଞ୍ଚଳବାସୀ ଆଲୋଚନା କରୁଛନ୍ତି, କଥାରେ ଅଛି ମା'ହେଲେ ପଠେଇ ଦେଶ ଯିବ ଆଗେଇ।




ପ୍ରମାଣପତ୍ର ସହ ଦୀପିକା।

### ଆଦି କର୍ମଯୋଗୀ ଯୋଜନା ଉପରେ ତାଲିମ ଶିବିର

ଲାଠୋର,୧୩।୯(ଭୁବନେଶ୍ୱର ବାରିକ)

ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ କାର୍ଯ୍ୟାଳୟଠାରେ ଶନିବାର ଆଦି କର୍ମଯୋଗୀ ଯୋଜନା ଉପରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କରୁଆଁଝର ସରପଞ୍ଚ ଜପସ୍ୱିନୀ ସାହୁ ଏବଂ ଟଙ୍କପାଣି ସରପଞ୍ଚ ସୁନାଫୁଲ ବାଗ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଖପ୍ରାଖୋଲ ଡ୍ବ୍ଲୁଇଓ ପ୍ରତୀକ୍ଷା ସାହୁ ଯୋଗଦେଇ ଯୋଜନାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ମାଷ୍ଟର ଟ୍ରେନର ଭାବେ ଖପ୍ରାଖୋଲ ମହିଳା ଓ ଶିଶୁ ବିକାଶ ବିଭାଗ କ୍ଷେତ୍ର ପରିଦର୍ଶିକା ବାସନ୍ତୀ ପ୍ରଧାନ ଏବଂ ରାସେଶ୍ୱରୀ ବେଣ୍ଡକାର, ପିଇଓ ଅଞ୍ଜଳୀ ଶବର, ବନପାଳ ସୁଧୀର ଜେନା ଯୋଗ ଦେଇଥିଲେ। ଏହି ଯୋଜନାରେ ଅନୁସୂଚିତ ଜାତି ଜନଜାତି ବହୁଳ ଟଙ୍କପାଣି ପଞ୍ଚାୟତର ସୁନାମୁଦି , ବୁଢାଛାପର ଏବଂ କରୁଆଁଝର ପଞ୍ଚାୟତର ସାନଗୁର୍ଜିଭଟା ଓ ମସିଣା ଗ୍ରାମକୁ ସାମିଲ କରାଯାଇଛି। ସଂପୃକ୍ତ ଗ୍ରାମଗୁଡିକରୁ ତାଲିମ ଗ୍ରହଣ ପାଇଁ ଆସିଥିବା ୱାର୍ଡ଼ ମେମ୍ବର, ଶିକ୍ଷକ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ଯୁବକ ସଂଘର ସଦସ୍ୟମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା।

# ସାମୂହିକ ତିଳ ତର୍ପଣ



ତିଳତର୍ପଣ ଅବସରରେ ପଣ୍ଡିତମାନେ ।

ବଲାଙ୍ଗୀର,୧୩।୯(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ନରସିଂହ ମନ୍ଦିର ପରିସରରେ ଜିଲା ବ୍ରାହ୍ମଣ ମହାସଭା ସମ୍ପାଦକ ଆଇନଜୀବୀ ଜୟରାମ ମିଶ୍ରଙ୍କ ଆହ୍ୱାନକ୍ରମେ ଶନିବାର ସାମୁହିକ ତିଳତର୍ପଣ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ସନ୍ତୋଷ କୁମାର ଶତପଥୀ, ପଣ୍ଡିତ ଗୋକୁଳା ମିଶ୍ର, ପଣ୍ଡିତ କିଶୋର କୁମାର ମିଶ୍ର ଓ ଶ୍ୟାମ ସୁନ୍ଦର ଦାଶ ପୌରୋହିତ୍ୟ କରିଥିଲେ। କୋଷାଧ୍ୟକ୍ଷ ପର୍ଶୁରାମ ନାୟକ ଏବଂ ନଗର ସଭାପତି ନରେନ୍ଦ୍ର ଆଚାର୍ଯ୍ୟ ସହଯୋଗ କରିଥିଲେ। ଗୋପବନ୍ଧୁ ପୁରୋହିତ, ଲୋକନାଥ ନେପାକ, ଜୟରାମ ମିଶ୍ର ଏବଂ କିଶୋର ମୋହନ ମିଶ୍ର ପୂର୍ବପୁରୁଷଙ୍କ ଉପଲକ୍ଷେ ସାମୂହିକ ଭାବେ ତିଳତର୍ପଣ କରିଥିଲେ। ରାଜଶ୍ରୀ ତ୍ରିପାଠୀ ଏବଂ ରାମ ଶଙ୍କର ଶତପଥୀ ସହଯୋଗ କରିଥିଲେ।

# ରାସ୍ତା ନିର୍ମାଣ ଦାବି ନେଇ ଜାତୀୟ ରାଜପଥ ଅବରୋଧ

ସଇଁତଲା,୧୩।୯(ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ବ୍ଲକ ଅନ୍ତର୍ଗତ ୨୬ ନଂ ଜାତୀୟ ରାଜପଥର ବରଗାଁ ଗ୍ରାମଠାରୁ ଡୁଙ୍ଗୁରୀପାଲି ପଞ୍ଚାୟତର ଡ଼ଙ୍ଗରମୁଣ୍ଡା ଗ୍ରାମକୁ ଯାଇଥିବା ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ନିର୍ମାଣ ଦାବି ନେଇ ଅଞ୍ଚଳବାସୀ ଶନିବାର ପୂର୍ବାହ୍ନରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଦୀର୍ଘ ୧ ଘଣ୍ଟା ଧରି ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା।

ପ୍ରକାଶ ଯେ, ସଇଁତଲା ବ୍ଲକ ଅନ୍ତର୍ଗତ ଘୁନସର ପଞ୍ଚାୟତ, କଅଁସର ପଞ୍ଚାୟତ ଏବଂ ଡୁଙ୍ଗୁରିପାଲି ପଞ୍ଚାୟତର ଜନସାଧାରଣ ପ୍ରତ୍ୟହ ଏହି ରାସ୍ତା ଦେଇ ଯାତାୟତ କରିଥାନ୍ତି । ବର୍ଷା ଦିନ ହେଲେ ଏହି ରାସ୍ତା କାଦୁଅ ପଚ୍‌ପଚ୍ ହେବା ସହ ରାସ୍ତାରେ ଖାଲଖମା ହୋଇ ପାଣି ଜମି ରହୁଛି । ଫଳରେ ବର୍ଷାଋତୁରେ ଲୋକଙ୍କ ଦୁର୍ଦ୍ଦଶା ଦ୍ୱିଗୁଣିତ ହେଉଛି। ଏହାକୁ ନେଇ ଅଞ୍ଚଳବାସୀ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଉପରୋକ୍ତ ପଞ୍ଚାୟତର ଜନସାଧାରଣ ୨୬ ନଂ ଜାତୀୟ ରାଜପଥକୁ ବରଗାଁଠାରେ ଅବରୋଧ କରିଥିଲେ। ଖବର ପାଇ ସଇଁତଲା ପୋଲିସ, ତହସିଲଦାର ଆଶିଷ ଏକ୍କା, ବିଡ଼ିଓ ପୁରୁଷୋତମ ମିର୍ଦ୍ଧା ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ମାଣିକ୍ୟ ଭୋଇ ଏବଂ ଶ୍ରୀମନ୍ତ ପଣ୍ଡା ପହଞ୍ଚି ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ଯନ୍ତ୍ରୀମାନଙ୍କ ତରଫରୁ ୨୦୨୬ ମସିହା ସୁଦ୍ଧା ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା। ରାସ୍ତା ଅବରୋଧ ସମୟରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ଡୁଙ୍ଗୁରିପାଲି ପଞ୍ଚାୟତର ସରପଞ୍ଚ, ଘୁନସର ସରପଞ୍ଚ ଏବଂ ତାଙ୍କ ପ୍ରତିନିଧି, କଅଁସର ସରପଞ୍ଚଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।



ରାସ୍ତା ଅବରୋଧ ସମୟରେ ଉପସ୍ଥିତ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ଓ ଅନ୍ୟମାନେ।

# ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ କଲେ ଉପମୁଖ୍ୟମନ୍ତ୍ରୀ, ଏମ୍‌ପି

ବଲାଙ୍ଗୀର,୧୩।୯(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଶାସ୍ତ୍ରୀନଗରସ୍ଥିତ ସ୍ୱାମୀ ବିବେକାନନ୍ଦ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ରିହାବ୍ଲିଟେସନ୍ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ (ଏସଭି ନିରତାର) ସଞ୍ଜୁକ୍ତ ଆଞ୍ଚଳିକ କେନ୍ଦ୍ର ପରିସରରେ ଶୁକ୍ରବାର ଅପରାହ୍ଣରେ ଦିବ୍ୟାଙ୍ଗମାନଙ୍କୁ ବିଭିନ୍ନ ଉପକରଣ ଏବଂ ବ୍ୟବହାର ଉପଯୋଗୀ ଯନ୍ତ୍ରପାତି ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଓ ଜିଲାପାଳ ଗୌରବ ଶିବାଜୀ ଇସଲୱାର ଯୋଗଦେଇ ଦିବ୍ୟାଙ୍ଗ ମାନଙ୍କୁ ବିଭିନ୍ନ ବ୍ୟବହାର ଉପଯୋଗୀ ଯନ୍ତ୍ରପାତି ଓ ଉପକରଣ ବଣ୍ଟନ କରିଥିଲେ। ପ୍ରାରମ୍ଭରେ ଏସଭି ନିରତାର କଟକର ଡାଇରେକ୍ଟର ଡା. ପତିତପାବନ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ତାଙ୍କ ବକ୍ତବ୍ୟରେ ଏହି ପ୍ରତିଷ୍ଠାନର ଉନ୍ନତି ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ ପି ନଡ୍ଡାଙ୍କ ସହଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ଆଗାମୀ ଦିନରେ ଏହି ସଞ୍ଜୁକ୍ତ ଆଞ୍ଚଳିକ କେନ୍ଦ୍ରକୁ ଆହୁରି ଉନ୍ନତ କରିବାକୁ ଥିବା ଯୋଜନାଗୁଡିକ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ପ୍ରତିଷ୍ଠାନର ଜମି ସମସ୍ୟା ଉପରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଥିଲେ, ଜବରଦଖଲକାରୀମାନେ ନିଜ ତରଫରୁ ଜବରଦଖଲ ଜମି ଛାଡି ଦିଅନ୍ତୁ । ନଚେତ୍ ଜିଲାପାଳ ଜବରଦଖଲ ମୁକ୍ତ କରିବେ ବୋଲି ସେ କହିଥିଲେ। ଆଗାମୀ ଦିନରେ ଏଠାରେ ହସ୍ପିଟାଲ, ହଷ୍ଟେଲ ଓ ଅନ୍ୟ କୋଠା ନିର୍ମାଣ କରାଯାଇ କଟକ ଓଲଟପୁର ଭଳି ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଏମ୍‌ପି ସଙ୍ଗୀତା କୁମାରୀ ତାଙ୍କ ବକ୍ତବ୍ୟରେ ଏହି ପ୍ରତିଷ୍ଠାନ ପାଇଁ ସେ କିଭଳି ଉଦ୍ୟମ କରିଛନ୍ତି ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ କିଭଳି ସହଯୋଗ ମିଳିଛି ସୂଚନା ଦେଇଥିଲେ। ଆଗାମୀ ଦିନରେ ଏହାକୁ ଏକ ଉନ୍ନତମାନର ପ୍ରତିଷ୍ଠାନ କରାଯିବ ବୋଲି ସେ କହିଥିଲେ। ସଭା ପରେ ଦିବ୍ୟାଙ୍ଗମାନଙ୍କୁ ଅତିଥିମାନେ ହ୍ୱିଲଚେୟାର, ବ୍ୟାଟେରିଚାଳିତ ଟ୍ରାଇ ସାଇକେଲ, ଟ୍ରାଇ ସାଇକେଲ, ଶ୍ରବଣଯନ୍ତ୍ର, ବିଭାନ୍ନ ପ୍ରକାର ବେଲ୍ଟ ଓ ଅନ୍ୟ ଉପକରଣ ବଣ୍ଟନ କରିଥିଲେ। ବଲାଙ୍ଗୀର ସଞ୍ଜୁକ୍ତ ଆଞ୍ଚଳିକ କେନ୍ଦ୍ର ଡାଇରେକ୍ଟର ଗୁରୁବକ୍ସ ଚନ୍ଦ ଜଗୋଟା କେନ୍ଦ୍ର ବିଷୟରେ ସଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଏହି କେନ୍ଦ୍ରର ଷ୍ଟାଫ୍ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।



ଉପକରଣ ବଣ୍ଟନ ବେଳେ ଉପମୁଖ୍ୟମନ୍ତ୍ରୀ, ଏମ୍‌ପି, ଜିଲାପାଳ ଓ ଅନ୍ୟ ଅତିଥି।

# ଅଲଟ୍ରାସାଉଣ୍ଡ ସେବା ନ ପାଇ ଫେରୁଛନ୍ତି ଗର୍ଭବତୀ

ସୋନପୁର, ୧୩।୯ (ମୃତ୍ୟୁଞ୍ଜୟ ଶତପଥୀ)

ଗର୍ଭବତୀଙ୍କୁ ବିନା ମୂଲ୍ୟରେ ଅଲଟ୍ରାସାଉଣ୍ଡ ପରୀକ୍ଷା କରି ରିପୋର୍ଟ ପ୍ରଦାନ ପାଇଁ ସରକାରୀ ଚିକିତ୍ସାଳୟରେ ସମସ୍ତ ବ୍ୟବସ୍ଥା ରହିଛି। ସରକାର ଏଥିପାଇଁ ସରକାରୀ ଡାକ୍ତରଖାନାଗୁଡିକୁ ଅଲଟ୍ରା ସାଉଣ୍ଡ ମେଶିନ ଯୋଗାଇ ଦେଇଛନ୍ତି। ତେବେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ଅବହେଳା ପାଇଁ ବୀରମହାରାଜପୁର ଉପଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବିନିକା, ଉଲୁଣ୍ଡା ଓ ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ସେବା ମିଳୁନି। ପ୍ରଶିକ୍ଷିତ ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ଥାଇ ମଧ୍ୟ ସରକାର ଦେଇଥିବା ମେଶିନ ଖତ ଖାଉଛି। ସରକାରୀ ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ପରୀକ୍ଷା ହେଉନି। ଅଥଚ ସମାନ ଡାକ୍ତର କ୍ଲିନିକ୍‌ରେ ଏହି ପରୀକ୍ଷା କରୁଥିବା ଅଭିଯୋଗ ହେଉଛି। ଏଥିପାଇଁ ସମ୍ପୃକ୍ତ ଅଞ୍ଚଳର ଗର୍ଭବତୀଙ୍କୁ ମାସିକ ଅଯଥାରେ ପ୍ରାଇଭେଟ୍ କ୍ଲିନିକ୍‌ରେ ୧୫୦୦ରୁ ୨୦୦୦ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି।

ଜିଲାର ସୁବର୍ଣ୍ଣପୁର ମୁଖ୍ୟ ଚିକିତ୍ସାଳୟ ସମେତ ଡୁଙ୍ଗୁରିପାଲି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ତରଭା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଅଲଟ୍ରାସାଉଣ୍ଡ ମେଶିନ୍ କାର୍ଯ୍ୟକ୍ଷମ ଅଛି। ମହିଳାମାନେ ଗର୍ଭବସ୍ଥାରେ ନିଜ ଶିଶୁର ସ୍ୱାସ୍ଥ୍ୟ ଓ ଶରୀର ଅଭିବୃଦ୍ଧି



ଜିଲା ମୁଖ୍ୟ ଚିକିତ୍ସାଳୟର ଅଲଟ୍ରାସାଉଣ୍ଡ କକ୍ଷ ସମ୍ମୁଖ ସ୍ଥିତି।

## ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ ଅବ୍ୟବସ୍ଥା

ସମ୍ପର୍କରେ ଜାଣି ପାରୁଛନ୍ତି। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଅବ୍ୟବସ୍ଥା ଦେଖାଦେଇଛି। ସପ୍ତାହରେ ୬ଦିନ ବଦଳରେ ୩ଦିନ ଅଲଟ୍ରାସାଉଣ୍ଡ କକ୍ଷ ଖୋଲାଯାଉଛି। ସୋମବାର, ମଙ୍ଗଳବାର ଓ ବୁଧବାର ଏହା ବନ୍ଦ ରହୁଛି। ଏଥିପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରୁଥିବା ବୌଦ୍ଧ ଜିଲାର କଣ୍ଟାମାଳ ଓ ବାଉଁଶୁଣୀ ଅଞ୍ଚଳର ଲୋକଙ୍କ ସମେତ ସୁବର୍ଣ୍ଣପୁର ସହର, ଉଲୁଣ୍ଡା, ବୀରମହାରାଜପୁର, ବିନିକା ଏବଂ ନାଇକେନପାଲି ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳର ଗର୍ଭବତୀ ମାନେ ଅସୁବିଧା ଭୋଗୁଛନ୍ତି। ସପ୍ତାହର ଯେଉଁ ୩ ଦିନ ଖୋଲୁଛି ଦୈନିକ ୪୦ରୁ ଉର୍ଦ୍ଧ୍ୱ ଗର୍ଭବତୀ ପରୀକ୍ଷା ପାଇଁ ଆସୁଛନ୍ତି। ତେବେ ଦାୟିତ୍ୱରେ ଥିବା ଡାକ୍ତର ଦୈନିକ ମାତ୍ର ୧୫ ଗର୍ଭବତୀଙ୍କ ଅଲଟ୍ରାସାଉଣ୍ଡ ପରୀକ୍ଷା କରୁଥିବା ବେଳେ ଅନ୍ୟମାନେ ଅପେକ୍ଷା କରି ନିରାଶ ମନରେ ଫେରି ଯାଉଛନ୍ତି। ଡାକ୍ତର ପ୍ରକାଶ ତନସେନା ଓ ଡାକ୍ତର ମାନସ ରଞ୍ଜନ ଦଣ୍ଡପାଟଙ୍କ ବଦଳି ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ ଡାକ୍ତର କ୍ଷୀରୋଦ କୁମାର ମିଶ୍ର ଓ ଡାକ୍ତର ମନୋଜ କୁମାର ନାୟକ ଅଛନ୍ତି। ତେବେ କର୍ତ୍ତୃପକ୍ଷ କେବଳ ଡାକ୍ତର ମିଶ୍ରଙ୍କୁ ଅଲଟ୍ରାସାଉଣ୍ଡ ପରୀକ୍ଷା ପାଇଁ ଅନୁମତି ଦେଇଛନ୍ତି। ଡାକ୍ତର ନାୟକ ପରୀକ୍ଷା ପାଇଁ ପ୍ରଶିକ୍ଷିତ ଥିବା ବେଳେ ତାଙ୍କୁ ଏଥିପାଇଁ ଅନୁମତି ମିଳିନି। ଫଳରେ ସପ୍ତାହରେ ୩ ଦିନ ଅଲଟ୍ରାସାଉଣ୍ଡ ପରୀକ୍ଷା ପାଇଁ ଗର୍ଭବତୀଙ୍କ ଭିଡ ଲାଗୁଛି। ଗର୍ଭାବସ୍ଥାରେ ମହିଳାଙ୍କୁ ପ୍ରତିମାସ ଅଲଟ୍ରାସାଉଣ୍ଡ କରିବାକୁ ପଡିଥାଏ। ତେବେ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଏଭଳି ଅବ୍ୟବସ୍ଥା ପାଇଁ ଗରିବ ରୋଗୀ ହୀନସ୍ତା ହେଉଛନ୍ତି। ଅଭିଯୋଗ ପରେ ବି ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏଥିପ୍ରତି ସଚେତନ ଦେଉନାହାନ୍ତି। ଏ ସମ୍ପର୍କରେ ଜିଲାପାଳ ଡ. ନୃପରାଜ ସାହୁ କୁହନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରେ କିଭଳି ସପ୍ତାହରେ ୬ଦିନ ଅଲଟ୍ରାସାଉଣ୍ଡ ପରୀକ୍ଷା ହେବ ଓ ଗର୍ଭବତୀ ଉପଯୁକ୍ତ ସେବା ପାଇବେ ସେ ଦିଗରେ ଦୃଷ୍ଟି ଦେବେ। ସେହିଭଳି ବୀରମହାରାଜପୁର, ବିନିକା, ଉଲୁଣ୍ଡା ଓ ନାଇକେନପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଅଲଟ୍ରାସାଉଣ୍ଡ ପରୀକ୍ଷା କରିବା ପାଇଁ ନିର୍ଦ୍ଦେଶ ଦେବେ ବୋଲି କହିଛନ୍ତି।

# ଏନ୍‌ଏସ୍‌ଏସ୍ ପ୍ରଶିକ୍ଷଣ ଶିବିର



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ।

ସୋନପୁର, ୧୩।୯ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ୟୁନିଟର ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ପ୍ରୀତିମୟୀ ମିଶ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ତଥା ପ୍ରଶିକ୍ଷକ ଭାବେ ଅଧ୍ୟାପକ ଡ଼.ମନୋରଞ୍ଜନ ଘଡେଇ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ଏନ୍‌ଏସ୍‌ଏସ୍ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଶିବିରର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ଡ଼ ଘଡେଇ ଆଲୋକପାତ କରିଥିଲେ। ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ମିଶ୍ର ତାଙ୍କ ବକ୍ତବ୍ୟରେ ଛାତ୍ରୀମାନେ ପାଠପଢା ସହିତ ସମାଜସେବାରେ ନିଜକୁ ସାମିଲ କରି ଏକ ସୁସ୍ଥ ସମାଜ ଗଠନ ପାଇଁ ପରାମର୍ଶ ଦେଇଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ନିବେଦିତା ମହାପାତ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ମଧୁସୂଦନ ପୁଜାହାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ସୁପ୍ରିୟା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# କେନଝିରିଆପାଲି ହାଇସ୍କୁଲରେ ପ୍ରାଥମିକ ଚିକିତ୍ସା ଦିବସ


ପ୍ରାଥମିକ ଚିକିତ୍ସାର କୌଶଳ ବିଷୟରେ ସଚେତନ କରାଯାଉଛି।

ଅମରପାଲି, ୧୩।୯ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠରେ ଶନିବାର ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଭାରତୀୟ ରେଡ଼କ୍ରସ ଓଡିଶା ଶାଖା ଜୁନିୟର ରେଡ଼କ୍ରସ ତରଫରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ବ୍ରଜମୋହନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନିୟର ରେଡ଼କ୍ରସ କାଉନସିଲର ଜୀବର୍ଦ୍ଧନ ରଣା ଛାତ୍ରୀଛାତ୍ରମାନଙ୍କୁ ପ୍ରାଥମିକ ଚିକିତ୍ସା ବିଷୟରେ ସଚେତନତା କରିବା ସହିତ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ବାର୍ତ୍ତା ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ଏହାକୁ ଦୈନନ୍ଦିନ ଜୀବନରେ କିପରି ନିର୍ବାହ କରିବେ ତାହା ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଅଭିନୟ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଗୌରୀଶଙ୍କର ପୂଜାହାରୀ ପରିଚାଳନା କରିଥିଲେ। ଶିକ୍ଷକ ଦୀନବନ୍ଧୁ ପଧାନ, ପ୍ରମୋଦ ପାତ୍ର, ଜଗଦୀଶ ପଧାନ, ମୀନକେତନ ରଣା, କର୍ମଚାରୀ ସିଦ୍ଧେଶ୍ୱର ମେଣ୍ଡିଲି, ଚିତ୍ତରଞ୍ଜନ ପଧାନ, ସରୋଜ ଭୁକ୍ତା, ସତ୍ୟ ନାରାୟଣ ରାଜହଂସ ପ୍ରମୁଖ କାର୍ଯ୍ୟକ୍ରମ ପିଚାଳନାରେ ସହଯୋଗ କରିଥିଲେ। କ୍ରୀଡା ଶିକ୍ଷକ ସୁରେନ୍ଦ୍ର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଚେରି ଭାଙ୍ଗି ଘର ଭିତରକୁ ପଶିଗଲା କାର

ବିନିକା, ୧୩।୯ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ମୁଖ୍ୟ ରାସ୍ତା ରାମପୁର–ବିନିକା ସହରଠାରୁ ୩ କି.ମି. ଦୂର ବେଲପଡ଼ା ଛକଠାରେ ଶୁକ୍ରବାର ରାତିରେ ଏକ କାର ନଂ. ଓଡି ୩୩ ଭି ୮୧୧୪ ଭାରସାମ୍ୟ ହରାଇ ଏକ ଘରର ପାଚେରୀ ଭାଙ୍ଗି ଘରକୁ ପଶି ଯାଇଥିଲା। ଫଳରେ ଘରେ ଥିବା ପରିବାର ଅଳ୍ପକେ ବର୍ତ୍ତିଯାଇଛନ୍ତି। କାରଟି ଦୃତ ଗତିରେ ରାମପୁର ପଟୁ ଆସୁଥିବାବେଳେ ପାଚେରୀ ଭାଙ୍ଗି ଘରକୁ ମାଡ଼ି ଯାଇଥିଲା। ଗାଡ଼ିରେ ଥିବା ୪ଜଣ ବ୍ୟକ୍ତି ମଧ ବର୍ତ୍ତିଯାଇଛନ୍ତି। କାରରେ ବସିଥିବା ୪ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ସାମାନ୍ୟ ଆହତ ହୋଇ ବିନିକା ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନାଯୋଗ୍ୟ, କାର୍ ମାଲିକ କୁଆଡେ ବିନିକା କୃଷି ଅଧିକାରୀ ଜ୍ୟୋତି ରଞ୍ଜନ ପ୍ରଧାନ ବୋଲି ଜଣାପଡିଛି। ତେବେ ଗାଡ଼ିଟିକୁ କୃଷି ଅଧିକାରୀ ଚଳାଉଥିଲେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ପୋଲିସ ଜବତ କରି ବେପରୁଆ ଗାଡ଼ି ଚାଳନା ନେଇ ଥାନାରେ ମାମଲା (ନଂ.୧୮୩/୨୦୨୫) ରୁଜୁ କରିଛି।


ଦୁର୍ଘଟଣା ଘଟାଇଥିବା କାର।

# ଆତ୍ମନିର୍ଭରଶୀଳ ଭାରତ ଗଠନ କାର୍ଯ୍ୟକ୍ରମ


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଅମରପାଲି, ୧୩।୯ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନତୈଲା ପଞ୍ଚାୟତ ଅନ୍ତର୍ଗତ କୁଞ୍ଜାପାଲି ଆଶ୍ରମ ସ୍କୁଲରେ ଆତ୍ମନିର୍ଭରଶୀଳ ଭାରତ ଗଠନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ପାଞ୍ଚଟି କାର୍ଯ୍ୟ ବିଷୟରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ଏକ ପ୍ରବନ୍ଧ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ସ୍ୱେଚ୍ଛାସେବୀ ସଚିନ ଦେହୁରୀ କାର୍ଯ୍ୟକ୍ରମ ଉପରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜୟ ଗୋପାଳ ସେଠ ସଭାପତିତ୍ୱ କରିଥିଲେ। ସହକାରୀ ଶିକ୍ଷକ ନବ କୁମାର ପୋଥାଳ ସଭା ପରିଚାଳନା କରିବା ସହ ଆତ୍ମ ନିର୍ଭରଶୀଳ ଭାରତ ଗଠନ ଦିଗରେ ଛାତ୍ରୀଛାତ୍ରଙ୍କ ଭୂମିକା ବିଷୟରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ବିଚାରକଭାବେ ଶିକ୍ଷୟିତ୍ରୀ ବନିତା ମାଳିନୀ ରାଉତ ଓ ଶତାବ୍ଦୀ ପୁରୋହିତ ଦାୟିତ୍ୱ ତୁଲାଇଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ ଲଳିତା ମୁଣ୍ଡା ପ୍ରଥମ, ଯାଜ୍ଞସିନୀ ମଲ୍ଲିକ ଦ୍ୱିତୀୟ, ଅଙ୍କିତା ଚିରଗୁନି ତୃତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ରାଜୀବ ପଧାନ, ସୁଜିତ କର୍ମୀ, ଦିବ୍ୟଭଗବାନ ନାଏକ, ରୋଶନୀ ପଧାନ, ଜୟଶ୍ରୀ କର୍ଣ୍ଣ, ରଞ୍ଜିତା ପଟେଲ ଓ ଆଶ୍ରମ ସ୍କୁଲର ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ। ପ୍ରଶାନ୍ତ କୁମାର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ୫ ବାଲି ବୋଝେଇ ହାଇୱା ଜବତ, ୫ଗିରଫ

ଉଲୁଣ୍ଡା, ୧୩।୯ (ଗୌରଚନ୍ଦ୍ର ପରିଛା)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ପୋଲିସ ଏବଂ ମାଇନିଙ୍ଗ ବିଭାଗ ମିଳିତ ଭାବେ ଚଢାଉ କରି ୫ଟି ବାଲି ବୋଝେଇ ହାଇୱା ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଛି। ଶନିବାର ସକାଳୁ ବାଲି ଚୋରା ଚାଲାଣ ହେଉଥିବା ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇଁ ଉଭୟ ବିଭାଗ ମିଳିତ ଭାବେ ପୋଢ଼ଟିକିରା ଛକ, ଉଦେପଦର ଛକ, ଉଲୁଣ୍ଡା ଟାଉନ ଏବଂ ଥାନା ସମ୍ମୁଖରୁ ୫ଟି ବାଲି ବୋଝେଇ ହାଇୱା ଜବତ କରିଥିଲା। ମାଇନିଙ୍ଗ ବିଭାଗ ଅଭିଯୋଗ ଅନୁସାରେ ୫ଟି ମାମଲା ରୁଜୁ କରାଯାଇଥିବା ଆଇଆଇସି ଲିଙ୍ଗ ରାଜ ସେଠୀ ସୂଚନା ଦେଇଛନ୍ତି।

# ଗ୍ରାମ ନ୍ୟାୟାଳୟରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଡୁଙ୍ଗୁରିପାଲି, ୧୩।୯ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗ୍ରାମ ନ୍ୟାୟାଳୟଠାରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ନ୍ୟାୟାଧୀଶ ଜେଏମଏଫସି ସୁନିତା ମିଶ୍ର ଲୋକ ଅଦାଲତରେ ଆସିଥିବା ମାମଲାଗୁଡିକ ବିଚାର କରି ଫଇସଲା କରିଥିଲେ। ମୋଟ ୬ଟି ମାମଲାର ଫଇସଲା କରାଯାଇଥିଲା। ଡୁଙ୍ଗୁରିପାଲି ଓକିଲ ସଂଘ ସଭାପତି ସୁବାଷ ଭୋଇ, ଉପସଭାପତି ଜଗନ୍ନାଥ ମିଶ୍ର, ସରକାରୀ ଓକିଲ ନବୀନ ରଣା, ବୀରେନ୍ଦ୍ର ଦଣ୍ଡସେନା, ସଞ୍ଜୀବ କୁମାର ନାଏକ, ଲକ୍ଷ୍ମଣ ନାଏକ ଉପସ୍ଥିତ ଥିଲେ।

# ଆଇନଗତ ଅଧିକାର ନେଇ ଆଲୋଚନା

ଡୁଙ୍ଗୁରିପାଲି, ୧୩।୯ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଅଧିକାରୀ ରୋଜାଲିନି ପଟେଲଙ୍କ ସହ ଶନିବାର ଜାତୀୟ ମାନବ ଅଧିକାର ସାମ୍ମୁଖ୍ୟ ଡୁଙ୍ଗୁରିପାଲି ବ୍ଲକ ସଭାପତି ନେହେରୁ ବାଗ ଓ ସାଧାରଣ ସମ୍ପାଦକ ଅନିରୁଦ୍ଧ ଦୀପ ବିଭିନ୍ନ ଆଇନଗତ ଅଧିକାର ଉପରେ ଆଲୋଚନା କରିଥିଲେ। ଡୁଙ୍ଗୁରିପାଲି ଅଞ୍ଚଳରେ ଜନସାଧାରଣ କିପରି ସମ୍ବିଧାନକ ଅଧିକାର ପାଇବେ, ବିଶେଷ କରି ଅନୁସୂଚିତ ଜାତିର ଲୋକେ ଯେପରି ସମ୍ବିଧାନକ ନ୍ୟାୟ ପାଇବାରୁ ବଞ୍ଚିତ ନ ହେବେ ତାହା ଉପରେ ଆଲୋଚନା କରିଥିଲେ। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରଖି ସାମାଜିକ, ଶାନ୍ତି ଶୃଙ୍ଖଳା ବଜାୟ ରହିବ ତାହା ଉପରେ ଆଲୋଚନା ହୋଇଥିଲା।

# ରାଷ୍ଟ୍ରୀୟ ଲୋକ ଅଦାଲତ: ୭୧ ମାମଲା ଫଏସଲା

ବୀରମହାରାଜପୁର, ୧୩।୯ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସିଭିଲ କୋର୍ଟ ଓ ଏସ୍‌ଡିଜେଏମ୍ କୋର୍ଟ ପରିସରରେ ଶନିବାର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଅଦାଲତକୁ ସିଭିଲ ଜଜ ତଥା ବରିଷ୍ଠ ଦେୱାନି ଜଜ ଅମିତ କୁମାର ବାରିକ ଏବଂ ଏସ୍‌ଡିଜେଏମ୍ ପୁନମ ସେଠ ଯୋଗଦେଇଥିଲେ। ତେବେ ସିଭିଲ କୋର୍ଟରେ ୨୫ଟି ବିଭିନ୍ନ ମାମଲା ବିଚାରକୁ ନିଆଯାଇଥିଲା। ସେଥିମଧ୍ୟରୁ ୨ଟି ମାମଲାର ବିଚାର କରାଯାଇ ୪ଲକ୍ଷ ୭୨ହଜାର ୫୪୧ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସେହିପରି ଏସ୍‌ଡିଜେଏମ କୋର୍ଟରେ ୧୭୫ଟି ବିଭିନ୍ନ ମାମଲା ବିଚାରକୁ ନିଆଯାଇଥିବା ବେଳେ ୬୯ଟି ମାମଲାର ଫଇସଲା କରାଯାଇଥିଲେ। ଲୋକ ଅଦାଲତକୁ ଆଇନଜୀବୀ ବିଷ୍ଣୁ ପଣ୍ଡା ଏବଂ ଶଙ୍କର୍ଷଣ ପଣ୍ଡା ପରିଚାଳନା କରିଥିଲେ। ବୀରମହାରାଜପୁର ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ଦେବେନ୍ଦ୍ର କୁମାର ମାଟି, ସୁବଳୟା ଶାଖା ପରିଚାଳକ ପତିତପାବନ ସୁବୁଦ୍ଧି ଓ ଅନ୍ୟାନ୍ୟ ବ୍ୟାଙ୍କ କର୍ମଚାରୀ ସାମିଲ ହୋଇଥିଲେ। ବିଚାର ବୋଭାଗୀୟ କାର୍ମଚାରୀ ମନସ୍ମିତା ମେହେର, ପ୍ରତିଭା ସାହୁ, ମାନସ ରଞ୍ଜନ ପୃଷ୍ଟି, ସଞ୍ଜୀବ କୁମର ବାରିକ, ସୁଜିତ ନାଗ, ସୌମ୍ୟ ରଞ୍ଜନ ପ୍ରଧାନ, ମିନକେତନ ବିଶି, ମାନସ ରଞ୍ଜନ ପଣ୍ଡା ସହଯୋଗ କରିଥିଲେ।



ବୀରମହାରାଜପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଚାରପତି ଓ ଆଇନଜୀବୀ।

# ୭୭୭ ମାମଲା ଫଇସଲା, ୭୭.୦୧ ଲକ୍ଷ ଜରିମାନା ଆଦାୟ

ସୋନପୁର, ୧୩।୯ (ମୃତ୍ୟୁଞ୍ଜୟ ଶତପଥୀ)

ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ–୨୫ ସୁବର୍ଣ୍ଣପୁର ସିଭିଲ କୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲାଜଜ ଧନୁର୍ଦ୍ଧର ସେନାପତିଙ୍କ ତତ୍ତ୍ୱାବଧାନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ଫେମିଲି କୋର୍ଟ ଜଜ ପ୍ରଶାନ୍ତ କୁମାର ମିଶ୍ର, ଅତିରିକ୍ତ ଜିଲା ଜଜ ଦିଲୀପ କୁମାର ବିଶ୍ୱାଳ, ମୁଖ୍ୟ ବିଚାର ବିଭାଗୀୟ ମିଜିଷ୍ଟ୍ରେଟ୍ ବିଶ୍ୱ ବିଶୃତ କର, ସିଭିଲ କୋର୍ଟ ରେଜିଷ୍ଟ୍ରାର ପ୍ରଜ୍ଞା ପରମିତା ପ୍ରତିହାରୀ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଦେବାଶିଷ ଦାଶ, ବରିଷ୍ଠ ସିଭିଲ ଜଜ ଗଗନ ସାହୁ, ସିଭିଲ ଜଜ ସିନିୟର ଡିଭିଜନ ତଥା ମହିଳା କୋର୍ଟ ବବିତା ପାତ୍ର, ସୋନପୁର ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୁଦେସ୍ନା ପଟ୍ଟନାୟକ, ଜେଏମ୍‌ଏଫସି ପ୍ରଣତି ରଥ, ସରକାରୀ ଓକିଲ ବ୍ୟୋମକେଶ ଦାଶ, ପ୍ରତାପ କୁମାର ପୁରୋହିତ, ପ୍ରଦୀପ କୁମାର ପୁରୋହିତ, ଶ୍ରୀକାନ୍ତ ଦାଶ, ସାନନ୍ଦ ବିହାରୀ ମହାପାତ୍ର, ଦାସଦୀପ୍ତ ମହାପାତ୍ର, ଶମ୍ଭୁ ପ୍ରସାଦ



ଲୋକ ଅଦାଲତରେ ଉପସ୍ଥିତ ଜିଲାଜଜ୍ ଓ ବରିଷ୍ଠ ଆଇନଜୀବୀ।

## ସୁବର୍ଣ୍ଣପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

ବିଶି, ସାମାଜିକକର୍ମୀ ମୀନା ମହାରଣା, ଗୀତାଞ୍ଜଳି ରଣା ଓ ଜ୍ୟୋତିଶ୍ରୀ ବେହୁରା ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ୟାଙ୍କ ରିକୋଭରି, ବିଦ୍ୟୁତ୍ ଜନିତ ମାମଲା ଓ ମୋଟର ଯାନ ଦୁର୍ଘଟଣା ଭଳି ୪୦୨୧ଟି ପ୍ରି ଲିଟିଗେସନ ମାମଲା ଚିହ୍ନଟ ହୋଇଥିବା ବେଳେ ୧୧୦ଟିର ଫଇସଲା କରାଯାଇ ମୋଟ ୨୯ଲକ୍ଷ ୪ହଜାର ୯୫୨ଟଙ୍କା ଜରିମାନା ଆଦାୟ ହୋଇଥିଲା। ସେହିଭଳି ଜମିଜମା, ରାଜସ୍ୱ, ଖାଉଟି, ବୈବାହିକ, ଅପରାଧ ରଫାଯୋଗ୍ୟ ଓ ଚେକ୍‌ବାଉନ୍ସ ଭଳି ୯୧୪ଟି ମାମଲା ଚିହ୍ନଟ ହୋଇଥିଲା ବେଳେ ୬୬୭ଟି ମାମଲାର ଫଇସଲା କରାଯାଇ ୪୭ଲକ୍ଷ ୯୬ହଜାର ୬୦୨ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଲୋକ ଅଦାଲତରେ ସର୍ବମୋଟ ୪୯୩୫ଟି ମାମଲା ଚିହ୍ନଟ ହୋଇଥିଲା ବେଳେ ୭୭୭ଟି ମାମଲାର ଫଇସଲା କରାଯାଇ ୭୭ଲକ୍ଷ ୧ହଜାର ୫୫୪ଟଙ୍କା ଜରିମାନା ଆଦାୟ କରାଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ଅର୍ଜୁନ ବେହେରା, ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ଗୌରିଶଙ୍କର ପାଣିଗ୍ରାହୀ, ଜ୍ୟୋସ୍ନାରାଣୀ ବେହେରା, କମଳ ଲୋଚନ ବେହେରା, ସିଦ୍ଧାନ୍ତ କୁମାର ବାଘ, କାହ୍ନୁ ଚରଣ ରଥ, ଅନାମ ସାହୁ, ବେଣୁଧର ମଲ୍ଲିକ ଓ ରଞ୍ଜନ କୁମାର ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଆମ ବସ ସେବା ବନ୍ଦ, ଯାତ୍ରୀ ହନ୍ତସନ୍ତ



**ରାଉରକେଲା, ୧୩।୯ (ବିପ୍ଲବ ରଞ୍ଜନ ଦାଶ):** ଆମ ବସ ସେବା ବନ୍ଦ ଯୋଗୁ ରାଉରକେଲା ବସ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଆମ ବସରେ କାର୍ଯ୍ୟରତ ଡ୍ରାଇଭର ଓ କଣ୍ଡକ୍ଟରମାନେ ଦରମା ଠିକ ସମୟରେ ନ ପାଇବା, ଇଏସ୍ଆଇ ଏବଂ ପିଏଫ୍ ସୁବିଧାରୁ ବଞ୍ଚିତ ହେବାକୁ ନେଇ ବସ କର୍ମଚାରୀଙ୍କ ପକ୍ଷରୁ ଏହି କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯାଇଛି। ଆମ ବସ ବନ୍ଦ ହେବା ଦ୍ୱାରା ରାଜାମୁଣ୍ଡା, ବଣେଇଗଡ଼, ଲାଠିକଟା ସମେତ ବୀରମିତ୍ରପୁର, କୁଆଁରମୁଣ୍ଡା, ହାତୀବାରି, ରାଜଗାଙ୍ଗପୁର, କୁତ୍ରା, ବଡଗାଁ, ବିଶ୍ରା ଏବଂ ଅନ୍ୟାନ୍ୟ ସ୍ଥାନକୁ ଯିବାକୁ ଥିବା ଯାତ୍ରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କରୁଟ (କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ) ପରିଚାଳିତ ମୋ ବସ ସେବା ବର୍ତ୍ତମାନ ଆମ ବସ ସେବାରେ ପରିଣତ ହୋଇଥିଲାବେଳେ ଏହା ମଧ୍ୟ ବିଭିନ୍ନ ଏଜେନ୍ସି ମାଧ୍ୟମରେ ପରିଚାଳିତ ହେଉଛି। ଏହି ଏଜେନ୍ସିମାନେ ଆମ ବସରେ ନିଯୁକ୍ତି ପାଇଥିବା ଡ୍ରାଇଭର ଓ କଣ୍ଡକ୍ଟରମାନଙ୍କୁ ନିଯୁକ୍ତି ଦେବା ସହିତ ମାସିକ ଦରମା ମଧ୍ୟ ପ୍ରଦାନ କରିଥାଏ। ଫଳରେ ଏହି ଏଜେନ୍ସିଙ୍କ ପାଖରୁ ଦରମା ପାଇ ଆମ ବସ କର୍ମଚାରୀମାନେ ଦୈନିକ ନିଜର ଗୁଜୁରାଣ ମେଣ୍ଟାଇବା ସହିତ ପରିବାର ପ୍ରତିପୋଷଣ କରିଥାନ୍ତି। ଏଜେନ୍ସିଙ୍କ ଦ୍ୱାରା ପ୍ରତି ମାସ ଦରମା ଦେବାର ବିଳମ୍ବ ତଥା ଇଏସ୍ଆଇ ଓ ପିଏଫ୍ କରାଯାଇ ନ ଥିବାରୁ, ଆମ ବସ କର୍ମଚାରୀଙ୍କ ପକ୍ଷରୁ ଏହି ଆନ୍ଦୋଳନ କରାଯାଉଛି। ତେବେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବା ପାଇଁ ଆମ ବସ କର୍ମଚାରୀଙ୍କ ପକ୍ଷରୁ ଦାବି କରାଯାଇଛି।

### ବ୍ୟାଟେରି ଚୋରି ଅଭିଯୋଗ, ଜଣେ ଗିରଫ

**ରାଉରକେଲା, ୧୩।୯ (ସଙ୍ଗୀତା ଜେନା):** ରଘୁନାଥପାଲୀ ଥାନା ଅନ୍ତର୍ଗତ ଦେଓଗାଁ ଅଞ୍ଚଳରେ ଏକ୍ସାଭେଟର ମେଶିନ୍‌ରୁ ୨ଟି ବ୍ୟାଟେରୀ ଚୋରି କରିବା ଘଟଣାରେ ପୋଲିସ ଶନିବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଦେଓଗାଁ ଦେହୁରୀ ବସ୍ତିର ଦିଲେଶ୍ୱର ଦେହୁରୀ(୪୮)। ପୋଲିସ ତାଙ୍କ ନିକଟରୁ ୨ ଟି ବ୍ୟାଟେରୀ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ. ୫୧୦/୨୫) ରୁଜୁ କରିଛି।

# ଦାବି ପୂରଣ ନ କଲେ ରାସ୍ତାକୁ ଓହ୍ଲାଇବୁ

**ମାସିକ ୨୬ହଜାର ଟଙ୍କା ସହ ଅନ୍ୟ ଦାବି ନେଇ ଆଶାକର୍ମୀଙ୍କ ସମ୍ମିଳନୀ**

**ରାଉରକେଲା, ୧୩।୯ (ସଙ୍ଗୀତା ଜେନା)**



ସେକ୍ଟର-୧୬ ଶ୍ରମିକ ଭବନଠାରେ ଆୟୋଜିତ ସମ୍ମିଳନୀ।

ଆଶାକର୍ମୀ ଚୟନ ପରେ ସମସ୍ତ ସୁବିଧା ମିଳୁଥିଲା। ହେଲେ ଡବଲ ଇଞ୍ଜିନ ସରକାର ଆସିବା ପରେ ଆମକୁ ସମସ୍ତ କାର୍ଯ୍ୟରେ ନିୟୋଜିତ କରାଯାଉଛି। କିନ୍ତୁ ଆଖିଦୃଶିଆ ସୁବିଧା ପ୍ରଦାନ କରାଯାଉନାହିଁ। ଆମକୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉନାହିଁ। ମାସିକ ୨୬ହଜାର ଟଙ୍କା, ଅବସରକାଳୀନ ସୁବିଧା, ମୃତ୍ୟୁକାଳୀନ ରାଶି ଆଦି ପ୍ରଦାନ କରାଯାଉ। ନଚେତ୍ ରାଜରାସ୍ତାରେ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ଚେତାବନୀ ଦିଆଯାଇଛି। ଶନିବାର ପୂର୍ବାହ୍ନ ୧୧ଟାରେ ସେକ୍ଟର-୧୬ ଶ୍ରମିକ ଭବନ ଠାରେ ସିଟୁ ସହବନ୍ଧିତ ଓଡ଼ିଶା ଆଶାକର୍ମୀ ଆସୋସିଏସନ୍ ପକ୍ଷରୁ ଆୟୋଜିତ ୬ଷ୍ଠ ଜିଲା ସମ୍ମିଳନୀରେ ଏପରି ମତପ୍ରକାଶ ପାଇଛି। ଉକ୍ତ ସମ୍ମିଳନୀରେ ଜିଲା ସଭାପତି ହୃଦାନନ୍ଦ ଯାଦବ, ଜିଲା ସାଧାରଣ କାର୍ଯ୍ୟସମ୍ପାଦିକା ଶକୁନ୍ତଳା ମହାକୁଡ଼, ସାଧାରଣ ସମ୍ପାଦକ ବିମାନ ମାଇତି, ଜିଲା ସମ୍ପାଦକ ରାଜକିଶୋର ପ୍ରଧାନ, ଯଯାତି କେଶରୀ ସାହୁ, ଜାହାଙ୍ଗୀର ଅଲ୍ଲୀ, ରାଜ୍ୟ ଉପସଭାପତି ସୁରେଶ ସ୍ୱାଇଁ, ଆଭା ସସ୍ମିତା ଖେସ୍, ସିମାନ୍ତୀ ଟପ୍ପୋ, ନିରୂପମା ସାହୁ, ଶକୁନ୍ତଳା ସମାସୀ, ଲକ୍ଷ୍ମୀ ମହତୋ, ସରୋଜିନୀ ଦାସ, ଲୀନା ଡୁଙ୍ଗଡୁଙ୍ଗ, ଜୟନ୍ତୀ ପାଣ୍ଡବ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ସିଟୁ ସାଧାରଣ ସମ୍ପାଦକ ମାଇତି ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ନେତୃବୃନ୍ଦଙ୍କ କହିବା ଅନୁସାରେ, ଆଶାକର୍ମୀମାନଙ୍କୁ ନିଯୁକ୍ତି ସମୟରେ କୌଣସି ଦରମା ନିର୍ଦ୍ଧାରଣ କରାଯାଇ ନ ଥିଲା। ଯେତିକି କାର୍ଯ୍ୟ ସେତିକି ଦରମା ମିଳୁଥିଲା। ପୂର୍ବରୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରି କିଛି ପରିମାଣରେ ସୁବିଧା ମିଳିଛି ବୋଲି କହିଥିଲେ। ପ୍ରତ୍ୟେକ ଆଶାକର୍ମୀଙ୍କୁ ମାସିକ ୨୬ ହଜାର ଟଙ୍କା, ମୃତ୍ୟୁକାଳୀନ ଭତ୍ତା ୧୦ଲକ୍ଷ ଟଙ୍କା, ପେନସନ୍, ସରକାରୀ ମାନ୍ୟତା ପ୍ରଦାନ କରାଯାଉ। ଦାବି ବାରମ୍ବାର କରାଯାଉଛି। ଏଗୁଡ଼ିକ ଉପରେ ସରକାର ଧ୍ୟାନ ଦିଅନ୍ତୁ। ନଚେତ୍ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ଚେତାବନୀ ଦେଇଥିଲେ।

# ଜବାବ ଦାଖଲ କରିବେ ରାଜ୍ୟ ସରକାର, ଡିଜିପି

**କଟକ, ୧୩।୯ (କାର୍ତ୍ତିକ ସାହୁ)**

**ଭଉଣୀ ମୃତ୍ୟୁର କ୍ରାଇମବ୍ରାଞ୍ଚ ତଦନ୍ତ ଆବେଦନ ମାମଲା**

ନିଖୋଜ ହୋଇଥିବା ଭଉଣୀଙ୍କ ରହସ୍ୟମୟ ମୃତ୍ୟୁର ତଦନ୍ତ କ୍ରାଇମବ୍ରାଞ୍ଚ କରିବାକୁ ପ୍ରାର୍ଥନା କରି ରୁଜୁ ମାମଲାରେ ହାଇକୋର୍ଟ ରାଜ୍ୟ ସରକାର ଓ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଚିତ୍ତରଞ୍ଜନ ଦାଶ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ନିମନ୍ତେ ଅକ୍ଟୋବର ୨୨ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ସୂଚନାନୁସାରେ, ଆବେଦନକାରୀ ସନ୍ଦୀପ ମିଞ୍ଜଙ୍କ ଭଉଣୀ ସୁସ୍ମିତା ୨୦୨୩ ସେପ୍ଟେମ୍ବର ୧୬ରୁ ନିଖୋଜ ହୋଇଯାଇଥିଲେ। ସୁନ୍ଦରଗଡ଼ ଜିଲା ରାଉରକେଲାର ଉଦିତ୍ ନଗର ଥାନାରେ ପରିବାର ପକ୍ଷରୁ ଏ ନେଇ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସୁସ୍ମିତା ଏକ ହୋଟେଲରେ ଥିବା ନେଇ ପୋଲିସ ସୁରାକ ପାଇ ଖୋଜାଖୋଜି କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ସେପ୍ଟେମ୍ବର ୧୯ରେ ରାଜଗାଙ୍ଗପୁର ଥାନା ପୋଲିସ ଆବେଦନକାରୀଙ୍କୁ ତାଙ୍କ ଭଉଣୀଙ୍କ ନିଖୋଜ ସମ୍ପର୍କରେ ସୂଚନା ଦେବା ସହ ରାଉରକେଲା ପ୍ଲାଣ୍ଟ ସାଇଟ ଥାନାକୁ ଆସିବାକୁ କହିଥିଲା। ଆବେଦନକାରୀ ୨୦ ତାରିଖରେ ପ୍ଲାଣ୍ଟ ସାଇଟ ଥାନାକୁ ଯାଇ ସେଠାରେ ପୋଲିସ ଦ୍ୱାରା ଉଦ୍ଧାର ହୋଇଥିବା ଏକ ମୃତଦେହ ତାଙ୍କ ଭଉଣୀଙ୍କର ବୋଲି ଚିହ୍ନଟ କରିଥିଲେ। ସେ ସୁସ୍ମିତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରି ଏକ ହତ୍ୟା ମାମଲା ରୁଜୁ କରିବାକୁ ପୋଲିସ ନିକଟରେ ଦାବି କରିଥିଲେ। ମାତ୍ର ପୋଲିସ ହତ୍ୟା ମାମଲା ରୁଜୁ ନ କରି ପାଣିରେ ବୁଡ଼ିଯିବାରୁ ମୃତ୍ୟୁ ହୋଇଥିବା ଦର୍ଶାଇଥିଲା। ଫଳରେ ଉକ୍ତ ଘଟଣାକୁ ନେଇ ହତ୍ୟା ମାମଲା ରୁଜୁ କରିବା ନିମନ୍ତେ ପୋଲିସକୁ ନିର୍ଦ୍ଦେଶ ଦେବା ପାଇଁ ଆବେଦନକାରୀ ନିମ୍ନ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ଚାହିଁଲେ ସିଆରପିସି ଧାରା ୧୯୦ ଅନୁସାରେ ଅଲଗା ଏଫଆଇଆର ଦାଖଲ କରିପାରିବେ ବୋଲି ନିମ୍ନ ଅଦାଲତ କହିଥିଲେ। ଏହାପରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାକୁ ଆଇନଜୀବୀ ଏସ୍. ମହାନ୍ତି ପରିଚାଳନା କରୁଛନ୍ତି।

# ଏନ୍‌ଆଇଟି ଏଫ୍‌ଟିବିଆଇକୁ ମିଳିଲା ଭାରତ ଇନ୍‌କ୍ୟୁବେଟର ପୁରସ୍କାର


ସମ୍ମିଳନୀରେ ପୁରସ୍କାର ପ୍ରଦାନ କରାଯାଉଛି।

**ରାଉରକେଲା, ୧୩।୯ (ସଙ୍ଗୀତା ଜେନା)**

ନୂଆଦିଲ୍ଲୀଠାରେ ଶନିବାର ୪ର୍ଥ ଭାରତ ଉଦ୍ୟୋଗତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ରାଉରକେଲାରେ ଥିବା ଫାଉଣ୍ଡେଶନ୍ ଫର୍ ଟେକ୍ନୋଲୋଜି ଆଣ୍ଡ ବିଜ୍‌ନେସ୍ ଇନ୍‌କ୍ୟୁବେଶନ୍(ଏଫ୍‌ଟିବିଆଇ)କୁ ମର୍ଯ୍ୟାଦାଜନକ 'ଭାରତ ଇନ୍‌କ୍ୟୁବେଟର୍ ପୁରସ୍କାର ୨୦୨୫' ପ୍ରଦାନ କରାଯାଇଛି।

ଏହି ସ୍ୱୀକୃତି ଭାରତର ନବସୃଜନ, ଉଦ୍ୟୋଗତା ଏବଂ ଷ୍ଟାର୍ଟଅପ୍ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବାରେ ଏଫ୍‌ଟିବିଆଇର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପରିପ୍ରକାଶ କରିଛି। ଭାରତ ଉଦ୍ୟୋଗ ସଂଘ ଦ୍ୱାରା ପ୍ରତିଷ୍ଠିତ ଏହି ପୁରସ୍କାର ନୂଆଦିଲ୍ଲୀସ୍ଥିତ ଏନ୍‌ଡିଏମ୍‌ସି କନ୍‌ଭେନଶନ୍ ସେଣ୍ଟରଠାରେ ଦିଲ୍ଲୀ ସରକାରଙ୍କ ଶିଳ୍ପ, ଖାଦ୍ୟ ଯୋଗାଣ ଏବଂ ପରିବେଶ ଜଙ୍ଗଲ ଏବଂ ବନ୍ୟପ୍ରାଣୀ ମନ୍ତ୍ରୀ ସର୍ଦ୍ଦାର ମନଜିନ୍ଦର ସିଂହ ସିରସା ପ୍ରଦାନ କରିଥିଲେ। ଏଫ୍‌ଟିବିଆଇ ସଭାପତି ପ୍ରଫେସର ସୁବ୍ରତ ପଣ୍ଡା, ସିଇଓ ଚିରଞ୍ଜୀବୀ ସାମଲ ପ୍ରମୁଖ ପ୍ରତିଷ୍ଠାନ ପକ୍ଷରୁ ପୁରସ୍କାର ଗ୍ରହଣ କରିଥିଲେ। ଉକ୍ତ ସମ୍ମାନ ପାଇଁ ଦେଶବ୍ୟାପୀ ମନୋନୀତ ୬ଟି ପ୍ରମୁଖ ଇନ୍‌କ୍ୟୁବେଟର ମଧ୍ୟରେ ଏନ୍‌ଆଇଟି ରାଉରକେଲା ଏଫ୍‌ଟିବିଆଇ ସାମିଲ ଥିଲା, ଯାହାକି ଷ୍ଟାର୍ଟଅପ୍‌ଗୁଡ଼ିକୁ ପୋଷଣ ଏବଂ ସକ୍ଷମ ଉଦ୍ୟୋଗୀ ଇକୋସିଷ୍ଟମ ଗଠନରେ ସହାୟତା ଦେଇ ଆସୁଛି। ଉକ୍ତ ସମାରୋହରେ ମନ୍ତ୍ରଣାଳୟ ଅଧିକାରୀ, ଶିଳ୍ପ ନେତା ତଥା ଦେଶବ୍ୟାପୀ ପ୍ରତିନିଧିମାନେ ସାମିଲ ହୋଇଥିଲେ। ଏ ନେଇ ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ କହିଛନ୍ତି, ନବସୃଜନକୁ ସଶକ୍ତ କରିବା ଏବଂ ଭାରତର ଉଦ୍ୟୋଗଯାତ୍ରାକୁ ଆଗେଇ ନେବା ପାଇଁ ପ୍ରତିଷ୍ଠାନର ପ୍ରତିବଦ୍ଧତାକୁ ପୁନଃ ନିର୍ମାଣ କରିଥାଏ ଏନ୍‌ଆଇଟି ବୋଲି କହିଥିଲେ। ସୂଚନାଯୋଗ୍ୟ, ଏଫ୍‌ଟିବିଆଇ ହେଉଛି ଏନ୍‌ଆଇଟିର ଇନ୍‌କ୍ୟୁବେଶନ୍ ସେଣ୍ଟର। ଏହା କୃତ୍ରିମ ବୁଦ୍ଧିମତ୍ତା, ଜଳବାୟୁ, ପ୍ରଯୁକ୍ତିବିଦ୍ୟା, ସ୍ୱାସ୍ଥ୍ୟସେବା, କୃଷି ପ୍ରଯୁକ୍ତିବିଦ୍ୟା, ନବିକରଣୀୟ ଶକ୍ତି, ଖଣି ପ୍ରଯୁକ୍ତିବିଦ୍ୟା ଏବଂ ଉନ୍ନତ ଉତ୍ପାଦନ ଭଳି ବିବଧ କ୍ଷେତ୍ରରେ ୮୦ରୁ ଊର୍ଦ୍ଧ୍ୱ ଷ୍ଟାର୍ଟଅପ୍‌କୁ ପରିଚାଳନା କରିଆସୁଛି। ଏହା ପୂର୍ବଭାରତର ଏକ ପ୍ରମୁଖ ଇନ୍‌କ୍ୟୁବେଶନ୍ ସେଣ୍ଟର ଭାବେ ମାନ୍ୟତା ଲାଭ କରିଛି। ଏଫ୍‌ଟିବିଆଇ ବୁଧକ୍ୟାମ୍ପ, ସଚେତନତା ଅଭିଯାନ ଏବଂ ତୃଣମୂଳ ସ୍ତରରେ ପହଞ୍ଚିବା ଯୋଗୁ ଓଡ଼ିଶା, ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

# ଜାତୀୟ ଲୋକ ଅଦାଲତ, ୪୯୬ ମାମଲା ସମାଧାନ

**ରାଉରକେଲା, ୧୩।୯ (ସଙ୍ଗୀତା ଜେନା)**


ବିରଜାପାଲୀ କୋର୍ଟରେ ଅନୁଷ୍ଠିତ ଲୋକଅଦାଲତରେ ସମାଧାନ କରାଯାଉଛି।

ରାଉରକେଲା ଉଦିତନଗର ଥାନା ବିରଜାପାଲୀ ନୂତନ କୋର୍ଟ ପରିସରରେ ଶନିବାର ୩ୟ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୪୯୬ଟି ମାମଲା ସାମାଧାନ ହୋଇଥିବା ବେଳେ ୧୪ କୋଟି ୧୬ଲକ୍ଷ ୯୬ ହଜାର ୩୪୪ ଟଙ୍କା ଆଦାୟ ହୋଇଛି। ସୂଚନା ଅନୁଯାୟୀ, ୪୨ଟି ମନି ରିକଭରି ମାମଲା(ଅର୍ଥ ଆଦାୟ ମାମଲା)ରେ ୮ କୋଟି ୯୨ ଲକ୍ଷ ୫୫ ହଜାର ଟଙ୍କା ଆଦାୟ କରାଯାଇଛି। ୪୬ଟି ମୋଟର ଦୁର୍ଘଟଣା ମାମଲାରେ ମୋଟ ୩ କୋଟି ୧୩ ଲକ୍ଷ ୯୭୬ ଟଙ୍କା, ୨୭ଟି ଚେକ୍ ବାଉନସିଂ ମାମଲାରେ ୨ କୋଟି ୧୦ଲକ୍ଷ ୭୮ ହଜାର ୭୧୭ ଟଙ୍କା, ସିଭିଲ ମାମଲାରେ ୫୧ ହଜାର ଟଙ୍କା ଆଦାୟ କରାଯାଇଛି। ଏହା ବ୍ୟତୀତ ୫୬ଟି ଫୌଜଦାରୀ ମାମଲା ଆପୋଷ ସମାଧାନ ହୋଇଛି। ୧୫ଟି ବୈବାହିକ ମାମଲା ସମାଧାନ ହେବା ସହିତ ୩୦୮ଟି ମାମଲା ମଧ୍ୟ ସମାଧାନ ହୋଇଛି। ଉକ୍ତ ଲୋକ ଅଦାଲତରେ ପରିବାର କୋର୍ଟ ବିଚାରପତି ଲିଲି ସେନାପତି, ପ୍ରଥମ ଏଡିଜେ ତଥା ୩ୟ ଏମ୍‌ଏସିଟି ଏମ୍‌ଆର ଶତପଥୀ, ୨ୟ ଏଡିଜେ ତଥା ୫ମ ଏମ୍ ଏସିଟି ରଞ୍ଜିତା ଜ୍ୟୋତିଷୀ, ବରିଷ୍ଠ ସିଭିଲ ଜଜ୍ ମୋନାଲିସା ପଟ୍ଟନାୟକ, ବାଣିଜ୍ୟିକ କୋର୍ଟ ତଥା ବରିଷ୍ଠ ସିଭିଲ ଜଜ୍ ଅଭିଜିତ ପୁରୋହିତ, ଏସ୍ ଡିଜେଏମ୍ ପାନପୋଷ ରାଉରକେଲା ପ୍ରବୀଣ ମଣ୍ଡଳ, ସିଜେ ତଥା ଜେଏମ୍‌ଏଫ୍‌ସି ଜଜ୍ ପ୍ରଦୋଷ ଦାଶ, ଜେଏମ୍ ଏଫ୍ ସି (ଗ୍ରାମ୍ୟ)ଅମିତ ବେହେରା, ଜେଏମଏଫ୍ ସି ଶର୍ମିଷ୍ଠା ପାଢ଼ୀ, ଅତିରିକ୍ତ ସିଭିଲ ଜଜ୍ ତଥା ଜେଏମ୍‌ଏଫ୍ ସି ସ୍ପନ୍ଦନ ପଟ୍ଟନାୟକ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ବରିଷ୍ଠ ଆଇନଜୀବୀ ଗିରୀଶ ମହାପାତ୍ର, ବିଏନ୍ ପରିହାରୀ, ଅମୂଲ୍ୟ ମହାପାତ୍ର, ନିର୍ମଳ ସ୍ୱାଇଁ, ମନୋଜ ପଟ୍ଟନାୟକ, ପାଣ୍ଡବ ପାତ୍ର, ଏସ୍ ଦାସ, ସୁଶାନ୍ତ ବାରିକ, ଏବି ଷଡ଼ଙ୍ଗୀ ପ୍ରମୁଖ ଏହାକୁ ପରିଚାଳନାରେ ସହଯୋଗ କରିଥିଲେ।

# ବାଲ୍ୟ ବିବାହ ନିରୋଧ ପାଇଁ ଶପଥ କାର୍ଯ୍ୟକ୍ରମ

**ରାଉରକେଲା, ୧୩।୯ (ସଙ୍ଗୀତା ଜେନା)**



ବାଲ୍ୟବିବାହ ରୋକିବା ନେଇ ଶପଥ ଗ୍ରହଣ କରାଯାଉଛି।

ସମାଜ ଆଢୁଆଳରେ ଭାରତ ସମେତ ବିଭିନ୍ନ ଦେଶରେ ବାଲ୍ୟବିବାହ ହେଉଛି। ଏହାକୁ ନିରୋଧ କରିବାପାଇଁ ସ୍କୁଲ, କଲେଜ, ଶିକ୍ଷାନୁଷ୍ଠାନ ଆଦିରେ ସଚେତନତା କରାଯାଉଛି। ଏହି ପରିପ୍ରେକ୍ଷିରେ ସୁନ୍ଦରଗଡ଼ ଜିତା ଅନୁଷ୍ଠାନ ପକ୍ଷରୁ ଶନିବାର ହନୁମାନ ବାଟିକାରେ ମନ୍ଦିର ପୂଜକ ଏବଂ ଏଥିରେ ନିୟୋଜିତ ସହଯୋଗୀମାନଙ୍କୁ ନେଇ ଏକ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡଲି ଦାଶ, ସାଧାରଣ ସମ୍ପାଦିକା ଅନୁପମା ରାଉତ, ମଧୁସ୍ମିତା ମହାପାତ୍ର ପ୍ରମୁଖ ଉକ୍ତ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାଲ୍ୟବିବାହ, ଶିଶୁ ଚାଲାଣ, ଶିଶୁ ଶ୍ରମିକ, ଶିଶୁ ଉତ୍ପୀଡ଼ନ ଆଦିକୁ ନିରୋଧ କରିବାକୁ ଜିଲାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠାନ ପକ୍ଷରୁ ହାତକୁ ନିଆଯାଇଛି। ଏହି କ୍ରମରେ ସେପ୍ଟେମ୍ବର ୧୨ରୁ ୧୪ ପର୍ଯ୍ୟନ୍ତ ଭାରତ ସମେତ ବିଭିନ୍ନ ଦେଶରେ ବାଲ୍ୟବିବାହ ସମ୍ପର୍କରେ ଧର୍ମଗୁରୁମାନଙ୍କୁ ଶପଥ ଗ୍ରହଣ କରାଯାଉଛି। ଭାରତରେ ୪୧୬ଟି ଜିଲାରେ ତ୍ରିଦିବସୀୟ ସଚେତନତା କାର୍ଯ୍ୟକ୍ରମରେ ହଜାର ହଜାର ବିଭିନ୍ନ ଧର୍ମର ଧର୍ମଗୁରୁମାନେ ସାମିଲ ହୋଇଛନ୍ତି ବୋଲି ଅନୁଷ୍ଠାନ ପକ୍ଷରୁ ମଧୁସ୍ମିତା ମହାପାତ୍ର କହିଛନ୍ତି।

# ପ୍ରକଳ୍ପ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ

**ରାଉରକେଲା, ୧୩।୯ (ବିପ୍ଲବ ରଞ୍ଜନ ଦାଶ)**



କାର୍ଯ୍ୟକ୍ରମରେ ସମ୍ମିଳିତ ଅତିଥି ଓ ଅନ୍ୟମାନେ।

ଆରଏସ୍‌ପିର ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ପ୍ରକଳ୍ପ ସୁରକ୍ଷା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଓଡିଶା ସରକାରଙ୍କ କାରଖାନା ଏବଂ ବଏଲର୍ସ ବିଭାଗର ଉପନିର୍ଦ୍ଦେଶକ ବିଭୂ ପ୍ରସାଦ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିବା ବେଳେ ଓଡିଶା ସରକାରଙ୍କ କାରଖାନା ଏବଂ ବଏଲର୍ସ ବିଭାଗର ସହକାରୀ ନିର୍ଦ୍ଦେଶକ ସ୍ୱରାଜ ତ୍ରିପାଠୀ ଓ ଶୁଭେନ୍ଦୁ ରାଉତ ଉପସ୍ଥିତ ଥିଲେ। ସେମାନେ ପ୍ରକଳ୍ପ ସୁରକ୍ଷା, କାର୍ଯ୍ୟାନ୍ୱୟନ ଓ ଯୋଜନା ଅଭ୍ୟାସ ପ୍ରକଳ୍ପ କାର୍ଯ୍ୟରେ ସାମଗ୍ରିକ ସୁରକ୍ଷାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଳଚୌଧୁରୀ, ସୁରକ୍ଷା ଓ ଅଗ୍ନିଶମ ସେବା ବିଭାଗ ସିଜିଏମ ସୁଶ୍ରୀ ଆଶା କାର୍ଥା, ପ୍ରକଳ୍ପ ବିଭାଗର ସିଜିଏମ ଦିଲୀପ କୁମାର ସାହୁ ଏବଂ ରାହୁଲ ଅଗ୍ରୱାଲ, ପ୍ରକଳ୍ପ ବାଣିଜ୍ୟିକ ବିଭାଗର ସିଜିଏମ୍ ଅଶ୍ୱିନୀ କୁମାର ସାହୁ ଏବଂ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍ ଅବକାଶ ବେହେରାଙ୍କ ସମେତ ପ୍ରକଳ୍ପ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପିରେ ଅବସର ପୂର୍ବବର୍ତ୍ତୀ କର୍ମଚାରୀ ସଶକ୍ତୀକରଣ କର୍ମଶାଳା ରୋଶନୀ

**ରାଉରକେଲା, ୧୩।୯ (ବିପ୍ଲବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିରେ ଅବସର ପୂର୍ବବର୍ତ୍ତୀ କର୍ମଚାରୀ ସଶକ୍ତିକରଣ କର୍ମଶାଳା ରୋଶନୀ ସିପିଟିଆଇଠାରେ ବୁଧବାର ଆୟୋଜିତ ହୋଇଯାଇଛି। କର୍ମଶାଳାର ଉଦ୍‌ଘାଟନୀ ଅଧିବେଶନରେ ଇଣ୍ଟରନାଲ ଅଡିଟ ବିଭାଗର ସିଜିଏମ ଡ. ଜି.ଏସ ଦାସ ମୁଖ୍ୟଅତିଥି ଏବଂ ସିଇଡି ବିଭାଗର ଜିଏମ ଏସ.ଆର୍ ପତି ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ୨୦୨୫ ସେପ୍ଟେମ୍ବରରେ ଅବସର ଗ୍ରହଣ କରୁଥିବା ଓଡ଼ିଶା ଖଣି ସମୂହ ସମେତ ଆର୍‌ଏସପିରୁ ଅବସର ଗ୍ରହଣ କରୁଥିବା ୨୨ଜଣ ଅଧିକାରୀ ଓ କର୍ମଚାରୀ ଏଥିରେ ଭାଗ ନେଇଥିଲେ। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ଆସିଷ୍ଟାଣ୍ଡ ସିଏମଓ ଡା. ସିଭଲ କର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟାବଳୀ ଓ ସୁସ୍ଥ ଅବସର ପରବର୍ତ୍ତୀ ଜୀବନ ଉପରେ ଆଲୋଚନା କରିଥିଲେ। ସି ଆଣ୍ଡ ଆଇଟି ବିଭାଗର ଡିଜିଏମ ଏସ.କେ ଗୌତମ ଡିଜିଟାଲ ଯୁଗରେ ଇଣ୍ଟରନେଟର ମହତ୍ୱ, ସାଇବର ବିପଦ ଏବଂ ସୁରକ୍ଷା ଉପରେ ତଥ୍ୟ ପ୍ରଦାନ କରିଥିଲେ। ବିତ ଓ ଲେଖା ବିଭାଗର ଡେପୁଟୀ ମ୍ୟାନେଜର ଡି.କେ ଦାସ ଅବସର ପରବର୍ତ୍ତୀ ଜୀବନରେ ଆର୍ଥିକ ସନ୍ତୁଳତା ପାଇଁ ଫଳପ୍ରଦ ଆର୍ଥିକ ପରିଚାଳନା ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ବିତ ଓ ଲେଖା ବିଭାଗର ଏଜିଏମ ପି .କୁମାର ଅବସର ପରବର୍ତ୍ତୀ ସୁଚାରୁ ଆର୍ଥିକ ସେଟଲମେଣ୍ଟ ଉପରେ ତଥ୍ୟ ରଖିଥିଲେ। ସିପି-୨ ବିଭାଗର ଏଜିଏମ ବାବୁଲା ନାହକ ଜୀବନ ଧାରଣ ପାଇଁ ସକରାତ୍ମକ ପ୍ରବନ୍ଧନ ଉପରେ ଅଧିବେଶନ ନେଇଥିଲେ। କ୍ୱାର୍ଟର ଖାଲି କରିବା ତଥା ବଜାୟ ରଖିବା ସମ୍ବନ୍ଧୀୟ କମ୍ପାନୀ ନିୟମାବଳୀ ଉପରେ ସହର ସେବା ବିଭାଗର ଡେପୁଟୀ ମ୍ୟାନେଜର ଭରତ ମନ୍ତେ ଆଲୋଚନା କରିଥିଲେ। ଏଚଆର ଇଆର ଆଣ୍ଡ ସି ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ଜ୍ୟୋତି ଓରେୟା ସେଲ ମେଡିକ୍ଲେମ ଯୋଜନା ବିଷୟରେ ତଥ୍ୟ ରଖିଥିଲେ। ପ୍ରାରମ୍ଭରେ ଏଚଆରଇସି ବିଭାଗ ଆସିଷ୍ଟାଣ୍ଡ ମ୍ୟାନେଜର ଏସ.ପି ମାଝୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଜ୍ୟୋତି ଓରେୟା, ଶ୍ରମ ନିରୀକ୍ଷକ କେ.କେ ପରିଡା ଏବଂ ଏଚଆର ଇଆର ଆଣ୍ଡ ସି ବିଭାଗୀୟ ଦଳ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରୋଶନୀ କର୍ମଶାଳାରେ ସମ୍ମିଳିତ ଅତିଥି।

# କାମରେ ଆସୁନି ପୋଲିସ କମ୍ୟୁନିଟି ସେଣ୍ଟର, ମିଟିଂ ହଲ୍

- ଖତ ଖାଉଛି ଚେୟାର, ଟେବୁଲ
- ସନ୍ଧ୍ୟାହେଲେ ବଢୁଛି ଅସାମାଜିକଙ୍କ ପ୍ରାଦୁର୍ଭାବ

**ରାଉରକେଲା, ୧୩।୯ (ଦିନେଶ ମିଶ୍ର)**


ଜରାଜୀର୍ଣ୍ଣ ଅବସ୍ଥାରେ ପୋଲିସ କମ୍ୟୁନିଟି ହଲ।

ରାଉରକେଲା ପ୍ଲାଣ୍ଟସାଇଟ୍ ସ୍ଥିତ ଇଦ୍‌ଗା ପଡିଆ ନିକଟରେ ଥିବା ପୋଲିସ କମ୍ୟୁନିଟି ସେଣ୍ଟର ଓ ମିଟିଂ ହଲର ରକ୍ଷଣାବେକ୍ଷଣ ଅଭାବ ଯୋଗୁ ବର୍ତ୍ତମାନ ଏହା ଅବହେଳିତ ଅବସ୍ଥାରେ ରହିଛି। ରାଉରକେଲା ପୋଲିସ ଅଧୀନରେ ମହିଳା ଓ ସାଇବର ଥାନାକୁ ମିଶାଇ ସମୁଦାୟ ୨୪ଟି ଥାନା ରହିଥିବାବେଳେ ଗତ ୨୦୧୬ ମସିହା ଅଗଷ୍ଟ ୧୫ ତାରିଖରେ ପୋଲିସ କମ୍ୟୁନିଟି ଓ ମିଟିଂ ହଲ ପ୍ଲାଣ୍ଟସାଇଟ୍‌ରେ ନିର୍ମାଣ କରାଯାଇଥିଲା। ଏହାକୁ ତତ୍କାଳୀନ ଆଇଜି ଆର.କେ ଶର୍ମା ଉଦ୍‌ଘାଟନ କରିଥିଲେ। ଏହି ହଲ୍‌ରେ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର ମିଟିଂ ବ୍ୟବସ୍ଥା ସାଙ୍ଗକୁ ସେମାନଙ୍କର ସାମୂହିକ କାର୍ଯ୍ୟକ୍ରମ ପାଇଁ ଏହା ଉଦ୍ଦିଷ୍ଟ ଥିଲା। ଏହି ହଲ୍ ଭିତରେ ୪ଟି ବଡ ବଡ କକ୍ଷ ସାଙ୍ଗକୁ ସ୍ୱତନ୍ତ୍ର ଏକ ହଲର ବ୍ୟବସ୍ଥା କରାଯାଇଥିଲା। ହଲ୍‌ରେ ସ୍ୱତନ୍ତ୍ର ଚେୟାର ଓ ଟେବୁଲର ବ୍ୟବସ୍ଥା ସାଙ୍ଗକୁ ବିନା ଅନୁମତିରେ ପଶିବାକୁ ବାରଣ ଥିଲା। ଏହି ହଲ ସମ୍ମୁଖରେ ପୋଲିସ କର୍ମଚାରୀଙ୍କ ସାମୂହିକ କାର୍ଯ୍ୟକ୍ରମରେ ବେଶ ଭିଡ ଜମୁଥିଲା। ମାତ୍ର କରୋନା ମହାମାରୀ ପରେ କମ୍ୟୁନିଟି ସେଣ୍ଟର ଓ ହଲର ରକ୍ଷଣବେକ୍ଷଣ ଅଭାବ ଯୋଗୁ ତାହା ଧୀରେ ଧୀରେ ନଷ୍ଟ ହେବାରେ ଲାଗିଲା। ଏହି ହଲର ପ୍ରମୁଖ ପ୍ରବେଶ ପଥରେ ଲାଗିଥିବା ଗେଟ୍‌ରେ ଆଜିକୁ ଦୀର୍ଘ ୫ ବର୍ଷ ଧରି ଚାବି ପଡି ରହିଛି। ହଲ ସମ୍ମୁଖରେ ଥିବା ପାର୍କିଂ ସ୍ଥଳିରେ ଗଛ ଉଠି କୃତ୍ରିମ ଜଙ୍ଗଲ ସାଜିଛି। କମ୍ୟୁନିଟି ସେଣ୍ଟର ଭିତରେ ଥିବା ଚେୟାର ଓ ଟେବୁଲ ଗୁଡିକ ପଡି ଖତ ଖାଉଛି। ଏଠାରେ ଲାଗିଥିବା କବାଟ ଓ ଝରକା ଗୁଡିକ ଭାଙ୍ଗି ଆଁ କରିଥିବାବେଳେ ପ୍ରତିଦିନ ସନ୍ଧ୍ୟାହେଲେ ଏହି ସ୍ଥାନରେ ଅସାମାଜିକ ବ୍ୟକ୍ତିଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଉକ୍ତ କମ୍ୟୁନିଟି ସେଣ୍ଟର ଓ ହଲକୁ ସଂଯୋଗ ହୋଇଥିବା ବିଦ୍ୟୁତ ତାର ଗୁଡିକ ଝୁଲି ପଡିଥିବାବେଳେ ଏହାର ଚର୍ତୁଃପାର୍ଶ୍ୱରେ ଅନାବନା ଲତାମାନ ଉଠି ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ପାର୍କିଂ ଅଞ୍ଚଳରେ ସଞ୍ଜ ହେବାମାତ୍ରେ ବିଭିନ୍ନ ନିଶାଡିମାନେ ଆସି ଏଠାରେ ଉନ୍ମତକାଣ୍ଡ ଘଟାଉଥିବା ଅଭିଯୋଗ ହୋଇଛି।

ଏ ନେଇ ରାଉରକେଲା ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ରଙ୍କୁ ପଚାରିବାରୁ, ପୋଲିସଙ୍କ ଉଦ୍ଦେଶ୍ୟରେ ତିଆରି ହୋଇଥିବା କମ୍ୟୁନିଟି ସେଣ୍ଟର ଓ ହଲ୍‌ର ଅବ୍ୟବସ୍ଥାକୁ ନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ତଥାପି ଆମେ ଉକ୍ତ ଘଟଣା ବିଷୟରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଏନେଇ ଅବଗତ କରିବୁ। ଏଥିପ୍ରତି କ'ଣ ସମାଧାନ ହୋଇପାରିବ ସ୍ଥିତି ପରଖିବା ପରେ ଉଚିତ ପଦକ୍ଷେପ ନେବୁ ବୋଲି ଅତିରିକ୍ତ ଏସ୍‌ପି ମିଶ୍ର ମତ ପ୍ରକାଶ କରିଥିଲେ।

# ଦୁର୍ଦ୍ଦଶା ମଧ୍ୟରେ ପୁରୁଣା ଡାକ୍ତରଖାନା ସମ୍ମୁଖ ବ୍ୟବସାୟୀ

**ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଦୋକାନ ଦେଇଥିବା ବ୍ୟବସାୟୀଙ୍କୁ ଭୁଲିଗଲେ ପ୍ରଶାସନ, ଜନ ପ୍ରତିନିଧି**

**ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା କାର୍ଯ୍ୟକାରୀ କରାଯାଉ**





ଦେବଗଡ଼ ଜିଲା ମୁଖ୍ୟା ଚିକିତ୍ସାଳୟ ପୁରାତନ କୋଠା(ବାମ) । ନୂତନ କୋଠା ।

**ଦେବଗଡ଼,୧୩।୯**
**(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ପୁରୁଣା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଦୋକାନ ଦେଇ ପରିବାର ପ୍ରତିପୋଷଣ କରୁଥିବା ବ୍ୟବସାୟୀ ଏବେ ଦୁର୍ଦ୍ଦଶା ମଧ୍ୟରେ ଗତି କରୁଛନ୍ତି । ଡ଼ାକ୍ତରଖାନା ସ୍ଥାନାନ୍ତର ପରେ ସେମାନଙ୍କ ବ୍ୟବସାୟ ବନ୍ଦ ହୋଇଯାଇଛି। ସେମାନଙ୍କ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରାଗଲା ନାହିଁ। ସେମାନଙ୍କୁ ଜିଲା ପ୍ରଶାସନ, ଜନପ୍ରତିନିଧି ଭୁଲିଗଲେ ବୋଲି କହିଛନ୍ତି। ଦେବଗଡ଼ ଜିଲା ନୂତନ ହସ୍ପିଟାଲ ଉଦ୍‌ଘାଟନକୁ ୩ ମାସ ପୂରଣ ହୋଇଛି। ତରବରିଆ ଭାବରେ ରଙ୍ଗଚେଞ୍ଜି କରି ଏହାର ଉଦ୍‌ଘାଟନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି ଏହାର ଉଦ୍‌ଘାଟନ କରିଥିଲେ। ତରବରିଆ ଉଦ୍‌ଘାଟନ କରିବାର ଜରୁରୀ ନ ଥିଲା, କେବଳ ମାଇଲେଜ ପାଇଁ ଏପରି ଉଦ୍‌ଘାଟନ କରିଲେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ନୂତନ ହସ୍ପିଟାଲ ହୋଇଥିବା ସ୍ଥାନରେ ଦୋକାନବଜାର ନ ଥିବାରୁ ରୋଗୀଙ୍କ ସମ୍ପର୍କୀୟମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂତନ ଡାକ୍ତରଖାନା ସ୍ଥାନରେ ଦୋକାନ ନ ଥିବାବେଳେ ପୁରୁଣା ଡାକ୍ତରଖାନା ସ୍ଥାନରେ ଥିବା ଦୋକାନୀଙ୍କ ବ୍ୟବସାୟ ମାନ୍ଦା ପଡ଼ିଛି। ଏପରିକି ପୁରୁଣା ଡାକ୍ତରଖାନା ସମ୍ମୁଖରେ ଦୋକାନ ଦେଇ ପରିବାର ପୋଷଣ କରୁଥିବା ଲୋକଙ୍କୁ ଭୁଲିଗଲେ ସରକାର । ସେମାନଙ୍କ ପାଇଁ କୌଣସି ବ୍ୟବସ୍ଥା ବା ଥଇଥାନ ନ କରି ଏପରି କରିବା କେତେ ଦୂର ଠିକ ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଛି। ପୂର୍ବରୁ ଦେବଗଡ଼ ସହରରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରାୟ ୬ କି.ମି. ଦୂରରେ ଥିବା ନୂତନ କୋଠାକୁ ସ୍ଥାନାନ୍ତରିତ କରାଯିବା ପରେ ଲୋକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଣୁ ପୁରୁଣା ଡାକ୍ତରଖାନାରେ ୨୪ଘଣ୍ଟିଆ ସେବା ଯୋଗାଇ ଦେବାକୁ ଦେବଗଡ଼ ଜିଲା ଯୁବ ଏକତା ମଞ୍ଚ ସମେତ ବିଭିନ୍ନ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପୂରଣ ନ ହେବାରୁ ଗତ ୨୧ ରେ ଦେବଗଡ ଜିଲାରେ ୧୨ ଘଣ୍ଟିଆ ବନ୍ଦ ପାଳନ ମଧ କରାଯାଇଥିଲା। ପ୍ରଶାସନ ଏକ ମାସ ଭିତରେ ଦାବିପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଲା ପରେ ଆନ୍ଦୋଳନକାରୀମାନେ ଉଠିଥିଲେ। ଏବେ ମାସେ ପୂରିବାକୁ ଯାଉଥିବାରୁ ଦାବି ପୂରଣ ହୋଇ ନ ଥିବାରୁ ପୁଣି ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ, ପୁରୁଣା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଦୋକାନ ଦେଇ ପରିବାର ପୋଷଣ କରୁଥିବା ଲୋକଙ୍କ କଥା କେହି ବି ଚିନ୍ତା କରିଲେ ନାହିଁ କି ଥଇଥାନ ପାଇଁ ଧ୍ୟାନ ଦେଲେ ନାହିଁ।

## ସେମାନେ ଯାହା କହନ୍ତି....



“ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଚା' ଦୋକାନ ଦେଇ ପରିବାର ପ୍ରତିପୋଷଣ କରୁଥିଲି। ପ୍ରତ୍ୟେକ ଦିନ ଡାକ୍ତରଙ୍କଠାରୁ ଆରମ୍ଭ କରି ରୋଗୀ, ପରିଜନ ନର୍ସମାନେ ଆସି ଚା ପିଇବା ସହ କିଛି ସମୟ ଅତିବାହିତ କରନ୍ତି। ଯେଉଁ ଦିନ ଠାରୁ ମୁଖ୍ୟ ଚିକିତ୍ସାଳୟ ଏଇଠୁ ଉଠି ଯାଇ ନୂତନ ଜାଗାକୁ ଯାଇଛି, ସେହିଦିନଠାରୁ ଦୁଃଖ ବଢ଼ି ଚାଲିଛି। ବର୍ତ୍ତମାନ ଦୋକାନ ପୁରା ଫାଙ୍କା । ବେପାର ହେଉନି କି କେହି ଆସୁନାହାନ୍ତି। ପରିବାର ଚଳେଇବା ବହୁ କଷ୍ଟକର ହେଲାନି।

-ପ୍ରଶାନ୍ତ କୁମାର ସାହୁ, (ଗଗନ ଭାଇ), ଚା ଦୋକାନୀ



“ ପୁରୁଣା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଜଳଖିଆ ଦୋକାନ ଦେଇଛି। ମୁଁ ଜଣେ ଭିନ୍ନକ୍ଷମ ବହୁ କଷ୍ଟରେ ଦୋକାନ ଖୋଲେ ଆଉ ବନ୍ଦ କରେ। ଯେତେ କଷ୍ଟ ହେଲେ ବି ଜଳଖିଆ କରିଥାଏ। ରୋଗୀଙ୍କ ସମ୍ପର୍କୀୟମାନେ ଆସି ଜଳଖିଆ ଖାଇ ଯାଆନ୍ତି। ଦିନ ସାରା ଜାଗା ଟଙ୍କା ରୋଜଗାର ହୁଏ ସେତିକିରେ ଖୁସି ହୋଇ ନିଜ ପରିବାର ଚଳାଇ ଥାଏ। କିନ୍ତୁ ବର୍ତ୍ତମାନ ଆମ ପରିବାର ପୁରା ଅନ୍ଧାରରେ। ଆମର ଦୁଃଖ କିଏ ଶୁଣିବ, ଆମେ କେମିତି ପରବାର ଚଳାଇବୁ ଚିନ୍ତାରେ ରହିଛୁ।

-ରମେଶ ପରିଡ଼ା, ଜଳଖିଆ, ଦୋକାନୀ



“ ଦୀର୍ଘ ବର୍ଷ ଧରି ଏକ ପଇଡ ଦୋକାନ ଦେବଗଡ ମୁଖ୍ୟ ଡାକ୍ତରଖାନା ସମ୍ମୁଖରେ ଖୋଲି ନିଜର ପରିବାର ପୋଷଣ କରୁଥିଲି। ଏବେ ମଧ ଦୋକାନ ଖୋଲୁଛି କିନ୍ତୁ ଆଉ ବେପାର ନାହିଁ। ଏହି ଡାକ୍ତରଖାନାରେ ରୋଗୀ ରହିଲେ ତ ମୋଠୁ ପଇଡ ପିଇବେ ଆଉ ମୁଁ ବି ପଇସା ରୋଜଗାର କରିବି। ଏଠାରୁ ସବୁ ଚାଲି ଗଲା। ଆମ ଦୋକାନ କେମିତି ଚାଲିବ ନା ସରକାର ଚିନ୍ତା କରିଲା ନା ଜନ ପ୍ରତିନିଧିମାନେ କରିଲେ। କହିବାକୁ ଗଲେ ନିଜ ପିଲାର ପାଠପଢ଼ା ଖର୍ଚ୍ଚ ବି ବହନ କରିବାରେ କଷ୍ଟକର ହୋଇପଡ଼ିଛି।

- ପ୍ରଶାନ୍ତ ସାହୁ, ପଇଡ଼ ଦୋକାନୀ



“ କହିବୁ କାହାକୁ ଶୁଣୁଛି କିଏ, ଯଦି ଏହି ଜାଗାରୁ ମୁଖ୍ୟ ଚିକିତ୍ସାଳୟ ଉଠିବାର ଥିଲା ନୂତନ ହସ୍ପିଟାଲ ହେଲା, ସବୁ ଠିକ। କିନ୍ତୁ ମୋ କହିବା କଥା ହସ୍ପିଟାଲ ପାଖରେ ଦୋକାନଟିଏ ଦେଇ ଆମେ ଯେଉଁ ଦୋକାନୀ ଭାଇମାନେ ନିଜ ପରିବାର ପୋଷଣ କରୁଥିଲୁ ବର୍ତ୍ତମାନ ଦୋକାନ ତ ଆଉ ଚାଲୁ ନାହିଁ। ଆମେ କେମିତି ଆମ ପରିବାର ଚଳାଇବୁ ସେହି କଥା ଜିଲା ପ୍ରଶାସନ ଦେଖିବା କଥା। ଆମକୁ ଆଗ ଥଇଥାନ କରିଲା ପରେ ଯାହା କରିବା କଥା। ଏମିତି କରିବା କେତେ ଦୂର ଠିକ।

-ଲଳିତ ବେହେରା, ଶୁଖିଲା ଖାଦ୍ୟ ଦୋକାନୀ

# କଲେଜରେ ଛାତ୍ର ସଂସଦ ନିର୍ବାଚନ କର: ଛାତ୍ର ସାମ୍ମୁଖ୍ୟ



ଛାତ୍ର ସାମ୍ମୁଖ୍ୟ ଦ୍ୱାରା କରାଯାଇଥିବା ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତା ।

**ଝାରସୁଗୁଡା, ୧୩।୯(ଆଶିଷ ରଞ୍ଜନ ଦାଶ)**

କଲେଜରେ ଛାତ୍ର ସଂସଦ ନିର୍ବାଚନ ପାଇଁ ରାଜ୍ୟ ସରକାର କୌଣସି ବିଜ୍ଞପ୍ତି ପ୍ରକାଶ କରି ନ ଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଗଲାଣି। ଏଥିପାଇଁ ଶନିବାର ପୂର୍ବାହ୍ନରେ ଝାରସୁଗୁଡ଼ା ଜିଲା ଛାତ୍ର ସାମ୍ମୁଖ୍ୟ ତରଫରୁ ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ମୁଖ୍ୟ ଦ୍ୱାର ବାହାରେ ଏକ ଖବରଦାତା ସମ୍ମିଳନୀ କରାଯାଇ ସରକାର ଛାତ୍ର ସଂସଦ ନିର୍ବାଚନ କରନ୍ତୁ ବୋଲି ଦାବି କରାଯାଇଥିଲା। ଛାତ୍ର ସଂସଦ ନିର୍ବାଚନ ନ ହେବା କାରଣରୁ ଛାତ୍ରୀଛାତ୍ର ପ୍ରତିନିଧି ବିହୀନହୋଇ ସମସ୍ୟାଗୁଡିକର ସମାଧାନ ପାଇଁ ସରକାର ତଥା ପ୍ରଶାସନ ପାଖରେ ନିଜର ବାସ୍ତବିକ ଦାବି ରଖି ପାରୁନାହାଁନ୍ତି। ସେହିପରି ସମଗ୍ର ଓଡ଼ିଶାରେ ନାରୀ ସୁରକ୍ଷା ଏକ ପ୍ରମୁଖ ଦାବି ଯାହା ପାଇଁ ବୋଧେ ସରକାର ନିର୍ବାଚନ କରୁ ନ ଥିବା ଚର୍ଚ୍ଚା ହେଉଛି। ତେଣୁ ଶନିବାର ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟଠାରେ ଛାତ୍ର ସାମ୍ମୁଖ୍ୟର ଉପସଭାପତି ରବି ରୋହିଦାସଙ୍କ ଆହ୍ୱାନ କ୍ରମେ ଏକ ଖବରଦାତା ସମ୍ମିଳନୀ ହୋଇଥିଲା। ଯେଉଁଥିରେ ଛାତ୍ର ସାମ୍ମୁଖ୍ୟର ସଭାପତି ଅସୀମ ପଟେଲ, ସଙ୍ଗଠନ ସମ୍ପାଦକ ଜିତେନ୍ଦ୍ରିୟ ଧୁରୁଆଙ୍କ ସହ ମହାବିଦ୍ୟାଳୟର ବନ୍ଧୁ ଜୟପୁରିଆ, ରୋଷନ ଗୋଡ, ପଲ୍ଲବୀ ପାଣିଗ୍ରାହୀ, ବବି ଓରାମ, ସୀମିଲି ପ୍ରଧାନ, ରୋଜାଲିନ ପଢ଼ାନ, ସୁନନ୍ଦା ବିଶ୍ୱାଳ, ମୋନାଲିସା ସାହୁ, ଅଶ୍ୱିନୀ ସୁନା, ରାହୁଲ କଲ୍ୟରି, କୌଶିକ ଭୁଏ ପ୍ରମୁଖ ଅନେକ ଛାତ୍ରୀଛାତ୍ର ଖବରଦାତା ସମ୍ମିଳନୀ ସମୟରେ ଉପସ୍ଥିତ ଥିଲେ।

# ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ

**ଝାରସୁଗୁଡ଼ା, ୧୩।୯(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବନ୍ଧବାହାଲ ନିକଟରେ ଥିବା ଛର୍ଲାସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଶନିବାର ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଶିଶୁଙ୍କୁ ବିଦ୍ୟାଳୟରେ ନାମ ଲେଖାଇ ମୁଖ୍ୟସ୍ରୋତରେ ସାମିଲ କରି ନିରକ୍ଷର ଦୂରୀକରଣ ପାଇଁ ଗ୍ରାମରେ ଶୋଭାଯାତ୍ରା କରାଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ପଧାନଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ହୋଇଥିଲା। ଆସ ସ୍କୁଲ ଯିବା ମହତ୍ୱପୂର୍ଣ୍ଣ ଯୁଗୋପଯୋଗୀ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଯାଇଥିଲା। ପରେ ସରଣ୍ଡାମାଲ ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ରାଜେଶ୍ୱର ସିଂହ, ୱାର୍ଡ ସଭ୍ୟା ତଥା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୂର୍ଣ୍ଣିମା ଓରାମ, ସାମାଜିକ କର୍ମୀ ଭାଗିରଥି ପ୍ରଧାନ ଶିଶୁ ଶିକ୍ଷକ ସହଯୋଗ ଦେଇ ଆସ ସ୍କୁଲ ଯିବା ଶୋଭାଯାତ୍ରା ସାମିଲ ହୋଇଥିଲେ। ପିଲାମାନେ ଫ୍ଲାକାର୍ଡ ଧରି ଆସ ସ୍କୁଲ ଯିବା ଆମ ଭବିଷ୍ୟତ ଆମେ ଗଢ଼ିବା କହି ସମଗ୍ର ଗ୍ରାମ ପରିକ୍ରମା କରିଥିଲେ। ଘରଘର ବୁଲି ଯେପରି ଅପାଠୁଆ ରହିବେ ନାହିଁ କଥା ବୁଝାଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଣତି ଦେହୁରୀ ଓ ସଚିଦାନନ୍ଦ ପ୍ରଧାନ ସହଯୋଗ କରିଥିଲେ।

# ଶିକ୍ଷକଙ୍କ ବଦଳି ନେଇ ଅସନ୍ତୋଷ

**ଦେବଗଡ,୧୩।୯(ଶଶାଙ୍କ ଶେଖର ଝାଙ୍କର)**

**ଆଦେଶ ରଦ୍ଦ ନହେଲେ ଆନ୍ଦୋଳନ ପାଇଁ ବାଲିପୋଷି ଗ୍ରାମବାସୀଙ୍କ ଚେତାବନୀ**

ବାରକୋଟ ବ୍ଲକ କଣ୍ଢେଇ କ୍ଲଷ୍ଟର ବାଲିପୋଷି ୟୁଜିୟୁପି ସ୍କୁଲର ଜଣେ ଶିକ୍ଷକଙ୍କର ଅନ୍ୟତ୍ର ବଦଳି ହୋଇଛି। ଏନେଇ ବାଲିପୋଷି ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟାଳୟର ୮ଟି ଶ୍ରେଣୀରେ ୧୧୨ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଶିକ୍ଷାଦାନ ନିମନ୍ତେ ମାତ୍ର ୬ ଶିକ୍ଷୟିତ୍ରୀଶିକ୍ଷକ ରହିଛନ୍ତି। ଜିଲା ଶିକ୍ଷା ବିଭାଗ ସେଥିମଧ୍ୟରୁ ଈଶ୍ୱର ଚନ୍ଦ୍ର ବେହେରା ନାମକ ଜଣେ ଶିକ୍ଷକଙ୍କୁ ଅସନନାଳି ପ୍ରାଥମିକ ବିଦ୍ୟାଳୟକୁ ବଦଳି କରିବା ଫଳରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ସଂଖ୍ୟା ୫ରେ ପହଞ୍ଚିଛି। ଶିକ୍ଷାଦାନରେ ଘୋର ଅବ୍ୟବସ୍ଥା ହେବାନେଇ ଗ୍ରାମବାସୀ ଆଶଙ୍କା ପ୍ରକଟ କରିବାସହ ଉକ୍ତ ଶିକ୍ଷକଙ୍କର ବଦଳିକୁ ରଦ୍ଦ କରିବାକୁ ଦାବି ଜଣାଇଛନ୍ତି। ଉକ୍ତ ବିଦ୍ୟାଳୟର ପରିଚାଳନା ସମିତି, ଛାତ୍ରୀଛାତ୍ରଙ୍କ ଅଭିଭାବକ ଏବଂ ଗ୍ରାମବାସୀ ୯ ତାରିଖ ଏନେଇ ଜିଲା ଶିକ୍ଷା ଅଧିକାରୀ ଏବଂ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଉକ୍ତ ଶିକ୍ଷକଙ୍କ ବଦଳି ରଦ୍ଦ କରିବାକୁ ଲିଖିତ ଦାବି ଜଣାଇଥିଲେ।

# ଆସ ସ୍କୁଲ ଯିବା ଓ ଶିକ୍ଷା ସଚେତନତା ପଦଯାତ୍ରା

**ଦେବଗଡ,୧୩।୯**
**(ଶଶାଙ୍କ ଶେଖର ଝାଙ୍କର)**

ଅଧାରୁ ପାଠ ଛାଡ଼ିଥିବା, ବିଦ୍ୟାଳୟରେ ମୂଳରୁ ନାମ ଲେଖାଇ ନ ଥିବା ଓ ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସମଗ୍ର ଶିକ୍ଷା ଦେବଗଡ଼ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟ ଆସ ସ୍କୁଲ ଯିବା ଓ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଶନିବାର ଜଗନ୍ନାଥ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଗୋଗୁଆ,ପ୍ରଭାଶୁଣି ଠାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ପଦଯାତ୍ରାର ପ୍ରାରମ୍ଭରେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦରା କୁଜୁର, ସମଗ୍ର ଶିକ୍ଷା ଜିଲ୍ଲା ଯୋଜନା ସଂଯୋଜକ ତପନ କୁମାର ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ପାତ୍ର ବିଦ୍ୟାଳୟ ପରିଚାଳନା ସମିତି ସଭାପତି ପ୍ରସନ୍ନ ସାହୁ ଯୋଗଦେଇ ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରାରେ ପରିଚାଳନା ସମିତିର ସଦସ୍ୟ ସଦସ୍ୟା, ଶିକ୍ଷୟିତ୍ରୀ ଶିକ୍ଷକ,ସ୍ଥାନୀୟ ବିଦ୍ୟାଳୟ ଛାତ୍ରୀଛାତ୍ର ଶିକ୍ଷା ସଚେତନତା ସ୍ଲୋଗାନ, ପ୍ଲା କାର୍ଡ ଧରି ଗ୍ରାମ ପରିକ୍ରମା କରିଥିଲେ। ଅଧାରୁ ପାଠ ଛାଡି କିମ୍ବା ମୂଳରୁ ନାମ ଲେଖାଇ ନ ଥିବା ଛାତ୍ରୀଛାତ୍ର ବୟସ ଅନୁସାରେ ବିଦ୍ୟାଳୟରେ ଓ ୧୪ ରୁ ୧୮ ବର୍ଷ ପିଲାମାନଙ୍କର ଓଡିଶା ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇବା ନିମନ୍ତେ ଅତିଥିମାନେ ପରାମର୍ଶ ଦେବା ସହ ଶିକ୍ଷା ସଚେତନତା ଲିଫଲେଟ ବଣ୍ଟନ କରିଥିଲେ। ପଦଯାତ୍ରାରେ ସିଆରସିସି. ଅଶୋକ କୁମାର ସାହୁ, ଭେନସ କୁମାର ପ୍ରଧାନ, ବିପିନ ବିହାରି ଅଢା, ନୀଳାମ୍ବର କଲୋ, ଅଜୟ କୁମାର ସାହୁ, ସ୍ଥାନୀୟ ବିଦ୍ୟାଳୟ ଲିଲି ରଞ୍ଜିତା ମିଞ୍ଜ,ରିଙ୍କି ପାତ୍ର, ରାଜେଶ ପ୍ରଧାନ, ପ୍ରତାପ କୁମାର ଜେନା, ଟିପଟନ ସାହୁ, କାର୍ଯ୍ୟାଳୟ ସହାୟକ ଚିନ୍ମୟ କୁମାର ବେହେରା, ୱାର୍ଡ ସଭ୍ୟ ଗଣନାଥ ସାହୁଙ୍କ ସମେତ ପରିଚାଳନା ସମିତିର ସମସ୍ତ ସଦସ୍ୟାସଦସ୍ୟ, ବିଦ୍ୟାଳୟ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।




ଦେବଗଡ଼ରେ ଆସ ସ୍କୁଲ ଯିବା ଓ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅବସରରେ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରୁଛି।

# ଝାରସୁଗୁଡ଼ାରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଝାରସୁଗୁଡା, ୧୩।୯(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ନ୍ୟାୟାଳୟ ଓ ଲଖନପୁର ଗ୍ରାମ୍ୟ ନ୍ୟାୟାଳୟ ପରିସରରେ ଜିଲା ଓ ଦୌରାଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ମୋଟରଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲରେ ବିଚାରାଧିନ ଥିବା ୮ଟି, ୫ଟି ସାଲିସ ଯୋଗ୍ୟ ଫୌଜଦାରୀ ମାମଲା, ୩ଟି ଚେକ ବାଉନ୍ସ ମାମଲା, ୧୩ଟି ଟଙ୍କା ପୁନରୁଦ୍ଧାର ମାମଲା, ୧୦ ଟି ବୈବାହିକ ଓ ପରିବାର ବିବାଦ ମାମଲା,୧୯ଟି ଦେୱାନି, ୧୭୮୯ ଟି ରାଜସ୍ୱ ମୋକଦ୍ଦମା ଓ ୧୬୬ଟି ଅନ୍ୟାନ୍ୟ ଫୌଜଦାରୀ ମୋକଦ୍ଦମା ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଯାଇଛି। ପ୍ରାକ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନର ୭୦ଟି ଋଣ ସମ୍ବନ୍ଧୀୟ ମାମଲା, ସ୍ଥାୟୀ ଲୋକ ଅଦାଲତର ୧୫ଟି ମାମଲା, ଭାରତ ସଂଚାର ନିଗମ ଲିମିଟେଡର ଟେଲିଫୋନ ବିଲ ଦେୟ ସମ୍ବନ୍ଧିତ ୧୮ଟି ମାମଲା, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ୧ଟି ପରିବାର ବିବାଦ ମାମଲା ଏବଂ ଟାଟା ପାୱାରର ବିଦ୍ୟୁତ ବିଲ ଦେୟ ସମ୍ବନ୍ଧିୟ ୫୩ଟି ମାମଲା ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଯାଇଛି। ଜିଲା ଓ ଦୌରା ଜଜ ନାୟକ ମୋଟରଯାନ ଦୁର୍ଘଟଣା ଦାବିଜନିତ ମୋକଦ୍ଦମା ଗୁଡ଼ିକ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରି ବୀମା କମ୍ପାନୀମାନଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରିବା ପାଇଁ ଆଦେଶ କରିଥିଲେ। ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ ଜନଉପଯୋଗୀ ସେବା ଜନିତ ପ୍ରାକ ମୋକଦ୍ଦମା ମାମଲା, ପରିବାର ଅଦାଲତର ବିଚାରପତି ଲୋକନାଥ ସାହୁ, ବରିଷ୍ଠ ଦେୱାନି ବିଚାରପତି (ମହିଳା ନ୍ୟାୟାଳୟ) ପ୍ରତ୍ୟୁଶା କିରନ ଏବଂ ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଗାୟତ୍ରୀ ମିଶ୍ର ମୋକଦ୍ଦମା ଗୁଡ଼ିକ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରିଥିଲେ। ଅତିରିକ୍ତ ଜିଲା ଓ ଦୌରା ଜଜ ସଦାଶିବ ଜେନା, ବରିଷ୍ଠ ଦେୱାନି ବିଚାରପତି ଡ. ସନ୍ଧ୍ୟା ରଥ, ବରିଷ୍ଠ ଦେୱାନି ବିଚାରପତି ଦେବଶ୍ରୀ ସାହୁ ଓ କନିଷ୍ଠ ଦେୱାନି ବିଚାରପତି ମୋନାଲିସା ପ୍ରଧାନ ଅନ୍ୟାନ୍ୟ ଦେୱାନି ମୋକଦ୍ଦମା ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରିଥିଲେ। ସେହିପରି ନ୍ୟାୟାଧିକାରୀ ଗ୍ରାମ୍ୟ ନ୍ୟାୟାଳୟ ଲଖନପୁର ବ୍ରଜେଶ ମିଶ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୋନାଲି ମହାପାତ୍ର ଫୌଜଦାରୀ ମାମଲାଗୁଡ଼ିକର ଆପୋଷ ସମାଧାନ କରିଥିଲେ। ଏହି ଲୋକ ଅଦାଲତରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ମୃତିରଞ୍ଜନ ମହାପାତ୍ର ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନର୍ମଦା ପ୍ରଧାନ ଉପସ୍ଥିତ ଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ ପରିଚାଳନା କରିଥିଲେ।

# ଟି ୱିଥ ଟିଚର୍ସ: ଶିକ୍ଷାରେ ପ୍ରେରଣାଦାୟକ ପରିବର୍ତ୍ତନ ପ୍ରତି ଏକ ପଦକ୍ଷେପ

**ବେଲପାହାଡ,୧୩।୯(ସୁବାସ ପ୍ରଧାନ)**

ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପ୍ରେରିତ କରିବା ଏବଂ ବିଦ୍ୟାଳୟରେ ଶିକ୍ଷାନୁକୂଳ ପରିବେଶକୁ ସୁଦୃଢ଼ କରିବା ଭଳି ଏକ ମହତ ଉଦ୍ଦେଶ୍ୟରେ ଟି ୱିଥ ଟିଚର୍ସ ନାମରେ ଏକ ଅଭିନବ ଏବଂ ପ୍ରେରଣାଦାୟକ କାର୍ଯ୍ୟକ୍ରମ ବେଲପାହାଡ଼ ପିଏମଶ୍ରୀ ଗିରିଧରଲାଲ ଉଚ୍ଚ ବିଦ୍ୟାଳୟରେ ଶନିବାର ପୂର୍ବାହ୍ନରେ ଶୁଭାରମ୍ଭ ହୋଇଯାଇଛି। ଜିଲା ଶିକ୍ଷା କାର୍ଯ୍ୟାଳୟ, ଝାରସୁଗୁଡ଼ା ଆନୁକୂଲ୍ୟରେ ଜିଲା ଶିକ୍ଷାଧିକାରୀ ଡ. ରାଧାକାନ୍ତ ଗଡ଼ତିଆଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଚିନ୍ଦ୍ର ପଟେଲ, ବେଲପାହାଡ଼ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଯୁବରାଜ ସିଂ ଓ ପିପିଲିମାଲ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅମୂଲ୍ୟ କୁମାର ମଲ୍ଲିକଙ୍କ ସମେତ ଦୁଇଟି ଆଞ୍ଚଳିକ ସାଧନ କେନ୍ଦ୍ରର ୧୨୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ ସେ ସିଧାସଳଖ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସମ୍ବୋଧନ କରି ଶିକ୍ଷକମାନଙ୍କ ମଧ୍ୟରେ ଏକତା ଏବଂ ସାମୂହିକ ଦାୟିତ୍ୱବୋଧ ବିଦ୍ୟାଳୟ ବିକାଶର ମୂଳମନ୍ତ୍ର ବୋଲି ମତପ୍ରକାଶ କରିଥିଲେ। ସେ ବିଦ୍ୟାଳୟରେ ଉତ୍ତମ ଶୈକ୍ଷିକ ପରିବେଶ ସୃଷ୍ଟି, ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ଓ ଶିକ୍ଷକମାନଙ୍କ ଶିଷ୍ଟାଚାର ଓ ସମୟାନୁବର୍ତ୍ତିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷକମାନେ ଛାତ୍ରମାନଙ୍କୁ ନିଜ ସନ୍ତାନ ପରି ଭଲ ପାଇ, ସତ୍ୟନିଷ୍ଠ ଓ ସମର୍ପଣ ଭାବ ସହିତ ନିଜର ମହାନ ବୃତ୍ତିକୁ ନ୍ୟାୟପ୍ରଦାନ କରି ଛାତ୍ରୀଛାତ୍ରଙ୍କ ପ୍ରିୟ ହେବାକୁ ଉଦ୍ୟମ କରିବା ଉଚିତ ବୋଲି ମତ ପ୍ରକାଶ କରିଥିଲେ। ‘ମାନବ ସେବା ହେଉଛି ମାଧବସେବା’ ବୋଲି ସେ ଉଲ୍ଲେଖ କରି, ଶିକ୍ଷକମାନଙ୍କୁ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ଆହ୍ୱାନ କରିଥିଲେ। ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ଏକ ଭୟମୁକ୍ତ, ସୁରକ୍ଷିତ ଓ ଆନନ୍ଦମୟ ପରିବେଶ ଯୋଗାଇଦେବା ସହିତ ନିଜର ଦାୟିତ୍ୱଗୁଡ଼ିକୁ ବୁଝି ଏକ ଉନ୍ନତ ସମାଜ ଗଢ଼ିବାକୁ ସେ ପ୍ରେରଣା ଦେଇଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆଗାମୀ ଦିନରେ ଜିଲାର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ସହିତ ସିଧାସଳଖ ଭାବରେ ଆଲୋଚନା କରି ସେମାନଙ୍କ ସମସ୍ୟା ଗୁଡିକର ସମାଧାନ କରିବା ସହିତ ଜିଲାର ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ଗଠନମୂଳକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ ଡ଼. ଗଡ଼ତିଆ ସୂଚନା ପ୍ରଦାନ କରିଛନ୍ତି।



ବେଲପାହାଡ଼ରେ ଟି ୱିଥ ଟିଚର୍ସ କାର୍ଯ୍ୟକ୍ରମରେ ଅତିଥି।

# କେ. କଣ୍ଡାପାଲିଠାରୁ ଭିଆର୍‌ଏସ୍ କଲୋନୀ ରାସ୍ତା ନିର୍ମାଣ ଦାବି

**ଝାରସୁଗୁଡା, ୧୩।୯(ଆଶିଷ ରଞ୍ଜନ ଦାଶ)**

**ବର୍ଷା ହେଲେ ବାହ୍ୟ ଜଗତରୁ ବିଛିନ୍ନ ହେଉଛନ୍ତି ଗ୍ରାମବାସୀ**

ଝାରସୁଗୁଡା ହିର୍ମା ପଞ୍ଚାୟତଠାରେ ଥିବା କେ କଣ୍ଡାପାଲିଠାରୁ ଭିଆରଏସ କଲୋନୀ ପର୍ଯ୍ୟନ୍ତ ରାସ୍ତା ଏପରି ଶୋଚନୀୟ ହେଉଛି,ବର୍ଷା ହେଲେ କେ କଣ୍ଡାପାଲି ଗ୍ରାମବାସୀ ବାହ୍ୟ ଜଗତରୁ ବିଚ୍ଛିନ୍ନ ରହୁଛନ୍ତି। ହିର୍ମା ପଞ୍ଚାୟତର କେ କଣ୍ଡାପାଲି ଗ୍ରାମକୁ ଯିବା ଆସିବା ପାଇଁ ୨ଟି ରାସ୍ତା ରହିଛି। ଗୋଟିଏ ହେଲା ବିଜୁ ଏକ୍ସପ୍ରେସ ୱେରୁ, ଆଉ ଗୋଟିଏ ହେଲା ଏସଏମସି ପିଡବ୍ଲ୍ୟୁଡ଼ି ରାସ୍ତା ଭିଆରଏସ କଲୋନୀରୁ କେ କଣ୍ଡାପାଲି ଗ୍ରାମକୁ। କିନ୍ତୁ ଦୁଃଖର କଥା ଯେ ଦୁଇ ପାର୍ଶ୍ୱରୁ କେ କଣ୍ଡାପାଲି ଗ୍ରାମକୁ ମାଟି ରାସ୍ତା ରହିଛି। ସାଧାରଣ ବର୍ଷା ହେଲେ ମଧ ରାସ୍ତା ଏପରି କାଦୁଅ ହେଉଛି, ଖାଲି ପାଦରେ ଯିବା ମଧ ସମ୍ଭବପର ହୋଇପାରୁନାହିଁ। ଆଗରୁ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିବା ବେଳେ ବର୍ଷା ହେଲେ କାଦୁଅ ହୋଇ ରାସ୍ତାଟିର ଚାଷଜମି ଭଳି ଅବସ୍ଥା ସୃଷ୍ଟି ହେଉଛି। ଯାହାଦ୍ୱାରା କେ କଣ୍ଡାପାଲି ଗ୍ରାମରେ ବାସ କରୁଥିବା ୬ଶହରୁ ୭ ଶହ ଲୋକଙ୍କ ମଧ୍ୟରେ ଥିବା ଛାତ୍ରୀଛାତ୍ର, ବିଭିନ୍ନ କମ୍ପାନୀକୁ କାମ କରିବା ପାଇଁ ଯାଉଥିବା କର୍ମଚାରୀ ତଥା ବିଭିନ୍ନ କାର୍ଯ୍ୟ ପାଇଁ ଝାରସୁଗୁଡା ସହର, ବଡ଼ମାଳ ତଥା ନିଜ ପଞ୍ଚାୟତ ମୁଖ୍ୟାଳୟକୁ ମଧ କେହି ଯାଇ ନ ପାରି ବର୍ଷା ଛାଡ଼ିବା ସମୟ ପର୍ଯ୍ୟନ୍ତ ଅପେକ୍ଷା କରିଛନ୍ତି। ଏପରିକି ଲଗାତାର ବର୍ଷା ହେଲେ କେ.କଣ୍ଡାପାଲି ଗ୍ରାମବାସୀଙ୍କ ଜୀବନ ଜୀବିକା ପ୍ରଭାବିତ ହେବା ସଙ୍ଗେ ସଙ୍ଗେ ଛାତ୍ରୀଛାତ୍ରଙ୍କ ପାଠ ପଢିବାରେ ମଧ ବହୁ ଅସୁବିଧା ସୃଷ୍ଟି ହେଉଛି। ଗ୍ରାମବାସୀ ବାରମ୍ବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହେଲେ ମଧ ରାସ୍ତା କାମ ଆରମ୍ଭ ନ ହେବାରୁ କେ.କଣ୍ଡାପାଲି ଗ୍ରାମର ଅବଧୁତ ପଧାନ, ଅମୂଲ୍ୟ ପଧାନ, ଶରତ ସା ଅସନ୍ତୋଷ ପ୍ରକାଶ କରିବା ସହିତ ଆଗାମୀ ଦିନରେ ରାସ୍ତା କାମ ଆରମ୍ଭ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବୁ ବୋଲି କହିଛନ୍ତି। ଏହି ଘଟଣାକୁ ନେଇ ପିଡବ୍ଲ୍ୟୁଡି ଏସଡିଓ ଆଶିଷ ଲେଙ୍କାଙ୍କୁ ପଚାରିବାରୁ ସେ ଫୋନ ଗ୍ରହଣ କରି ନ ଥିଲେ।



ବର୍ଷାରେ କେ. କଣ୍ଡାପାଲି ରାସ୍ତା ଶୋଚନୀୟ ହୋଇଛି।

**ପୁଅ ଜିଉନ୍ତିଆ ବ୍ରତ ପାଇଁ ସ୍ୱତନ୍ତ୍ର ବଜାର**

ଖଡ଼ିଆଳ (ସୁଜିତ କୁମାର ପ୍ରଧାନ): ହିନ୍ଦୁ ଧର୍ମରେ ପ୍ରକୃତି ଉପାସନାର ବିଶେଷ ମହତ୍ତ୍ୱ ରହିଛି। ବିଭିନ୍ନ ପର୍ବପର୍ବାଣୀରେ ବୃକ୍ଷ, ଲତା ଆଦି ବ୍ୟବହାର ହୋଇ ଦେବଦେବୀଙ୍କୁ ଅର୍ପଣ କରାଯାଇଥାଏ। ଆଶ୍ୱିନ ମାସ କୃଷ୍ଣ ପକ୍ଷ ଅଷ୍ଟମୀ ତିଥିରେ ମା' ନିଜ ପୁଅଙ୍କ ଦୀର୍ଘାୟୁ କାମନା କରି ପୁଅ ଜିଉନ୍ତିଆ ବ୍ୟତ ପାଳନ କରିଥାନ୍ତି। ଏହାକୁ ମୂଳା ଅଷ୍ଟମୀ ମଧ୍ୟ କହାଯାଏ। ଏହି ବ୍ରତ ପାଳନ ପାଇଁ ବିଭିନ୍ନ ପ୍ରକାର ଡାଳ, ପତ୍ର ଓ ମୂଳ ବ୍ୟବହାର ହୋଇଥାଏ। ଏଥିପାଇଁ ଖଡିଆଳରେ ସ୍ୱତନ୍ତ୍ର ବଜାର ବସିଛି। ବଜାରରେ ସମସ୍ତ ପ୍ରକାର ଡାଳ, ପତ୍ର ଓ ମୂଳ ବିକ୍ରି ହେଉଥିବା ଦେଖାଯାଇଛି।



## ସଂକ୍ଷେପରେ

### ବେନଗାଁଡାକ୍ତରଖାନାରେ ବିକାଶ ସାମ୍ମୁଖ୍ୟ ସଭା

**ଲାଞ୍ଜିଗଡ଼, ୧୩।୯ (ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବେନଗାଁ ଡାକ୍ତରଖାନାଠାରେ ସେବାଜଗତ ସଂସ୍ଥା ତରଫରୁ ବିକାଶ ସାମ୍ମୁଖ୍ୟ ସଭା ଅନୁଷ୍ଠିତ ହୋଇଯାଇଛି। ଶଙ୍କର ସୁନାଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ଲାଞ୍ଜିଗଡ଼ ଉପାନ୍ତ ଅଞ୍ଚଳରେ କିପରି ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ସୁବିଧା ପହଞ୍ଚିପାରିବ ସେ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏଥିରେ ବେନଗାଁ ଗ୍ରାମପଞ୍ଚାୟତ ସରପଞ୍ଚ ପୁରାଣୀ ମାଝୀ ମୁଖ୍ୟ ଅତିଥି ଓ ନାରୀନେତ୍ରୀ ଫୁଲମେ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ ସଭାକୁ କର୍ଣ୍ଣ ସାହୁ ପରିଚାଳନା କରିଥିବାବେଳେ ବେନଗାଁ ଡାକ୍ତରଖାନାର ଡା. ସଚ୍ଚିଦାନନ୍ଦ ସେନାପତି, ଏମ୍‌ବିବିଏସ୍ ବିବେକ ସାହୁ, ଆଦର୍ଶ ପାତ୍ର, ମହିନ୍ଦ୍ର ଗହୀର ସମେତ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ଶେଷରେ କର୍ଣ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ପିକ୍‌ଅପ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଜୁନାଗଡ଼, ୧୩।୯ (ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ କାଲୋପଲା ଛକରେ ଶନିବାର ସନ୍ଧ୍ୟାରେ ପରିବା ବୋଝେଇ ପିକ୍‌ଅପ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଧନେର ଗ୍ରାମର ହରିଶଙ୍କର ମାଝୀ। ହରିଶଙ୍କର ଭବାନୀପାଟଣାସ୍ଥିତ ଡୁମାଲ ଗାଁ ବନ୍ଧୁ ଘରକୁ ଯାଇ ଘରକୁ ଫେରୁଥିବା ବେଳେ ପିକ୍‌ଅପ୍ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆ ଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପରିବାର ଲୋକେ କ୍ଷତିପୂରଣ ଦାବିରେ କାଲୋପଲା ଛକଠାରେ ୨୬ନଂ. ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଫଳରେ ଉକ୍ତ ରାସ୍ତାରେ ଯାତାୟାତ ଏବେ ବନ୍ଦ ରହିଛି।

### ଭାରୋତ୍ତଳନ, ହ୍ୟାଣ୍ଡବଲ ପ୍ରତିଯୋଗୀ ଚୟନ

**ଧର୍ମଗଡ଼, ୧୩।୯ (ଘାସିରାମ ଜଗତ):** କଳାହାଣ୍ଡି ଜିଲା ଧର୍ମଗଡ଼ ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ହଲ ଓ କେନ୍ଦ୍ରୀୟ ବିଦ୍ୟାଳୟଠାରେ ବିଦ୍ୟାଳୟ ସ୍ତରୀୟ ୧୭ ବର୍ଷରୁ କମ୍ ଭାରୋତ୍ତଳନ ଓ ହ୍ୟାଣ୍ଡବଲ ଦଳ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୧୩ ବ୍ଲକରୁ ୧୦୦ ଜଣ ବାଳକ ଓ ୫୦ ଜଣ ବାଳିକା ମିଶି ମୋଟ ୧୫୦ ଜଣ ଅଂଶଗ୍ରହଣ କରିଥିଲେ। ଏଥିରୁ ୧୭ ଜଣ ବାଳିକା ଓ ୧୨ ଜଣ ବାଳକ ମୋଟ ୨୯ ଜଣଙ୍କୁ ଚୟନ କରାଯାଇଛି। ଏମାନେ ଆସନ୍ତା ୨୪ ତାରିଖରୁ ବ୍ରହ୍ମପୁରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କଳାହାଣ୍ଡି ଜିଲାରୁ ପ୍ରତିନିଧିତ୍ୱ କରିବେ ବୋଲି ଧର୍ମଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସନ୍ତୋଷ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଶିବିରରେ ଉପଜିଲାପାଳ ପ୍ରେକ୍ଷା ଅଗ୍ରୱାଲ ମୁଖ୍ୟ ଅତିଥି ଓ ସହକାରୀ ଜିଲାପାଳ ଶ୍ରୀକାନ୍ତ ଶତପଥି, ଗୋଷ୍ଠୀ ଶିକ୍ଷା ଅଧିକାରୀଣି ପଙ୍କଜିନୀ ମାଝୀ, ଜିଲା କ୍ରୀଡ଼ା ଶିକ୍ଷା ଅଧିକାରୀ ରୁପସିଂ ରାଉତ, କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ବିଜୟ ପ୍ରକାଶ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଧର୍ମଗଡ଼ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ କ୍ରୀଡା ଶିକ୍ଷକ ଅମିତ କୁମାର ମହାନ୍ତି, ସୁଧାଂଶୁ ଶେଖର ପଣ୍ଡା, ସୁବାସ ନାଗ ପ୍ରମୁଖ ପରିଚାଳନା କରିଥିଲେ।

# ନ୍ୟାୟ ପାଇଁ ପ୍ରଧାନଶିକ୍ଷକଙ୍କ ସ୍ତ୍ରୀ ଜିଲାପାଳଙ୍କୁ ଫେରାଦ

**ଭବାନୀପାଟଣା, ୧୩।୯ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ବଳଦିଆମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁଲେନ୍ଦ୍ର ମେହେର ଛାତ୍ରୀଙ୍କୁ ଅସଦାଚରଣ ମାମଲାରେ ଗତ ୩ ତାରିଖ ଜୁନାଗଡ଼ ପୋଲିସ ଦ୍ୱାରା ପୋକ୍ସୋ ଆକ୍ଟରେ ଗିରଫ ହୋଇଥିଲେ। ପରେ ସ୍ଥାନୀୟ ଶିକ୍ଷା ବିଭାଗ ତାଙ୍କୁ ନିଲମ୍ବିତ କରିଥିଲା। ସେହି ଦିନ ପ୍ରଧାନଶିକ୍ଷକ ମେହେରଙ୍କ ସ୍ତ୍ରୀ ସୁମିତ୍ରା ମେହେର ତାଙ୍କ ସ୍ୱାମୀଙ୍କୁ ମିଥ୍ୟା ଅଭିଯୋଗରେ ଫସାଯାଇଥିବା ନେଇ ଜୁନାଗଡ଼ ଥାନାରେ ଏତଲା ଦେଇଥିଲେ। ଏତଲାରେ ସେ ସ୍କୁଲର ୩ ଜଣ ସହକାରୀ ଶିକ୍ଷକ ଯିଶୁ ଗୋପାଳ, ସାମନ୍ତ ମେହେର ଓ ଓମ୍ ମେହେର ମିଶି ସ୍କୁଲର ଛୋଟ ଝିଅମାନଙ୍କ ମାଧମରେ ଉପରୋକ୍ତ ମିଥ୍ୟା ଅଭିଯୋଗ ଆଣି ତାଙ୍କ ସ୍ୱାମୀଙ୍କୁ ଫସାଇଥିବା ଦର୍ଶାଇଥିଲେ। ଏପରି କି ଛାତ୍ରୀମାନଙ୍କୁ ପ୍ରଧାନଶିକ୍ଷକ ଅସଦାଚରଣ କରୁଥିବା ଲିଖିତ ଅଭିଯୋଗକୁ ଛାତ୍ରୀଙ୍କ



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ପ୍ରଧାନଶିକ୍ଷକଙ୍କ ସ୍ତ୍ରୀ ଏବଂ ପୁଅ।

ଅଭିଭାବକ, ଗ୍ରାମବାସୀ ତଥା ସ୍କୁଲ ପରିଚାଳନା କମିଟି ନ ଆଣି ସ୍କୁଲର ଜଣେ ସହକାରୀ ଶିକ୍ଷକ ଯିଶୁ ଗୋପାଳ କାହା ସ୍ୱାର୍ଥରେ ବିଇଓଙ୍କୁ ଡାକ ମାଧ୍ୟମରେ ଦେଇଥିଲେ ବୋଲି ସେ ଅଭିଯୋଗ ଆଣିଥିଲେ। ସୁମିତ୍ରାଙ୍କ ଅଭିଯୋଗ ପରେ ଜୁନାଗଡ଼ ପୋଲିସ ଉପରୋକ୍ତ ୩ ଶିକ୍ଷକ ସମେତ ସମୁଦାୟ ୬ ଜଣଙ୍କ ନାମରେ ଏକ ମାମଲା (ନଂ.୫୮୦/୨୫) ରୁଜୁ କରିଥିଲା। ହେଲେ ଇତିମଧ୍ୟରେ ଏହି ଘଟଣାର ୧୦ ଦିନ ବିତିଯାଇଥିଲେ ମଧ୍ୟ ଉପରୋକ୍ତ ଶିକ୍ଷକଙ୍କ ଉପରେ ପୋଲିସ ନାଁ ଶିକ୍ଷା ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଶେଷରେ ନ୍ୟାୟ ପାଇଁ ପ୍ରଧାନଶିକ୍ଷକଙ୍କ ସ୍ତ୍ରୀ ମେହେର ଶନିବାର ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଏ ନେଇ ଜିଲାପାଳଙ୍କୁ ସେ ଜୁନାଗଡ଼ ଥାନାଧିକାରୀ ଓ ବିଇଓଙ୍କ ବିରୋଧରେ ଲିଖିତ ଅଭିଯୋଗ ଦେଇଛନ୍ତି। ଶୀଘ୍ର ଏହି ଘଟଣାର ତଦନ୍ତ କରି ନ୍ୟାୟ ଦେବାକୁ ସେ ନିବେଦନ କରିଛନ୍ତି। ତେବେ ଜିଲାପାଳ ପାୱାର ସଚିନ ପ୍ରକାଶ ତାଙ୍କ ଅଭିଯୋଗକୁ ଗ୍ରହଣ କରିବା ସହ ଏହାର ତଦନ୍ତ କରାଯିବ ବୋଲି କହିଥିବା ଜଣାପଡିଛି। ଜୁନାଗଡ଼ ଆଇଆଇସି ଶେଷଦେବ ବେହେରାଙ୍କୁ ପଚାରିବାରୁ ଏହି ଘଟଣାରେ ୩ ଶିକ୍ଷକଙ୍କ ସହ ୬ ଜଣକୁ ନୋଟିସ ଦିଆଯାଇଛି। ବର୍ତ୍ତମାନ ବି ତଦନ୍ତ ଚାଲିଥିବା ପ୍ରକାଶ କରିଛନ୍ତି। ସେହିପରି ବିଇଓ ତପନ ମାଝୀଙ୍କୁ ପଚାରିବାରୁ ଘଟଣା ବିଷୟରେ ଜିଲା ଶିକ୍ଷାଅଧିକାରୀଙ୍କୁ ଜଣାଯାଇଛି ବୋଲି କହିଥିଲେ।

# ଇନ୍ଦ୍ରାଣୀ ଦେବୀ ପୀଠରେ ନୂଆଁଖାଇ ଭେଟ୍‌ଘାଟ୍



ଅତିଥି ଗହଣରେ ଗ୍ରାମବାସୀ।

**ନୂଆପଡ଼ା, ୧୩।୯ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ଦେଓଦରା ମୌଜାର ଆଠ ଖଣ୍ଡ ଗାଁ ଚବିଶ ଟିକରୀର ମା' ଇନ୍ଦ୍ରାଣୀ ଦେବୀ ପୀଠରେ ଶନିବାର ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ଗାଁ ଗୌନ୍ତିଆ ଚଇତ ରାମ ପୂଜାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି, ତୁଳସ ପଟେଲ, ସୁଧିର ପୂଜାରୀ, ତ୍ରିନାଥ ଦୀପ, ଭଲଭଦ୍ର କଟା, ଉମନା କଟା, ବଦନ ଚିନ୍ଦା, ଭ୍ରମର ମାଝି, ମଧୁବନ ଦେୱାନ, ଜୟରାମ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ କୃଷି ଭିତିକ ଗଣପର୍ବ ନୂଆଁଖାଇର ପରମ୍ପରା ଉପରେ ଆଲୋକପାତ କରିଥିଲେ। ପ୍ରଥମେ ମା' ଇନ୍ଦ୍ରାଣୀ ଦେବୀ ଓ ଗ୍ରାମ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରି ନୂଆଁ ଧାନ ଚୂଡା ଭୋଗ ଲଗାଇ ୨୪ଟିକରୀର ୮ ଖଣ୍ଡଗାଁଦେଓଦରା, ଝରଣାମାଲ, ନାଗପଡା, ସିର୍ଲି, ବୋଳଦା, ପେଣ୍ଡରାବନ, ମାଳପଡା ଓ କୁଞ୍ଜଲପଡା ଆଦି ଗାଁର ଲୋକେ ଏକାଠି ବସି ନବାନ୍ନ ଭକ୍ଷଣ କରିଥିଲେ। ଏହା ପରେ ପରସ୍ପର ମଧ୍ୟରେ ଜୁହାର ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବଡମାନଙ୍କୁ ଛୋଟମାନେ ମୁଣ୍ଡିଆ ମାରି ଆଶୀର୍ବାଦ ନେଇଥିଲେ। ଶେଷରେ ବିଭିନ୍ନ ଗାଁର ଯୁବତୀଯୁବକ ଓ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଅଗ୍ନିକୁଣ୍ଡରେ କାଳିସି ଚାଲୁଥିବା ଦୃଶ୍ୟ ଉପଭୋଗ କରୁଛନ୍ତି ଶ୍ରଦ୍ଧାଳୁ।

# ଭୈରବ ଦେବଙ୍କ ପୀଠରେ ଝାମୁଯାତ୍ରା

**ଥୁଆମୂଳ ରାମପୁର, ୧୩।୯ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଦର ଶ୍ରୀ ଭୈରବ ଦେବଙ୍କ ପୀଠରେ ପ୍ରସିଦ୍ଧ ଝାମୁଯାତ୍ରା ବା ଭଦୋବାଲି ଶୁକ୍ରବାର ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ସକାଳେ ମା' ମାଣିକେଶ୍ୱରୀଙ୍କ ମନ୍ଦିର ପ୍ରାଙ୍ଗଣରେ ଥିବା ଭୈରବ ଦେବଙ୍କ ମନ୍ଦିରରେ ପୂଜାବିଧି ଆରମ୍ଭ ହୋଇ ଅଗ୍ନି କୁଣ୍ଡରେ ପୂର୍ବରୁ ପ୍ରସ୍ତୁତ କାଠରେ ଅଗ୍ନି ସଂଯୋଗ ହୋଇଥିଲା। ଭୈରବ ଦେବ ଓ ମା' ମାଣିକେଶ୍ୱରୀଙ୍କ କାଳିସି ଲାଗିବା ପରେ ଉଭୟ ଦେବଦେବୀ ମନ୍ଦିରରୁ ବାହାରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଭୈରବ ଦେବଙ୍କ ପୂଜାର୍ଚ୍ଚନା ପରେ ନଗର ଭ୍ରମଣରେ ବାହାରିଥିଲେ। ପୂର୍ବରୁ କଣ୍ଟା ଦୋଳି ଓ ପୂର୍ଣ୍ଣଜଳ ଭରା ମାଟି ହାଣ୍ଡି ଉପରେ କଣ୍ଟା ରଖାଯାଇ ଧାନ ପୁଞ୍ଜିରେ ସ୍ଥାପନ କରାଯାଇଥିଲା। ଯଥାରୀତି ପୂଜାପରେ ଅଗ୍ନି କୁଣ୍ଡରେ ଶ୍ରୀ ଭୈରବ ଦେବ ଚାଲିବା ଆରମ୍ଭ କରିଥିଲେ। ଚଳିତ ବର୍ଷ ଯୁବକ ଲାଲ ପରିଛାଙ୍କ ଦେହରେ ଭୈରବ କାଳିସି ଲାଗିଥିବା ବେଳେ ଶରତ ଚନ୍ଦ୍ର ପୂଜାରୀଙ୍କ ଦେହରେ ମା' ମାଣିକେଶ୍ୱରୀଙ୍କ କାଳିସି ଲାଗିଥିଲେ। ରାତ୍ର ସମୟରେ ଭକ୍ତଙ୍କ ମନୋରଞ୍ଜନ ସକାଶେ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କଦଳିମୁଣ୍ଡା ଘୁମୁରା ଦଳ ପ୍ରଥମ ହୋଇଥିବା ବେଳେ ବାନେର ଘୁମୁରା ଦଳ ଦ୍ୱିତୀୟ ଏବଂ ଘନ୍ତିଗୁଡ଼ା ଘୁମୁରା ଦଳ ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ।

## ହାତୀ ଘର ଭାଙ୍ଗିବା ଘଟଣା: ସହାୟତାର ହାତ ବଢାଇଲେ

**ଲାଞ୍ଜିଗଡ଼, ୧୩।୯ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ଢୋଡ଼ୱାଲୀ ଗାଁରେ ହାତୀ ଉପଦ୍ରବ କରି ଦୁଇଟି ପରିବାରର ଦୁଇଟି ଘର ଭାଙ୍ଗିଦେଇଥିଲେ। ଏହି ପରିବାରକୁ ଶନିବାର ସହାୟତାର ହାତ ବାଢ଼ିଛନ୍ତି ୭ ଜଣ ଯୁବ ଖବରଦାତା। ସୂଚନାନୁସାରେ ପାହାଡ଼ପଦର ପଞ୍ଚାୟତ ପଟାଙ୍ଗପଦର ଗାଁର ଦୁଇ ପରିବାର କିଛିବର୍ଷ ହେବ ବେନଗାଁ ପଞ୍ଚାୟତ ଢୋଡ଼ୱାଲୀ ଗାଁରେ ରହି ଆସୁଥିଲେ। ଗତ ୮ତାରିଖ ରାତିରେ ୨୨ଟିକିଆ ହାତୀପଲ ଗାଁକୁ ଆସି ଦୁଇଟି ଘର ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିବା ବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ପ୍ରଶାସନ ପକ୍ଷରୁ ସେମାନଙ୍କୁ ସହାୟତା ମିଳିପାରିନାହିଁ। ଏପରିସ୍ଥଳେ ଶନିବାର ଲାଞ୍ଜିଗଡ଼ର ଖବରଦାତା ସୁଶାନ୍ତ ମାଝୀ, ଦିଲୀପ ନାଏକ, ମନୋଜ ଦୋରା, ତୁଳସୀ ରାମ ପ୍ରଧାନୀ, ସାଗର ବେନାଲ, ପ୍ରଦାନ ମାଝୀ, ଦେବାନନ୍ଦ ମାଝୀ ଗ୍ରାମରେ ପହଞ୍ଚି ଦୁଇ ପରିବାରର ଦୁଗୀ ମାଝୀ ଓ ପୁରାଣା ମାଝୀଙ୍କୁ ଭେଟି ଆର୍ଥିକ ସହାୟତା ସହ ରାଶନ ସାମଗ୍ରୀ ପ୍ରଦାନ କରିଥିଲେ। ପରିବାର ଲୋକେ ଏହାକୁ ନେଇ ଖବରଦାତାମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ରାଜୁଭାଇଙ୍କ ଅଧୁରା ସ୍ୱପ୍ନ ସାକାର ପାଇଁ ସଂକଳ୍ପ



ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ଦଳୀୟ ନେତୃବୃନ୍ଦ।

**ନୂଆପଡ଼ା ବିଧାନସଭା ସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା**

**ନୂଆପଡ଼ା, ୧୩।୯ (ମକାରୁ ବେମାଲ)**

ନୂଆପଡ଼ା ଜିଲା ଖରିଆର ରୋଡ୍ ଗଣପତି ପ୍ୟାଲେସ୍ ପରିସରରେ ଶନିବାର ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ(ରାଜୁଭାଇ)ଙ୍କ ବିଧାନସଭା ସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବିଜେଡି ଜିଲା ସଭାପତି ଅବନୀ ରଞ୍ଜନ ଜୋଷୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ କୁମାର ନାଏକ, ବିଶାଳ ଢୋଲକିଆ, ଜୟ ଢୋଲକିଆ, ସନ୍ଦେଶ ଢୋଲକିଆ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂଆପଡ଼ା ବ୍ଲକ୍ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନର୍ମଲକର, ଖରିଆର ରୋଡ୍ ଏନ୍‌ଏସି ଉପାଧ୍ୟକ୍ଷ ନିଶାନ୍ତ ଡାଗା, ଜିଲା ପରିଷଦ ସଭ୍ୟ ଉମା ଠାକୁର, ମୁରଲୀ ଭୋଇ, ବିଜେଡି ପୂର୍ବତନ ଜିଲା ସଭାପତି ମନୋଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଢୋଲକିଆଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନକରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଅତିଥିମାନେ ରାଜୁଭାଇଙ୍କ ସ୍ମୃତିଚାରଣକରି ଚାରି ଥରର ବିଧାୟକ ରାଜୁଭାଇଙ୍କ ଅଧୁରା ସ୍ୱପ୍ନ ସାକାର କରିବା ପାଇଁ ସମସ୍ତ ଢୋଲକିଆ ପରିବାର ଓ ବିଜୁ ପରିବାର ଏକ ହୋଇ ଆଗକୁ ବଢିବାକୁ ହେବ। ସମସ୍ତେ ଏକ ହୋଇ ରାଜୁଭାଇଙ୍କ ଭଳି ବ୍ୟକ୍ତିତ୍ୱ ଗଠନକରି ବିଜୁ ପରିବାରକୁ ସଶକ୍ତ କରିବେ ବୋଲି ସଂକଳ୍ପ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ, ସମିତି ସଭ୍ୟ, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ହଜାର ସଂଖ୍ୟାରେ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ: ୧୮୪୧ ମାମଲା ଫଇସଲା

**ଭବାନୀପାଟଣା, ୧୩।୯ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାର ସମସ୍ତ ବିଚାର ବିଭାଗୀୟ ଅଦାଲତରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧାକରଣ ଅଧ୍ୟକ୍ଷ ଅନୁପ ରଞ୍ଜନ ପଟ୍ଟନାୟକ ଓ ଜିଲା ଆଇନସେବା ପ୍ରାଧିକରଣର ସଚିବ ସ୍ନିଗଧା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ଅଦାଲତରେ ୨୦ ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୧ କୋଟି ୨୨ ଲକ୍ଷ ୬୫ ହଜାର ୮୩୮ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ୨୧ ଦେୱାନି ମକଦ୍ଦମାର ଫଇସଲା କରାଯାଇଥିଲା।



ଭବାନୀପାଟଣା ଜିଲା ଓ ଦୌରାଜଜ୍ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ।

ବିଚାରଯୋଗ୍ୟ ୨୧୭ ଫୌଜଦାରି ମକଦ୍ଦମା ଫଇସଲା କରାଯାଇଥିଲା। ଏନ୍‌ଆଇ ଆକ୍ଟ ୧୫ ମାମଲା (ଦଫା-୧୩୮) ଫଇସଲା କରାଯାଇ ୩୮ଲକ୍ଷ ୯୫ ହଜାର ୧୮୧ ଟଙ୍କା ଆଦାୟ କରାଯାଇଥିଲା। ରାଜସ୍ୱ ମକଦ୍ଦମା ୯୯୯ଟି ଫଇସଲା କରାଯାଇ ୮ ଲକ୍ଷ ୫୦ ହଜାର ୭୦୭ ଟଙ୍କା ଆଦାୟ କରାଯାଇଥିଲା। ଲୋକ ଅଦାଲତରେ ଭିଜିଲାନ୍ସ ଜଜ୍ ବଦ୍ରି ନାରାୟଣ ନନ୍ଦ, ପରିବାର ଅଦାଲତ ଜଜ୍ ରାଜଶ୍ରୀ ମହାପାତ୍ର, ସିନିୟର ସିଭିଲ ଜଜ୍ ସୁଦିପ୍ତା ଦେହୁରି, ସିନିୟର ସିଭିଲ ଜଜ୍ ମହିଳା କୋର୍ଟ, ମନସ୍ୱିନୀ ରଥ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅନୁରାଧା ଶର୍ମା, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପୂଜା ପ୍ରିୟଦର୍ଶିନି ପତି ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ରାଷ୍ଟ୍ରୀୟ ଲୋକ ଅଦାଲତ: ୨୦୭୫ ମାମଲା ସମାଧାନ

**ନୂଆପଡ଼ା, ୧୩।୯ (ମକାରୁ ବେମାଲ)**

ଜିଲା ଆଇନସେବା ପ୍ରାଧିକରଣ ନୂଆପଡ଼ା ଆନୁକୂଲ୍ୟରେ ଜିଲା ଓ ଦୌରା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଶନିବାର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆପଡ଼ା ଅତିରିକ୍ତ ଜିଲା ଓ ଦୌରା ଜଜ୍ ସୁନୀଲ କୁମାର ଦାସ, ଖଡିଆଳ ଅତିରିକ୍ତ ଜିଲା ଓ ଦୌରା ଜଜ୍ ପ୍ରଣମ କୁମାର ରାଉତ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଜ୍ଞା ପରମିତା ମହାପାତ୍ର, ବରିଷ୍ଠ ଦେୱାନୀ ଜଜ୍ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ମହିଳା କୋର୍ଟ ଜଜ୍ ସରୋଜିନୀ ସାହୁ, ବରିଷ୍ଠ ଦେୱାନୀ ଜଜ୍ ଖରିଆର ଇଶା ପତି, ରେଜିଷ୍ଟ୍ରାର ସୌଭାଗ୍ୟ ରଞ୍ଜନ ପ୍ରଧାନ, ଏସ୍‌ଡିଜେଏମ୍ ସ୍ୱାତକୀ ଦାଶ ପ୍ରମୁଖ ଯୋଗଦେଇ ୨୦୭୫ ଗୋଟି ମାମଲାର ସମାଧାନ କରିଥିଲେ। ସେହିପରି ୨୬୫ ଗୋଟି ବ୍ୟାଙ୍କ ବକେୟା ଋଣ ଓ ବିଦ୍ୟୁତ ଶୁଳ୍କ ଦେୟ ମାମଲାର ଆପୋସ ବୁଝାମଣାରେ ସମାଧାନ ହୋଇ ୫୦,୫୫,୪୫୨ ଟଙ୍କା ଆଦାୟ ହୋଇଥିଲା। ଜିଲା ଆଇନସେବା ପ୍ରାଧିକରଣ ସଚିବ ନବନୀତା ଦାଶ ଲୋକ ଅଦାଲତ ପରିଚାଳନା କରିଥିଲେ।

### ନିଃଶୁଳ୍କ ଆକ୍ୟୁପ୍ରେସର ଥେରାପି ଚିକିତ୍ସା ଶିବିର

**ଧର୍ମଗଡ଼, ୧୩।୯ (ଘାସିରାମ ଜଗତ):** ଧର୍ମଗଡ଼ ଜଗନ୍ନାଥ ସେବା ସମିତିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀକୃଷ୍ଣ ଭବନଠାରେ ଶନିବାର ନିଃଶୁଳ୍କ ଆକ୍ୟୁପ୍ରେସର ଥେରାପି ଚିକିତ୍ସା ଶିବିର ଉଦ୍‌ଯାପିତ ହୋଇଯାଇଛି। ସମିତି ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଡିଓ ସଦାଶିବ ନାୟକ, ସାମାଜିକ କର୍ମୀ ସୁକଲାଲ ଅଗ୍ରୱାଲ, ପୂର୍ବତନ ଜିଲା ପରିଷଦ ସଭ୍ୟ ଘନଶ୍ୟାମ ଅଗ୍ରୱାଲ ଯୋଗଦେଇଥିଲେ। ଖବରଦାତା ବିଦ୍ୟାଧର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସଦସ୍ୟ ନବୀନ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥଲେ। ରାଜସ୍ଥାନ ଯୋଧପୁରରୁ ଆସିଥିବା ଆକ୍ୟୁପ୍ରେସର ଥେରାପି ସ୍ପେଶିଆଲିଷ୍ଟ କୌଶଳ ସିଂ ରାଜ ପୁରୋହିତ ଓ ଡା. ତେଜରାଜ ଚୌଧୁରୀଙ୍କ ଦ୍ୱାରା ପ୍ରାୟ ୨୦୦ ରୋଗୀଙ୍କ ଆକ୍ୟୁପ୍ରେସର ଥେରାପି ମାଗଣାରେ କରାଯାଇଥିଲା।

# ରାଜ୍ୟସ୍ତରୀୟ ସତ୍ୟସାଇ ସେବା ମହୋତ୍ସବ

**ଖଡ଼ିଆଳ, ୧୩।୯ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳ ଅଗ୍ରସେନ ଭବନଠାରେ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ଉତ୍ସବ ଉପଲକ୍ଷେ ରାଜ୍ୟସ୍ତରୀୟ ସତ୍ୟସାଇ ସେବା ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବେଦ ଚିନ୍ତା, ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ନଟବର କ୍ଷେତ୍ରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ରାଜ୍ୟ ସେବା ସଂଯୋଜକ ରମାକାନ୍ତ ଦାସଙ୍କ ଲିଖିତ ପୁସ୍ତକ ଉନ୍ମୋଚନ ହୋଇଥିଲା। ସଭାରେ ସେବା ପାଇଁ ନିଜକୁ ପରିବର୍ତ୍ତନ କରିବାର ବିଭିନ୍ନ ଉପାୟ ଉପରେ ଆଲୋଚନା ହୋଇଥିଲା। ପ୍ରତାପ ସ୍ୱାଇଁ ସେବା ହିଁ ପରିବର୍ତ୍ତନ ନେଇ ଅନେକ ସଫଳ କାହାଣୀ ବର୍ଣ୍ଣନା କରିଥିଲେ। ପରେ ଏକ ଆଧ୍ୟାତ୍ମିକ ଶୋଭାଯାତ୍ରା ଖଡିଆଳ ନଗର ପରିକ୍ରମା କରିଥିଲା। ଏହି ମହୋତ୍ସବ ମାଧ୍ୟମରେ ସତ୍ୟ ସାଇଙ୍କ ସେବା ହିଁ କର୍ମ ବାର୍ତ୍ତା ଦିଆଯାଇଥିଲା।



ମହୋତ୍ସବରେ ଯୋଗଦେଇଥିବା ଶ୍ରଦ୍ଧାଳୁମାନେ।

# ବର୍ଷାଦିନରେ ବି ପାନୀୟ ଜଳ ସମସ୍ୟା

**୨ବର୍ଷ ହେଲା ବସୁଧା ପ୍ରକଳ୍ପ ଅଚଳ**

**ଲାଞ୍ଜିଗଡ଼, ୧୩।୯ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍ ଭଟାଙ୍ଗପଦର ଗ୍ରାମପଞ୍ଚାୟତ ସୁଲିଆ ଗାଁରେ ପ୍ରାୟ ୨ବର୍ଷ ହେଲା ବସୁଧା ପ୍ରକଳ୍ପ ଅଚଳ ଅବସ୍ଥାରେ ପଡ଼ିରହିଛି। ଫଳରେ ବର୍ଷାଦିନରେ ମଧ୍ୟ ପିଇବା ପାଣି ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମରେ ୪୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ସେମାନଙ୍କ ପିଇବା ପାଣି ପାଇଁ ୩ ଗୋଟି ନଳକୂପ ଖୋଳାଯାଇଛି। ହେଲେ ସେଥିରୁ ଗୋଟିଏ ନଳକୂପ ଦୀର୍ଘବର୍ଷ ହେଲା ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ଅନ୍ୟ ଦୁଇଟି ନଳକୂପ ସଚଳ ଥିଲେ ମଧ ପର୍ଯ୍ୟାପ୍ତ ପାଣି ମିଳିପାରୁ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗାଁରେ ବସୁଧା ଯୋଜନାରେ ଓଭରହେଡ୍ ଟାଙ୍କି ନିର୍ମାଣ ସହ ପାଇପ ବିଛା ସରିଛି। ଘରକୁ ଘର ପାଇପ ମଧ୍ୟ ସଂଯୋଗ ହୋଇଛି। ହେଲେ ଦୀର୍ଘ ୨ବର୍ଷ ବିତିଯାଇଥିଲେ ହେଁ ବସୁଧା ପ୍ରକଳ୍ପରୁ ପାଣି ଟୋପାଏ ମିଳିପାରୁ ନାହିଁ। ଯଦି ବସୁଧାରୁ ପାନୀୟ ଜଳ ଯୋଗାଇ ଦିଆଯାଏ ତା'ହେଲେ କିଛିମାତ୍ରାରେ ସମସ୍ୟା ସମାଧାନ ପାଇପାରନ୍ତା। ଏ ନେଇ ପଞ୍ଚାୟତ କାର୍ଯ୍ୟାଳୟରୁ ଆରମ୍ଭକରି ବ୍ଲକ୍ ପ୍ରଶାସନ, ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଗାଁ ଲୋକେ ପ୍ରକାଶ କରିଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ ଦଶମନ୍ତ ମାଝୀଙ୍କୁ ପଚାରିବାରୁ ସୁଲିଆ ଗ୍ରାମରେ ବସୁଧା ଦ୍ୱାରା ପାଣି ଯୋଗାଇବା ପାଇଁ ପର୍ଯ୍ୟାପ୍ତ ପାଣି ହୋଇପାରୁନାହିଁ। ତେଣୁ ଖରା ମାସରେ ପୁନର୍ବାର ଗୋଟିଏ ବୋର୍‌ୱେଲ ଖୋଳାହେବ। ତା' ପରେ ବସୁଧା ପାନୀୟଜଳ ଯୋଗାଇ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ସୁଲିଆ ଗାଁର ପାନୀୟଜଳ ସମସ୍ୟାକୁ ଗୁରୁତ୍ୱ ଦେଇ ଜିଲା ଓ ବ୍ଲକ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦୁର୍ଯ୍ୟୋଧନ ଶିଖା, ଆଦନୁ ମାଝୀ, କପୁରଚନ ବିଭାର, ଦୁତୀୟା ନାଗ, ଗଙ୍ଗାଧର ନାଗ, ଘାଷୀ ସୁନା, ସୁରେଶ ବିଭାର, ଦିଗମ୍ବର ତାଣ୍ଡି, ନିରଞ୍ଜନ ନାଗ, ବର୍ଜ୍ୟ ଶିଖା ସମେତ ଗ୍ରାମବାସୀ ଦାବି କରିଛନ୍ତି।



ପାଣିଟାଙ୍କି ସାମ୍ନାରେ ଗ୍ରାମବାସୀ।

**କ୍ଷେତରୁ ମିଳିଲା ମୃତଦେହ**

**ବରଗଡ଼ (ପ୍ରେମାନନ୍ଦ ଖମାରୀ):** ବରଗଡ଼ ଟାଉନ ଥାନା ଅନ୍ତର୍ଗତ କଟାପାଲି ଗ୍ରାମର ନିଖୋଜ ସନ୍ତୋଷ ପାଣ୍ଡେଙ୍କ ମୃତଦେହ ଶନିବାର ତାଙ୍କ ଚାଷଜମିରୁ ପୋଲିସ ଜବତ କରିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ପାରିପାର୍ଶ୍ୱିକ ସ୍ଥିତିରୁ କ୍ଷେତରେ ଥିବା ସମୟରେ ବଜ୍ରପାତ କାରଣରୁ ତାଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଗତ ୧୦ତାରିଖରେ ସେ କ୍ଷେତକୁ ଯାଇ ଆଉ ଫେରି ନ ଥିଲେ। ଏ ନେଇ ସନ୍ତୋଷଙ୍କ ପୁଅ ଚନ୍ଦନ ପାଣ୍ଡେ ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ। ଅନ୍ୟପକ୍ଷରେ କ୍ଷେତରେ ସନ୍ତୋଷଙ୍କ ମୃତଦେହ ପଡିଥିବା ଶନିବାର ଦେଖିବାକୁ ମିଳିଥିଲା।

# ଚାଷ କରି ନ ଥିବା ଲୋକଙ୍କୁ ଇନ୍‌ପୁଟ୍ ସବ୍‌ସିଡି

- ଇନ୍‌ପୁଟ୍ ସହାୟତା ପ୍ରଦାନରେ ଚଞ୍ଚକତା ଅଭିଯୋଗ, ଜିଲାପାଳଙ୍କୁ ଫେରାଦ
- ବାଦ୍ ପଡିଛନ୍ତି ଅନେକ କ୍ଷତିଗ୍ରସ୍ତ ଚାଷୀ
- ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ସ୍ମାରକପତ୍ର ପ୍ରଦାନ

**ବରଗଡ଼,୧୩।୯(ପ୍ରେମାନନ୍ଦ ଖମାରୀ)**


ଇନ୍‌ପୁଟ୍ ସହାୟତା ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବନ୍ଦ।

ଅଦିନିଆଁ ବର୍ଷାରେ ହୋଇଥିବା ଫସଲକ୍ଷତି ବାବଦକୁ ଇନପୁଟ ସହାୟତା ପ୍ରଦାନକୁ ନେଇ ବରଗଡ଼ ଜିଲାରେ ବ୍ୟାପକ ଚଞ୍ଚକତା ହୋଇଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ଶନିବାର ଜିଲାର ବରପାଲି ବ୍ଲକ କାଇଁଶିର ପଞ୍ଚାୟତ ଅନ୍ତର୍ଗତ ବାରଙ୍ଗପାଲି ଏବଂ କାଇଁଶିର ଗ୍ରାମର ଅନେକ କ୍ଷତିଗ୍ରସ୍ତ ଚାଷୀ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇଛନ୍ତି। ଇନପୁଟ ସହାୟତା ପ୍ରଦାନରେ ହୋଇଥିବା ଚଞ୍ଚକତାର ବିହିତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ସହିତ ପ୍ରକୃତରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଇନପୁଟ ସହାୟତା ପ୍ରଦାନ ପାଇଁ ସେମାନେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନା ଅନୁଯାୟୀ, ଗତ ଏପ୍ରିଲ ଏବଂ ମେ ମାସରେ ଅଦିନିଆ ବର୍ଷା ହୋଇଥିଲା। ସେତେବେଳେ ଜମିରେ ଅମଳକ୍ଷମ ଅବସ୍ଥାରେ ରହିଥିବା ଚାଷୀଙ୍କ ବ୍ୟାପକ ଧାନ ଫସଲ ନଷ୍ଟ ହୋଇ ଯାଇଥିଲା। ଫଳରେ ଗତ ରବି ଧାନ ଅମଳରେ ଚାଷୀମାନଙ୍କୁ ବ୍ୟାପକ କ୍ଷତି ସହିବାକୁ ପଡ଼ିଥିଲା। ସେହି ସମୟରେ ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଥିଲେ ଏବଂ ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ମିଳିବ ବୋଲି ଆଶ୍ୱାସନା ଦେଇଥିଲେ। ରାଜ୍ୟ ସରକାର ମଧ୍ୟ ବରଗଡ଼ ଜିଲା ପାଇଁ ୭କୋଟି ୫୫ଲକ୍ଷ ୪୪ହଜାର ଟଙ୍କା ଇନପୁଟ ସହାୟତା ଘୋଷଣା କରିଥିଲେ। ତେବେ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ ବୋଲି ଚାଷୀ ସଙ୍ଗଠନ ଗୁଡ଼ିକ ଅଭିଯୋଗ କରି ଆସୁଛନ୍ତି। ଅନ୍ୟପକ୍ଷରେ ସେତେବେଳେ ହୋଇଥିବା ଫସଲକ୍ଷତି ଅକାଳନରେ ବରପାଲି ବ୍ଲକକୁ ବାଦ ଦିଆଯାଇଥିବାରୁ ଚାଷୀ ଅସନ୍ତୋଷ ତେଜି ଉଠିଥିଲା। ତେବେ ସଂଯୁକ୍ତ କୃଷକ ସଂଗଠନର ଦାବି ପରେ ବରପାଲି ବ୍ଲକକୁ ସେଥିରେ ସାମିଲ କରାଯାଇଥିଲା। କିନ୍ତୁ କାଇଁଶୀର ପଞ୍ଚାୟତର ବାରଙ୍ଗପାଲି ଏବଂ କାଇଁଶିର ଗ୍ରାମରେ ଅନେକ ଚାଷୀଙ୍କ ଫସଲକ୍ଷତି ହୋଇଥିବା ବେଳେ ବରଙ୍ଗପାଲିର ୧୦୫ ଜଣ ଏବଂ କାଇଁଶିର ଗ୍ରାମର ୮୭ ଜଣ କ୍ଷତିଗ୍ରସ୍ତ ଚାଷୀଙ୍କୁ ଇନପୁଟ ସହାୟତା ମିଳିଛି। ଅନ୍ୟପଟେ ଉକ୍ତ ୨ଗ୍ରାମରେ ଆହୁରି ୫୦୦ରୁ ଊର୍ଦ୍ଧ୍ୱ କ୍ଷତିଗ୍ରସ୍ତ ଚାଷୀ ଇନପୁଟ ସହାୟତା ପାଇବାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି। ସେହିପରି ପ୍ରକୃତରେ ଯେଉଁ ଚାଷୀମାନଙ୍କ ଫସଲ ନଷ୍ଟ ହୋଇଛି, ସେମାନଙ୍କୁ ଇନପୁଟ ସହାୟତା କ୍ଷତିପୂରଣ ମିଳି ନ ଥିବାବେଳେ ଫସଲକ୍ଷତି ହୋଇ ନଥିବା ଏବଂ ଗୋଟିଏ ପରିବାରର ୩ରୁ ୪ଜଣ ସଦସ୍ୟଙ୍କୁ ଇନପୁଟ ସହାୟତା ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ, ଚାଷ କରି ନଥିବା ଲୋକଙ୍କୁ ମଧ୍ୟ ଲକ୍ଷାଧିକ ଟଙ୍କା ଇନପୁଟ ସହାୟତା ପ୍ରଦାନ କରାଯାଇଥିବା ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କ୍ଷତିଗ୍ରସ୍ତ ଚାଷୀମାନେ ପ୍ରଥମେ ରାଜସ୍ୱ ନିରୀକ୍ଷକ ଏବଂ ପରେ ତହସିଲଦାରଙ୍କୁ ଲିଖିତଭାବେ ଗ୍ରାମବାସୀ ଜଣାଇଥିଲେ। ମାତ୍ର ସେ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନଥିବା ଅଭିଯୋଗ କରି ଚାଷୀମାନେ ତହସିଲ କାର୍ଯ୍ୟାଳୟକୁ ଘେରାଉ ମଧ୍ୟ କରିଥିଲେ। ତଥାପି ସୁଫଳ ନ ମିଳିବାରୁ ଚାଷୀମାନେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଇନପୁଟ ସହାୟତା ପ୍ରଦାନରେ ହୋଇଥିବା ଚଞ୍ଚକତାର ଉଚ୍ଚାସ୍ତରୀୟ ତଦନ୍ତ ସହିତ ଏଥିରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏହା ସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଇନପୁଟ ସହାୟତା ପ୍ରଦାନ ପାଇଁ ଚାଷୀମାନେ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ପ୍ରହ୍ଲାଦ ପଧାନ, ବଳରାମ ଭୋଇ, ହର ପଧାନ, ଦିବାକର ସାହୁ, ଅଭିଳାଷ ପଧାନ, ଦିବ୍ୟ ପଧାନ, ଭରତ ଭୋଇ, ଶମ୍ଭୁପ୍ରସାଦ ପଧାନ, ସଞ୍ଜୀବ ପଧାନ, ଆଲୋକ ଗଡ଼ତିଆ, ସଂଯୁକ୍ତ କୃଷକ ସଙ୍ଗଠନର ନିରଞ୍ଜନ ପଧାନ, ସୁଦାମ ପାତ୍ର ଏବଂ ରମେଶ ମହାପାତ୍ର ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## କିଶନ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ପ୍ରସ୍ତୁତି

**ବରଗଡ଼,୧୩।୯(ପ୍ରେମାନନ୍ଦ ଖମାରୀ)**

ବିଶିଷ୍ଟ ସମାଜବାଦୀ ଚିନ୍ତାନାୟକ କିଶନ ପଟ୍ଟନାୟକଙ୍କ ୨୧ ତମ ଶ୍ରାଦ୍ଧବାର୍ଷିକୀ ପାଳନ ପାଇଁ ଶନିବାର ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସମତା ଭବନରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ସ୍ମାରକୀ ବକ୍ତୃତା ପ୍ରଦାନ କରିବା ପାଇଁ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଡଃ ଲକ୍ଷ୍ମଣ ଯାଦବ ଆସିବାର କାର୍ଯ୍ୟକ୍ରମ ରହିଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଜୟ କିଷାନ ଆନ୍ଦୋଳନ ଏବଂ କିଶନ ପଟ୍ଟନାୟକ ସମତା ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ବୈଠକରେ ମେନେଜିଂ ଟ୍ରଷ୍ଟି ଲିଙ୍ଗରାଜ ସଭାପତିତ୍ୱ କରିଥିଲେ। କିଶନ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଆସନ୍ତା ୨୭ତାରିଖ ହେବ ବୋଲି ସୂଚନା ଦିଆଯାଇଛି। ଲିଙ୍ଗରାଜ ସୂଚନା ଦେଇ କହିଥିଲେ, କିଶନ ପଟ୍ଟନାୟକ ଯୁବକ ଅବସ୍ଥାରେ ସମ୍ବଲପୁର ଲୋକସଭା କ୍ଷେତ୍ରରୁ ଜେଲରେ ଥାଇ ସାଂସଦ ନିର୍ବାଚିତ ହୋଇଥିଲେ। ସେ ସମୟରେ କଳାହାଣ୍ଡି ଜିଲାର ଅନାହାର ମୃତ୍ୟୁ ବିଷୟରେ ଲୋକସଭାରେ ଦୃଢ଼ତାର ସହିତ ଉପସ୍ଥାପିତ କରୁଥିଲେ। ସେ ସାଧାରଣ ଖଟିଖିଆ ଚାଷୀ ଆଦିବାସୀ ଏବଂ ଦଳିତଙ୍କ ସମସ୍ୟା ଉପରେ ସଂସଦରେ ଆଲୋଚନା କରୁଥିଲେ। ସେଥିପାଇଁ ସମ୍ବଲପୁର ଲୋକସଭା କ୍ଷେତ୍ରର ଏକ ସ୍ୱତନ୍ତ୍ର ପରିଚୟ ଆଜି ମଧ୍ୟ ରହିଛି। ତାଙ୍କ ବିୟୋଗ ପରେ ତାଙ୍କ ସ୍ମୃତିରେ ପ୍ରତିବର୍ଷ ଜଳନ୍ତ ସମସ୍ୟାକୁ ନେଇ ବହୁ ବିଶିଷ୍ଟ ବ୍ୟକ୍ତି ସ୍ମୃତି ବ୍ୟାଖ୍ୟାନ ଦେବାପାଇଁ ବରଗଡ଼ ଆସୁଛନ୍ତି। ଚଳିତ ବର୍ଷ 'ଶୁଦ୍ର ଭାରତର ସ୍ୱପ୍ନ ଏବଂ ସମ୍ବିଧାନ' ବିଷୟ ଉପରେ ସ୍ମାରକୀ ବକ୍ତୃତା ଏବଂ ଆମ୍ବେଦକର ଓ ଗାନ୍ଧୀ ଉପରେ ଏକ ନାଟକ ପ୍ରଦର୍ଶନ କରାଯିବାର କାର୍ଯ୍ୟକ୍ରମ ରଖାଯାଇଛି। ବରଗଡ଼ ଗୋରୁବଜାର ସ୍ଥିତ ଯଦୁମଣି ପ୍ରଧାନ ଅଡିଟୋରିୟମରେ ଆସନ୍ତା ୨୭ତାରିଖ ସନ୍ଧ୍ୟା ୬ଟା ୩୦ରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଚାଷୀ ନେତା ଶିବ ପ୍ରସାଦ ପ୍ରଧାନ, ଅରୁଣ କୁମାର ସାହୁ, ସୁଶୀଲ କୁମାର ସାହୁ, ହର ବଣିଆଁ, ଉମେଶ ବିଶ୍ୱାଳ, ଲଳିତ ସାହୁ, ଗୋପବନ୍ଧୁ ସିଙ୍କା, ବାଳକିଶୋର ଛତର, ଅବିନାଶ ବାଗ, ସୁରେନ୍ଦ୍ର ମେହେର, ଭଞ୍ଜନ ବାରିକ, ଅରୁଣ ପ୍ରଧାନ, ସରୋଜ ପ୍ରଧାନ, ପ୍ରବୀଣ ସାହୁ, ମିନିଷ୍ଟର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ

**ପଦ୍ମପୁର,୧୩।୯ (ପ୍ରଦୀପ୍ତ ଦାଶ):**

ମେଲଛାମୁଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୱାଇଆର୍‌ସି ତରଫରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ଶନିବାର ପାଳନ କରାଯାଇଛି। ପ୍ରାଧ୍ୟାପକ ଡ. ପ୍ରଦୀପ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୱାଇଆର୍‌ସି କାଉନ୍‌ସେଲର ଅଧ୍ୟାପକ ଶାନ୍ତନୁ କୁମାର ବିଶି ମଞ୍ଚ ପରିଚାଳନା କରିଥିଲେ। କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ପୂର୍ବତନ ୱାଇଆର୍‌ସି କାଉନସେଲର ଭୂପତି କାଲେ ମୁଖ୍ୟଅତିଥି ରୂପେ ଯୋଗଦେଇ ଜରୁରୀ ପରିସ୍ଥିତିରେ ପ୍ରାଥମିକ ଚିକିତ୍ସାର ମହତ୍ତ୍ୱ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ସେହିପରି ପଦ୍ମପୁର ମହିଳା ମହାବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ କଲେଜ ଅଧ୍ୟକ୍ଷା ପଦ୍ମିନି ଦାଶଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି

**ପାଇକମାଳ,(ବଢ଼ ଶତପଥୀ)**

ପାଇକମାଳସ୍ଥିତ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍ ପକ୍ଷରୁ ବିଶ୍ୱ ଫାଷ୍ଟ–ଏଡ୍ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଲୋହିତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପ୍ରାଥମିକ ଚିକିତ୍ସା ସମ୍ପର୍କିତ ସଚେତନ କରାଯାଇଥିଲା। ଅଧ୍ୟାପକ ଅଙ୍କିତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଡ. ଅଙ୍କିତ ସାଗର ଯୋଗ ଦେଇଥିଲେ।

**ବରପାଲି, (ଚିତ୍ତରଞ୍ଜନ ସାହୁ)**

ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ମହାବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଇତିହାସ ବିଭାଗ ଅଧ୍ୟାପିକା ତଥା ଯୁବ ରେଡକ୍ରସ ସହଯୋଗୀ କାଉନ୍‌ସିଲର ଯାଜ୍ଞସେନୀ ପଟେଲଙ୍କ ଦ୍ୱାରା ପରିଚାଳନା ସଭାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗ ଦେଇଥିଲେ।

**ଝାରବନ୍ଧ, (ଦେବେନ୍ଦ୍ର ସାହୁ)**

ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ, ଝାରବନ୍ଧରେ ଯୁବ ରେଡକ୍ରସ ୟୁନିଟ ଆନୁକୂଲ୍ୟରେ ବିଶ୍ୱ ପ୍ରାଥମିକ ସହାୟତା ଦିବସ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସାର୍ତ୍ତିକ ସାହୁ ମୁଖ୍ୟବକ୍ତା ଓ ଡ. ଖ୍ୟାତିମୟ ତ୍ରିପାଠୀ ପ୍ରାଥମିକ ସହାୟତା ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ।



ବରପାଲିରେ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

## ଛାତ୍ରୀଛାତ୍ରଙ୍କୁ ଫାଷ୍ଟ ଏଡ୍ ବକ୍ସ ପ୍ରଦାନ


କୁଦୋପାଲିର ଭାରପ୍ରାପ୍ତ ଡାକ୍ତରଙ୍କ ସହ ଅନ୍ୟମାନେ।

**ସୋହେଲା,୧୩।୯(ଅଶ୍ୱିନି ପାତ୍ର)**

ସୋହେଲା ବ୍ଲକ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କୁଦୋପାଲିର ଭାରପ୍ରାପ୍ତ ଡାକ୍ତର ଅନଷୋ ବେହେରା ଶୁକ୍ରବାର କୁଦୋପାଲି ସ୍ଥିତ ମହେନ୍ଦର ଗଡ଼ ପଦ୍ମଶ୍ରୀ ଲୋକକବି ହଳଧର ଆବାସିକ ବନବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏଥିରେ ଡା. ବେହେରାଙ୍କ ସହିତ ତାଙ୍କର ସହକର୍ମୀ ଚିତ୍ରସେନ ଭୋଇ, ଶ୍ରବଣ କୁମାର ସାହୁ, ଭୀଷ୍ମଦେବ ମେହେର ଉପସ୍ଥିତ ଥିଲେ। ଏହି ସମୟରେ ବିଦ୍ୟାଳୟର ଉପଦେଷ୍ଟା ଜନେକ କୁଅଁର, ଗୁରୁଜନମାନେ ଓ ଛାତ୍ରୀଛାତ୍ରୀମାନଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଡାକ୍ତର ବେହେରା ଛାତ୍ରୀଛାତ୍ରମାନଙ୍କୁ ସ୍ୱାସ୍ଥ୍ୟର ଯତ୍ନ କିପରି ନେବେ ଶରୀର ସୁରକ୍ଷା ବାବଦରେ ବୁଝିଇଥିଲେ ଏବଂ ବିସ୍କୁଟ, ପେନ ଓ ଫାଷ୍ଟ ଏଡ଼ ବକ୍ସ ପ୍ରଦାନ କରିଥିଲେ। ଏହା ବ୍ୟତୀତ ସ୍କୁଲ ଅନ୍ତେବାସୀ ଛାତ୍ରମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏକ ସିସିଟିଭି କେମେରାର ବ୍ୟବସ୍ଥା କରିବା ପାଇଁ ସହଯୋଗର ହାତ ବଢ଼ାଇଥିଲେ।

## ଲୋକ ଅଦାଲତରେ ୮ପରିବାରଙ୍କ ପୁନର୍ମିଳନ

**ବରଗଡ଼,୧୩।୯(ପ୍ରେମାନନ୍ଦ ଖମାରୀ)**


ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଚାରପତିବୃନ୍ଦ।

ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଭାରପ୍ରାପ୍ତ ଅଧ୍ୟକ୍ଷ ରାଜା ରଞ୍ଜନ ପାଢ଼ୀଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଉକ୍ତ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ପ୍ରକାର ବିଚାରାଧିନ ମୋକଦ୍ଦମା ଯଥା ଦେୱାନୀ ଓ ଫୌଜଦାରୀ(ସାଲିସ୍ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କରଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲାର ଆପୋସ ସମାଧାନ କରାଯାଇଥିଲା। ଉକ୍ତ ଲୋକ ଅଦାଲତରେ ୪୫୧୭ ପ୍ରାକ୍ ମୋକଦ୍ଦମା ମାମଲାର ବିଚାର ପାଇଁ ବିଭିନ୍ନ ବ୍ୟାଙ୍କ କାର୍ଯ୍ୟାଳୟରୁ, ୧୨୮୭ବିଚାରାଧିନ ମୋକଦ୍ଦମା ମାମଲାର ବିଚାର ପାଇଁ ବିଭିନ୍ନ ଅଦାଲତରୁ ଏବଂ ୧୦ହଜାର ୮୨୪ ବିଚାରାଧିନ ମୋକଦ୍ଦମା ମାମଲାର ବିଚାର ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରମୁଖଙ୍କ ତରଫରୁ ବିଚାରକୁ ନିଆଯାଇଥିଲା। ଉକ୍ତ ମୋକଦ୍ଦମା ଗୁଡ଼ିକ ମଧ୍ୟରୁ ୧୭୭ ପ୍ରାକ୍ ମୋକଦ୍ଦମା ମାମଲା, ୨୮୫ ବିଚାର ବିଭାଗୀୟ ବିଚାରାଧିନ ମୋକଦ୍ଦମା ମାମଲା ଏବଂ ୮୮୨୯ ଜିଲାପାଳଙ୍କ ରାଜସ୍ୱ ବିଚାରାଧିନ ମୋକଦ୍ଦମା ମାମଲାର ବିଚାର ହୋଇଥିଲା। ପ୍ରାକ୍ ମାମଲା ବାବଦକୁ ୫୨ଲକ୍ଷ ୩୮ହଜାର ୯୪୮ ଟଙ୍କା ଏବଂ ବିଚାର ବିଭାଗୀୟ ବିଚାରାଧିନ ମାମଲା ବାବଦକୁ ୧କୋଟି ୧୨ଲକ୍ଷ ୬୩ ହଜାର ୬୯୮ ଟଙ୍କା ଆଦାୟ ହୋଇଥିଲା। ପାରିବାରିକ ଅଦାଲତରେ ୧୧ପାରିବାରିକ ସମସ୍ୟା ବିଚାରାଧିନ ମୋକଦ୍ଦମା ମାମଲାକୁ ବିଚାରକୁ ନିଆଯାଇ ୮ଟିର ଆପୋସ ସମାଧାନ ହୋଇଥିଲା ଏବଂ ୮ପରିବାର ପୁନଃ ମିଳନ ହୋଇଥିଲେ। ଉକ୍ତ ଲୋକ ଅଦାଲତକୁ ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷ ରାଜା ରଞ୍ଜନ ପାଢ଼ୀ ଏବଂ ସଚିବ ବିଭୂତି ଭୂଷଣ ନାୟକଙ୍କ ପରିଚାଳନାରେ ହୋଇଥିଲା। ପାରିବାରିକ ଅଦାଲତର ବିଚାରପତି ମାନସ ରଞ୍ଜନ ରଥ, ଅତିରିକ୍ତ ଜିଲା ବିଚାରପତି ପ୍ରିୟ ରଞ୍ଜନ ବାରିକ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପୁନମ ଜେନା, ବରିଷ୍ଠ ଦେୱାନୀ ବିଚାରପତି ସୁଚରିତା ମହାନ୍ତି, ବରିଷ୍ଠ ଦେୱାନୀ ବିଚାରପତି(ମହିଳା ଅଦାଲତ) ପ୍ରଜ୍ଞା ପୂଜାପ୍ରଦା, ବରିଷ୍ଠ ଦେୱାନୀ ବିଚାରପତି(ଏଲଆର୍ ଏଣ୍ଡ ଏଲଟିଭି) ବର୍ଷା ଶର୍ମା, ଉପଖଣ୍ଡୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀଷ୍ଟି ସାମନ୍ତ, ଦେୱାନୀ ବିଚାରପତି ସଂଗ୍ରାମ କୁମାର ମିଶ୍ର, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ପ୍ରଥମ ଶ୍ରେଣୀ) ଚନ୍ଦନ ଦେହୁରୀ, ସୁଶ୍ରୀ ରତ୍ନପର୍ଣ୍ଣା ଦାସ ବିଭିନ୍ନ ଅଦାଲତ ଗୁଡ଼ିକୁ ପରିଚାଳନା କରିଥିଲେ। ପାରିବାରିକ ଅଦାଲତରେ ବରିଷ୍ଠ ଆଡ଼ଭୋକେଟ୍ ଯୁଗଳ ପ୍ରସାଦ ସିଂ, ଅତିରିକ୍ତ ଜିଲା ଅଦାଲତରେ ବରିଷ୍ଠ ଆଡ଼ଭୋକେଟ୍ ଶିରିଶ ବଲ୍ଲଭ ମିଶ୍ର, ବରିଷ୍ଠ ଦେବାନୀ ଅଦାଲତରେ ବରିଷ୍ଠ ଆଡ଼ଭୋକେଟ୍ ଚିତ୍ତରଞ୍ଜନ ପଣ୍ଡା, ବରିଷ୍ଠ ଦେୱାନୀ ବିଚାରପତିରେ ଆଡ଼ଭୋକେଟ୍ ମହେନ୍ଦ୍ର ସାହୁ, ବରିଷ୍ଠ ଦେୱାନୀ ବିଚାରପତି ଅଦାଲତରେ ଆଡ଼ଭୋକେଟ୍ ଦେବାଶିଷ ମିଶ୍ର, ଉପଖଣ୍ଡୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଆଡ଼ଭୋକେଟ୍ ମାନଭଞ୍ଜନ ତ୍ରିପାଠୀ, ଦେୱାନୀ ବିଚାରପତିଙ୍କ ଅଦାଲତରେ ଆଡ଼ଭୋକେଟ୍ କିରଣ କୁମାର ମିଶ୍ର, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀଙ୍କ ଅଦାଲତରେ ଆଡ଼ଭୋକେଟ୍ ହିରାଲାଲ ପଣ୍ଡା, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀଙ୍କ ଅଦାଲତରେ ଆଡ଼ଭୋକେଟ୍ ପ୍ରଭାତକାନ୍ତ ଦାଶ ଅଦାଲତ ପରିଚାଳନାରେ ସହଯୋଗ କରିଥିଲେ।

## ମହୁଖଣ୍ଡ ଗ୍ରାମ ରାସ୍ତା ମରାମତି ଦାବି


ଖାଲ ଖମାଲରେ ଭର୍ତ୍ତି ଗୋଡ଼ଭଗା – ମହୁଖଣ୍ଡ ରାସ୍ତା ।

**ଅତାବିରା,୧୩।୯(ଯୁଧିଷ୍ଠିର ମହାପାତ୍ର)**

ସରକାର ରାସ୍ତାର ଉନ୍ନତୀକରଣ ପାଇଁ କୋଟି କୋଟି ଟଙ୍କାର ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ବରଗଡ଼ ଜିଲା ଅତାବିରା ବ୍ଲକର ଅନେକ ଗ୍ରାମରେ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। କେଉଁଠି ଗ୍ରାମବାସୀ ନିଜ ପଇସାରେ ରାସ୍ତା ତିଆରି କରୁଛନ୍ତି ତ ଆଉ କେଉଁଠି ରାସ୍ତା ନ ଥିବାରୁ ଲୋକଙ୍କୁ ଗମନାଗମନର ସୁବିଧା ମିଳିପାରୁନାହିଁ। ଏମିତି ଏକ ଗାଁ ହେଉଛି ଅତାବିରା ବ୍ଲକ ଅନ୍ତର୍ଗତ ମହୁଖଣ୍ଡ ଗ୍ରାମ। ଗୋଡ଼ଭଗା ୫୩ନମ୍ବର ଜାତୀୟ ରାଜପଥଠାରୁ ମହୁଖଣ୍ଡ ଗ୍ରାମ ପର୍ଯ୍ୟନ୍ତ ଅଢ଼େଇ କି.ମି. ରାସ୍ତାଟି ୨୦୧୫ରେ ମରାମତି ହୋଇଥିଲା। ଠିକାଦାର ପାଇଁ ପାଞ୍ଚବର୍ଷର ଗ୍ୟାରେଣ୍ଟି ଥିଲେ ମଧ୍ୟ ଉକ୍ତ ରାସ୍ତାକୁ ୨୦୨୦ରେ ମରାମତି କରି ନ ଥିଲେ। ଫଳରେ ବର୍ତ୍ତମାନ ରାସ୍ତା ସାରା ଖାଲ ଢିପ ହେବା ସହିତ ଅନେକ ସ୍ଥାନରେ ରାସ୍ତା ଫାଟି ଆଁ ହୋଇରହିଛି। ମହୁଖଣ୍ଡର ଏହି ରାସ୍ତାଦେଇ କୁମେଲସିଂହା, ଗୋଡ଼ଭଗା, କଳାମାଟି ପଞ୍ଚାୟତର ଶତାଧିକ ଲୋକ ଯିବାଆସିବା କରିଥାନ୍ତି, ଗୋଡ଼ଭଗାଠାରେ ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ବାଳିକା ହାଇସ୍କୁଲ, କଲେଜ, ବ୍ୟାଙ୍କ, ସାପ୍ତାହିକ ହାଟସାଙ୍ଗକୁ ବିଭିନ୍ନ କାର୍ଯ୍ୟପାଇଁ ବ୍ଲକ ଅଫିସ ଏବଂ ସମ୍ବଲପୁର ସହ ବରଗଡ଼ ଯିବା ଆସିବା ପାଇଁ ପ୍ରତ୍ୟହ ଏହି ରାସ୍ତା ଉପରେ ସମସ୍ତେ ନିର୍ଭର କରିଥାନ୍ତି। ରାସ୍ତାର ଅବସ୍ଥା ଠିକ ନ ଥିବାରୁ ଅନେକ ସମୟରେ ସ୍କୁଲ ଯାଉଥିବା ଛାତ୍ରୀଛାତ୍ରମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାରେ ଏକ ଚାଉଳ କଳ (ରାଇସ ମିଲ୍) ରହିଥିବାରୁ ବାରମ୍ବାର ଟ୍ରକ୍ ଗୁଡ଼ିକ ଯିବାଆସିବା କରୁଛି, ଟ୍ରକ୍ ଚାଳକମାନେ ନିଜ ହିସାବରେ ଗାଡ଼ି ଚଳାଉଥିବାରୁ ଦୁର୍ଘଟଣାର ଭୟ ମଧ୍ୟ ରହୁଛି। ଏହି ରାସ୍ତାଟି ଗ୍ରାମର ମୁଖ୍ୟ ରାସ୍ତା ହୋଇଥିବାରୁ ଶୀଘ୍ର ମରାମତି କରିବାପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ମାଣ୍ଡୋସିଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ସମାରୋହ

**ପାଇକମାଳ, ୧୩।୯(ବଢ଼ ଶତପଥୀ):**

ମାଣ୍ଡୋସିଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନଙ୍କ ସ୍ୱାଗତ ସମାରୋହ ଅଧ୍ୟକ୍ଷ ପରମେଶ୍ୱର ସାହୁଙ୍କ ସଭାପତିତ୍ୱରେ ଶନିବାର ଆୟୋଜିତ ହୋଇଯାଇଛି। ଉକ୍ତ ସଭାରେ ବରିଷ୍ଠ ଅଧ୍ୟାପକ ତେଜରାଜ ସାହୁ ଛାତ୍ରୀଛତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିବା ବେଳେ ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକମାନେ ଅଭିଭାଷଣ ଦେଇଥିଲେ। ଏଥିରେ ଅଧ୍ୟାପକ ରିପନ କୁମାର ସାହୁ ମଞ୍ଚ ପରିଚାଳନା କରୁଥିଲେ। ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ଆୟୋଜନ କରି ନିଜର ଭାଷଣ ମାଧ୍ୟମରେ ଉତ୍ସାହିତ କରିଥିଲେ। ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣକାରୀ ଏହାକୁ ସଫଳ୍ୟ କରିଥିଲେ। ଅଧ୍ୟାପିକା ଜୟଶ୍ରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ପ୍ରାଥମିକ ଚିକିତ୍ସା ଉପରେ ଜ୍ଞାନ ଆହରଣ କଲେଛାତ୍ରୀଛାତ୍ର

**ବରଗଡ଼,୧୩।୯(ପ୍ରେମାନନ୍ଦ ଖମାରୀ)**



ଗାଇସିଲେଟ ପଞ୍ଚାୟତ ସମିତି କଲେଜରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସରେ ଅତିଥିବୃନ୍ଦ।

ଦୁର୍ଘଟଣା ସମୟରେ କିମ୍ବା ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଦେଖାଦେଲେ ତାଙ୍କୁ ଡାକ୍ତରଙ୍କ ପାଖକୁ ନେବା ପୂର୍ବରୁ ଦିଆଯାଉଥିବା ଫାଷ୍ଟ ଏଡ ସମ୍ବନ୍ଧରେ ଶିକ୍ଷାର୍ଥୀମାନଙ୍କୁ ସୂଚନା ପ୍ରଦାନ କରିବା ଉଦ୍ଦେଶ୍ୟରେ ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଶନିବାର ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ(ୱାର୍ଲଡ ଫାଷ୍ଟ ଏଡ ଡେ) ପାଳିତ ହୋଇଯାଇଛି। ଗାଇସିଲେଟ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡଃ ଜୟକେତନ ତ୍ରିପାଠୀ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଯୁବ ରେଡକ୍ରସ (ୱାଇଆରସି) କାଉନସେଲର ଅଧ୍ୟାପିକା ପ୍ରତୀକ୍ଷା ଡନସନା ସଭାକାର୍ଯ୍ୟ ପରିଚାଳନା କରିଥିଲେ । କୋଶଳ ଟାଇମର ସମ୍ପାଦକ ସଞ୍ଜୀବ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସର ପ୍ରାସଙ୍ଗିକତା ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରିଥିଲେ। ଏହା ସହିତ ବରଗଡ଼ ଜିଲା ଭାରତରେ କର୍କଟ ରୋଗରେ ଦ୍ୱିତୀୟ ସ୍ଥାନ ନେଇଛି। ଫଳରେ କର୍କଟ ରୋଗର କାରଣ ଓ ନିରାକରଣ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଆସନ୍ତା ୧୭ତାରିଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ଔଷଧୀୟ ବୃକ୍ଷ ଲଗାଇବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ମହାପାତ୍ର ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ବରଗଡ଼ର ବିଶିଷ୍ଟ ସାମାଜିକ କର୍ମୀ ଶୁଭ୍ରାଂଶୁ କୁମାର ଦାଶ ଯୋଗଦେଇ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯୁକ୍ତଦୁଇ ଓ ଯୁକ୍ତତିନି ଶ୍ରେଣୀର ଶତାଧିକ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଏହି ସଭାରେ ଅଧ୍ୟାପକ ବାଚସ୍ପତି ପଧାନ, ଅରୁଣ କୁମାର ମୁନାଙ୍କ ସମେତ ଅନେକ ଅଧ୍ୟାପିକା, ଅଧ୍ୟାପକ ଯୋଗଦାନ କରିଥିଲେ। ଯୁବ ରେଡକ୍ରସ କାଉନସେଲର ହେମନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର, ଭୁକ୍ତାର ଡା. ଅଞ୍ଜଳା ପ୍ରଧାନ, ସମ୍ମାନିତ ଅତିଥି ଭାବରେ ସିଆର୍‌ସିସି କେଦାର ନାଏକ ଓ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ସାନନ୍ଦ ଦେହେରୀ ଯୋଗ ଦେଇଥିଲେ। ଜୁନିୟର୍ ରେଡକ୍ରସର ପରାମର୍ଶଦାତା ଶିକ୍ଷକ ସଞ୍ଜୟ ଖମାରୀ ସଭାକାର୍ଯ୍ୟ ପରିଚାଳନା କରିବା ସହ ଚଳିତ ବର୍ଷ ଫାଷ୍ଟ ଏଡ ଦିବସର ବିଷୟବସ୍ତୁ 'ପ୍ରାଥମିକ ଉପଚାର ଓ ଜଳବାୟୁ ପରିବର୍ତ୍ତନ' ଉପରେ ଆଲୋକପାତ କରିଥିଲେ। ପ୍ରାଥମିକ ସହାୟତା କ୍ଷେତ୍ରରେ ଜୁନିୟର୍ ରେଡକ୍ରସର ସଦସ୍ୟଙ୍କ ଭୂମିକା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଡା. ପ୍ରଧାନ କୌଣସି ଦୁର୍ଘଟଣା କିମ୍ବା ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଦେଖାଦେଲେ ତାଙ୍କୁ ଡାକ୍ତରଙ୍କ ପାଖକୁ ନେବା ପୂର୍ବରୁ ଯେଉଁ ପ୍ରାଥମିକ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରାଯାଇପାରିବ ସେଗୁଡ଼ିକୁ ପ୍ରଦର୍ଶନ କରିଥିଲେ।ପ୍ରଧାନ ଶିକ୍ଷକ ନାୟକ ପ୍ରାଥମିକ ଉପଚାରର ଆବଶ୍ୟକତା ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ସବିଶେଷ ଧାରଣା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଜୁନିୟର୍ ରେଡକ୍ରସ, ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ ଓ ଶକ୍ତି କ୍ଲବର ସଦସ୍ୟ ସକ୍ରିୟ ଅଂଶଗ୍ରହଣ କରିଥିବା ବେଳେ ଶିକ୍ଷକ ଆଶୁତୋଷ ଭୋଇ, ଶ୍ରୀପତି ସାହୁ, ତେଜରାମ ସା, ବୋଧରାମ ବିଶ୍ୱାଳ, ପ୍ରଶାନ୍ତ ମହାପାତ୍ର, ଶ୍ରୀପତି ସାହୁ ଓ ଶିକ୍ଷୟିତ୍ରୀ ଅନୀତା ପଧାନ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ଜିଲା ଭିଲ ସମାଜର କର୍ମକର୍ତ୍ତା ମନୋନୀତ

**ଅତାବିରା,୧୩।୯(ଯୁଧିଷ୍ଠିର ମହାପାତ୍ର):**

ଅତାବିରା ବ୍ଲକ ଅଧିନ ସୁକୁଟାପାଲିରେ ଜିଲା ଭିଲ ସମାଜର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଭିଲ ସମାଜର କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ବାସୁଦେବ ଦେହେରୀ, ଉପସଭାପତି ଭରତ ଦେହେରୀ, ସମ୍ପାଦକ ଲକ୍ଷ୍ମଣ ମଲ୍ଲିକ,ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଝାଙ୍କର,କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର କୁଶଲିଆ ମନୋନୀତ ହୋଇଛନ୍ତି। ଭିଲ ସମାଜ କିପରି ଭାବରେ ବିଭିନ୍ନ କ୍ଷେତ୍ରରେ ଉନ୍ନତି କରିପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଭବାନୀ ଦେହେରୀ ଭିଲ ଜାତିକୁ ଓଡ଼ିଶା ଜନଜାତି ତାଲିକା ଭୁକ୍ତ ହେବାପାଇଁ ପୂର୍ବରୁ ନିଆଯାଇଥିବା ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ଏହି ବୈଠକରେ ଜିଲା ଭିଲ ସମାଜର କର୍ମକର୍ତ୍ତା ଯୋଗଦେଇଥିଲେ।

## ସଂକ୍ଷେପରେ

### ବଡ଼ଗାଁ ଆକାଶରେ ଉଡ଼ିଲା ଡ୍ରୋନ୍

**ବଡ଼ଗାଁ, ୧୩।୯ (ଅଶୋକ ଷଡଙ୍ଗୀ):** ବଡ଼ଗାଁରେ ଶୁକ୍ରବାର ସନ୍ଧ୍ୟା ୭ ଟାରୁ ସାଢ଼େ ୭ଟା ପର୍ଯ୍ୟନ୍ତ ଏକ ବୃହତାକାର ଡ୍ରୋନ ଆକାଶରେ ଉଡୁଥିବା ଲୋକେ ଦେଖିଥିଲେ। ବଡ଼ଗାଁର ୨ ରୁ ୩ ଶହ ଫୁଟ ଉପରେ ଉଡୁଥିବା ଡ୍ରୋନରେ ଲାଇଟ ଜଳୁଥିବା ଓ ତିନି, ଚାରି ଘେରା ବୁଲିଲା ପରେ ଡ୍ରୋନ ବାମରା, ଝାରସୁଗୁଡ଼ା ପଟକୁ ଚାଲି ଯାଇଥିଲା। ଏହି ଅଜ୍ଞାତ ଡ୍ରୋନ କିଏ କାହିଁକି ଉଡ଼ାଇଥିଲେ ଜଣାପଡିନାହିଁ।

### ପୋଖରୀରେ ବୁଡ଼ି ନାବାଳକ ମୃତ

**ଲହୁଣୀପଡା, ୧୩।୯ (ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଗ୍ରାମରେ ଶନିବାର ଅପରାହ୍ନ ପ୍ରାୟ ୪ଟାରେ ପୋଖରୀରେ ବୁଡି ଜଣେ ନାବାଳକ ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତ ନାବାଳକ ହେଲେ ମନଗି ମୁଣ୍ଡା (୭)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାରୁ ପ୍ରକାଶ, ମାନଗି ନିଜ ସାନ ଭାଇ ଓ ସାଙ୍ଗଙ୍କ ସହିତ ନିକଟସ୍ଥ ପୋଖରୀକୁ ଗାଧୋଇବା ପାଇଁ ଯାଇ ବୁଡି ଯାଇଥିଲେ। ସାନ ଭାଇ ଘରେ ଆସି ଖବର ଦେଇଥିଲେ। ପରିବାର ଲୋକେ ପୋଖରୀରୁ ମୃତଦେହ ଉଦ୍ଧାର କରି କେ. ବଲାଙ୍ଗ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିଛି। ରବିବାର ବ୍ୟବଚ୍ଛେଦ କରାଯିବ।

### ସାପ କାମୁଡ଼ାରେ ନାବାଳିକା ମୃତ

**ଲହୁଣୀପଡା, ୧୩।୯ (ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା କେ .ବଲାଙ୍ଗ ଥାନା ଅନ୍ତର୍ଗତ ଖରିଆବାହାଲ ଗ୍ରାମର ଜଣେ ନାବାଳିକାଙ୍କ ସାପ କାମୁଡ଼ାରେ ଶୁକ୍ରାବର ରାତିରେ ମୃତ୍ୟୁ ଘଟିଛି। ମୃତା ନାବାଳିକା ହେଲେ ବିନତି ମୁଣ୍ଡା (୮)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାରୁ ପ୍ରକାଶ, ଶୁକ୍ରବାର ରାତିରେ ବିନତି ପରିବାରଙ୍କ ସହ ଖାଇ ପିଇ ଶୋଇଥିଲେ। ରାତିରେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ପରିବାର ଲୋକ ତାଙ୍କୁ କେ. ବଲାଙ୍ଗ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ଶନିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଗଞ୍ଜେଇ ଜବତ, ଜଣେ ଗିରଫ

**ରାଜଗାଙ୍ଗପୁର, ୧୩।୯ (ଅଶୋକ ପାଣି):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୋଲିସ ଗଞ୍ଜେଇ ଚୋରାଚାଲାଣ କରୁଥିବା ଅଭିଯୋଗରେ ଶୁକ୍ରବାର ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ରାଜଗାଙ୍ଗପୁର ଇସଲାମ ଛକର ଏମଡି ଇରଫାନ ଓରଫ ବବଲୁ। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୩ କେଜି ୭୧୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିସହ ଏକ ସ୍କୁଟି ଏବଂ ଫୋନ ମଧ୍ୟ ଜବତ କରିଛି। ଗଞ୍ଜେଇ ଚୋରାଚାଲାଣ ହେଉଥିବା ରାଜଗାଙ୍ଗପୁର ପୋଲିସ ବିଶ୍ୱସ୍ତ ସୁତ୍ରରୁ ଖବର ପାଇ ପୂର୍ବାହ୍ନ ୧୦ ଟାରେ ସୁଇଡିହି ଗ୍ରାମରେ ଚଢ଼ାଉ କରିଥିଲା।

# ପ୍ରକଳ୍ପ କର, ନଚେତ ଜମି ଛାଡ଼

**ଅଲଟ୍ରା ମେଗା ପାୱାର ପ୍ରକଳ୍ପ ବିସ୍ଥାପିତଙ୍କ ଜିଲାପାଳଙ୍କ ଅଫିସ ଘେରାଉ**

**ସୁନ୍ଦରଗଡ, ୧୩।୯ (ଜୟ ନାରାୟଣ ମେଣ୍ଢୁଲି)**



ଜିଲାପାଳଙ୍କ ଅଫିସ ଘେରାଉ କରିବାକୁ ଆସିଥିବା ବିସ୍ଥାପିତ।

ସୁନ୍ଦରଗଡ ସଦର ବ୍ଲକ ଲଙ୍କାହୁଡାଠାରେ ଅଲଟ୍ରା ମେଗା ପାୱାର ପ୍ରୋଜେକ୍ଟ ପାଇଁ ଜମି ଅଧିଗ୍ରହଣ ହେବାର ୧୫ବର୍ଷ ବିତିଗଲାଣି। ହେଲେ ଏପର୍ଯ୍ୟନ୍ତ ପ୍ରସ୍ତାବିତ ପ୍ରକଳ୍ପ ନ ହେବାରୁ ବିସ୍ଥାପିତ ଅଧିବାସୀ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଶନିବାର ବିସ୍ଥାପିତ ଗ୍ରାମବାସୀ ଏହି ମେଗାପ୍ରକଳ୍ପ ଯଥାଶୀଘ୍ର ଆରମ୍ଭ କର, ନଚେତ ଜମିଛାଡ ଦାବି କରି ଜିଲାପାଳଙ୍କ ଅଫିସ ଘେରାଉ କରିବା ସହିତ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏହାର ଏକକିତା ନକଲ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ମୁଖ୍ୟ ଶାସନ ସଚିବ ଓ ଶକ୍ତି ସଚିବଙ୍କୁ ପ୍ରଦାନ କରାଯାଇଛି। ଏଥିରେ ବିସ୍ଥାପିତ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ସରକାରଙ୍କ ପକ୍ଷରୁ ଲଙ୍କାହୁଡାଠାରେ ଏହି ଅଲଟ୍ରା ମେଗା ପାୱାର ପ୍ରକଳ୍ପ ପ୍ରତିଷ୍ଠା ପାଇଁ ୨୦୧୦ ମସିହା ଠାରୁ ଇଡକୋ ଜରିଆରେ ଲଙ୍କାହୁଡା, କୋପସିଂହା, ରୂପିଡିହି, କିରେଇ, କନ୍ଦାବାହାଲ ଓ ଭେଡାବାହାଲ ଗ୍ରାମର ପ୍ରାୟ ୩୦୦ଏକର ଜମି ଅଧିଗ୍ରହଣ କରାଯାଇଥିଲା। ହେଲେ ଜମି ଅଧିଗ୍ରହଣ ପରେ ଦୀର୍ଘ ୧୫ବର୍ଷ ବିତିଯିବା ପରେ ମଧ ପ୍ରକଳ୍ପ ଆରମ୍ଭ ହୋଇନାହିଁ। ଫଳରେ ବର୍ତ୍ତମାନ ସେହି ଗ୍ରାମ ଗୁଡିକରେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହୋଇପାରୁନାହିଁ। ଲୋକେ ପ୍ରଧାନମନ୍ତ୍ରୀ ଫସଲ ବୀମା ହେଉ କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମେତ ବିଭିନ୍ନ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଏନେଇ ବିସ୍ଥାପିତ ପରିବାର ସ୍ଥାନୀୟ ପ୍ରଶାସନ ଠୁ ଆରମ୍ଭ କରି ନେତା,ମନ୍ତ୍ରୀଙ୍କ ନିକଟରେ ଗୁହାରି କରି ନିରାଶ ହୋଇ ଫେରୁଛନ୍ତି। ବର୍ତ୍ତମାନ ମହାନଦୀ ବେସିନ ପ୍ରାଇଭେଟ ଲିମିଟେଡ଼କୁ ଏଠାରେ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଜମି ହସ୍ତାନ୍ତର କରାଯାଇଛି। ହେଲେ ଏହି କମ୍ପାନୀ ବର୍ତ୍ତମାନସୁଦ୍ଧା ଏଠାରେ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା କରି ପାରିନାହିଁ। ଏ ଦିଗରେ ସରକାର ପଦକ୍ଷେପ ନେବାକୁ ଦାବି କରାଯାଇଛି। ଏଥିସହ ବିସ୍ଥାପିତ ପ୍ରତ୍ୟେକ ପରିବାରର ଜଣଙ୍କୁ ନିଯୁକ୍ତି ଏବଂ ପୂର୍ନବାସ ଓ ଥଇଥାନନୀତି ଅନୁଯାୟୀ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାକୁ ଦାବି ହୋଇଛି।

## ମଧ୍ୟାହ୍ନ ଭୋଜନରେ ପୋକ ଘଟଣାର ତଦନ୍ତ

## ଏସ୍ଏଚ୍‌ଜି ବିରୋଧରେ କାର୍ଯ୍ୟାନୁଷ୍ଠାନ

**ବଡ଼ଗାଁ, ୧୩।୯ (ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ପାମରା ୟୁପି ସ୍କୁଲରେ ମଧ୍ୟାହ୍ନ ଭୋଜନ ସୋୟାବିନ ତରକାରିରେ ପୋକ ବାହାରିବା ଘଟଣାରେ ସ୍କୁଲ ପରିଚାଳନା କମିଟି ଶୁକ୍ରବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମଧ୍ୟାହ୍ନ ଭୋଜନ ରୋଷେଇ ଦାୟିତ୍ୱ ନେଇଥିବା ସ୍ୱୟଂସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)କୁ ଶୁକ୍ରବାରଠାରୁ ରୋଷେଇ ଦାୟିତ୍ୱରୁ ବହିଷ୍କାର କରିଥିବା ସୂଚନା ମିଳିଛି। ଏହା ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପରିଚାଳନା କମିଟି ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ପତ୍ର ଲେଖିଥିବା ଜଣାପଡିଛି। ଏ ବିଷୟରେ ସ୍କୁଲ ପରିଚାଳନା କମିଟି ଓ ଅଭିଭାବକମାନେ ସୁନ୍ଦରଗଡ଼ ଜିଲାପାଳ ଓ ବଡ଼ଗାଁ ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ) ସୁଜାତା ବେଗ ସ୍କୁଲକୁ ଯାଇ ଘଟଣାର ତଦନ୍ତ କରିଛନ୍ତି। ସୂଚନାଯୋଗ୍ୟ ଯେ, ବଡ଼ଗାଁ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହରୋ ଅଭିଯୋଗ କ୍ରମେ ପାମରା ୟୁପି ସ୍କୁଲକୁ ଯାଇଥିଲାବେଳେ ଛାତ୍ରୀଛାତ୍ରମାନେ ମଧ୍ୟାହ୍ନ ଭୋଜନ ତରକାରିରେ ପୋକ ବାହାରୁଥିବା ଦେଖାଇଥିଲେ। ତେବେ ଶିକ୍ଷା ବିଭାଗ ଅଧିକାରୀ ଓ ପ୍ରଶାସନ ସହିତ ସ୍କୁଲ ପରିଚାଳନା କମିଟି କର୍ମକର୍ତ୍ତାମାନେ ଆଲୋଚନା କଲାପରେ କାର୍ଯ୍ୟାନୁଷ୍ଠନ ଗ୍ରହଣ କରିଛନ୍ତି। ବ୍ଲକ ଶିକ୍ଷା ଅଧିକାରୀ ହରୋଙ୍କୁ ପଚାରିବାରୁ ସେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ପତ୍ର ଲେଖିଥିବା ସୂଚନା ପ୍ରଦାନ କରିବା ସହିତ ଶୁକ୍ରବାରଠାରୁ ରୋଷେଇ ଦାୟିତ୍ୱ ନେଇଥିବା ଏସ୍ଏଚ୍‌ଜିକୁ ସ୍କୁଲ ପରିଚାଳନା କମିଟି ଦାୟିତ୍ୱରୁ ବହିଷ୍କାର କରିଦେଇଥିବା କହିଛନ୍ତି।

## ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

**କୁତ୍ରା, ୧୩।୯ (ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଅନ୍ତର୍ଗତ ପୂର୍କାପାଲି ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତି କାଲୋଙ୍କ ସଭାପତିତ୍ୱରେ ଜୁନିୟର ରେଡ଼କ୍ରସ ତରଫରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍କାପାଲି ପ୍ରାଥମିକ ଚିକିତ୍ସା କେନ୍ଦ୍ରର ଡ. ସତୀଶ ନାଏକ ଯୋଗଦେଇ ପ୍ରାଥମିକ ଚିକିତ୍ସାର ଆବଶ୍ୟକତା ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଏହା ସହିତ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ କିପରି ପ୍ରାଥମିକ ଚିକିତ୍ସା ପ୍ରଦାନ କରିବେ ତାହା ଡେମୋ ଦେଖାଇ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ସଦା ସର୍ବଦା ରୋଗାଗ୍ରସ୍ଥ ଲୋକଙ୍କ ସେବା କରିବାରେ ପଛ ଘୁଞ୍ଚା ନ ଦେବା ପାଇଁ ଉପଦେଶ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ବିଜ୍ଞାନ ଶିକ୍ଷକ ମନୋଜ ଡୁଙ୍ଗଡୁଙ୍ଗଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକସାମିଲ ହୋଇଥିଲେ। ସଭାକୁ ରଶ୍ମିପ୍ରଭା ପଟେଲ ଓ ସଞ୍ଜୟ ଗନ୍ଧା ପରିଚାଳନା କରିଥିଲେ।

# ବିଜେଡି ପକ୍ଷରୁ ୮ ଘଣ୍ଟିଆ ବନ୍ଦ



ବିଜେଡି ପକ୍ଷରୁ ଆନ୍ଦୋଳନ କରାଯାଉଛି।

**ବଣାଇଁ, ୧୩।୯ (ପ୍ରଦୀପ ତ୍ରିପାଠୀ)**

**ବଣାଇଁକୁ ଏନ୍ଏସି ଘୋଷଣା ଦାବି**

ବଣାଇଁକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ନ କରିବା ପ୍ରତିବାଦରେ ଶନିବାର ବିଜୁ ଜନତା ଦଳ ପକ୍ଷରୁ ୮ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ବିଭିନ୍ନ ଛକରେ ଦଳୀୟ କର୍ମୀ ଅବରୋଧ କରି ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲେ। ପିକେଟିଙ୍ଗ କରି ସ୍କୁଲ, ସରକାରୀ କାର୍ଯ୍ୟାଳୟକୁ ବନ୍ଦ କରିଥିଲେ। କିନ୍ତୁ ଦୋକାନ ବଜାର, ବସ ଚଳାଚଳକୁ ସ୍ୱତଃପ୍ରବୃତ୍ତ ଭାବେ ନିଜେ ବ୍ୟବସାୟୀ ଓ ବସ ମାଲିକ ବନ୍ଦ କରି ପୂର୍ଣ୍ଣ ସମର୍ଥନ ଦେଇଥିଲେ। ସକାଳ ୬ ଟା ରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ଏହି ବନ୍ଦ ସମ୍ପୂର୍ଣ୍ଣ ସଫଳ ହୋଇଛି । ବିଜୁ ଜନତା ଦଳ ନେତୃତ୍ୱକୁ ବଣାଇଁ ବଣିକ ସଂଘ, ଓକିଲ ସଂଘ, ସାମ୍ବାଦିକ ସଂଘ ସମେତ ବହୁ ଅନୁଷ୍ଠାନ ସମର୍ଥନ ଜଣାଇଥିଲେ। ଶେଷରେ ବିଜୁ ଜନତା ଦଳ ଜିଲା ସଭାପତି ପ୍ରଦ୍ୟୁମ୍ନକୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ଶୋଭାଯାତ୍ରା ବାହାରିଥିଲା। ସରକାର ନ ମାନିଲେ ଆଗକୁ ଆନ୍ଦୋଳନ ତୀବ୍ର ହେବବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ଗତ ମାସ ୧୬ ତାରିଖରେ ୧୨ଟି ନୂତନ ଅଞ୍ଚଳକୁ ରାଜ୍ୟ ସରକାର ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବରେ ଘୋଷଣା କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ନୂତନ ୧୬ଟି ସହରକୁ ବିଜ୍ଞାପିତ ଅଞ୍ଚଳ ଭାବେ ଘୋଷଣା କରିଛନ୍ତି । ଏଥିରେ ବଣାଇଁ ସ୍ଥାନ ପାଇ ନ ଥିବା ନେଇ ଜଣ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ପୂର୍ବରୁ ବିଜୁ ଜନତା ଦଳ ଶାସନ ରେ ଥିବା ସମୟରେ ରାଜ୍ୟରେ ସମୁଦାୟ ୩୪ ଟି ସହରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିଥିଲେ ।

## ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ବାଲିଶଙ୍କରା, ୧୩।୯ (ସତ୍ ସେଠ)**

ବାଲିଶଙ୍କରା ରାଜା ବଙ୍ଗଳା ଖେଳା ପଡିଆଠାରେ ଗତ୧୨ରୁ୧୩ ପର୍ଯ୍ୟନ୍ତ ୨ଦିନ ଧରି ବାଲିଶଙ୍କରା ମଣ୍ଡଳ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବାଲିଶଙ୍କରା ବ୍ଲକ ଅତିରିକ୍ତଶିକ୍ଷା ଅଧିକାରୀ ଜାନକୀ ପଟେଲ ଯୋଗଦେଇ ଥିଲେ। ପ୍ରଥମ ଦିବସରେ ଦୌଡକୁଦ ପ୍ରତିଯୋଗିତା ବାଲିଶଙ୍କରା ରାଜବଙ୍ଗଳା ପଡିଆରେ ଅନୁଷ୍ଠିତ ହୋଇଥିବେଳେ ମୋଟ ୧୨୦ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଦ୍ୱିତୀୟ ଦିବସରେ ଫୁଟବଲ ପ୍ରତିଯୋଗିତା ରାଜାବଙ୍ଗଳା ପଡିଆରେ ଏବଂ ଖୋ-ଖୋ, କବାଡ଼ି ବାଲିଶଙ୍କରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଖେଳା ଯାଇଥିଲା। ଏହି ଦ୍ୱିତୀୟ ଦିବସରେ ମୋଟ ୬୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ଫ୍ଲୋରିତା ଏକ୍କାଙ୍କ ତତ୍ତ୍ୱାବଧାନରେ ଚାଲିଥିବା ବେଳେ ଶାଶ୍ୱତ କାଟିଆର, ସଙ୍ଗୀତା ସୋରେନ, ରାଧି ବାଗ, ନିଳାବତୀ ବାର୍ଲାଙ୍କ ସମେତ ବାଲିଶଙ୍କରା, ଡୁମୁଲିଆ, ଖମପୁର, ସରବାହାଲ କ୍ଲଷ୍ଟରର ସିଆରସିସିଙ୍କ ସହାୟତାରେ ପରିଚାଳିତ ହୋଇଥିଲା। ଶେଷରେ ବୀରବର ଉଚ୍ଚ ବିଦ୍ୟାଳୟର ଅବସର ପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

## ଡିଗ୍ରୀ କଲେଜରେ ପ୍ରାରମ୍ଭିକ ଚିକିତ୍ସା କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଛାତ୍ରୀଛାତ୍ର।

**ବଡ଼ଗାଁ, ୧୩।୯ (ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ କଲେଜ ପରିସରରେ ଶନିବାର ପୂର୍ବାହ୍ନରେ ପ୍ରାରମ୍ଭିକ ଚିକିତ୍ସା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାକୁ କଲେଜ ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ। ବିଷୟ ବିଶାରଦ ଭାବେ ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଅବିନାଶ ପାଣିଗ୍ରାହୀ ଯୋଗଦେଇ ପ୍ରାରମ୍ଭିକ ଚିକିତ୍ସାର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭିକ ଚିକିତ୍ସା ଉପରେ ଅବଗତ ଥିଲେ ମୂଲ୍ୟବାନ ଜୀବନ ବଞ୍ଚାଇ ହେବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ବିଷୟ ବିଶାରଦ ଭାବେ ସ୍ଥାନୀୟ ନର୍ସିଂ କଲେଜର ଅଧକ୍ଷା ସମାପିକା ରାଉତ ଯୋଗଦେଇଥିଲେ। ଘଟଣାସ୍ଥଳରେ ତତ୍‌କ୍ଷଣାତ ପ୍ରାରମ୍ଭିକ ଚିକିତ୍ସା ଆରମ୍ଭ ହେଲେ ରୋଗୀ, ପୀଡ଼ିତଙ୍କ ନିଶ୍ଚିତ ମୃତ୍ୟୁକୁ ଏଡାଇ ନେବା ସମ୍ଭବ ବୋଲି ସେ କହିଥିଲେ। ଯୁଥ ରେଡକ୍ରସର ସଂଯୋଜକ ଅଧାପକ ସୁଶାନ୍ତ ବିଶି ମଞ୍ଚ ପରିଚାଳନା କରିବା ସହିତ ଏଭଳି କାର୍ଯ୍ୟକ୍ରମ ସମାଜ ପାଇଁ ଅତ୍ୟନ୍ତ ଉପାଦେୟ ବୋଲି ମତ ପ୍ରକାଶ କରିଥିଲେ। କର୍ମଶାଳାରେ କଲେଜ ଅଧାପିକା ମାଳବିକା ସାମଲ, ଅଧାପକ ତାପସ କୁମାର କରଙ୍କ ସହିତ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶେଷରେ ଅଧାପକ ଲକ୍ଷ୍ମୀକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ

**ସୁନ୍ଦରଗଡ, ୧୩।୯ (ଜୟ ନାରାୟଣ ମେଣ୍ଢୁଲି)**




ଉପସ୍ଥିତ ଅତିଥିମାନେ।

ଜିଲା ଆଇନସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ ଜିଲା ଦୌରାଜଜ କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୫,୩୩୭ ଟି ମାମଲା ମଧ୍ୟରୁ ୩୨୫୯ର ବିଚାର କରାଯାଇ ମୋଟ ୧୭,୪୧,୮୬,୪୪୨.୨୦ଟଙ୍କା ଆଦାୟ ପାଇଁ ସମାଧାନ ହୋଇଛି। ଜିଲା ଦୌରାଜଜ ତଥା ଜିଲା ଆଇନସେବା ପ୍ରାଧିକରଣର ଅଧକ୍ଷ ଶିଖାରାଣୀ ରଥ ଓ ଜିଲା ଆଇନସେବା ପ୍ରାଧିକରଣର ସଚିବ ଡକ୍ଟର ରୀନତି ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ବିଭିନ୍ନ ମାମଲା ଗୁଡିକର ଫଇସଲା ହୋଇଥିଲା। ମୋଟ ୯୯୦୯ଟି ପ୍ରିଲିଟିଗେସନ ମାମଲା ମଧ୍ୟରୁ ୩୫୭ଟି ବ୍ୟାଙ୍କ ଋଣ ଆଦାୟ ମାମଲା, ୨ଟି ଶ୍ରମ ନିଯୁକ୍ତି ବିବାଦୀୟ ମାମଲା, ୧୬ଟି ସାର୍ବଜନୀନ ଉପଯୋଗିତା ସେବା (ସ୍ଥାୟୀ ଲୋକ ଅଦାଲତ ମାମଲା)୨୩୫ଟି ଆରଟିଓ, ୧୯ଟି ବିଏସ୍ଏନ୍ଏଲ୍ ଓ ୨୭୯ଟି ଟିପିଡବ୍ଲୁଓଡିଏଲର ମାମଲା ଫଇସଲା କରାଯାଇଥିଲା। ଏଥିରେ ସ୍ଥାୟୀ ଲୋକ ଅଦାଲତର ଅଧକ୍ଷ ଡ. ରାଧାକାନ୍ତ ମିଶ୍ର, ଅତିରିକ୍ତ ଜିଲା ଦୌରାଜଜ ଚିନ୍ମୟ ଗୋଚ୍ଛାୟତ, ସିଜେଏମ୍ ରଘୁନନ୍ଦନ ଦାସ, ସିନିୟର ସିଭିଲ ଜଜ୍ ସଞ୍ଜୟ କୁମାର ଶୁଭବ୍ରତ ଆଚାର୍ଯ୍ୟ, ସିନିୟର ସିଭିଲ ଜଜ୍ (ମହିଳା କୋର୍ଟ) ଶ୍ରଦ୍ଧା ମାନ୍ଦେଦିଆ, ଏସ୍‌ଡିଜେଏମ୍ ସୁକନ୍ୟା ଶତପଥୀ, ଜେଏମ୍ଏଫ୍‌ସି ପ୍ରତିଭା ଦାଶ, ଦିପ୍ତିମୟୀ, ରୋଜାଲିନ ଦାଶ ପ୍ରମୁଖ ମାମଲାଗୁଡିକ ବିଚାର କରିଥିଲେ।

# ରାସ୍ତାରେ ପଡ଼ିଲା ଗଛ, ଟ୍ରାଫିକ ଜାମ୍

**ବନ୍ଧମୁଣ୍ଡା, ୧୩।୯ (ସୁବ୍ରତ ଦେ)**



ଗଛ ରାସ୍ତା ଉପରେ ପଡ଼ିବା ଯୋଗୁ ଗାଡ଼ି ଅଟକି ରହିଛି।

ବିଶ୍ରା ସହରର ଫରେଷ୍ଟ ଗେଟ ନିକଟରେ ଶନିବାର ପୂର୍ବାହ୍ନ ୧୧ଟାରେ ହଠାତ୍ ଏକ ଆମ୍ବ ଗଛ ଭାଙ୍ଗି ରାସ୍ତା ମଝିରେ ପଡ଼ିଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ପ୍ରାୟ ଅଧ ଘଣ୍ଟା ପର୍ଯ୍ୟନ୍ତ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ସେହି ରାସ୍ତା ଦେଇ ଯାଉଥିବା ଲୋକେ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସ୍ଥାନୀୟ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଗଛର ଡାଳଗୁଡ଼ିକୁ କାଟି ରାସ୍ତାରୁ ହଟାଇ ଦେଇଥିଲେ। ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କଲେ ଆଶାକର୍ମୀ

**ଦରମା ପ୍ରଦାନରେ ବିଳମ୍ବ ପ୍ରତିବାଦ**

**ବନ୍ଧମୁଣ୍ଡା, ୧୩।୯ (ସୁବ୍ରତ ଦେ)**




ଆଶାକର୍ମୀମାନେ ତାଲା ପକାଇ ପ୍ରତିବାଦ କରୁଛନ୍ତି।

ଦରମା ପ୍ରଦାନରେ ବିଳମ୍ବ ଯୋଗୁ ଆଶାକର୍ମୀମାନେ ବିଶ୍ରା ବ୍ଲକ ପ୍ରୋଗ୍ରାମ ମ୍ୟାନେଜ୍‌ମେଣ୍ଟ ୟୁନିଟ୍ କାର୍ଯ୍ୟାଳୟର ମୁଖ୍ୟ ଦ୍ୱାରକୁ ତାଲା ପକାଇ ସରକାରୀ ହସ୍ପିଟାଲ ପରିସରରେ ଶନିବାର ଆନ୍ଦୋଳନ କରିଥିଲେ। କାର୍ଯ୍ୟାଳୟର ଅନେକ କର୍ମଚାରୀ ଭିତରେ ଫସି ରହିଥିଲେ। ଯାହାଫଳରେ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିଲା। ପ୍ରାପ୍ତ ସୂଚନା ଅନୁଯାୟୀ, ଆଶା କର୍ମୀମାନେ ସେମାନଙ୍କର ସମସ୍ୟା ନେଇ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଭେଟିବାକୁ ଚାହୁଁଥିଲେ। ମାତ୍ର ତାଙ୍କ ଅନୁପସ୍ଥିତି ଯୋଗୁ କ୍ରୋଧିତ ହୋଇପଡିଥିଲେ। ପ୍ରତିବାଦ କରୁଥିବା ଆଶା କର୍ମୀମାନେ କହିଛନ୍ତି ଯେ, ଡିସେମ୍ବର ୨୦୨୪ ପରଠାରୁ ସେମାନଙ୍କୁ ପୂର୍ଣ୍ଣ ଦରମା ମିଳିନାହିଁ। କିଛି ମାସ ଅଧା ଏବଂ କିଛି ମାସ ତା'ଠାରୁ କମ ଦରମା ଦିଆଯାଇଛି। ଗତ ୩ ମାସ ସେମାନଙ୍କୁ ଦରମା ମିଳିନାହିଁ। ଏଭଳି ପରିସ୍ଥିତିରେ ଆମେ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛୁ। ଦରମା ବିନା କାମ କରିବା କଷ୍ଟକର ହୋଇପଡୁଛି। ଏହି ଘଟଣା ଜଣାପଡିବା ପରେ ବିଶ୍ରା ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରକାଶ ସାହୁ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଆଶାକର୍ମୀଙ୍କ ସହ କଥା ହୋଇଥିଲେ। ଆଗାମୀ ଗୋଟିଏ ସପ୍ତାହ ମଧ୍ୟରେ ସମସ୍ତ ବକେୟା ଦରମା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା।

# ଏସ୍ୟୁ ଜ୍ଞାନର ଆଲୋକବର୍ତ୍ତିକା: ରାଜ୍ୟପାଳ

## ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୫ତମ ସମାବର୍ତ୍ତନ ଉତ୍ସବ

ସମ୍ବଲପୁର,୧୩।୯(ପ୍ରମୋଦ ବହିଦାର)

ସମ୍ବଲପୁର ବିଶ୍ୱବିଦ୍ୟାଳୟ(ଏସ୍ୟୁ) ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ। ଏହି ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ଦୃଢ଼ତା ଓ ଶିକ୍ଷାଗତ ଉତ୍କର୍ଷ ଏହାର ଅଟଳ ପ୍ରତିବଦ୍ଧତାର ପ୍ରମାଣ। ଜ୍ୟୋତିବିହାରସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ଏସ୍ୟୁର ୩୫ତମ ସମାବର୍ତ୍ତନ ଉତ୍ସବରେ ଅଧ୍ୟକ୍ଷତା କରି ରାଜ୍ୟପାଳ ତଥା କୁଳାଧିପତି ଡ. ହରିବାବୁ କମ୍ଭମପାଟି ଏହା କହିଛନ୍ତି।

ସମାବର୍ତ୍ତନ ଉତ୍ସବର ଶୁଭାରମ୍ଭ କରିବା ଅବସରରେ ସେ କହିଛନ୍ତି, ୧୯୬୭ ମସିହାରେ ପ୍ରତିଷ୍ଠା ହେବା ପରଠାରୁ ଏହି ଶିକ୍ଷାନୁଷ୍ଠାନ ଜ୍ଞାନର ଏକ ଆଲୋକବର୍ତ୍ତିକା ଭାବେ ସାମାଜିକ ତଥା ଆର୍ଥିକ ପରିବର୍ତ୍ତନ ପାଇଁ ପ୍ରେରଣାର ଉତ୍ସ ସାବ୍ୟସ୍ତ ହୋଇଛି। ସାମ୍ପ୍ରତିକ ସମୟରେ ଏହି ବିଶ୍ୱବିଦ୍ୟାଳୟ ଶିକ୍ଷା ଓ ଗବେଷଣାକୁ ସଶକ୍ତକରି ନବସୃଜନକୁ ଗୁରୁତ୍ୱ ତଥା ଅନୁସନ୍ଧାନକୁ ପ୍ରୋତ୍ସାହିତ କରିଛି। ଏହା ଭାରତକୁ ପ୍ରଯୁକ୍ତିବିଦ୍ୟା, ନବସୃଜନ, ସ୍ୱାସ୍ଥ୍ୟସେବା, ମହାକାଶ ଅନୁସନ୍ଧାନ ଓ ବିଶ୍ୱସ୍ତରୀୟ ଶିକ୍ଷାରେ ବିଶ୍ୱଗୁରୁ ସାବ୍ୟସ୍ତ ହେବାରେ ସହାୟକ ହେବ। ପରିବର୍ତ୍ତନକାରୀ ଢାଞ୍ଚାଭାବେ ଭାରତର ଶିକ୍ଷା ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ ଶିକ୍ଷାର ସମକକ୍ଷ କରିବା ଲକ୍ଷ୍ୟରେ ଲାଗୁ କରାଯାଇଛି। ଏହି ନୂତନ ଶିକ୍ଷାନୀତି ଶିକ୍ଷା କ୍ଷେତ୍ରରେ ମୂଳଦୁଆକୁ ସୁଦୃଢ଼ କରିବ ଓ ଭବିଷ୍ୟତର ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରାଜ୍ୟପାଳ କହିଛନ୍ତି।



ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ଶିକ୍ଷାକ୍ଷେତ୍ରରେ ସମ୍ବଲପୁର ରାଜଧାନୀ ଭୁବନେଶ୍ୱରଠାରୁ କୌଣସି ଗୁଣରେ କମ୍ ନୁହେଁ। ଭୁବନେଶ୍ୱର ଓ ସମ୍ବଲପୁରରେ ସମାନ ସଂଖ୍ୟକ ୭ଟି ଲେଖାଏ ଜାତୀୟ ଓ ରାଜ୍ୟସ୍ତରୀୟ ଶିକ୍ଷାନୁଷ୍ଠାନ ରହିଛି। ଆଗକୁ ସମ୍ବଲପୁରକୁ ଶିକ୍ଷାକ୍ଷେତ୍ରରେ ଆହୁରି ବିକଶିତ କରିବାକୁ

### କ୍ୱାଣ୍ଟମ୍ କମ୍ପ୍ୟୁଟର ଶିକ୍ଷା ଉପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଗୁରୁତ୍ୱ

ଯୋଜନା କରାଯାଉଛି। ଓଡ଼ିଶାର ରାଜ୍ୟପାଳ ନିଜେ ଜଣେ ଶିକ୍ଷକ, ତେଣୁ ଏଥିପାଇଁ ସେ ଉଦ୍ୟମ ଆରମ୍ଭ କରିଛନ୍ତି। ସେ ରାଜ୍ୟର ତିନିମନ୍ତ୍ରୀଙ୍କ ସହ ଆଲୋଚନା କରି ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ପାଇଁ କ୍ୱାଣ୍ଟମ କମ୍ପ୍ୟୁଟର ଶିକ୍ଷାର ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଛନ୍ତି। ଓଡ଼ିଶାକୁ ଏକବିଂଶ ଶତାବ୍ଦୀରେ ଆଗକୁ ନେବାକୁ ହେଲେ ଶିକ୍ଷାପଦ୍ଧତିକୁ ଆହୁରି ଗୁଣାତ୍ମକ କରିବାକୁ ପଡ଼ିବ। ଏହି ଅବସରରେ ସେ ସୂଚନା ଦେଇ କହିଥିଲେ, ପିଏମ୍-ଉଷା ଯୋଜନାରେ ସାମିଲ କରାଯାଇଥିବା ରାଜ୍ୟର ୪ଟି ଶିକ୍ଷାନୁଷ୍ଠାନ ମଧ୍ୟରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅନ୍ୟତମ। ଏହି ଯୋଜନାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ୧୦୦ କୋଟି ଟଙ୍କାର ରାଶି ମଞ୍ଜୁର କରାଯାଇଛି। ଅନୁରୂପ ଭାବେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ଏହାର ଭିତ୍ତିଭୂମି ବିକାଶ ପାଇଁ ୪୭ କୋଟି ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସୂଚନା ଓ ପ୍ରଯୁକ୍ତି ପ୍ରତିଷ୍ଠାନର ବିକାଶ ପାଇଁ ୧୦କୋଟି ଏହିପରି ମୋଟ ୧୫୭ କୋଟି ଟଙ୍କା ଦିଆଯାଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଉତ୍ସବରେ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ, ଦକ୍ଷତା ଓ ବୈଷୟିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ବିଧାୟକ ଜୟନାରାୟଣ ମିଶ୍ର ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଭୁ ଭୂଷଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଡ. ଶୁଭଦୀପ ଗାଙ୍ଗୁଲିଙ୍କୁ ବାୟୋଟେକ୍ନୋଲୋଜିରେ ଡକ୍ଟର ଅଫ୍ ସାଇନ୍ସ, ଡ. ରାକେଶ କୁମାର ବିଶିଙ୍କୁ ଓଡ଼ିଆରେ ଡକ୍ଟର ଅଫ୍ ଲିଟରେଚର(ଡିଲିଟ୍) ଉପାଧି ପ୍ରଦାନ କରାଯାଇଥିଲା। ଏହା ସହ ବିଜ୍‌ନେସ ଷ୍ଟଡିଜ୍ ଆଣ୍ଡ ମ୍ୟାନେଜମେଣ୍ଟ, ହ୍ୟୁମାନିଟିଜ୍ ଆଣ୍ଡ ସୋସିଆଲ ସାଇନ୍ସ, ଲିଗାଲ ଷ୍ଟଡିଜ୍, ମେଡିକାଲ ସାଇନ୍ସ, ପେଡାଗୋଗିକାଲ ସାଇନ୍ସ ଓ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଆଦି ବିଷୟରେ ଗବେଷଣା ପାଇଁ ୧୦୨ଜଣଙ୍କୁ ପି,ଏଚ୍‌ଡି. ଉପାଧି, ଶିକ୍ଷାରେ ଉତ୍କର୍ଷ ପାଇଁ ବିଭିନ୍ନ ବିଭାଗରେ ୩୯ ଛାତ୍ରୀଛାତ୍ରଙ୍କୁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣପଦକ, ୨୦ ଜଣଙ୍କୁ ଡୋନେଟେଡ୍ ସ୍ୱର୍ଣ୍ଣ ପଦକ, ଓସାନି ପୁରସ୍କାର ସହିତ ଇଂଲିଶ ଓ ଓଡ଼ିଆ ବକ୍ତୃତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# କୁଆଡ଼େ ଗଲା ବିଶ୍ୱବିଦ୍ୟାଳୟରେ ହକି ଷ୍ଟାଡିୟମ

ସମ୍ବଲପୁର,୧୩।୯(ଭବାନୀ ଶଙ୍କର ଭୋଇ)

### ଗୋଟିଏ ଢୀରରେ ସରକାର, ବିରୋଧୀଙ୍କୁ ଟାର୍ଗେଟ

ସମ୍ବଲପୁର ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ଏବଂ ସରକାରଙ୍କ ମନ୍ତ୍ରୀମାନଙ୍କ ଉପସ୍ଥିତିରେ ଶନିବାର ସମ୍ବଲପୁର ବିଧାୟକ ଜୟନାରାୟଣ ଯୋଗ ଦେଇଥିଲେ। ଉତ୍ସବରେ ବିଶ୍ୱବିଦ୍ୟାଳୟର ପରିସରରେ ଏକ ମିନି ହକି ଷ୍ଟାଡିୟମ ନିର୍ମାଣ କରାଯିବାର ପ୍ରତିଶ୍ରୁତି ପାଳନ ହୋଇ ନ ଥିବା ସେ କହିଥିଲେ। ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ହକି ଖେଳରେ ସର୍ବଭାରତୀୟସ୍ତରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ତେବେ ପୂର୍ବ ବିଜେଡି ସରକାର ଏଭଳି ଘୋଷଣା କରି ଶୀତଳ ଭଣ୍ଡାରରେ ରଖିଦେଲେ। ତେବେ ଜୟନାରାୟଣ ଏହି ପ୍ରସଙ୍ଗ ଉଠାଇ ସିଧାସଳଖ ବିଜେଡି ସରକାରଙ୍କୁ ଟାର୍ଗେଟ କରି କିଭଳି ଅନେକ ପ୍ରକଳ୍ପକୁ କେବଳ ଘୋଷଣାରେ ସୀମିତ ରଖି ଭୁଆଁ ବୁଲାଉ ଥିଲା ତାହା ମନେ ପକାଇ ଦେଇଥିଲେ। ତେବେ ଏହି ପ୍ରସଙ୍ଗ ଉଠାଇ ସେ ନିଜ ସରକାରକୁ ମଧ୍ୟ ହରଣ ଘଣାରେ ପକାଇବାକୁ ପଛାଇ ନ ଥିଲେ। କାରଣ ସରକାରକୁ ଆସିବାର ଦେଢ଼ ବର୍ଷ ପରେ ସେ ଏହି ପ୍ରକଳ୍ପ ଅବିଳମ୍ୱେ ହେବା ନେଇ ମଧ୍ୟ ଦାବି କରିଥିଲେ। ତେବେ ଜୟନାରାୟଣ ସମାବର୍ତ୍ତନ ଉତ୍ସବରେ ହକି ଷ୍ଟାଡିୟମ ନିର୍ମାଣ ପ୍ରସଙ୍ଗ ମନେ ପଡ଼ିବା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ଜିଲ୍ଲା ବିଜେଡି ସଭାପତି ଇଂ.ରୋହିତ ପୁଜାରୀ ଏକ ପ୍ରେସ ବିବୃତିରେ କହିଛନ୍ତି। ବିଧାୟକ ତଥା ସରକାରଙ୍କ ଆନ୍ତରିକତା ଥିଲେ ଏପର୍ଯ୍ୟନ୍ତ ହକି ଷ୍ଟାଡିୟମ ନିର୍ମାଣ ହୋଇ ସାରିଥାନ୍ତା। ଭାଜପା ସରକାର ସମ୍ବଲପୁର ଜିଲ୍ଲାର ଶିକ୍ଷାନୁଷ୍ଠାନ ଗୁଡ଼ିକର ବିକାଶ ପ୍ରତି ଆଖି ବନ୍ଦ କରିଦେଇଛନ୍ତି ବୋଲି ସେ କହିଛନ୍ତି।

# ଦିଲ୍ଲୀ ପବ୍ଲିକ ସ୍କୁଲ ଚାମ୍ପିୟନ


ଚାମ୍ପିୟନ ଦଳ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛି।

ସମ୍ବଲପୁର,୧୩।୯(ବି.ଶଙ୍କର)

### ସୈରେନ୍ଦ୍ରୀ ନାୟକ ଆନ୍ତଃ ବିଦ୍ୟାଳୟ ଫୁଟବଲ

ସମ୍ବଲପୁର ଜିଲ୍ଲା ମାଷ୍ଟର୍ସ ଆଥଲେଟିକ ଆସୋସିଏଶନ ଆୟୋଜିତ ୨୬ତମ ସୈରେନ୍ଦ୍ରୀ ନାୟକ ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶନିବାର ସନ୍ଧ୍ୟାରେ କାର୍ଙ୍ଗିଲ ନିକଟସ୍ଥ ସିଂହପାଲି ଖେଳ ପଡ଼ିଆରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଚନ୍ଦ୍ରଶେଖର ବେହେରା ଜିଲ୍ଲାସ୍କୁଲ ବନାମ ଦିଲ୍ଲୀ ପବ୍ଲିକ ସ୍କୁଲ ମଧ୍ୟରେ ହୋଇଥିଲା। ଦିଲ୍ଲୀ ପବ୍ଲିକ ସ୍କୁଲ ଦଳ ୪-୦ ଗୋଲରେ ଏକତରଫା ବିଜୟୀ ହୋଇ ଚଳିତବର୍ଷର ଚାମ୍ପିୟନ ଟ୍ରଫି ହାସଲ କରିଛି। ସଂଘ ସଭାପତି ଗୋକୁଳ ଚନ୍ଦ୍ର ବର୍ଦ୍ଧଙ୍କ ପରିଚାଳନା ଓ ସାଧାରଣ ସମ୍ପାଦକ ଜେଆରସି ପୁରୋହିତଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ନାଉରୀ ନାୟକ ଓ ପ୍ରଫୁଲ୍ଲ ପ୍ରଧା ସମ୍ମାନୀତ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସଂଘର ସଭ୍ୟ ଭବାନୀ ଶଙ୍କର ମିଶ୍ର ଓ ବଦ୍ରୀନାରାୟଣ ପୁରୋହିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପ୍ରୁନାଲ ଭୁଏ ଶ୍ରେଷ୍ଠ ଗୋଲ ରକ୍ଷକ, ଓମ ପ୍ରକାଶ ଡନସନା ମ୍ୟାନ ଅଫ ଦ ମ୍ୟାଚ, ସିଦ୍ଧାନ୍ତ ନାୟକ ମ୍ୟାନ ଅଫ ଦ ଟୁର୍ଣ୍ଣାମେଣ୍ଟ ଏବଂ କାଇଁଶିର ଦଳକୁ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ପୁରସ୍କୃତ କରାଯାଇଥିଲା।

# ପରିବର୍ତ୍ତନଶୀଳ ଜଳବାୟୁ କାର୍ଯ୍ୟକ୍ରମ

ନାକଟିଦେଉଳ,୧୩।୯(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ବାରଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ଓ ପରିବର୍ତ୍ତନଶୀଳ ଜଳବାୟୁ ଉପରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ରମେଶ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ହୋଇଥିଲା। ଏଥିରେ ଉଭୟ ପ୍ରଥମ ଏବଂ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ସହିତ ଅଧ୍ୟାପକ ଶରତ କୁମାର ଶତପଥୀ, ପ୍ରଫୁଲ୍ଲ ପ୍ରଧାନ, ମହେନ୍ଦ୍ର ବେହେରା, ଅଧ୍ୟାପିକା ସୁବାଷିନୀ ବେହେରା ଏବଂ ଖେଳ ଶିକ୍ଷକ ଭବରଞ୍ଜନ ଧଳ ଯୋଗ ଦେଇଥିଲେ। ଅଧ୍ୟାପକ ପତିତ ମହାନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟକ୍ଷ ରମେଶ କୁମାର ଅଗ୍ରୱାଲ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ଓ ପରିବର୍ତ୍ତନଶୀଳ ଜଳବାୟୁର ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ବର୍ଷ ଛାତ୍ର ଓମ୍ ସାହୁ, ଛାତ୍ରୀ ସଙ୍ଗୀତା ସାହୁ, ତେଜି ଦେହୁରୀ ଏବଂ ସୁଭଦ୍ରା ସାହୁ ପ୍ରାଥମିକ ଚିକିତ୍ସା ଆମକୁ ଜୀବନ ବଞ୍ଚାଇବାର ଶକ୍ତି ଦେଇଛି ଓ ଜଳବାୟୁ ପୃଥିବୀକୁ ବଞ୍ଚାଇବାର ସୁଯୋଗ ଦେଉଛି ବୋଲି ମତବ୍ୟକ୍ତ କରିଥିଲେ। ଖେଳ ଶିକ୍ଷକ ଭବରଞ୍ଜନ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।


ବାରଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ।

# ଆତ୍ମହତ୍ୟା କୌଣସି ସମସ୍ୟାର ସମାଧାନ ନୁହେଁ


ଛାତ୍ରୀଛାତ୍ରମାନେ ସଚେତନତା ପୋଷ୍ଟର ପ୍ରଦର୍ଶନ କରୁଛନ୍ତି।

ସମ୍ବଲପୁର,୧୩।୯(ବି.ଶଙ୍କର)

### ଜିଏମ୍‌ୟୁରେ ବିଶ୍ୱ ଆତ୍ମହତ୍ୟା ନିରୋଧ ସପ୍ତାହ

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ମନସ୍ତତ୍ତ୍ୱ ବିଭାଗ ଆୟୋଜିତ ବିଶ୍ୱ ଆତ୍ମହତ୍ୟା ନିରୋଧ ସପ୍ତାହ ଶନିବାର ପାଳିତ ହୋଇଯାଇଛି। ମନସ୍ତତ୍ତ୍ୱ ବିଭାଗ ବିଭାଗୀୟ ମୁଖ୍ୟ ଡ.ସଂଯୁକ୍ତା ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହକାରୀ ଅଧ୍ୟାପିକା ଡ.ରୂପଶ୍ରୀ ଗୋସ୍ୱାମୀ, ଡ.ରୂପଶ୍ରୀ ବ୍ରହ୍ମକୁମାରୀ, ପୁଷ୍ପା ହେମ୍ବ୍ରମ, ଅତିଥି ଅଧ୍ୟାପକ ଡ.ମନୋରଞ୍ଜନ ତ୍ରିପାଠୀ ଓ ଶଶୀଭୂଷଣ ଦୋରା ଉପସ୍ଥିତ ଥିଲେ। ପ୍ରଯୋଗଶାଳା ସହକାରୀ ସନ୍ତୋଷ କୁମାର ସାହୁ, ସହାୟିକା ସୁଶ୍ରୀ ସଙ୍ଗୀତା ବେହେରା ସକ୍ରିୟଭାବେ ଯୋଗଦେଇଥିଲେ। ଏହି ଅବସରରେ ଏକ ଆଲୋଚନାଚକ୍ର ହୋଇଥିଲା। ଆଲୋଚନାଚକ୍ରରେ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମନସ୍ତତ୍ତ୍ୱବିତ ସୁନିତା ମିଶ୍ର ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଆତ୍ମହତ୍ୟା କିଭଳି ଏକ ବ୍ୟାଧି ଏବଂ ଏହାକୁ କିପରି ଭାବେ ଟାଳି ଦେଇହେବ ସେ ବିଷୟରେ ଆଲୋଚନା କରିଥିଲେ। ସେହିପରି ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସପ୍ତାହବ୍ୟାପି ତର୍କ ଓ ବକ୍ତୃତା, ସାଧାରଣ ଜ୍ଞାନ ପରୀକ୍ଷା, ପଥପ୍ରାନ୍ତ ନାଟକ, ପ୍ଲାକାର୍ଡ ଶୋଭାଯାତ୍ରା, ପୋଷ୍ଟର ପ୍ରସ୍ତୁତ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ର, କର୍ମଚାରୀଙ୍କୁ ଆତ୍ମହତ୍ୟାର ଭୟାବହତା ସମ୍ପର୍କରେ ସଚେତନ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗ ଏବଂ କାର୍ଯ୍ୟାଳୟକୁ ଯାଇ ସଚେତନ କରିଥିଲେ। ଆତ୍ମହତ୍ୟା କୌଣସି ସମସ୍ୟାର ସମାଧାନ ନୁହେଁ ବରଂ ଏହା ଅନେକ ସମସ୍ୟାର କାରଣ ବୋଲି ସଚେତନ କରାଯାଇଥିଲା। ମନରେ କୌଣସି ହତାଶ ଭାବ ଆସିଲେ ଛାତ୍ରୀଛାତ୍ରମାନେ ବିଚଳିତ ନହୋଇ ବରଂ ଅନ୍ୟର ସାହାଯ୍ୟ ସହଯୋଗ ଲୋଡ଼ିଲେ ସମସ୍ୟା କିଛିମାତ୍ରାରେ ସମାଧାନ ହୋଇ ପାରବ ବୋଲି ଅଧ୍ୟାପିକା ଅଧ୍ୟାପକମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ପଢ଼ଙ୍ଗ ଅନୁଷ୍ଠାନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ବିଶ୍ୱ ପ୍ରାଥମିକ ଉପଚାର ଦିବସ

ସମ୍ବଲପୁର,୧୩।୯(ବି.ଶଙ୍କର)

ବିଶ୍ୱ ପ୍ରାଥମିକ ଉପଚାର ଦିବସ ସମ୍ବଲପୁର ସହରସ୍ଥିତ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୁଷ୍ପାଞ୍ଜଳି ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟ ଜେଆରସି କାଉନସେଲର ପଙ୍କଜିନୀ ନାୟକ ଛାତ୍ରୀଛାତ୍ରମାନଙ୍କୁ ଏହି ଦିବସର ବିଶେଷତ୍ୱ ବିଷୟରେ ଅବଗତ କରାଇଥିଲେ। ଏଥିସହ ଦୁର୍ଘଟଣା ସମୟରେ ରକ୍ତସ୍ରାବ, ଅସ୍ଥିଭଙ୍ଗ, ସିପିଆର, ସର୍ପ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସୁରକ୍ଷା ପ୍ରଦାନ ପ୍ରଭୃତି ବିଷୟରେ ଆଲୋକପାତ କରିଥିଲେ। ଶିଶୁ ସୁରକ୍ଷା, ମହିଳା ସୁରକ୍ଷା, ବିଦ୍ୟାଳୟର ଛାତ୍ରୀମାନଙ୍କ ସୁରକ୍ଷା ଏବଂ ଦୁର୍ଘଟଣାଗ୍ରସ୍ତ ଲୋକମାନଙ୍କର ସୁରକ୍ଷା ନିମନ୍ତେ ବ୍ୟବହୃତ ଜରୁରୀକାଳୀନ ନମ୍ବର ବିଷୟରେ ଅବଗତ କରାଇଥିଲେ। ଶିକ୍ଷୟିତ୍ରୀ ଅନୁଭିନ୍ଦା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂତନ ପଞ୍ଚାୟତ ଗଠନ ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର

କୁଚିଣ୍ଡା,୧୩।୯(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଡେଲିଡିଲେଇମାଲ ପଞ୍ଚାୟତକୁ ବିଭାଜନ କରି ଏକ ନୂତନ ପଞ୍ଚାୟତ ଗଠନ ପାଇଁ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ କୁଚିଣ୍ଡା ଗସ୍ତ ଅବସରରେ ଶୁକ୍ରବାର ସାକ୍ଷାତକରି ଅଞ୍ଚଳବାସୀ ଦାବିପତ୍ର ପ୍ରଦାନ କରିଛନ୍ତି। ଭୌଗୋଳିକ ସ୍ଥିତି, ରାଜସ୍ୱ ଗ୍ରାମ ଏବଂ ଲୋକସଂଖ୍ୟା ଦୃଷ୍ଟିକୋଣରୁ ଡେଲିଡିଲେଇମାଲ ପଞ୍ଚାୟତର ଆୟତନ ବଡ଼ ହୋଇଥିବାରୁ ଏହା ବିଭାଜନ କରି ନୂତନ ଗ୍ରାମପଞ୍ଚାୟତ ଗଠନ ପାଇଁ ୯ ଗ୍ରାମବାସୀ ଦାବି ଜଣାଇଛନ୍ତି। ନୂତନ ପଞ୍ଚାୟତ ଗଠନ ହେଲେ ସମସ୍ତ ଗ୍ରାମର ସମନ୍ୱରତା ସହ ମିଳୁଥିବା ବିଭିନ୍ନ ମୌଳିକ ସୁବିଧା ଏବଂ ସରକାରୀ ଯୋଜନା ଗୁଡିକ ଜନସାଧାରଣଙ୍କ ନିକଟରେ ଓ ସହଜ ହୋଇପାରିବ ବୋଲି ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଯେହେତୁ ଲାଇବାଗୁଣା ଗ୍ରାମର ପାଣିଛତ୍ର କୁଚିଣ୍ଡା-କୁମୁଣ୍ଡା ମୁଖ୍ୟ ରାସ୍ତା ଉପରେ ଥିବାରୁ ଏଠାରେ ପ୍ରସ୍ତାବିତ ନୂତନ ପଞ୍ଚାୟତ ମୁଖ୍ୟାଳୟ ହେଲେ ସୁବିଧା ଓ ସମସ୍ତଙ୍କ ପାଇଁ ସହଜ ହେବ ବୋଲି ମନ୍ତ୍ରୀଙ୍କୁ ଜଣାଇଛନ୍ତି। ଲୋକାଭିଯୋଗ୍ୟ, ରାଜ୍ୟ ସରକାର ଅଧିକ ଜନସଂଖ୍ୟା ବିଶିଷ୍ଟ ପଞ୍ଚାୟତକୁ ବିଭାଜନ କରି ନୂତନ ପଞ୍ଚାୟତ ଗଠନ ନିମନ୍ତେ ଯୋଜନା ରଖିଥିବା ଦୃଷ୍ଟିରୁ ସମସ୍ତ ସରକାରୀ ନିୟମ ଅନୁସାରେ ପାଣିଛତ୍ର ଉପଯୁକ୍ତ ସ୍ଥାନ ବୋଲି ସେମାନେ ଦର୍ଶାଇଛନ୍ତି। ଦାବିପତ୍ର ଗ୍ରହଣ କରି ମନ୍ତ୍ରୀ ନାଏକ ସରକାରୀ ଗାଇଡ୍ ଲାଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରସ୍ତାବିତ ନୂତନ ପଞ୍ଚାୟତ ହେଲେ ଲଇଡାଗୁଣା, ଡନସାନଡିହି, ବୁରୋଡ଼ିହି, ଅର୍ଜୁନଡିହି, ଓରାମ ନିଶ୍ଚିମାଲ,କାଞ୍ଚନ ପଡ଼ିଆ, ମଦନମୋହନପୁର, ଜାଲିବାହାଲ ଓ ବ୍ରାହ୍ମଣମରା ଆଦି ପ୍ରମୁଖ ରାଜସ୍ୱ ଗ୍ରାମର ପ୍ରାୟ ୨୪ଶହ ଜନସାଧାରଣ ଉପକୃତ ହୋଇପାରିବେ। ଦାବିପତ୍ର ପ୍ରଦାନ ସମୟରେ ବୃନ୍ଦାବନ ମାଝୀ, କପିଳ ବାଘ, ମଦନମୋହନ ଭଞ୍ଜ, ବିଷ୍ଣୁଚରଣ ଅଗ୍ରୱାଲ, ମୁରଲୀ ମାଝୀ, ଭିକାରୀ ପୁରୋହିତ, ନଟରାଜ କିଷାନ, ଭିକାରୀ ପୁଷେଠ, ସାଗର ନାଏକ, ପ୍ରମୋଦ ମାଝୀ, ଜଳେନ ଲୁହୁର, ଅକ୍ଷୟ ଛତ୍ରିଆ, ଦୁବରାଜ କିଷାନ, ଉମେଶ ଠାକୁର, ପ୍ରମୋଦ କିଷାନ,ଗୌତମ ନାଏକ, ଅଲବିସ ମୁଣ୍ଡା, ମକରଧ୍ୱଜ ଖଟ୍ଟର, ଲୁକ୍ରିଶୀ ଅଡ଼ା, ସର୍ଣ୍ଣଲତା ଅଡ଼ା, ଦିଲୀପ ଭର୍ଣ୍ଣାଗଳ ସମେତ ବହୁସଂଖ୍ୟକ ଜନସାଧାରଣ ଉପସ୍ଥିତ ଥିଲେ।


ମନ୍ତ୍ରୀ ରବିନାରାୟଣ ନାଏକ ଦାବିପତ୍ର ଗ୍ରହଣ କରୁଛନ୍ତି।

# ୨୨ରୁ ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ

ସମ୍ବଲପୁର,୧୩।୯(ବି.ଶଙ୍କର)

ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ସମିତି ଆୟୋଜନରେ ଚଳିତ ମାସ ୨୨ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ସମ୍ବଲପୁର ଅଇଁଠାପାଲି ନିକଟ ପିଏଚ୍‌ଡି ପଡ଼ିଆରେ ଉତ୍ସବ ହେବ। ଉତ୍ସବରେ ଦଶଦିନ ବ୍ୟାପି ରାମଲୀଳା ମଞ୍ଚସ୍ଥ ହେବ। ପୁରୁଷୋତ୍ତମ ଶ୍ରୀରାମ ଜନ୍ମରୁ ରାବଣବଧ ପର୍ଯ୍ୟନ୍ତ ସମସ୍ତ ଦୃଶ୍ୟ ମଞ୍ଚରେ ପରିବେଷଣ କରାଯିବ। ଦିଲ୍ଲୀରୁ ଆସୁଥିବା ଲବକୁଶ ଟିମର କଳାକାରମାନେ ଓଡ଼ିଶା ଓ ସମ୍ବଲପୁର ମାଟିରେ ପ୍ରଥମ ଥର ପାଇଁ ରାମଲୀଳା ପରିବେଷଣ କରିବେ। ଏହି ଟିମରେ ଦେଶର ବହୁ ପ୍ରତିଷ୍ଠିତ କଳାକାର ସାମିଲ ଅଛନ୍ତି। ଏହାକୁ ଦୃଷ୍ଟିରେ ରଖି ମହୋତ୍ସବ ଆୟୋଜନ କମିଟି ସମସ୍ତ ପ୍ରକାର ପ୍ରସ୍ତୁତିରେ ଲାଗି ପଡ଼ିଛି। ସମ୍ବଲପୁର ଭିଏସ୍‌ଏସ ମାର୍ଗ ସ୍ଥିତ ଶୀଲା ଟାୱାର ସଭାକକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ଏହି ସୂଚନା ଦେଇଛନ୍ତି। ଆୟୋଜନ ସମିତି କର୍ମକର୍ତ୍ତାମାନେ ଆହୁରି କହିଥିଲେ ଏହି ଅବସରରେ ପ୍ରତ୍ୟେହ ସନ୍ଧ୍ୟାରୁ ଦିଲ୍ଲୀରୁ ଆସିବା କଳାକାରମାନେ ଅଇଁଠାପାଲିସ୍ଥିତ ପିଏଚ୍‌ଡି ପଡ଼ିଆର ମଞ୍ଚରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ସ୍ଥିର



ଖବରଦାତା ସମ୍ମିଳନୀରେ ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ସମିତି କର୍ମକର୍ତ୍ତା ସୂଚନା ଦେଉଛନ୍ତି।

■ ୭ଦିନ ବ୍ୟାପୀ ହେବ ରାମଲୀଳା
■ ଶ୍ରୀରାମଙ୍କ ଶୋଭାଯାତ୍ରାରେ ୨ଶହ କଳାକାର ସାମିଲ ହେବେ

ହୋଇଛି। ସେହିପରି ପଡିଆ ପରସରରେ ଶହେ ଫୁଟ ଉଚ୍ଚତାର ରାବଣ ପ୍ରତିକୃତି ନିର୍ମାଣ ପାଇଁ ପଶ୍ଚିମବଙ୍ଗରୁ କାରିଗର ଆସିଛନ୍ତି। ଏଥିସହ ମହୋତ୍ସବରେ ମୁଖ୍ୟ ଆକର୍ଷଣ ଆତସବାଜି ରଖାଯାଇଛି। ତେଣୁ ରାଜ୍ୟ ତଥା ରାଜ୍ୟ ବାହାରୁ ଯଥା କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଯାଜପୁର, ଗୁଜୁରାଟ, ନାଗପୁର, ପଶ୍ଚିମବଙ୍ଗର ଦୀଘାରୁ ବିଶେଷ କାରିଗର ଆସିବା ପାଇଁ ସ୍ଥିର ହୋଇଛି। ସେହିପରି ଅନ୍ୟତମ ଆକର୍ଷଣ ହେଉଛି ବିଜୟା ଦଶମୀର ଶ୍ରୀରାମଙ୍କ ଶୋଭାଯାତ୍ରା। ଏହି ଶୋଭାଯାତ୍ରାରେ ପ୍ରାୟ ୨ଶହ କଳାକାରମାନେ ବାନର ସେନା ଓ ଦେବାଦେବୀ ବେଶରେ ସଜ୍ଜିତ ହୋଇ ସାମିଲ ହେବେ ଏଥିସହ ଛତିଶଗଡ଼ର ବ୍ରାସ ବ୍ୟାଣ୍ଡ ମଧ୍ୟ ଭଜନରେ ଆକୃଷ୍ଟ କରିବ। ମଞ୍ଚରେ ପ୍ରତିଦିନ କାର୍ଯ୍ୟକ୍ରମ ଆରମ୍ଭ ଓ ଶେଷ ସମୟରେ ଶ୍ରୀରାମଙ୍କ ଆରତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ସମିତି ସଭାପତି ଗିରୀଶ ପଟେଲ, ଉପଦେଷ୍ଟା କାର୍ତ୍ତିକ ପ୍ରସାଦ ବହିଦାର, ସତ୍ୟନାରାୟଣ ପଣ୍ଡା, ପଣ୍ଡିତ ଅମରନାଥ ମିଶ୍ର, ସାମାଜିକ ଖଟାଲ, ବୁଲୁ ବିଶ୍ୱାଳ, ଅଜୁନ ମିଶ୍ର, କାର୍ଯ୍ୟକ୍ରମ ମୁଖ୍ୟ ସଂଯୋଜକ ସରୋଜ ଘଡ଼ାଇ, ସାଧାରଣ ସମ୍ପାଦକ ଗିରିଜା ଶଙ୍କର ସାହୁ, ଗୁରୁ ମହାନ୍ତି, ମିଡ଼ିଆ ପ୍ରଭାରୀ ଦେବାଶିଷ ପୁରୋହିତ, ଚିତରଞ୍ଜନ ପଣ୍ଡା, ଅନୁପ ବହୁଗୁଣା, ଜୟନ୍ତ ସାହୁ, ଦଶରଥ ମେହେର, ମନୋଜ ସାହୁ, ସମୀର ଲୁହା, ସଞ୍ଜୟ ଖଡିଆ, ମନିଷ ଖଡ଼ିଆ ଉପସ୍ଥିତ ଥିଲେ।

# କନ୍ଧମାଳ ଅଞ୍ଚଳରେ ୟୁରିଆ ସାର ଅଭାବ

## ଶୋଷଣର ଶିକାର ହେଉଛନ୍ତି ଚାଷୀ

ଖୁଣ୍ଟିଗୋରା,୧୩।୯(ମକରନ୍ଦ ସାହୁ)

ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଅଞ୍ଚଳରେ ବର୍ତ୍ତମାନ ସାରର ଅଭାବ ଦେଖାଦେଇଛି। ଫଳରେ ଚଢ଼ାଦରରେ ସାର କିଣି ଚାଷୀ ଶୋଷଣର ଶିକାର ହେଉଛନ୍ତି। ଏହି ଅଞ୍ଚଳରେ ଅଧିକାଂଶ ଲୋକ କୃଷି ଉପରେ ନିର୍ଭରଶୀଳ। ଚାଷୀ ଧାର କରଜ କରି ଚାଷ କରିଥିବା ବେଳେ ସାର ପାଇଁ ପାକ୍ସକୁ ଦୌଡ଼ି ନୟାନ୍ତ ହେଉଛନ୍ତି। ଚାଷୀର କଷ୍ଟ କ'ଣ ସରକାର ଜାଣିପାରୁନାହାନ୍ତି ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। ଏପରି କି କିଛି ରିଟେଲର ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟସ୍ଥିକାରେ ସାର ଦୁର୍ନୀତି ବଢୁଥିବା ବେଳେ ନିରୀହ ଚାଷୀ ମୁଣ୍ଡରେ ହାତ ଦେଇ ବସିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ଧାନ ଚାଷ ପାଇଁ ସାର ପକାଇବାର ଉପଯୁକ୍ତ ସମୟ। ହେଲେ ସାର ନ ପାଇ ନିରାଶ ହେଉଛନ୍ତି ଚାଷୀ। ୫୦ କେଜି ୟୁରିଆ ସାରର ମୂଲ୍ୟ ୨୬୬ ସହ ଟଙ୍କା ରହିଥିବା ବେଳେ ଅଞ୍ଚଳରେ ୧୦୦୦ ଟଙ୍କାରୁ ଆରମ୍ଭ କରି ୧୨୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଏଥିପାଇଁ ପ୍ରଶାସନର ଚେତା ପଶୁଛି ନା ଜନପ୍ରତିନିଧିଙ୍କ ଚାଷୀଙ୍କ ପ୍ରତି ଆନ୍ତରିକତା ବଢୁଛି। ଅଞ୍ଚଳରେ ଦିନକୁ ଦିନ ସାରର କଳାବଜାରୀ ବଢୁଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ସାରର ଅଭାବୀ ବିକ୍ରି ନେଇ ଚାଷୀନେତାଠାରୁ ଆରମ୍ଭ କରି ଅନ୍ୟମାନେ ନୀରବଦ୍ରଷ୍ଟା ସାଜିଛନ୍ତି। ଚାଷୀଙ୍କୁ ଏକ ବସ୍ତା ସାର ପାଇଁ ଦିନ ତମାମ ପାକ୍ସରେ ଅପେକ୍ଷା କରିବାକୁ ପଡୁଛି ଓ ଶେଷରେ ସାର ସରିଗଲା ବୋଲି କୁହାଯାଉଛି। ଏଭଳି ଘଟଣା ବ୍ଲକର ବିଭିନ୍ନ ପାକ୍ସରେ ଦେଖିବାକୁ ମିଳୁଛି। ଧାନ ବିକ୍ରି ପାଇଁ ପଞ୍ଜୀକରଣ ନିୟମ ଅତ୍ୟନ୍ତ କଠୋର ହୋଇଥିବାରୁ ଅଞ୍ଚଳର ଅଧିକାଂଶ ଚାଷୀ ଏଥିରୁ ବାଦ ପଡ଼ିଛନ୍ତି। ଏପଟେ ସରକାର ଚାଷୀଙ୍କୁ ସାର,ଔଷଧ,ବିହନର କୌଣସି ଅସୁବିଧା ହେବନାହିଁ ବୋଲି ଡିଣ୍ଡିମ ପିଟୁଥିବା ବେଳେ ସମସ୍ତ ପ୍ରକାର ସୁବିଧାରୁ ବଞ୍ଚିତ ହେଉଛନ୍ତି ଅନେକ ଚାଷୀ। ଲୋକଙ୍କ ସରକାର ଲୋକଙ୍କ ସମସ୍ୟା ବୁଝିବାରେ ବିଫଳ ବୋଲି ଚାଷୀ ଏବଂ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ଯାହା ଫଳରେ କଳାବଜାରୀଙ୍କ ଠାରୁ ଚଢ଼ା ଦାମରେ ସାର କିଣିବାକୁ ଚାଷୀମାନେ ବାଧ୍ୟ ହେଉଛନ୍ତି। ଏନେଇ ଚାଷୀ ବିଭାଗୀୟ ଅଧିକାରୀଙ୍କ ଠାରେ ଅଭିଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଯଥାଶୀଘ୍ର ଚାଷୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଆବଶ୍ୟକ ପରିମାଣର ୟୁରିଆ ସାର ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

# ବୌଦ୍ଧରେ ରାଷ୍ଟ୍ରୀୟ ଲୋକ ଅଦାଲତ

## ୮୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ

ବୌଦ୍ଧ,୧୩।୯(ଅଜିତ କୁମାର ବାରିକ )




ଜିଲ୍ଲା ଦୌରାଜଜ୍‌ ମାମଲା ଫଇସଲା କରୁଛନ୍ତି।

ବୌଦ୍ଧ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ନ୍ୟାୟାଳୟ ପରିସରରେ ଶନିବାର ଦିନ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦୌରାଜଜ୍‌ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରତାପ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ୯୪୮ ଗୋଟି ବିଚାରାଧୀନ କେସ ଯଥା ମୋଟର ଦୁର୍ଘଟଣାଜନିତ, ପାରିବାରିକ ମାମଲା, ଦେୱାନୀ, ଫୌଜଦାରୀ ମକଦ୍ଦମା , ଗ୍ରାହକ ବିବାଦ ଓ ୫୩ ଗୋଟି ପ୍ରାକ୍ ମକଦ୍ଦମା ଆଦି ଫଇସଲା କରାଯାଇ ୮୭ ଲକ୍ଷ ୬୮ ହଜାର ୧୦ ଟଙ୍କା ଆଦାୟ କରାଯାଇଥିଲା। ଲୋକ ଅଦାଲତରେ ସିଜେଏମ ନିରଞ୍ଜନ ପାତ୍ର, ସବଜଜ୍‌ ଅନୁଶିଳା ରୋଏ, ଆଇନ ପ୍ରାଧିକରଣ ସଚିବ ଶ୍ରଦ୍ଧାଳି ରାୟ, ଏସଡିଜେଏମ ନିରଞ୍ଜନ ଦାଶ , ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ସୁସ୍ମିତା ପ୍ରିୟଦର୍ଶିନୀ , ପ୍ରଥମ ଶ୍ରେଣୀ ବିଭାଗୀୟ ଦଣ୍ଡାଧୀଶ ନିରାଲି ସାମନ୍ତରାୟ , ସମସ୍ତ ଆଇନଜୀବୀ ଓ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ।

# ଏକ୍ ପେଡ୍ ମା'କେ ନାମ୍ ସଚେତନତା ଶୋଭାଯାତ୍ରା

## ଯୋଗ ଦେଲେ କନ୍ଧମାଳ ବିଧାୟକ

ପଳସାଗୋରା,୧୩।୯(ଅଶ୍ୱିନୀ ନନ୍ଦ)




ପଲାସାଗୋରା ହାଇସ୍କୁଲ ଠାରୁ ବାହାରିଥିବା ଶୋଭାଯାତ୍ରା।

ବୌଦ୍ଧ ଜିଲ୍ଲା କନ୍ଧମାଳ ପଞ୍ଚାୟତ ସମିତି ପକ୍ଷରୁ ଏକ୍ ପେଡ୍ ମା' କେ ନାମ୍ ୨.୦ କାର୍ଯ୍ୟକ୍ରମ ପାଇଁ ପଳସାଗୋରାଠାରେ ଶନିବାର ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । କନ୍ଧମାଳ ବ୍ଲକ ବି. ସାମି ଇଇଞ୍ଜୀ ଉଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ସେ କହିଥିଲେ ଯେ, ଏକ ପେଡ୍ ମା' କେ ନାମ କାର୍ଯ୍ୟକ୍ରମ ଅଧୀନରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଆସନ୍ତା ୧୭ ତାରିଖରେ ରାଜ୍ୟବ୍ୟାପି ୭୫ ଲକ୍ଷ ଚାରାରୋପଣ କରାଯିବ । ତେଣୁ ଏହି ଅଭିଯାନରେ ସାମିଲ ହୋଇ ବୃକ୍ଷରୋପଣ କରିବାକୁ ବିଧାୟକ ଡାଙ୍ଗ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ପଳସାଗୋରା ସରପଞ୍ଚ ସୌଦାମିନୀ ମଲ୍ଲିକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଳୀ, ବରିଷ୍ଠ ଭାଜପା ନେତା ନବୀନ ମହାପାତ୍ର, କନ୍ଧମାଳ ମଣ୍ଡଳ ସଭାପତି ଶୁଭ୍ରାଂଶୁ ଡାଙ୍ଗ, ଅନୀଲ ପ୍ରଧାନ, ବିଜିତ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଶାନ୍ତିକେଶ ମିଶ୍ର ଓ ଦେବାଶିଷ ମଲ୍ଲିକ ଯୋଗ ଦେଇଥିଲେ। ଏହି ଅବସରରେ ପଳସାଗୋରା ହାଇସ୍କୁଲ ଠାରୁ ସଚେତନତା ଶୋଭାଯାତ୍ରା ବାହାରି ଗବଙ୍ଗୋର ଛକ ପର୍ଯ୍ୟନ୍ତ ଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପଳସାଗୋରା ହାଇସ୍କୁଲ ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ପ୍ରହରାଜ, ସ୍କୁଲର ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ହରଭଙ୍ଗା କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ

ହରଭଙ୍ଗା,୧୩।୯(ନରେନ୍ଦ୍ର କୁମାର ସାହୁ )

ତାଲୁକ ଆଇନ ସେବା କମିଟି ହରଭଙ୍ଗା ପକ୍ଷରୁ ହରଭଙ୍ଗା କୋର୍ଟ ପରିସରରେ ଶନିବାର ଦିନ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ତଥା କମିଟିର ଅଧ୍ୟକ୍ଷ ପ୍ରୀତିଶ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏହି ଲୋକ ଅଦାଲତ ଆୟୋଜିତ ହୋଇଥିଲା। ଏହି ଲୋକ ଅଦାଲତରେ ସର୍ବମୋଟ ୩୬ ଗୋଟି ମାମଲାର ଫଇସଲା ହୋଇଥିଲା। ବ୍ୟାଙ୍କଗୁଡିକର ମାମଲା ଫଇସଲା କରାଯାଇ ୧୬ଲକ୍ଷ ୧୫ ହଜାର ୮୯୮ ଟଙ୍କା ଆଦାୟ କରାଯାଇଥିଲା। ଲୋକ ଅଦାଲତରେ ସରକାରୀ ଓକିଲ ଅଜିତ ପରିଡା , ସମସ୍ତ ଆଇନଜୀବୀ, ବ୍ୟାଙ୍କ କର୍ତ୍ତୃପକ୍ଷ ଓ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ।

# ଶିକ୍ଷକ ସଂଘର ଦାବିପତ୍ର ପ୍ରଦାନ

ବୌଦ୍ଧ,୧୩।୯
(ଅଜିତ କୁମାର ବାରିକ )



ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଉଛି ।

ସରକାରୀ ହାଇସ୍କୁଲ ନୂତନ ପେନଶନ ଯୋଜନାଭୁକ୍ତ ଶିକ୍ଷକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଶନିବାର ଦିନ ବୌଦ୍ଧ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ରକୁ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ ଗ୍ରହଣ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ଶିକ୍ଷକ ସଂଘ ପକ୍ଷରୁ ମାନସ କୁମାର ପୁରୋହିତ, ଅନିଲ ପ୍ରଧାନ, ବାବୁଲାଲ ଭୁକ୍ତା, ଶୁଭେନ୍ଦୁ ରଞ୍ଜନ ଖମାରୀ, ସଞ୍ଜୀବ କୁମାର ପ୍ରଧାନ, ଜିତେନ୍ଦ୍ର ଦେହୁରୀ, ଗଜାନନ ପ୍ରଧାନ, ଲାଲୁପାଣି ମହାକୁଡ଼, ଜୟନ୍ତ କୁମାର ପ୍ରଧାନ ଓ ପ୍ରଦୀପ୍ତ କୁମାର ଉର୍ମାଙ୍କ ସମେତ ବହୁ ସଂଖ୍ୟକ ଶିକ୍ଷକ ଉପସ୍ଥିତ ଥିଲେ।

# ସାର ଯୋଗାଣ ଦାବିରେ ଜାତୀୟ ରାଜପଥ ଅବରୋଧକଲେ ଚାଷୀ



ବାଉଁଶୁଣୀ/ବଘିଆପଡ଼ା, ୧୩।୯ (ଦେବାଶିଷ ନେପାକ/ଶ୍ରୀକାନ୍ତ ସାହୁ)

ବୌଦ୍ଧ ଥାନା ଅଧୀନ ଖୁଣ୍ଟବନ୍ଧ ପାକ୍ସ ଆଗରେ ୟୁରିଆ ସାର ଯୋଗାଣ ଦାବିରେ ଚାଷୀମାନେ ଶନିବାର ୫୭ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ , ପୂର୍ବାହ୍ନ ୧୧ଟାରେ ଖୁଣ୍ଟବନ୍ଧ ପାକ୍ସକୁ ଆସିଥିବା ୬୦୦ ବସ୍ତା ୟୁରିଆ ସାର ବଣ୍ଟନ ସମିତି ପରିସରରେ ଆରମ୍ଭ କରାଯାଇଥିଲା । କିନ୍ତୁ ସାର ବଣ୍ଟନରେ ଅନିୟମିତତା ହେଉଥିବା ଅଭିଯୋଗ କରି ଧାଡିରେ ଥିବା ଚାଷୀମାନେ ପାଟିତୁଣ୍ଡ କରିବା ଫଳରେ ସାର ବଣ୍ଟନ ବନ୍ଦ ରହିଥିଲା । ଫଳରେ ସକାଳୁ ଆସି ବସ୍ତାଏ ସାର ପାଇଁ ଦିନ ସାରା ଅପେକ୍ଷା କରିଥିବା ଚାଷୀମାନେ ଅପରାହ୍ନ ୪ଟାରୁ ୭ଟା ପର୍ଯ୍ୟନ୍ତ ଜାତୀୟ ରାଜପଥ ଅବରୋଧ କରିଥିଲେ। ଖୁଣ୍ଟବନ୍ଧଠାରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟକ ଯାନବାହାନ ଅଟକି ରହିଥିଲା। ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ପ୍ରାଣବନ୍ଧୁ ସାହୁ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ତେବେ ପ୍ରଶାସନିକ ଅଧିକାରୀ ନ ଆସିବା ପର୍ଯ୍ୟନ୍ତ ହଟିବୁ ନାହିଁ ବୋଲି ଚାଷୀମାନେ ଅଡ଼ି ବସିଥିଲେ। ଖବର ପାଇ ବୌଦ୍ଧ ତହସିଲଦାର ସୁନିତା କୁମାରୀ ସାହୁ ଓ ଏସଡିପିଓ ଲରେନ୍ସ ରାଉତରାୟ ପହଞ୍ଚି ପାକ୍ସ କର୍ମଚାରୀ ଓ ଚାଷୀଙ୍କ ସହିତ ଆଲୋଚନା କଲା ପରେ ଏହାର ସମାଧାନ ହୋଇଥିଲା। ତେବେ ଦୀର୍ଘ ୩ ଘଣ୍ଟା ରାସ୍ତା ଅବରୋଧ ଦ୍ୱାରା ଯାତ୍ରୀମାନେ ହଇରାଣ ହୋଇଥିଲେ। କେତେକ ଯାନବାହାନ କମିରା – ଓଲଣ୍ଡା ଦେଇ ବୌଦ୍ଧ ଯାଉଥିବା ବେଳେ କେତେକ ଗାଡି ବଲାସିଙ୍ଗା, ବଢ଼ିଗାଁ ,କମିରା, ଜହ୍ନପଙ୍କ ଦେଇ ସୋନପୁର ଯାଇଥିବା ଦେଖିବାକୁ ମିଳିଥିଲା।


## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, CUTTACK

E-Mail I.D. - rw_cuttack@yahoo.co.in, Ph. No. 0671-2440662

**Cancellation of Tender Call Notice No. Tender-Online-RWD Ctc-02/2024-25 dt.02.07.2025**

**No.O-760** : Due to unavoidable circumstances the Tender Call Notice No. Tender-Online-RWD Ctc-02/2025-26 date.02.07.2025 is here by cancelled.
All other terms & conditions remain unchanged.

Sd./- Superintending Engineer
Rural Works Division, Cuttack
OIPR-25053/11/0038/2526

## OFFICE OF THE DIRECTOR-CUM-MEDICAL SUPERINTENDENT MENTAL HEALTH INSTITUTE, S.C.B. MEDICAL COLLEGE HOSPITAL, CUTTACK

Telephone:0671-2414359, Email:mhi.cuttack@gmail.com

**TENDER CALL NOTICE**

**No.E-381:**Sealed tenders are invited from the reputed suppliers for supply of Instruments & Equipments to Mental Health Institute, SCB Medical College Hospital, Cuttack-753007. The tender will be opened on scheduled date and time in the office of the undersigned in presence of the bidders or their authorized representatives. The bidders may download the Tender Documents directly from the website https://mentalhealthinstitute-scb.odisha.gov.in. The cost of tender paper is Rs.1,000/- (Non-refundable) bank draft/demand draft in favour of **"Director-cum-Medical Superintendent, Mental Health Institute, SCB Medical College Hospital, Cuttack"** payable at Cuttack from any Nationalized Bank. Any tender received after the due date and time will be rejected and return to the sender un-opened. The tender will be received through Speed Post/Regd. Post only. The authority reserves the right to reject any / all the tenders without assigning any reasons thereof.

1. Date of sale of tender paper - 15/09/2025 to 06/10/2025
2. Last date of receipt of tender paper - 08/10/2025.
3. Date & Time of opening of technical bid - 09/10/2025 at 4.00 P.M.
4. Place of opening of tender -Office of the Director-cum-Medical Superintendent, Mental Health Institute, S.C.B, Medical College Hospital, Cuttack-753007.

Sd./- Director-cum-Medical Superintendent, Mental Health Institute, SCB MCH, Cuttack
OIPR-10051/11/0023/2526

## NOTICE INVITING BID (TENDER)

No.704 / DSGAH, Bhubaneswar dt.12.09.2025

**TENDER FOR SUPPLY OF RAW DRUGS & CONTINGENT ARTICLES TO GOVERNMENT AYURVEDIC HOSPITAL PHARMACY, BHUBANESWAR, GOVERNMENT AYURVEDIC PHARMACY, BOLANGIR AND GOPABANDHU AYURVEDA MAHAVIDYALAYA PHARMACY, PURI, ODISHA.**

**No.E-380** : Scaled tenders are invited from reputed manufacturers/ authorized dealers for the supply of Raw drugs and Contingent articles to the Government Ayurvedic Hospital Pharmacy, Bhubaneswar, the Government Ayurvedic Pharmacy, Bolangir and the Gopabandhu Ayurveda Mahavidyalaya Pharmacy, Puri, for the preparation of Medicines out of the budgeted fund approved for the financial year 2025-26.

| | | |
|---|---|---|
| 1. | Value of Tender | Rs.1,00,05,000/- (One Crore five thousand) Only |
| 2. | Cost of Tender Book | Rs.1,050.00 (One Thousand and Fifty rupees only including GST) |
| 3. | Availability of tender book | In the office of the Deputy Superintendent, GAH, BBSR, only in shape of D.D./ Bankers Cheque in favour of the Deputy Superintendent, Government Ayurvedic Hospital, Old Town, Bhubaneswar |
| 4. | Mode of payment of cost of Tender Book | In the shape of a Demand Draft / Bankers Cheque in favor of the Deputy Superintendent of Government Ayurvedic Hospital, Bhubaneswar, Odisha, payable at Bhubaneswar. |
| 5. | Date of commencement of sale of Tender Book | Dt: 15.09.2025 at 11.00 A.M. to 08.10.2025 at 4.00 P.M. |
| 6. | Last date & time for submission of tender | Dt: 08.10.2025 at 4.00 P.M. |
| 7. | Date & time of Pre-bid meeting | Dt. 23.09.2025 at 11.30 A.M Place: Conference Hall , Directorate AYUSH, Odisha, Bhubaneswar. |
| 8. | Mode of submission of tender | This will be received through a sealed tender box kept in the office chamber of the Deputy Superintendent, GAH, BBSR, Odisha. |
| 9. | Mode of submission of sealed samples | To be received by the Deputy Superintendent, GAH, BBSR, Odisha, and in his absence A.M.O., I/c-Pharmacy, Govt. Ayurvedic Hospital, Bhubaneswar will receive the samples at the time of submission of tender paper within the scheduled date and time. |
| 10. | Date, Time & Place for opening of tenders | Technical bids will be opened on 09.10.2025 at 11.30 A.M. at the Government Ayurvedic Hospital Pharmacy, Bhubaneswar. The Financial Bids of the technically qualified bidders will be communicated later on. |

The tender inviting authority reserves the right to reject any or all the tenders without assigning any reason thereof. For details, please log on to www.ayushodisha.nic.in

Sd./- Deputy Superintendent
OIPR-10053/11/0008/2526 Govt. Ayurvedic Hospital, Bhubaneswar, Odisha

## GOVERNMENT OF ODISHA
### e-Procurement Notice
## OFFICE OF THE ADDITIONAL CHIEF ENGINEER CENTRAL MINOR IRRIGATION CIRCLE, BHUBANESWAR

Phone/Fax (0674) 2540559, cmic.bbsr@gmail.com
No.938, Dt.11.09.2025

No.A-614: **e-Procurement Notice**
**BID ID. NO. ACECMIC-01/2025-26**

| | | | |
|---|---|---|---|
| 1. | Name of the Work | : | As per Annexure to this bid notice |
| 2. | No. of Works | : | 04 (Four) Nos. |
| 3. | Estimated Cost | : | Approximate cost varies from Rs. 100.95 lakh to Rs.231.28 Lakh |
| 4. | Class of Contractor | : | 'B' & 'A' Class |
| 5. | Period of Completion | : | 11 (Eleven) Calendar Months |
| 6. | Date and Time of availability of Bid documents and Receipt of Bid Cost on online payment mode in Portal | : | From 17.09.2025 (10.30 Hrs) to 03.10.2025 (upto 17.30 Hrs) in website (www.tendersodisha.gov.in) |
| 7. | Last Date/ Time for receipt of Bids in the Portal | : | 03.10.2025 (Upto 17.30 Hrs.) through online only |
| 8. | Date of Opening of Technical Bid | : | On 04.10.2025, 11.00 Hrs. onwards in the O/o. Additional Chief Engineer, Central M.I.Circle, Bhubaneswar |
| 9. | Name and Address of OIT | : | Additional Chief Engineer, Central M.I. Circle, Bhubaneswar, Plot No.- A-8/2, PO: Bhoinagar, Bhubaneswar, PIN: 751022, Dist: Khurda, Ph:0674-2540559 |

Further details can be seen from the e-Procurement market place **http.//tendersodisha.gov.in.**

Sd./- Additional Chief Engineer
OIPR-32047/11/0012/2526 Central M.I. Circle, Bhubaneswar

## NOTICE INVITING TENDER

No.CAD-1749

## Office of District Manager Odisha State Civil Supplies Corporation Ltd. (OSCSC) Gajpati

**Name of Unit or Block : Nuagada Block**
**Tender No. 2801 Dated : 12.09.2025**

**Cost of Tender Document : Rs.5900/- Inclusive of GST for each RRC to Unit (Block/ULB) combination of the district.**
**Online Tenders are invited from eligible bidders for selection and appointment of level-II contractor for transporation of Custom Milled Rice (CMR) from Rice Receiving Centre (RRC) to Retail Centre (FPS).**

| | | |
|---|---|---|
| 1 | Availability of tender documents | From Date 13-09-2025. Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference. | On dt 15-09-2025 at CSO Office Paralakhemundi, Collectorate Building, Dist-Gajapati |
| 3 | Last date and time for **online** submission of completed Tender Documents with enclosures | Through e-Procurement portal www.tendersodisha.gov.in Up to 22-09-2025, 5.30 PM |
| 4 | Date, time and venue for opening of Technical Bid by the Tender Committee | On dt 23-09-2025 11.00 AM at Civil Supplies Office, Collectorate Building,Paralakhemundi, Dist-Gajapati |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt 23-09-2025 11.30 AM at Civil Supplies Office, Collectorate Building, Paralakhemundi, Dist-Gajapati |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Venue of the opening of Technical & Financial Bids | Civil Supplies Office, Collectorate Building, Paralakhemundi, Dist-Gajapati |
| 8 | Validity Period | Tenders are to remain open for acceptance for 180 days inclusive of date of opening of tender. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk telephone no | (i) OSCSC Ltd.: District Manager :-9438200040 Accounts Head:-9437202126 (ii) State Procurement Cell:-0674-2530998 / 18003456765 |

**N.B :**
1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any/all of the tenders at any time without assigning any reason thereof.
3. Further details can be obtained in the website www.tendersodisha.gov.in.
4. The bidder must deposit Tender Document Fee and EMD at the time of submission of tender through online payment gate way service.
5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in, www.oscsc.in & www.foododisha.in.

Sd./- District Manager
OIPR-07087/11/0010/2526 OSCSC Ltd., Gajapati

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ/ପୋଷ୍ଟ–ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର–୭୬୦୦୧୧, ଗଞ୍ଜାମ, ଓଡ଼ିଶା)

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR
(At/Po- Ambapua, Near Income Tax Office, Berhampur - 760011, Ganjam, Odisha)
(E-Mail:- serwbpr2004@yahoo.com, Tel.No.:- 0680-2404287)

**No.e-tender//3353//RWC//BAM//Dated 11.9.25**
**1st Corrigendum to Bid Identification No.Online Tender/24-2025-26/BPR**

**No.O-762:** 1) The partial modification of Road Works under MMSY-TRIP & Bridges Works under Setu Bandhana Yojana (SBY) vide above identification has been made as follows.

| | | | |
|---|---|---|---|
| 1 | Late Date of availability of tender | :: | 23.09.2025 upto 5.30 PM instead of 18.09.2025 upto 5.30 P.M. |
| 2 | Last Date & Time of seeking tender clarification | :: | 20.09.2025 at 5.30 PM instead of 16.09.2025 at 5.30 PM |
| 3 | Date of Opening of Technical Bid | :: | 24.09.2025 at 11.00 AM instead of 19.09.2025 at 11.00 AM |
| 4 | Date of Opening of Financial Bid | :: | **Will be intimated later on.** |

All other contents will remain unchanged.
OIPR-25071/11/0131/2526 Sd./- Chief Construction Engineer, R.W.Circle, Berhampur

## GOVT. OF ODISHA
## OFFICE OF THE EXECUTIVE ENGINEER (AGRIL), AGRIL, ENGG.DIVISION, KEONJHAR

AT/PO: MADHAPUR, DISTRICT:KEONJHAR-758001, Email ID: eeagril.kjr@gmail.com

**e-Procurement Notice: Dated 12.09.2025**
**Bid Identification No.EE(AGRIL) Keonjhar Division-01/2025-26**

**No.L-63:**The Executive Engineer (Agril.), Agril, Engg-Division, Keonjhar, Odisha on behalf of the Governor of Odisha, invites percentage rate bids in single cover system from the eligible class of contractors through e-Procurement in ONLINE MODE only in the website "www.tendersodisha.gov.in" for civil works/buildings in the district of Keonjhar as detailed below:

| Sl. No. | Nos. of the work/nature of work for which Tender invited | Approximate Estimated cost put to Tender (Excluding G.S.T.) (Rs. Lakh) | Cost of Bid Documents (in Rs.) | EMD in (Rs.) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| | Total 03 Nos. (Three Nos) Building Works/ Civil Construction works/ PH Sanitary & Electrical Works | Vary from Rs.11.87 Lakh to Rs.15.01 lakh | Rs.6000.00 | 1% of the Amount Put to Tender | C & D | 120 Days |

1. Date & Time of availability of bid document in the portal: 15.09.2025 at 10.00 AM to 22.09.2025, 5.30 PM.
2. Last date/time for receipt of bids in the portal: 22.09.2025 upto 5.30 PM
3. Date of Submission of original bid documents in Tender Box: 15.09.2025, 10.00 AM to 23.09.2025 upto 1.00 P.M.
4. Date & Time of opening of original Documents, Verification & Online bids- 24.09.2025 at 11.00 AM onwards.

The Bidders have to participate in ONLINE bidding only in the e-Procurement website: https://tendersodisha.gov.in. with matching class DSC. Any addendum/corrigendum/cancellation of tender/other details of the DTCN can also be seen in the said website. Authority reserve the right to reject/accept any or all of the tenders, increase/decrease the quantities of works without assigning any reason thereof.

OIPR-01460/11/0007/2526 Sd./- Executive Engineer (Agril.) Agril.Engg. Division, Keonjhar

## Government of Odisha
## Forest, Environment and Climate Change Department, Odisha
## ବାଲେଶ୍ୱର ବନ୍ୟଜୀବ ବନଖଣ୍ଡ, ବାଲେଶ୍ୱର
## OFFICE OF THE DIVISIONAL FOREST OFFICER, BALASORE WILDLIFE DIVISION

AT/PO: KURUDA, Dist:BALASORE, PIN:756056, ODISHA, Ph.No.:06782-256142, e-mail:dfo.balasorewl@odisha.gov.in

**TENDER CALL NOTICE FOR HIRING VEHICLE**

No.MM-191: Sealed tenders are invited from interested Reputed Travel Agencies / Tour Operators / Individuals for providing approximately 17 (Seventeen) Nos. of Vehicle (BS-VI emission compliant Diesel driven AC) vehicles with commercial registration in accordance with the Office Memorandum No. 15836/F Dated 27.05.2025 of the Finance Department, Govt. of Odisha, for official use (as detailed mentioned below) on hiring basis under the establishment of Balasore Wildlife Division, Balasore. The sealed Tenders shall reach in the O/o the Divisional Forest Officer, Balasore Wildlife Division, Balasore on or before **24th September, 2025** by **11.00 A.M.** through Registered / Speed Post / Courier Service and can also be dropped in the Tender Box placed in the Office of the Divisional Forest Officer, Balasore Wildlife Division, Balasore. The tenders will be opened in the same office on **24th September, 2025 at 12.00 P.M.** The Standard Bidding Document and Terms and Conditions can be downloaded from **https://balasore.odisha.gov.in/ ; https://odishaforest.in/** and also can be obtained from the Office of the Divisional Forest Officer, Balasore Wildlife Division, Balasore from 12th September, 2025 to 23rd September, 2025 during office hours.

| Sl. No. | Name of Office | Safari /Scorpio N/ XUV 700 (equivalent or higher model) Maximum monthly Hiring charge in Rs.44,400/- | Scorpio/ Bolero Neo (equivalent or higher model) Maximum monthly Hiring charge in Rs. 37,200/- |
|---|---|---|---|
| 1 | Divisional Forest Office, Balasore Wildlife Division | 01 | - |
| | | - | 03 |
| 2 | Forest Range Office, Kuldiha WL Range | - | 4 |
| 3 | Forest Range Office, Jaleswar WL Range | - | 2 |
| 4 | Forest Range Office, Chandipur WL Range | - | 2 |
| 5 | Forest Range Office, Soro WL Range | - | 4 |
| 6 | Forest Range Office, Nilgiri WL Range | - | 1 |
| | TOTAL | 01 | 16 |

OIPR-08036/11/0014/2526 Sd./-Divisional Forest Officer, Balasore Wildlife Division, Balasore

## THE ODISHA AGRO INDUSTRIES CORPORATION LTD.
### (A Govt. of Odisha Undertaking)
95-Satya Nagar, Bhubaneswar-7
https://odishaagro.nic.in/

**Invitation for Bids**
**Bid Identification No. M.D. / OAIC - 60 (E & I)/2025-26**

**No.CAD-1747** : The Managing Director, Odisha Agro Industries Corporation Ltd., Bhubaneswar, on behalf of Governor of Odisha, invites **percentage rate** bids in **double cover** system in **ONLINE MODE** only, for the following works.

| Sl. No. | Name of the Work | Value of work (Excluding GST) | Bid Security (In ₹) | Cost of document | Period of completion | Class of Bidder |
|---|---|---|---|---|---|---|
| 1 | Construction of MPAG-cum-DTC building at CDAO Campus, Madhapur, Keonjhar | Rs.66,38,650/- | 1% i.e. Rs.66,400/- | ₹ 12,390/- | 6 (Six) Calendar Months | 'B' Class |

1. Bid documents such as DTCN / BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period **dt.10.09.2025 to 15:00 Hours of dt.03.10.2025**.
2. Online bids shall be received till **15:00 Hours of dt.03.10.2025**.
3. Bid Security amount & cost of bid document are to be remitted online through a process as mentioned in DTCN.
4. The technical bids will be opened at **16:00 Hours of dt.03.10.2025** in the office of the Managing Director, The Odisha Agro Industries Corporation Ltd., 95-Satyanagar, Bhubaneswar.
5. The bidder must possess compatible **Digital Signature Certificate (DSC)** of Class – II or Class – III.
6. The authority reserves the right to reject any or all bids without assigning any reason thereof.

Sd./- Managing Director
OIPR-01047/11/0055/2526 OAIC Ltd., Bhubaneswar

# ସ୍କୁଲରେ ସୁଗାର ବୋର୍ଡ ସ୍ଥାପନ ହେବ

## କାର୍ଡିଓଲୋଜିକାଲ ସୋସାଇଟିର ବାର୍ଷିକ ସମ୍ମିଳନୀ

ସମ୍ବଲପୁର, ୧୩।୮
(ଭବାନୀ ଶଙ୍କର ଭୋଇ)

ଦ୍ରୁତ ଜୀବନଶୈଳୀ,ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ଅଭ୍ୟାସ ସହ ଶାରୀରିକ କାର୍ଯ୍ୟକଳାପର ଅଭାବ ଯୋଗୁ ଓଡ଼ିଶା ସମେତ ଦେଶ ଓ ବିଶ୍ୱରେ ହୃଦ୍‌ରୋଗ ଭଳି ରୋଗର ବୃଦ୍ଧି ହେଉଛି। ଏହାର ନିବାରଣ ପାଇଁ ସୁଷମ ଖାଦ୍ୟ ଗ୍ରହଣ ସହ ସୁସ୍ଥ ଜୀବନଶୈଳୀ ଜରୁରି। ଶନିବାର ସମ୍ବଲପୁରରେ କାର୍ଡିଓଲୋଜିକାଲ ସୋସାଇଟି ଅଫ ଇଣ୍ଡିଆ(ସିଏସ୍‌ଆଇ)ର ଓଡ଼ିଶା ଶାଖାର ୩୦ତମ ବାର୍ଷିକ ସମ୍ମିଳନୀରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ସିଏସଆଇ, ଓଡ଼ିଶା ଏବଂ ଆସୋସିଏଶନ ଅଫ ଫିଜିସିଆନ ଅଫ ଇଣ୍ଡିଆ(ଏପିଆଇ), ସମ୍ବଲପୁରର ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦ୍ରୁତ ଜୀବନଶୈଳୀ, ଚାକିରି ଚାପ ଏବଂ ଅସ୍ଥିର ସାମାଜିକ ପରିବେଶ ଅନେକ ରୋଗର କାରଣ ହୋଇଛି। ସିବିଏସଇ ସହ ଅନୁବନ୍ଧିତ ସ୍କୁଲଗୁଡ଼ିକୁ ନିର୍ଦ୍ଦେଶନାମା ଜାରି କରି ପିଲାମାନଙ୍କ ମଧ୍ୟରେ ବଢୁଥିବା ଟାଇପ- ୨ ମଧୁମେହ, ମେଦବହୁଳତା, ଦାନ୍ତ ସମସ୍ୟା ଏବଂ ଅନ୍ୟାନ୍ୟ ରୋଗର ସମାଧାନ କରିବା ପାଇଁ ସୁଗାର ବୋର୍ଡ ସ୍ଥାପନ ହେବ। ଦେଶରେ ସ୍ୱାସ୍ଥ୍ୟ ଏବଂ ଫିଟନେସକୁ ନେଇ ଫିଟ ଇଣ୍ଡିଆ ଜନଆନ୍ଦୋଳନର ରୂପ ନେଇଛି। ମିଲେଟକୁ ଶ୍ରୀଅନ୍ନ ଭାବେ ଖାଦ୍ୟ ପ୍ରକ୍ରିୟା ସାମିଲ କରିବା ପାଇଁ ପ୍ରୋତ୍ସାହନ ଦିଆଯାଉଛି। ସମ୍ବଲପୁର ଭଳି ସହରରେ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଚିକିତ୍ସା ସମୁଦାୟ ପାଇଁ ଏକ ସୁଯୋଗ । ଏହା କେବଳ ଆମର ଡାକ୍ତରଙ୍କ ପାଇଁ ନୁହେଁ ବରଂ ରୋଗୀଙ୍କ ପାଇଁ ମଧ୍ୟ ଲାଭଦାୟକ ହେବ। ରେଢାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଡାଏଲିସିସ ସେଣ୍ଟର୍ ଉପଲବ୍ଧ ହୋଇଛି । ସ୍ୱାସ୍ଥ୍ୟ ହେଉଛି ଆମର ସମ୍ପଦ । ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ ପାଇଁ ମାନବ ସମାଜ ନିଜର ସ୍ୱାସ୍ଥ୍ୟକୁ ସଠିକ ରଖିବା ଜରୁରୀ। ସମ୍ବଲପୁରର ସ୍ୱାସ୍ଥ୍ୟ ଇନଡେକ୍ସକୁ ଠିକ୍ କରିବା ଉପରେ କାର୍ଯ୍ୟକ୍ରମରେ ମତପୋଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ଜୟ ନାରାୟଣ ମିଶ୍ର, ଡଉମ ପାଣି, ଡ. ଅଶୋକ ସିଂହ, ଡ କବୀର ଦାସ ପୁରୋହିତ, ଡ ସୁନୀଲ ଶର୍ମା ଉପସ୍ଥିତ ଥିଲେ।

## ରାମଚଣ୍ଡୀ ମନ୍ଦିରରେ ଷୋହଳ ପୂଜା ପାଇଁ ଶୃଙ୍ଗାର



ସମ୍ବଲପୁର, ୧୩।୮
(ଭବାନୀ ଶଙ୍କର ଭୋଇ):

ସମ୍ବଲପୁର ଦାନିପାଲିସ୍ଥିତ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଆଶ୍ୱିନ କୃଷ୍ଣପକ୍ଷ ରବିବାର ମୂଳାଷ୍ଟମୀରୁ ଷୋହଳ ପୂଜା ଆରମ୍ଭ ହେବ। ଷୋହଳ ପୂଜା ପାଇଁ ଶନିବାର ସନ୍ଧ୍ୟାରେ ମନ୍ଦିର ପୂଜକ ବାସୁଦେବ ଭୋଇ, ସୁଦାମ ପ୍ରଧାନ ଏବଂ ଦେବୀପ୍ରସାଦ ଭୋଇ ମା' ରାମଚଣ୍ଡୀଙ୍କୁ ନୂତନ ବସ୍ତ୍ର ପରିଧାନ ସହ ଶୃଙ୍ଗାର କରାଯାଇଥିଲା। ମୂଳାଷ୍ଟମୀ ରବିବାର ସକାଳୁ ଦେବୀଙ୍କୁ ସ୍ନାନ କରାଯାଇ ପୂଜା କାର୍ଯ୍ୟ ଆରମ୍ଭ ହେବ ବୋଲି ପୂଜକ ପ୍ରକାଶ କରିଛନ୍ତି। ଷୋହଳ ପୂଜାର ପ୍ରଥମ ଦିନରେ ରଣେଶ୍ୱର ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା ପରେ ଶ୍ରୀଗଣେଶଙ୍କ ପୂଜା କରାଯିବ। ଏହାପରଠାରୁ ପ୍ରତ୍ୟେକ ଦିନ ଦେବଦେବୀଙ୍କର ବିଶେଷ ପୂଜା କରାଯିବ। ୨୯ତାରିଖ ମହାଷ୍ଟମୀ ଦିନ ରାମଚଣ୍ଡୀଙ୍କ ବିଶେଷ ପୂଜା ସହ ସମାପନ ହେବ। ମହାଷ୍ଟାମୀ ଦିନ ରାମଚଣ୍ଡୀ ସେବା ସଦନର ପ୍ରତିଷ୍ଠା ଦିବସ ହୋଇଥିବାରୁ ଏଥିପାଇଁ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ନେଇ କୁଲତା ସମାଜ ସମ୍ପାଦକ ରଞ୍ଜନ ପାତ୍ର ସୂଚନା ଦେଇଛନ୍ତି। ୨୨ତାରିଖରୁ ନବରାତ୍ର ଅବସରରେ ଭକ୍ତମାନଙ୍କର ମାନସିକ ଦୀପ ବସାଇବା ବ୍ୟବସ୍ଥା କରାଯାଇଛି। ଭକ୍ତମାନେ ୯ ଦନ, ୩ଦିନ ଏପରିକି ଗୋଟିଏ ଦିନ ନିଜ ପରିବାର ପାଇଁ ମାନସିକ ଅଖଣ୍ଡ ଦୀପ ବସାଇ ପାରିବେ। ୨ ଅକ୍ଟୋବର ଦଶମୀ ଦିନ ପ୍ରସାଦସେବନ, ୫ତାରିଖ ଚତୁର୍ଦ୍ଦଶୀ ସନ୍ଧ୍ୟାରେ ରଣେଶ୍ୱର ରାମଚଣ୍ଡୀଙ୍କର ବିଶେଷ ପୂଜା ସହ ଝଣ୍ଡା ଲଗାଯିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ହୀରାକୁଦ ଜଳଭଣ୍ଡାର: ୩ ଗେଟ୍ ବନ୍ଦ

ସମ୍ବଲପୁର, ୧୩।୯ (ପ୍ରମୋଦ ବହିଦାର): ହୀରାକୁଦ ଜଳଭଣ୍ଡାର ୩ ଟି ସ୍ଲୁଇସ୍ ଗେଟ୍‌କୁ ଶନିବାର ବନ୍ଦ କରାଯାଇଛି। ଫଳରେ ବର୍ତ୍ତମାନ ୨ଟି ସ୍ଲୁଇସ ଗେଟ୍‌ରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଶନିବାର ରାତି ସାଢ଼େ ୯ଟାରେ ମିଳିଥିବା ସୂଚନା ଅନୁସାରେ ଜଳ ପତ୍ତନ ୬୨୮.୯୫ ଫୁଟ୍ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୯୭ ହଜାର ୯୨୭ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ୭୨ ହଜାର ୫୬୭ ଘନଫୁଟ୍ ଅତିରିକ୍ତ ବନ୍ୟାଜଳ ନିଷ୍କାସିତ ହେଉଛି। ଜଳଭଣ୍ଡାର ପାଣିପାଗ ନିମନ୍ତ୍ରଣ କକ୍ଷ ସୂଚନା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୩.୨୦ ମିଲିମିଟର ଓ ତଳମୁଣ୍ଡରେ ୩.୨୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ସ୍ନାତକ ମହାବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

ନାକଟିଦେଉଳ,
୧୩।୯ (ବୈକୁଣ୍ଠନାଥ ସାହୁ)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ସମ୍ବଲପୁର ଜିଲା ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଯୁବ ରେଡ଼କ୍ରସ ୟୁନିଟ ଆନୁକୂଲ୍ୟରେ ଶନିବାର ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟ ଅତିଥିଭାବେ ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡ଼ାକ୍ତର ଅମୂଲ୍ୟ ରତ୍ନ ମହନ୍ତ ଯୋଗଦେଇ ପ୍ରାଥମିକ ଚିକିତ୍ସାର ବିଭିନ୍ନ ଦିଗ, ରକ୍ତସ୍ରାବ ଜନିତ ଜରୁରୀ ସେବା, ଆମ୍ବୁଲେନ୍ସ ସେବାର ଗୁରୁତ୍ୱ ଓ ରାସ୍ତା ଦୁର୍ଘଟଣା ରେ ପ୍ରାଥମିକ ଚିକିତ୍ସାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ଯବାନ ଗୋବର୍ଦ୍ଧନ ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଯୁଦ୍ଧ ସମୟରେ ପ୍ରାଥମିକ ଚିକିତ୍ସାର ଆବଶ୍ୟକତା ଓ ଜରୁରୀ ସେବାରେ ସେନାବାହିନୀର କର୍ତ୍ତବ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ଯୁବ ରେଡ଼କ୍ରସ ଅଧିକାରୀ ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ବୁଝାଇଥିଲେ। ଅଧ୍ୟାପକ ଭଜ ମୋହନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ହିମାଂଶୁ ବାରିକ, ଅଧ୍ୟାପିକା ଲିଟିନା ପ୍ରିୟଦର୍ଶନୀ, ଶତୋଶ୍ରୀ ପ୍ରଧାନ ଓ ଗିରିଶବାଳା ନାୟକ ପ୍ରାଥମିକ ଚିକିତ୍ସାରେ ଛାତ୍ରୀଛାତ୍ରଙ୍କ ଭୂମିକା ତଥା ପ୍ରାଥମିକ ଚିକିତ୍ସାରେ ଯୁବ ରେଡ଼କ୍ରସର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରାଥମିକ ଚିକିତ୍ସା ଓ ରେଡ଼କ୍ରସ ଆଧାରିତ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା।

## କ୍ରଶରରୁ ଡକାୟତି, ୫ଗିରଫ

ସମ୍ବଲପୁର, ୧୩।୯ (ପ୍ରମୋଦ ବହିଦାର): ସମ୍ବଲପୁର ଧମା ଥାନା ଅନ୍ତର୍ଗତ ଲବଡେରା ଗ୍ରାମରେ ଥିବା ବିକେଡି କ୍ରଶରରୁ ଡକାୟତି ହୋଇଛି। ଏହି ଘଟଣାରେ ଡକାୟତ ଦଳର ୫ଜଣଙ୍କୁ ଗିରଫ କରିଛି ପୋଲିସ। ସେମାନଙ୍କ ନିକଟରୁ ଲୁଟ୍ ୫ଟି ବ୍ୟାଟେରୀକୁ ଉଦ୍ଧାର କରାଯାଇଛି। ଅଭିଯୁକ୍ତମାନେ ହେଲେ ସଦରଥାନା ଭୋଇପାଲିର ବାବୁଲୁ ମୁଣ୍ଡା, ଠେମ୍‌ରାର ସୁବ୍ରତ ବାରିକ, ଧମା ଥାନା ଅନ୍ତର୍ଗତ କୀର୍ତ୍ତିପୁରର ଯୋଶବନ୍ତ ମାଝି, ବଲାଙ୍ଗୀର ନିବାସ ନାଏକ ଓ ଆନନ୍ଦ ପ୍ରଧାନ। ଶନିବାର ପାହାନ୍ତିଆ ପ୍ରହରରେ କେତେଜଣ ଡକାୟତ ବିକେଡି କ୍ରଶରରେ ପଶିଥିଲେ। ନିୟୋଜିତ ମ୍ୟାନେଜର ଜୟକୃଷ୍ଣ ପ୍ରଧାନଙ୍କୁ ଲୁହା ପାଇପ୍ ଓ ଛୁରି ଦେଖାଇ ଭୟଭୀତ କରି କ୍ରଶରରେ ଥିବା ୫ଟି ବ୍ୟାଟେରୀକୁ ଲୁଟି ନେଇଥିଲେ। ଏ ନେଇ ମ୍ୟାନେଜର ପ୍ରଧାନ ଧମା ଥାନାରେ ଏତଲା ଦେଇଥିଲେ। ଏତଲା ଆଧାରରେ ଥାନାରେ ଏକ ମାମଲା(ନଂ.୨୧୧/୨୫)ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଉକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ଲୁଟ୍ ବ୍ୟାଟେରୀ ସହିତ ୩ଟି ବାଇକ୍, ୩ଟି ମୋବାଇଲ୍ ଫୋନ, ଲୁଟ୍ ବେଳେ ବ୍ୟବହୃତ ଲୁହା ପାଇପ୍ ଓ ଛୁରୀକୁ ପୋଲିସ ଜବତ କରିଛି। ଶନିବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଏ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## ଟିପିଡବ୍ଲ୍ୟୁଓଡିଏଲ ଶିଳ୍ପ ଅଭିବୃଦ୍ଧିକୁ ଶକ୍ତିଶାଳୀ କରୁଛି: ସିଇଓ

ସମ୍ବଲପୁର, ୧୩।୯ (ବି.ଶଙ୍କର)

ଟିପିଡବ୍ଲ୍ୟୁଓଡିଏଲ ପଶ୍ଚିମ ଓଡ଼ିଶାର ଶିଳ୍ପ ବିକାଶକୁ ଶକ୍ତି ପ୍ରଦାନ କରୁଛି। ବିଗତ ୪ବର୍ଷ ଧରି ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏହି ଯୌଥ ଉଦ୍ୟୋଗ ପଶ୍ଚିମ ଓଡ଼ିଶାର ୯ଟି ଜିଲାର ପ୍ରାୟ ୨୧ଲକ୍ଷରୁ ଉର୍ଦ୍ଧ୍ୱ ଘରୋଇ, ଶିଳ୍ପ, କୃଷି ଭଳି ବିଭିନ୍ନ ବର୍ଗର ଉପଭୋକ୍ତାଙ୍କୁ ବିଦ୍ୟୁତ ସେବା ଯୋଗାଇ ଦେଇ ଆସୁଛି। ପଶ୍ଚିମ ଓଡ଼ିଶାରେ ଶିଳ୍ପ ଅଭିବୃଦ୍ଧିକୁ ଟିପିଡବ୍ଲ୍ୟୁଓଡିଏଲର ଶକ୍ତିଶାଳୀ କରୁଛି । କମ୍ପାନୀ ପକ୍ଷରୁ ବର୍ତ୍ତମାନ ୬,୦୪୫ ଶିଳ୍ପ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସେବା ପ୍ରଦାନ କରାଯାଉଛି। ଯେଉଁଥିରେ ୧ହଜାର ବୃହତ ଶିଳ୍ପ, ୫ହଜାରରୁ ଅଧିକ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଅନ୍ତର୍ଭୁକ୍ତ ରହିଛି। ଏଥିମଧ୍ୟରୁ ୩୪ଜଣ ଉପଭୋକ୍ତାଙ୍କୁ ଏକ୍ସଟ୍ରା ହାଇଟେନସନ୍ ବିଦ୍ୟୁତ ଯୋଗାଣ ଏବଂ ୧୮୭୫ ଉପଭୋକ୍ତାଙ୍କୁ ହାଇ ଟେନସନ୍ ବିଦ୍ୟୁତ ଯୋଗାଣ କରାଯାଉଛି। ଶିଳ୍ପ ଉପଭୋକ୍ତାଙ୍କ ପାଇଁ ଚୁକ୍ତିବଦ୍ଧ ବିଦ୍ୟୁତ ଚହିଦା ୧୦୬.୨ ମେଗାୱାଟ୍ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏମାନଙ୍କ ସର୍ବାଧିକ ବିଦ୍ୟୁତ ଚାହିଦା ୮୮.୯ ମେଗାୱାଟ୍ ରହିଛି। ଶୁକ୍ରବାର ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ପ୍ରବୀଣ ବର୍ମା ପ୍ରେସ ବିବୃତିରେ ଏହା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ବୃହତ ଶିଳ୍ପଠାରୁ ଆରମ୍ଭ କରି କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗର ବିବିଧ ଆବଶ୍ୟକତା ପୂରଣ ପାଇଁ କମ୍ପାନୀ ନିରନ୍ତରଭାବେ ବିଦ୍ୟୁତ୍ ଭିତ୍ତିଭୂମିକୁ ଉନ୍ନତ କରୁଛି । କେବଳ ଶିଳ୍ପ ଉଦ୍ୟୋଗ କ୍ଷେତ୍ରରେ ବିଦ୍ୟୁତ ଚାହିଦାରେ ୪୦.୫୩ ପ୍ରତିଶତ ବୃଦ୍ଧି ଘଟିଛି । ଝାରସୁଗୁଡ଼ା ଜିଲାର ଶିଳ୍ପାଞ୍ଚଳ ପାଇଁ କମ୍ପାନୀ ୩୫.୭୦ ସର୍କିଟ କିଲୋମିଟରର ସ୍ୱତନ୍ତ୍ର ୩୩ କେଭି ଫିଡର ଲାଇନ ବିଛାଇଛି। ସୁନ୍ଦରଗଡ଼ ଓ ରାଜଗାଙ୍ଗପୁରରେ ଶିଳ୍ପାଞ୍ଚଳ ପାଇଁ ୫୧.୫୦ ସର୍କିଟ କିଲୋମିଟର, ରାଉରକେଲା ଏବଂ ଏହାର ଆଖପାଖରେ ଥିବା ଶିଳ୍ପକ୍ଷେତ୍ର ପାଇଁ ୫୦.୩୦ ସର୍କିଟ୍ କିଲୋମିଟରର ସ୍ୱତନ୍ତ୍ର ୩୩ କେ.ଭି ଫିଡର ଲାଇନ ବିଛାଯାଇଥିବା ବେଳେ ୫୨.୪୨ସର୍କିଟ୍ କିମିର ସ୍ୱତନ୍ତ୍ର ୩୩ କେ.ଭି ଫିଡର ଲାଇନ କାର୍ଯ୍ୟ ଜାରି ରହିଛି । ଭବିଷ୍ୟତର ଚାହିଦା ପୂରଣ ପାଇଁ ବିଦ୍ୟୁତ୍ ଭିତ୍ତିଭୂମିକୁ ନିରନ୍ତର ଉନ୍ନତ କରାଯାଉଛି। ଶିଳ୍ପଗୁଡ଼ିକୁ ବିଦ୍ୟୁତ୍ ଶକ୍ତି ପ୍ରଦାନ କରି ଟିପିଡବ୍ଲ୍ୟୁଓଡିଏଲ ସମଗ୍ର ଅଞ୍ଚଳରେ ଆର୍ଥିକ ଅଭିବୃଦ୍ଧି, ନିଯୁକ୍ତି ସୁଯୋଗ, ସ୍ଥାୟୀ ବିକାଶକୁ ଆଗେଇ ନେଉଛି ବୋଲି ସିଇଓ ଶର୍ମା ସୂଚିତ କରିଛନ୍ତି।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, CUTTACK**
E-Mail I.D. - rw_cuttack@yahoo.co.in, Ph. No. 0671-2440662
**Cancellation of Tender Call Notice No. Tender-Online-RWD Ctc-02/2024-25 dt.02.07.2025**

**No.O-760** : Due to unavoidable circumstances the Tender Call Notice No. Tender-Online-RWD Ctc-02/2025-26 date.02.07.2025 is here by cancelled.
All other terms & conditions remain unchanged.

Sd./- Superintending Engineer
Rural Works Division, Cuttack
OIPR-25053/11/0038/2526

**OFFICE OF THE DIRECTOR-CUM-MEDICAL SUPERINTENDENT**
**MENTAL HEALTH INSTITUTE, S.C.B. MEDICAL COLLEGE HOSPITAL, CUTTACK**
Telephone:0671-2414359, Email:mhi.cuttack@gmail.com
**TENDER CALL NOTICE**

**No.E-381:**Sealed tenders are invited from the reputed suppliers for supply of Instruments & Equipments to Mental Health Institute, SCB Medical College Hospital, Cuttack-753007. The tender will be opened on scheduled date and time in the office of the undersigned in presence of the bidders or their authorized representatives. The bidders may download the Tender Documents directly from the website https://mentalhealthinstitute-scb.odisha.gov.in. The cost of tender paper is Rs.1,000/- (Non-refundable) bank draft/demand draft in favour of **"Director-cum-Medical Superintendent, Mental Health Institute, SCB Medical College Hospital, Cuttack"** payable at Cuttack from any Nationalized Bank. Any tender received after the due date and time will be rejected and return to the sender un-opened. The tender will be received through Speed Post/Regd. Post only. The authority reserves the right to reject any / all the tenders without assigning any reasons thereof.

1. Date of sale of tender paper - 15/09/2025 to 06/10/2025
2. Last date of receipt of tender paper - 08/10/2025.
3. Date & Time of opening of technical bid - 09/10/2025 at 4.00 P.M.
4. Place of opening of tender -Office of the Director-cum-Medical Superintendent, Mental Health Institute, S.C.B, Medical College Hospital, Cuttack-753007.

Sd./- Director-cum-Medical Superintendent, Mental Health Institute, SCB MCH, Cuttack
OIPR-10051/11/0023/2526

**NOTICE INVITING BID (TENDER)**
**No.704 / DSGAH, Bhubaneswar** **dt.12.09.2025**
**TENDER FOR SUPPLY OF RAW DRUGS & CONTINGENT ARTICLES TO GOVERNMENT AYURVEDIC HOSPITAL PHARMACY, BHUBANESWAR, GOVERNMENT AYURVEDIC PHARMACY, BOLANGIR AND GOPABANDHU AYURVEDA MAHAVIDYALAYA PHARMACY, PURI, ODISHA.**

**No.E-380** : Scaled tenders are invited from reputed manufacturers/ authorized dealers for the supply of Raw drugs and Contingent articles to the Government Ayurvedic Hospital Pharmacy, Bhubaneswar, the Government Ayurvedic Pharmacy, Bolangir and the Gopabandhu Ayurveda Mahavidyalaya Pharmacy, Puri, for the preparation of Medicines out of the budgeted fund approved for the financial year 2025-26.

| | | |
|---|---|---|
| 1. | Value of Tender | Rs.1,00,05,000/- (One Crore five thousand) Only |
| 2. | Cost of Tender Book | Rs.1,050.00 (One Thousand and Fifty rupees only including GST) |
| 3. | Availability of tender book | In the office of the Deputy Superintendent, GAH, BBSR, only in shape of D.D./ Bankers Cheque in favour of the Deputy Superintendent, Government Ayurvedic Hospital, Old Town, Bhubaneswar |
| 4. | Mode of payment of cost of Tender Book | In the shape of a Demand Draft / Bankers Cheque in favor of the Deputy Superintendent of Government Ayurvedic Hospital, Bhubaneswar, Odisha, payable at Bhubaneswar. |
| 5. | Date of commencement of sale of Tender Book | Dt: 15.09.2025 at 11.00 A.M. to 08.10.2025 at 4.00 P.M. |
| 6. | Last date & time for submission of tender | Dt: 08.10.2025 at 4.00 P.M. |
| 7. | Date & time of Pre-bid meeting | Dt. 23.09.2025 at 11.30 A.M Place: Conference Hall , Directorate AYUSH, Odisha, Bhubaneswar. |
| 8. | Mode of submission of tender | This will be received through a sealed tender box kept in the office chamber of the Deputy Superintendent, GAH, BBSR, Odisha. |
| 9. | Mode of submission of sealed samples | To be received by the Deputy Superintendent, GAH, BBSR, Odisha, and in his absence A.M.O., I/c-Pharmacy, Govt. Ayurvedic Hospital, Bhubaneswar will receive the samples at the time of submission of tender paper within the scheduled date and time. |
| 10. | Date, Time & Place for opening of tenders | Technical bids will be opened on 09.10.2025 at 11.30 A.M. at the Government Ayurvedic Hospital Pharmacy, Bhubaneswar. The Financial Bids of the technically qualified bidders will be communicated later on. |

The tender inviting authority reserves the right to reject any or all the tenders without assigning any reason thereof. For details, please log on to www.ayushodisha.nic.in

Sd./- Deputy Superintendent
Govt. Ayurvedic Hospital, Bhubaneswar, Odisha
OIPR-10053/11/0008/2526

**GOVERNMENT OF ODISHA**
**e-Procurement Notice**
**OFFICE OF THE ADDITIONAL CHIEF ENGINEER**
**CENTRAL MINOR IRRIGATION CIRCLE, BHUBANESWAR**
Phone/Fax (0674) 2540559, cmic.bbsr@gmail.com
No.938, Dt.11.09.2025
**No.A-614:** **e-Procurement Notice**
**BID ID. NO. ACECMIC-01/2025-26**

| | | | |
|---|---|---|---|
| 1. | Name of the Work | : | As per Annexure to this bid notice |
| 2. | No. of Works | : | 04 (Four) Nos. |
| 3. | Estimated Cost | : | Approximate cost varies from Rs. 100.95 lakh to Rs.231.28 Lakh |
| 4. | Class of Contractor | : | 'B' & 'A' Class |
| 5. | Period of Completion | : | 11 (Eleven) Calendar Months |
| 6. | Date and Time of availability of Bid documents and Receipt of Bid Cost on online payment mode in Portal | : | From 17.09.2025 (10.30 Hrs) to 03.10.2025 (upto 17.30 Hrs) in website (www.tendersodisha.gov.in) |
| 7. | Last Date/ Time for receipt of Bids in the Portal | : | 03.10.2025 (Upto 17.30 Hrs.) through online only |
| 8. | Date of Opening of Technical Bid | : | On 04.10.2025, 11.00 Hrs. onwards in the O/o. Additional Chief Engineer, Central M.I.Circle, Bhubaneswar |
| 9. | Name and Address of OIT | : | Additional Chief Engineer, Central M.I. Circle, Bhubaneswar, Plot No.- A-8/2, PO: Bhoinagar, Bhubaneswar, PIN: 751022, Dist: Khurda, Ph:0674-2540559 |

Further details can be seen from the e-Procurement market place **http.//tendersodisha.gov.in.**

Sd./- Additional Chief Engineer
Central M.I. Circle, Bhubaneswar
OIPR-32047/11/0012/2526

**NOTICE INVITING TENDER** No.CAD-1749
**Office of District Manager**
**Odisha State Civil Supplies Corporation Ltd. (OSCSC) Gajpati**
Name of Unit or Block : Nuagada Block
Tender No. 2801 Dated : 12.09.2025
**Cost of Tender Document : Rs.5900/- Inclusive of GST for each RRC to Unit (Block/ULB) combination of the district.**
**Online Tenders are invited from eligible bidders for selection and appointment of level-II contractor for transporation of Custom Milled Rice (CMR) from Rice Receiving Centre (RRC) to Retail Centre (FPS).**

| | | |
|---|---|---|
| 1 | Availability of tender documents | From Date 13-09-2025. Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference. | On dt 15-09-2025 at CSO Office Paralakhemundi, Collectorate Building, Dist-Gajapati |
| 3 | Last date and time for **online** submission of completed Tender Documents with enclosures | Through e-Procurement portal www.tendersodisha.gov.in Up to 22-09-2025, 5.30 PM |
| 4 | Date, time and venue for opening of Technical Bid by the Tender Committee | On dt 23-09-2025 11.00 AM at Civil Supplies Office, Collectorate Building, Paralakhemundi, Dist-Gajapati |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt 23-09-2025 11.30 AM at Civil Supplies Office, Collectorate Building, Paralakhemundi, Dist-Gajapati |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Venue of the opening of Technical & Financial Bids | Civil Supplies Office, Collectorate Building, Paralakhemundi, Dist-Gajapati |
| 8 | Validity Period | Tenders are to remain open for acceptance for 180 days inclusive of date of opening of tender. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk telephone no | (i) OSCSC Ltd.: District Manager :-9438200040 Accounts Head:-9437202126 (ii) State Procurement Cell:-0674-2530998 / 18003456765 |

**N.B :**
1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any/all of the tenders at any time without assigning any reason thereof.
3. Further details can be obtained in the website www.tendersodisha.gov.in.
4. The bidder must deposit Tender Document Fee and EMD at the time of submission of tender through online payment gate way service.
5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in, www.oscsc.in & www.foododisha.in.

Sd./- District Manager
OSCSC Ltd., Gajapati
OIPR-07087/11/0010/2526

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BERHAMPUR**
(At/Po- Ambapua, Near Income Tax Office, Berhampur - 760011, Ganjam, Odisha)
(E-Mail:- serwbpr2004@yahoo.com, Tel.No.:- 0680-2404287)

**No.e-tender//3353//RWC//BAM//Dated 11.9.25**
**1st Corrigendum to Bid Identification No.Online Tender/24-2025-26/BPR**

**No.O-762:** 1) The partial modification of Road Works under MMSY-TRIP & Bridges Works under Setu Bandhana Yojana (SBY) vide above identification has been made as follows.

| | | | |
|---|---|---|---|
| 1 | Late Date of availability of tender | :: | 23.09.2025 upto 5.30 PM instead of 18.09.2025 upto 5.30 P.M. |
| 2 | Last Date & Time of seeking tender clarification | :: | 20.09.2025 at 5.30 PM instead of 16.09.2025 at 5.30 PM |
| 3 | Date of Opening of Technical Bid | :: | 24.09.2025 at 11.00 AM instead of 19.09.2025 at 11.00 AM |
| 4 | Date of Opening of Financial Bid | :: | **Will be intimated later on.** |

All other contents will remain unchanged.

OIPR-25071/11/0131/2526 Sd./- Chief Construction Engineer, R.W.Circle, Berhampur

**GOVT. OF ODISHA**
**OFFICE OF THE EXECUTIVE ENGINEER (AGRIL), AGRIL, ENGG.DIVISION, KEONJHAR**
AT/PO: MADHAPUR, DISTRICT:KEONJHAR-758001, Email ID: eeagril.kjr@gmail.com
**e-Procurement Notice: Dated 12.09.2025**
**Bid Identification No.EE(AGRIL) Keonjhar Division-01/2025-26**

**No.L-63:**The Executive Engineer (Agril.), Agril, Engg-Division, Keonjhar, Odisha on behalf of the Governor of Odisha, invites percentage rate bids in single cover system from the eligible class of contractors through e-Procurement in ONLINE MODE only in the website "www.tendersodisha.gov.in" for civil works/buildings in the district of Keonjhar as detailed below:

| Sl. No. | Nos. of the work/nature of work for which Tender invited | Approximate Estimated cost put to Tender (Excluding G.S.T.) (Rs. Lakh) | Cost of Bid Documents (in Rs.) | EMD in (Rs.) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| | Total 03 Nos. (Three Nos) Building Works/ Civil Construction works/ PH Sanitary & Electrical Works | Vary from Rs.11.87 Lakh to Rs.15.01 lakh | Rs.6000.00 | 1% of the Amount Put to Tender | C & D | 120 Days |

1. Date & Time of availability of bid document in the portal: 15.09.2025 at 10.00 AM to 22.09.2025, 5.30 PM.
2. Last date/time for receipt of bids in the portal: 22.09.2025 upto 5.30 PM
3. Date of Submission of original bid documents in Tender Box: 15.09.2025, 10.00 AM to 23.09.2025 upto 1.00 P.M.
4. Date & Time of opening of original Documents, Verification & Online bids- 24.09.2025 at 11.00 AM onwards.

The Bidders have to participate in ONLINE bidding only in the e-Procurement website: https://tendersodisha.gov.in. with matching class DSC. Any addendum/corrigendum/cancellation of tender/other details of the DTCN can also be seen in the said website. Authority reserve the right to reject/accept any or all of the tenders, increase/decrease the quantities of works without assigning any reason thereof.

OIPR-01460/11/0007/2526 Sd./- Executive Engineer (Agril.) Agril.Engg. Division, Keonjhar

Government of Odisha
Forest, Environment and Climate Change Department, Odisha
ବାଲେଶ୍ୱର ବନ୍ୟଜୀବ ବନଖଣ୍ଡ, ବାଲେଶ୍ୱର
**OFFICE OF THE DIVISIONAL FOREST OFFICER, BALASORE WILDLIFE DIVISION**
AT/PO: KURUDA, Dist:BALASORE, PIN:756056, ODISHA, Ph.No.:06782-256142, e-mail:dfo.balasorewl@odisha.gov.in
**TENDER CALL NOTICE FOR HIRING VEHICLE**

No.MM-191: Sealed tenders are invited from interested Reputed Travel Agencies / Tour Operators / Individuals for providing approximately 17 (Seventeen) Nos. of Vehicle (BS-VI emission compliant Diesel driven AC) vehicles with commercial registration in accordance with the Office Memorandum No. 15836/F Dated 27.05.2025 of the Finance Department, Govt. of Odisha, for official use (as detailed mentioned below) on hiring basis under the establishment of Balasore Wildlife Division, Balasore. The sealed Tenders shall reach in the O/o the Divisional Forest Officer, Balasore Wildlife Division, Balasore on or before **24th September, 2025** by **11.00 A.M.** through Registered / Speed Post / Courier Service and can also be dropped in the Tender Box placed in the Office of the Divisional Forest Officer, Balasore Wildlife Division, Balasore. The tenders will be opened in the same office on **24th September, 2025 at 12.00 P.M.** The Standard Bidding Document and Terms and Conditions can be downloaded from **https://balasore.odisha.gov.in/ ; https://odishaforest.in/** and also can be obtained from the Office of the Divisional Forest Officer, Balasore Wildlife Division, Balasore from 12th September, 2025 to 23rd September, 2025 during office hours.

| Sl. No. | Name of Office | Safari /Scorpio N/ XUV 700 (equivalent or higher model) Maximum monthly Hiring charge in Rs.44,400/- | Scorpio/ Bolero Neo (equivalent or higher model) Maximum monthly Hiring charge in Rs. 37,200/- |
|---|---|---|---|
| 1 | Divisional Forest Office, Balasore Wildlife Division | 01 | - |
| | | - | 03 |
| 2 | Forest Range Office, Kuldiha WL Range | - | 4 |
| 3 | Forest Range Office, Jaleswar WL Range | - | 2 |
| 4 | Forest Range Office, Chandipur WL Range | - | 2 |
| 5 | Forest Range Office, Soro WL Range | - | 4 |
| 6 | Forest Range Office, Nilgiri WL Range | - | 1 |
| | TOTAL | 01 | 16 |

OIPR-08036/11/0014/2526 Sd./-Divisional Forest Officer, Balasore Wildlife Division, Balasore

**THE ODISHA AGRO INDUSTRIES CORPORATION LTD.**
(A Govt. of Odisha Undertaking)
95-Satya Nagar, Bhubaneswar-7
https://odishaagro.nic.in/
**Invitation for Bids**
**Bid Identification No. M.D. / OAIC - 60 (E & I)/2025-26**

**No.CAD-1747** : The Managing Director, Odisha Agro Industries Corporation Ltd., Bhubaneswar, on behalf of Governor of Odisha, invites **percentage rate** bids in **double cover** system in **ONLINE MODE** only, for the following works.

| Sl. No. | Name of the Work | Value of work (Excluding GST) | Bid Security (In ₹) | Cost of document | Period of completion | Class of Bidder |
|---|---|---|---|---|---|---|
| 1 | Construction of MPAG-cum-DTC building at CDAO Campus, Madhapur, Keonjhar | Rs.66,38,650/- | 1% i.e. Rs.66,400/- | ₹ 12,390/- | 6 (Six) Calendar Months | 'B' Class |

1. Bid documents such as DTCN / BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period **dt.10.09.2025 to 15:00 Hours of dt.03.10.2025**.
2. Online bids shall be received till **15:00 Hours of dt.03.10.2025**.
3. Bid Security amount & cost of bid document are to be remitted online through a process as mentioned in DTCN.
4. The technical bids will be opened at **16:00 Hours of dt.03.10.2025** in the office of the Managing Director, The Odisha Agro Industries Corporation Ltd., 95-Satyanagar, Bhubaneswar.
5. The bidder must possess compatible **Digital Signature Certificate (DSC)** of Class – II or Class – III.
6. The authority reserves the right to reject any or all bids without assigning any reason thereof.

Sd./- Managing Director
OAIC Ltd., Bhubaneswar
OIPR-01047/11/0055/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ବୁବୁଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପାକିସ୍ତାନ ବିପକ୍ଷରେ ଭାରତ ଫେଭରାଇଟ୍

**ଦୁବାଇ,୧୩।୯(ପି.ଟି.)**

ରବିବାର ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଚଳିତ ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟରେ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଏହି ହାଇଭୋଲଟେଜ ମ୍ୟାଚ୍‌କୁ ନେଇ ସର୍ବଦା କ୍ରିକେଟ୍ ପ୍ରଶଂସକଙ୍କ ମଧ୍ୟରେ ଉତ୍କଣ୍ଠା ରହିଥାଏ। ହେଲେ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ଶତ୍ରୁତା ବୃଦ୍ଧି ପାଇଛି। ଏଥିଯୋଗୁ ପାକିସ୍ତାନ ବିପକ୍ଷ ମ୍ୟାଚ୍‌କୁ ସମ୍ପୂର୍ଣ୍ଣ ବର୍ଜନ କରିବାକୁ କିଛି ବର୍ଗ ଆହ୍ୱାନ ଦେଇଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ ପାକିସ୍ତାନଠାରୁ ଭାରତ ପାଖରେ ଅଧିକ ଶକ୍ତିଶାଳୀ ଦଳ ଥିବାରୁ ଏହି ମ୍ୟାଚ୍‌କୁ ନେଇ ପ୍ରଶଂସକଙ୍କ ମଧ୍ୟରେ ବିଶେଷ ଆଗ୍ରହ ନାହିଁ। ଏପରି କି ଦୁଇ ସପ୍ତାହ ପୂର୍ବେ ମ୍ୟାଚ୍ ଲାଗି ଟିକେଟ୍ ବିକ୍ରି ଆରମ୍ଭ ହେବା ସତ୍ତ୍ୱେ ହଜାର ହଜାର ସଂଖ୍ୟାରେ ଟିକେଟ୍ ବିକ୍ରି ହୋଇପାରି ନାହିଁ।

ଗତ ଥର ଚାମ୍ପିୟନ ଭାରତ ମ୍ୟାଚ୍ ଜିତିବା ପାଇଁ ଫେଭରାଇଟ୍ ରହିବ। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ତା'ର ପ୍ରଥମ ମ୍ୟାଚ୍‌ରେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)କୁ ସହଜରେ ହରାଇ ଅଭିଯାନ ଆରମ୍ଭ କରିଛି। ଦଳରେ ଶୁବମନ ଗିଲ, ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଯଶପ୍ରୀତ ବୁମରା, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀଙ୍କ ଭଳି ତାରକା ରହିଛନ୍ତି। ଏଣୁ ଭାରତୀୟ ଦଳ ପ୍ରଭାବୀ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ସଲମାନ ଅଲୀ ଅଘାଙ୍କ ନେତୃତ୍ୱାଧୀନ ଦଳରେ ସ୍ୟାମ ଆୟୁବ ଓ ହାସନ ନୱାଜଙ୍କ ଭଳି ଯୁବ ପ୍ରତିଭା ରହିଛନ୍ତି। ୟୁଏଇର କଣ୍ଡିଶନ ସହ ପାକିସ୍ତାନ ଅଧିକ ପରିଚିତ ଥିବାରୁ ଶାହୀନ ଶାହା ଆଫ୍ରିଦି ଭାରତର ବ୍ୟାଟିଂ ଲାଇନ ପାଇଁ ଚ୍ୟାଲେଞ୍ଜ ସାବ୍ୟସ୍ତ ହୋଇପାରନ୍ତି।


ସୂର୍ଯ୍ୟକୁମାର ଯାଦବ



ସଲମାନ ଅଲୀ ଅଘା

ଭାରତ ଓ ପାକିସ୍ତାନ ମଧ୍ୟରେ ଏପର୍ଯ୍ୟନ୍ତ ୧୩ଟି ଟି୨୦ ମ୍ୟାଚ୍ ଖେଳାଯାଇଛି। ସେଥିରୁ ଭାରତ ୧୦ଥର ଜିତିଥିବା ବେଳେ କେବଳ ୩ ମ୍ୟାଚ୍‌ରେ ପାକିସ୍ତାନ ବିଜୟ ସ୍ୱାଦ ଚାଖିଛି। ଅନ୍ତିମ ଥର ଦୁଇ ଦଳ ଗତ ବର୍ଷ ଜୁନ ୯ ତାରିଖରେ ନ୍ୟୁୟର୍କରେ ପରସ୍ପରକୁ ଭେଟିଥିଲେ। ଏହି ଲୋ ସ୍କୋରିଂ ମ୍ୟାଚ୍‌କୁ ଭାରତ ୬ ରନରେ ଜିତିଥିଲା। ଉଲ୍ଲେଖଯୋଗ, ୨୦୨୧ ଟି୨୦ ବିଶ୍ୱକପ୍‌ରେ ସମାନ ଭେନ୍ୟୁରେ ପାକିସ୍ତାନ ୧୦ ଉଇକେଟରେ ଭାରତକୁ ହରାଇଥିଲା, ଯାହାକି କ୍ରିକେଟ୍ ବିଶ୍ୱକପ୍ ଇତିହାସରେ ଭାରତ ବିପକ୍ଷରେ ପାକିସ୍ତାନ ପାଇଁ ପ୍ରଥମ ବିଜୟ ଥିଲା। ଏହାପରେ ଭାରତ ୨୦୨୨ ଓ ୨୦୨୪ ଟି୨୦ ବିଶ୍ୱକପ୍‌ରେ ପାକିସ୍ତାନକୁ ହରାଇଥିଲା। ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ଅନ୍ତିମ ୫ ମ୍ୟାଚ୍ ମଧ୍ୟରେ ଭାରତ ୩ଟି ଜିତିଛି।

### ଏସିଆ କପ୍ କ୍ରିକେଟ

**(ଆଜିର ମ୍ୟାଚ୍)**

**ଭାରତ ବନାମ ପାକିସ୍ତାନ**

ଭେନ୍ୟୁ: ଆବୁଧାବି,
ସମୟ: ରାତି ୮ଟା

ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟୱର୍କ

# ଶ୍ରୀଲଙ୍କାର ପ୍ରଭାବୀ ବୋଲିଂ

**ଆବୁଧାବି,୧୩।୯**

ଚଳିତ ଏସିଆ କପ୍‌ରେ ଶନିବାର ଖେଳାଯାଇଥିବା ପଞ୍ଚମ ମ୍ୟାଚ୍‌ରେ ବାଂଲାଦେଶ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୩୯ ରନ କରିଛି। ଦୁଇ ଓପନର ତାଞ୍ଜିଦ ହାସନ ତମିମ ଓ ପରଭେଜ ହୋସେନ ଏମନ ଖାତା ଖୋଲିପାରିନଥିବା ବେଳେ ତୋହିଦ ହ୍ରିଦୟ ୮ ଓ ମେହେଦି ହାସନ ୯ ରନ କରିଥିଲେ। ଅଧିନାୟକ ଲିଟନ ଦାସ ୨୮ ରନ କରି ଆଉଟ୍ ହୋଇଥିବା ବେଳେ ଜାକର ଅଲୀ ୪୧ ଓ ଶମିମ ହୋସେନ ୪୨ ରନ କରି ଶେଷପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଶ୍ରୀଲଙ୍କ ପାଇଁ ୱାନିନ୍ଦୁ ହସରଙ୍ଗା ଦୁଇଟି ଉଇକେଟ ନେଇଥିବା ବେଳେ ନୁୱାନ ଥୁଶାରା ଓ ଦୁଶମନ୍ଥା ଚମିରା ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ: ୨୦ ଓଭରରେ ୧୩୯/୫ (ଲିଟନ ଦାସ-୨୮, ଜାକର ଅଲୀ-୪୧*, ଶମିମ ହୋସେନ-୪୨*, ୱାନିନ୍ଦୁ ହସରଙ୍ଗା-୨/୨୫, ଦୁଶମନ୍ଥା ଚମିରା-୧/୧୭)।

### ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍

# ଈଶାଙ୍କୁ ଏୟାର ପିସ୍ତଲରେ ସ୍ୱର୍ଣ୍ଣ



**ନିଙ୍ଗବୋ (ଚାଇନା), ୧୩।୯ (ପି.ଟି.)**

ଅଲିମ୍ପିଆନ ତଥା ବର୍ତ୍ତମାନର ମିକ୍ସଡ ଟିମ୍ ପିସ୍ତଲ ବିଶ୍ୱ ଚାମ୍ପିୟନ ଈଶା ସିଂ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ରାଇଫଲ/ପିସ୍ତଲ ଇଭେଣ୍ଟର ମହିଳା ୧୦ମିଟର ଏୟାର ରାଇଫଲରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥିସହିତ ସେ ଭାରତର ପଦକ ଖାତା ଖୋଲିଛନ୍ତି। ନିଙ୍ଗବୋ ଅଲିମ୍ପିକ ସ୍ପୋର୍ଟ୍ସ ସେଣ୍ଟରଠାରେ ଏହି ୨୦ ବର୍ଷୀୟା ଶୁଟର ଏକ ସଂଘର୍ଷପୂର୍ଣ୍ଣ ଫାଇନାଲରେ ସ୍ଥାନୀୟ ଫେଭରାଇଟ୍ ୟାଓ ଜିଆନ୍‌ଜୁନ୍‌ଙ୍କୁ ୦.୧ ପଏଣ୍ଟରେ ହରାଇ ଦେଇଛନ୍ତି। ବର୍ତ୍ତମାନର ଅଲିମ୍ପିକ ଚାମ୍ପିୟନ ତଥା ଦକ୍ଷିଣ କୋରିଆର ଓହ୍ ୟେଜିନ୍ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଇଭେଣ୍ଟରେ ଈଶାଙ୍କର ଏହା ହେଉଛି ପ୍ରଥମ ବିଶ୍ୱକପ୍ ସ୍ୱର୍ଣ୍ଣ। ତାଙ୍କର ଏହି ପଦକ ବଳରେ ଭାରତକୁ ବର୍ତ୍ତମାନ ପଦକ ଟେବୁଲରେ ୫ମ ସ୍ଥାନ ମିଳିଛି। ଏଥିସହିତ ଭାରତ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ଜିତିଥିବା ଅନ୍ୟ ୪ ଦେଶ ସହ ଯୋଗ ଦେଇଛି। ଆୟୋଜକ ଚାଇନା ଦୁଇ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ସହ ଷ୍ଟାଣ୍ଡିଂର ଶୀର୍ଷସ୍ଥାନରେ ରହିଛି। ଟୁର୍ନାମେଣ୍ଟର ପ୍ରତ୍ୟେକ ଇଭେଣ୍ଟ ଲାଗି ଭାରତ ଏହାର ୪ର୍ଥ ଓ ୬ଷ୍ଠ ର୍‍ୟାଙ୍କିଂପ୍ରାପ୍ତ ଶୁଟରଙ୍କୁ ପଠାଇଛି।

# ଭୁବନେଶ୍ୱରରେ ଏସିଆନ ଟିଟି ଅକ୍ଟୋବର ୧୧ରୁ

**ନୂଆଦିଲ୍ଲୀ, ୧୩।୯ (ପି.ଟି.)**

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଓହରିଯିବାରୁ ଭୁବନେଶ୍ୱରରେ ହେବାକୁଥିବା ୨୮ତମ ଆଇଟିଟିଏଫ୍-ଏଟିଟିୟୁ ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍‌ରେ ୨୨ଟି ଦେଶ ଭାଗ ନେବେ ବୋଲି ସ୍ପଷ୍ଟ ହୋଇଛି। ଓଡ଼ିଶାରେ ପ୍ରଥମ ଥର ଏସୀୟସ୍ତର ଟେବୁଲ ଟେନିସ ଚାମ୍ପିୟନଶିପ୍ ଆୟୋଜନ ହେବାକୁ ଯାଉଛି। ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ୫୦୦ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିବ। ତନ୍ମଧ୍ୟରେ ୪୫୦ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ରହିଛନ୍ତି। ଏହାଛଡ଼ା ୭୦ରୁ ୮୦ ଏସିଆନ ଟେବୁଲ ଟେନିସ ୟୁନିୟନ ଅଫିସିଆଲ ମଧ୍ୟ ଆସିବେ। ଏହି ଚାମ୍ପିୟନଶିପ୍ ୧୬ବର୍ଷ ପରେ ଭାରତକୁ ଫେରିଛି। ବିଶ୍ୱସ୍ତରରେ ଏହି ଖେଳରେ ଏସିଆର ଆଧିପତ୍ୟ ରହିଥିବାରୁ ଖେଳାଳିମାନଙ୍କଠାରୁ ଉଚ୍ଚ ମାନର କ୍ରୀଡ଼ା କୌଶଳ ଦେଖିବାକୁ ମିଳିବ। ହେଭିୱେଟ୍ ଚାଇନା, ଜାପାନ ଓ କୋରିଆ ଉଭୟ ପୁରୁଷ ଓ ମହିଳା ବିଭାଗରେ ୧୦ ଜଣିଆ ଦଳ ପଠାଇବେ, କାରଣ ସେମାନେ ଲଣ୍ଡନରେ ହେବାକୁଥିବା ୨୦୨୬ ବିଶ୍ୱ ଟିମ୍ ଚାମ୍ପିୟନଶିପ୍ ପାଇଁ ଏହାକୁ ପ୍ରସ୍ତୁତି ଇଭେଣ୍ଟ ଭାବେ ବିବେଚନା କରୁଛନ୍ତି।


### ଜନ୍ମଦିନ ଶୁଭେଚ୍ଛା



**ଶ୍ରୁତିଶ୍ରୀ ସିହ୍ନା (ବୁବୁଲୁ)**
ବୌଦ୍ଧ, ପୋଡ଼ାପୋଡ଼ା
ତୋର ୧୭ତମ ଜନ୍ମଦିନ ଅବସରରେ ଶୁଭେଚ୍ଛା ଓ ଶୁଭକାମନା । ପ୍ରଭୁଶ୍ରୀ ସାକ୍ଷୀଗୋପାଳ ଓ ଶ୍ରୀଜଗନ୍ନାଥ ତୋ ଚଲାପଥ କୁସୁମିତ କରନ୍ତୁ ।
ଶୁଭେଚ୍ଛା ସହ: ଆଈ, ଗୁଗୁଲ, ଢୁଢୁଲୁ
ଧ-୧୯୭୩


# ଲକ୍ଷ୍ୟ, ସାତ୍ୱିକ-ଚିରାଗ ଫାଇନାଲରେ

**ହଂକଂ, ୧୩।୯ (ପି.ଟି.)**

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଏବଂ ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଏଠାରେ ଚାଲିଥିବା ହଂକଂ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଆଲମୋରାର ୨୩ ବର୍ଷୀୟ ସେନ୍ ହେଉଛନ୍ତି ୨୦୨୧ ବିଶ୍ୱ ଚାମ୍ପିୟନଶିପ୍‌ର ବ୍ରୋଞ୍ଜ ବିଜେତା। ଦୀର୍ଘଦିନ ପରେ ଏକ ଟାଇଟଲ ସମ୍ଭାବନା ସୃଷ୍ଟି କରିଛନ୍ତି। ଶନିବାର ୫୬ ମିନିଟର ଏକ ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ସେ ବିଶ୍ୱର ୯ ନମ୍ବର ତଥା ତୃତୀୟ ସିଡ୍ ଚାଇନିଜ ତାଇପେଇର ଚୋଉ ତିନ୍ ଚେନ୍‌ଙ୍କୁ ୨୩-୨୧, ୨୨-୨୦ରେ ହରାଇ ଦେଇଛନ୍ତି। ଦୁଇ ବର୍ଷ ମଧ୍ୟରେ ଏକ ବଡ଼ ଟୁର୍ନାମେଣ୍ଟରେ ସେ ପ୍ରଥମ ଥର ଏକ ଫାଇନାଲ ଖେଳିବାକୁ ଯାଉଛନ୍ତି।

ଅନ୍ୟପକ୍ଷରେ ବିଶ୍ୱର ୯ ନମ୍ବର ଭାରତୀୟ ଯୋଡ଼ି ସାତ୍ୱିକ ଓ ଚିରାଗ ସେମାନଙ୍କ ସେମିଫାଇନାଲରେ ଚାଇନିଜ ତାଇପେଇର ବିଙ୍ଗ୍‌ୱି ଲିନ୍ ଓ ଚେନ୍ ଚେଙ୍ଗ୍ କୁଆନଙ୍କୁ ୨୧-୧୭, ୨୧-୧୫ରେ ହରାଇ ଦେଇଛନ୍ତି। ଚଳିତ ସିଜନରେ ସେମାନେ ୬ଟି ଟୁର୍ନାମେଣ୍ଟରେ ସେମିଫାଇନାଲରେ ପରାଜିତ ହେବାପରେ ପ୍ରଥମ ଥର ଫାଇନାଲରେ ପ୍ରବେଶ କରିପାରିଛନ୍ତି। ୮ମ ସିଡ୍ ଭାରତୀୟ ଯୋଡ଼ି ଚାଇନାର ଲିଆଙ୍ଗ ୱି କେଙ୍ଗ୍ ଓ ୱାଙ୍ଗ୍ ଚାଙ୍ଗଙ୍କ ମଧ୍ୟରେ ଅନୁଷ୍ଠିତ ହେବାକୁଥିବା ଅନ୍ୟ ସେମିଫାଇନାଲର ବିଜେତାଙ୍କୁ ଭେଟିବେ। ବର୍ଷକ ପୂର୍ବେ ଏହି ଭାରତୀୟ ଯୋଡ଼ି ମାଲେସିଆର ଆରୋନ ଚିଆ ଓ ସୋହ ଉଇ ୟିକ୍‌ଙ୍କଠାରୁ ପରାଜିତ ହୋଇ ଏକ ଅଲିମ୍ପିକ ପଦକରୁ ବଞ୍ଚିତ ହୋଇଛନ୍ତି। ତେବେ ପରେ ବିଶ୍ୱ ଚାମ୍ପିୟନଶିପ୍ ଏକ ବ୍ରୋଞ୍ଜ ପଦକ ହାସଲ କରିବା ଦ୍ୱାରା ସେମାନଙ୍କୁ କିଛିଟା ସାନ୍ତ୍ୱନା ମିଳିଥିଲା। ସାଇନା ନେହ୍ୱାଲ ଓ ପି.ଭି ସିନ୍ଧୁଙ୍କ ପରେ ଏକ ଇଭେଣ୍ଟରେ ଏକାଧିକ ପଦକ ଜିତିବାରେ ସେମାନେ ତୃତୀୟ ଭାରତୀୟ ଯୋଡ଼ି ବିବେଚିତ ହୋଇଥିଲେ।


ଲକ୍ଷ୍ୟ ସେନ୍

### ଏସିଆ କପ୍ ମହିଳା ହକି

# ଭାରତ-ଚାଇନା ଫାଇନାଲ

**ହାଙ୍ଗ୍‌ଝୋ (ଚାଇନା), ୧୩।୯ (ପି.ଟି.)**

ଏସିଆକପ୍ ମହିଳା ହକିର ଫାଇନାଲ ରବିବାର ଭାରତ ଓ ଚାଇନା ମଧ୍ୟରେ ଖେଳାଯିବ। ଟୁର୍ନାମେଣ୍ଟର ସୁପର-୪ ପର୍ଯ୍ୟାୟରେ ଶନିବାର ଭାରତ ଓ ଜାପାନ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ ୧-୧ରେ ଡ୍ର ରହିଥିଲା। ଭାରତର ଫାଇନାଲରେ ପ୍ରବେଶ ଚାଇନା-କୋରିଆ ମ୍ୟାଚର ଫଳାଫଳ ଉପରେ ନିର୍ଭର କରୁଥିଲା। ସୌଭାଗ୍ୟ ବଶତଃ ଏହି ମ୍ୟାଚରେ ଚାଇନା ୧-୦ ଗୋଲ୍‌ରେ କୋରିଆକୁ ହରାଇ ଦେଇଥିଲା। ଜାପାନ ବିପକ୍ଷ ମ୍ୟାଚରେ ଭାରତର ଆରମ୍ଭ ଉତ୍ସାହଜନକ ଥିଲା। ୭ମ ମିନିଟରେ ବିୟୁଟି ଡୁଙ୍ଗ୍ ଡୁଙ୍ଗ୍ ପ୍ରଥମ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ଜାପାନ ବିଳମ୍ବରେ ପ୍ରତ୍ୟାବର୍ତ୍ତନ କରିଥିଲା। ଖେଳ ଶେଷ ହେବାକୁ ଆଉ ୨ ମିନିଟ ସମୟ ବାକିଥିବା ବେଳେ କୋବାୟାକାୱା ଶିହୋ ଏକ ଗୋଲ୍ ସ୍କୋର କରି ମ୍ୟାଚକୁ ୧-୧ ବରାବର ସ୍ଥିତିକୁ ନେଇ ଆସିଥିଲେ। ଟୁର୍ନାମେଣ୍ଟରେ ଦୁଇ ଦଳ ମଧ୍ୟରେ ଏହା ଦ୍ୱିତୀୟ ଡ୍ର'। ପୁଲ୍ ପର୍ଯ୍ୟାୟରେ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୨-୨ରେ ଅମୀମାଂସିତ ରହିଥିଲା। ଭାରତ ଯଦି ପୂର୍ବରୁ କୋରିଆ ବିପକ୍ଷରେ ବିଜୟ ହାସଲ କରିପାରିଥାନ୍ତା ତେବେ ଆୟୋଜକ ଚାଇନା ବିପକ୍ଷରେ ଫାଇନାଲ ଖେଳିବା ଲାଗି ସିଧାସଳଖ ଯୋଗ୍ୟତା ହାସଲ କରିପାରିଥାନ୍ତି।

# ବିସିସିଆଇ ଏଜିଏମ୍: ଗାଙ୍ଗୁଲି, ଭଜି ଭାଗନେବେ

**ମୁମ୍ବାଇ,୧୩।୯(ପି.ଟି.)**

ଭାରତର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି, ପୂର୍ବତନ ସ୍ପିନର ହରଭଜନ ସିଂ (ଭଜି), ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଓ ଆଇପିଏଲ୍ ଚେୟାରମ୍ୟାନ ଅରୁଣ ସିଂ ଧୁମଲ ଆସନ୍ତା ୨୮ ତାରିଖରେ ହେବାକୁ ଥିବା ବିସିସିଆଇର ବର୍ଷିକ ସାଧାରଣ ବୈଠକ (ଏଜିଏମ୍)ରେ ନିଜ ରାଜ୍ୟ ଆସୋସିଏଶନ ଲାଗି ପ୍ରତିନିଧିତ୍ୱ କରିବେ। କ୍ରିକେଟ ଆସୋସିଏନ ଅଫ୍ ବେଙ୍ଗଲ (ସିଏବି) ପକ୍ଷରୁ ପ୍ରତିନିଧି ଭାବେ ବିସିସିଆଇର ପୂର୍ବତନ ସଭାପତି ଗାଙ୍ଗୁଲି ଓ ପଞ୍ଜାବ କ୍ରିକେଟ ଆସୋସିଏନ (ପିସିଏ) ପକ୍ଷରୁ ଭଜିଙ୍କ ନାମ ପଠାଯାଇଛି। ସାଇକିଆ ଓ ଧୁମଲ ଯଥାକ୍ରମେ ଆସାମ କ୍ରିକେଟ୍ ଆସୋସିଏଶନ ଓ ହିମାଚଳ ପ୍ରଦେଶ କ୍ରିକେଟ୍ ଆସୋସିଏଶନର ପ୍ରତିନିଧିତ୍ୱ କରିବେ। ସେହିଭଳି ବିସିସିଆଇ କୋଷାଧ୍ୟକ୍ଷ ପ୍ରଭତେଜ ସିଂ ଭାଟିଆ ଛତିଶଗଡ଼ ରାଜ୍ୟ କ୍ରିକେଟ୍ ସଂଘ ଓ ଉପ ସଭାପତି ରାଜୀବ ଶୁକ୍ଳା ଉତ୍ତର ପ୍ରଦେଶ କ୍ରିକେଟ୍ ଆସୋସିଏଶନର ପ୍ରତିନିଧିତ୍ୱ କରିବେ ବୋଲି ନିର୍ବାଚନ ଲାଗି ନିଯୁକ୍ତ ଇଲେକ୍ଟୋରାଲ ଅଫିସର ଏକେ ଜ୍ୟୋତି ଶନିବାର ଜାରି କରିଥିବା ତାଲିକାରେ ଦର୍ଶାଯାଇଛି।


# Classified Everyday

**0674-2580101, 9692975378**


MATRIMONIAL

**GROOM WANTED**

ବୟସ 29, College Librarian ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-1968

44 ବର୍ଷ, Govt. High School Teacher, ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। ଘରଜ୍ୱାଇଁଆ ଗ୍ରହଣୀୟ। 8455853154. D-1969


REAL ESTATE

**SALE**

Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call-9827439338. D-1803

ଭୁବନେଶ୍ୱର AIIMS Medical ପାଖରେ B.D.A. Town Planning Road 30ft., Electricity, Yellowzone ଘରବାଡ଼ି ପାଚେରି ସହ ପ୍ଲଟ୍ ମିଳୁଅଛି। (No broker). 9437537549, 7735595306. D-1966

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **9692276835, 7077632085.** D-1698

ପୁରୀ ଶ୍ରୀମନ୍ଦିରଠାରୁ ମାତ୍ର ୫କିଲୋମିଟର ଦୂର ମଙ୍ଗରାଜପୁର ଛକ ନିକଟରେ 200ଫୁଟ ରାସ୍ତା ପାଖରେ ଅତିଶୀଘ୍ର ଘର କରିବାଯୋଗ୍ୟ ପ୍ଲଟ୍ ବର୍ଗ ଫୁଟକୁ **2700** ଟଙ୍କା। **Genuine Buyer please Call- 9438109040/ 8144658008.** D-1921

ଭୁବନେଶ୍ୱର ନଖରାଛକରୁ 9 K.M. ଦୂରରେ ଘରବାରି ପ୍ଲଟ 8,40,000/- ରେ ମିଳୁଛି। 8093465134. D-1923

ଭୁବନେଶ୍ୱର ପିତାପଲ୍ଲିଛକ **NH side**ରେ **immediate** ଘରବାଲା ଭଳି ପ୍ଲଟ୍ **Boundary,** ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- **9337166296.** D-1941


TOURS & TRAVELS

ଆଣ୍ଡାମାନ ସ୍ପେଶାଲ- ସୀମିତ ମୂଲ୍ୟରେ ଆଣ୍ଡାମାନ ଗସ୍ତ 6 ରାତି 7 ଦିନ। ଡାଇନିଂ ଏସି ରୁମ୍/କାର୍/ଏସି କ୍ରୁଜ୍ ମୋଟ 17,777/-. 9641286599. D-1972




Newly open Jyoti SPA positively health benefits (expert therapist). 8458067955. D-1885

The massage felt totally professional! & comfortable at all times- 7978109255. D-76492

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue of an affidavit sworn before (Executive Magistrate), Erasama, dated- 10.04.2025, I, Rabi Chandra Samal, Address: At- Kiada, P.O.- Ambiki, P.S.- Erasama, Dist.- Jagatsinghpur, PIN- 754139 declare that I have changed my name from RABINDRA SAMAL (Old name) to Rabi Chandra Samal (New name). Henceforth, I shall be known as Rabi Chandra Samal (New name) for all purposes.
Rabi Chandra Samal
D-1970

By virtue of an affidavit sworn before the Executive Magistrate, Titilagarh, No.- 527, date 06.09.25, I, Raghunath Tandi, S/o- Rushi Tandi, R/o. At/ P.O.- Goelbhadi, P.S.- Saintala, Dist.- Bolangir (Odisha), PIN-767033 declare that I have changed my daughter's name from Neha Tandi to Sneha Tandi. Henceforth, she shall be known as Sneha Tandi for all purposes.
Raghunath Tandi
D-1967

I, Gadadhara Pradhan, S/o- Late Magati Pradhan, resident of Village/Post- Ataranga, P.S.- Aska, Dist.- Ganjam, Odisha, India, PIN- 761116 declare this affidavit No.- 2179, dated 11.09.2025 that now onwards I shall be known as Gadadhar Pradhan for all future purpose.
ଗଦାଧର ପ୍ରଧାନ
ଧ-୧୯୭୧

By virtue of an affidavit sworn before Executive Magistrate, Patrapur, dated 10.07.2024, I, Bibek Badatya, S/o- Abhimanyu Badatya, At- B Nuagam Sasan, P.O.- B Nugam, P.S.- Jarada, Dist.- Ganjam, Odisha, 761006, declare that I have Changed my name from Ganesh Babdatya to Bibek Badatya. Henceforth, I shall be known as Bibek Badatya for all purposes. D-1974

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Notary Public, Bhubaneswar that I, Prajnaparamita Rout, my father's correct name is Sudhansu Sekhar Rout in my Aadhaar Card. But in my HSC Certificate father name mentioned as Sudhanshu Sekhar Rout. So, I declare that above father's both name is same and one person. D-1976

**LEGAL NOTICE**

In the Court of Sub-Divisional Judicial Magistrate, Bargarh
1.C.C No. 59 of 2016
Byomakesh Kar
....Complainant
Versus
Ashok Kumar Bhoi
...Accused
Notice
To,
Ashok Kumar Bhoi, S/o- Jaldhar Bhoi, R/o- Rinbachana, P.S./Tahasil- Loisinga, Dist.- Bolangir
Take notice that, the above case is pending against you under section 138 of Negotiable Instrument Act in this Court and you are directed to appear on Dt.16.10.2025 at 10.30 A.M in this Court positively.
S.D.J.M, Bargarh
D-1975

# ପୁସ୍ତକପ୍ରେମୀଙ୍କ ସାଥୀ ଇ-ବୁକ୍

**ବହି ପଢ଼ିବା ଅନେକଙ୍କର କେବଳ ଏକ ରୁଚି ନୁହେଁ ନିଶା ମଧ୍ୟ । କାରଣ ଏଥିପାଇଁ ସେମାନେ କେବେ ବହି ଦୋକାନ ତ କେବେ ପୁସ୍ତକ ମେଳା ଆଉ ପୁଣି କେବେ ପହଞ୍ଚିଯାଆନ୍ତି ଲାଇବ୍ରେରିରେ। ଏମିତିକି ବିଭିନ୍ନ ଅନ୍‌ଲାଇନ୍ ଶପିଂ ସାଇଟ୍‌ରୁ ବି ମଗାଇଥାନ୍ତି ବହି । ହେଲେ ଯେବେ ପଢ଼ିବାକୁ ଇଚ୍ଛା ଥିବା କୌଣସି ବହି ସହଜରେ ନ ମିଳେ ଅବା ଦାମ୍ ଆକାଶଛୁଆଁ ହୋଇଥାଏ ସେତେବେଳେ ହୁଏ ମନ କଷ୍ଟ। ଏମିତିରେ ପୁସ୍ତକପ୍ରେମୀମାନଙ୍କ ସମସ୍ୟାର ବେଷ୍ଟ ସମାଧାନର ମାଧ୍ୟମ ପାଲଟିଛି ବିଭିନ୍ନ ଫ୍ରି ବୁକ୍ ରିଡିଂ ପ୍ଲାଟ୍‌ଫର୍ମ...**





ବିଭିନ୍ନ ପ୍ରକାରର ବହି ପଢ଼ିବାରେ ଅନେକେ ରୁଚି ରଖନ୍ତି । କିନ୍ତୁ କେବେ କେବେ ବହି ନ ମିଳିବା ଅବା ଅଧିକ ଟଙ୍କା ଯୋଗୁ ଇଚ୍ଛା ଥିଲେ ସୁଦ୍ଧା କେତେକ ବହି ପଢ଼ି ହେଉ ନ ଥିବାରୁ ଅନେକଙ୍କ ମନ କଷ୍ଟ ହୋଇଥାଏ । ହେଲେ ବର୍ତ୍ତମାନ ଇଣ୍ଟରନେଟ୍‌ରେ ଉପଲବ୍ଧ ବିଭିନ୍ନ ଫ୍ରି ରିଡିଙ୍ଗ୍ ପ୍ଲାଟ୍‌ଫର୍ମ ଏବେ ପୁସ୍ତକପ୍ରେମୀଙ୍କ ପାଇଁ ବିନା ଖର୍ଚ୍ଚରେ ନିଜ ପସନ୍ଦର ବହି ପଢ଼ିବାର ସୁଯୋଗ ଆଣି ଦେଇଛି । ଯେଉଁଥିରେ ପଢ଼ା ବହିଠୁ ଆରମ୍ଭ କରି ଗପ, କବିତା, ଉପନ୍ୟାସ, ଆତ୍ମଜୀବନୀ ଏବଂ ଅନେକ ପ୍ରକାରର ବହି ପଢ଼ିବା ସହିତ ଅଡିଓ ବୁକ୍‌ର ମଧ୍ୟ ସୁବିଧା ରହିଛି । ଜାଣନ୍ତୁ କେତୋଟି ଲୋକପ୍ରିୟ ଅନ୍‌ଲାଇନ୍ ବୁକ୍ ରିଡିଙ୍ଗ୍ ପ୍ଲାଟ୍‌ଫର୍ମ ସମ୍ପର୍କରେ...

**ପ୍ରୋଜେକ୍ଟ ଗୁଟେନ୍‌ବର୍ଗ:** ଫ୍ରି ଡିଜିଟାଲ୍ ପ୍ଲାଟ୍‌ଫର୍ମ ଭିତରେ ଏହା ସବୁଠୁ ପୁରୁଣା ତଥା ବିଶ୍ୱସନୀୟ । ଏଠାରେ ୭୫ ହଜାରରୁ ଊର୍ଦ୍ଧ୍ୱ ପବ୍ଲିକ୍ ଡୋମେନ୍ ପୁସ୍ତକ ଉପଲବ୍ଧ, ଯେଉଁଥିରେ ଜେନ୍ ଅଷ୍ଟେନ୍, ୱିଲିୟମ ସେକ୍ସପିଅର୍, ଚାର୍ଲ୍ସ ଡିକେନ୍ସ, ମାର୍କ ଟ୍ୱାଇନ୍‌ଙ୍କ ଭଳି ପ୍ରସିଦ୍ଧ ଲେଖକଙ୍କ ପୁସ୍ତକ ଉପଲବ୍ଧ । ଏହି ପୁସ୍ତକ ସବୁ ନର୍ମାଲ୍ ଟେକ୍ସଟ୍‌ରୁ ଆରମ୍ଭ କରି ଇ-ପବ୍, କିଣ୍ଡଲ୍, ପିଡିଏଫ୍ ଆଦି ଫର୍ମାଟ୍‌ରେ ରହିଛି, ଯାହାକୁ ବିନା ରେଜିଷ୍ଟ୍ରେଶନ୍ ଡିଭାଇସ୍‌ରେ ଡାଉନ୍‌ଲୋଡ୍ କରାଯାଇପାରିବ । କ୍ଲାସିକ୍ ସାହିତ୍ୟ ପଢ଼ିବା ପାଇଁ ଏହା ସବୁଠୁ ଭଲ ପ୍ଲାଟ୍‌ଫର୍ମ ।

**ଗୁଗୁଲ୍ ପ୍ଲେ ବୁକ୍ସ:** ଏହା ମଧ୍ୟ ମାଗଣା ବହିର ଏକ ବଡ ଉତ୍ସ । ଫ୍ରି ବୁକ୍ସ ସର୍ଚ୍ଚ କରି ଏଥିରେ ଫିକ୍ସନ୍, ନନ୍‌ଫିକ୍ସନ, ବାୟୋଗ୍ରାଫି, ବିଜ୍‌ନେସ୍, ଫାଣ୍ଟାସି, ମିଷ୍ଟରୀ, ସାଇନ୍ସ ଫିକ୍ସନ୍, ଟେକ୍ସଟ୍ ବୁକ୍ ଆଦି ଉପଲବ୍ଧ । ଏହାକୁ ଆପଣ ଡାଉନ୍‌ଲୋଡ୍ ମଧ୍ୟ କରିପାରିବେ ।

**ଓପନ୍ ଲାଇବ୍ରେରି:** ଇଣ୍ଟରନେଟ୍ ଆର୍କାଇଭ୍‌ର ଏହା ଏକ ଅଂଶ । ଏହି ବିଶାଳ ଡିଜିଟାଲ୍ ଲାଇବ୍ରେରି ପ୍ରତ୍ୟେକ ପ୍ରକାଶିତ ବହି ପାଇଁ ଏକ ୱେବ୍ ପେଜ୍ ଆରମ୍ଭ କରିବା ଲାଗି କାର୍ଯ୍ୟ କରୁଛି । ଏଥିରେ ଲକ୍ଷ ଲକ୍ଷ ସଂଖ୍ୟାରେ ପୁସ୍ତକ ରହିଛି ଯେଉଁଥିରେ ବିଭିନ୍ନ ଫିକ୍ସନ୍, ନନ୍‌ଫିକ୍ସନ ବହି ସହ ପିଲାଙ୍କ ପାଇଁ ମଧ୍ୟ ବହି ଏବଂ ପଢ଼ା ବହି ବି ସାମିଲ ଅଛି । ଯେଉଁଥିରୁ କେତେକ ବହି ସିଧାସଳଖ ବ୍ରାଉଜରରେ ପଢ଼ି ହେଉଥିବା ବେଳେ ଆଉ କେତେକକୁ ଫ୍ରି ଆକାଉଣ୍ଟ ଜରିଆରେ ଉଧାର ବି ଆଣିହେବାର ସୁବିଧା ରହିଛି ।







**ୱିକି ବୁକ୍ସ:** ବିଜ୍ଞାନ, ଗଣିତ, ସାହିତ୍ୟ, ପ୍ରୋଗ୍ରାମିଙ୍ଗ୍ ଏବଂ ଭାଷା ଶିଖିବା ଆଦି ମାଗଣା ପୁସ୍ତକ ଓ ରେଫରେନ୍ସ ସାମଗ୍ରୀ ପ୍ରଦାନ କରିଥାଏ । ଛାତ୍ରୀଛାତ୍ରଙ୍କ ପାଇଁ ଏହି ସାଇଟ୍ ବିଶେଷ ଭାବେ ଉପଯୋଗୀ ।

**ମେନିବୁକ୍ସ:** ଏଥିରେ ମଧ୍ୟ ବହୁ ସଂଖ୍ୟାରେ ଫ୍ରି ବୁକ୍ସ ଉପଲବ୍ଧ, ଯାହାକି ବିଶେଷ କରି ବିଭିନ୍ନ ଶାସ୍ତ୍ରରୁ ସଂଗ୍ରହ କରାଯାଇଛି । ଏହା ବ୍ୟତୀତ ସାଇନ୍ସ ଫିକ୍ସନଠୁ ଆରମ୍ଭ କରି ବିଜ୍‌ନେସ୍ ଗାଇଡ୍ ପର୍ଯ୍ୟନ୍ତ ସବୁ ବହି ସହଜରେ ମିଳିଥାଏ । ଏହାର ରେକମେଣ୍ଡଶନ୍ ଇଞ୍ଜିନ୍ ଏବଂ ୟୁଜର୍ ରିଭ୍ୟୁ ସିଷ୍ଟମ୍ ଭଲ ଭଲ ବହି ବାଛିବାରେ ସାହାଯ୍ୟ କରିଥାଏ । ଏଥିରେ ଅନେକ ଭାଷା ବହି ଉପଲବ୍ଧ ଥିବାରୁ ଭାଷା ଜ୍ଞାନ ବୃଦ୍ଧି କରିବାରେ ଏହା ବେଶ୍ ସାହାଯ୍ୟ କରିଥାଏ ।

ଏହି ସବୁ ସାଇଟ୍ ବ୍ୟତୀତ ବୁକ୍ ବୁନ୍, ଷ୍ଟାଣ୍ଡାର୍ଡ ଇ-ବୁକ୍ସ, ସ୍ମାସ୍ ୱାର୍ଡ୍ସ, ପିଡିଏଫ୍ ବୁକ୍ସୱାର୍ଲ୍ଡ, ଲାଇବ୍ରେରି ଜେନେସିସ୍, ଇ-ବୁକ୍ସ ଡାଇରେକ୍ଟୋରି ଆଦି ମଧ୍ୟ ଫ୍ରି ବୁକ୍ ରିଡିଙ୍ଗ୍ ପାଇଁ ବେଶ୍ ଭଲ ।

## କ'ଣ କୁହନ୍ତି ଏମାନେ...



**ଶ୍ରୀସିକ୍ତା ଶୁଭଦର୍ଶିନୀ**( ଛାତ୍ରୀ, ଭୁବନେଶ୍ୱର)- ଇଣ୍ଟରନେଟରେ ଉପଲବ୍ଧ ବହି ସବୁ ପଢ଼ିପାରିବା ଅର୍ଥନୈତିକ ଦୃଷ୍ଟିକୋଣରୁ ଖୁବ୍ ଭଲ । ଅନେକ ସମୟରେ ବଜାରରେ ସହଜରେ ଉପଲବ୍ଧ ହେଉ ନ ଥିବା ତଥା ପ୍ରକାଶନ ବନ୍ଦ ହୋଇଯାଇଥିବା ବହି ସବୁ ୱେବସାଇଟରେ ମିଳିଯିବା ପାଠକ ପାଇଁ ଅଭିନନ୍ଦନୀୟ । ସ୍ନାତକୋତ୍ତର ସମୟରେ ଲିବ୍ ଜେନ ସାଇଟରୁ ମୁଁ ମୋ ପାଠ୍ୟକ୍ରମ ଅନେକ ବହି ପଢ଼ିବାରେ ସମର୍ଥ ହୋଇଛି । ଓଡ଼ିଆ ବିଭବରେ ବହି ସହଜରେ ଉପଲବ୍ଧ । ଅତଏବ ବହି ପଢା ଜାରି ରହୁ, ମାଧ୍ୟମ କେବେ ପ୍ରତିବନ୍ଧକ ନୁହେଁ ।



**ଲୋହିତ ନାରାୟଣ ମହାପାତ୍ର** (ଗୋଡିପଡ଼ା, ଜଙ୍କିଆ ଖୋର୍ଦ୍ଧା)- ମୋର କବିତା, ସାହିତ୍ୟ ଲେଖିବା ପ୍ରତି ବିଶେଷ ରୁଚି ରହିଛି । ଅବସର ସମୟ ମିଳିଲେ ଲେଖାଲେଖି କରେ ଓ ଅଧିକ ପଢିବା ଲାଗି ସୋସିଆଲ ମିଡିଆରେ ପେନ୍ ଇନ୍ ବୁକ୍‌ସ, ଲିଟେରାରୀ ଫେଷ୍ଟ, ଫେସ୍‌ବୁକ ଆକାଉଣ୍ଟ, ବିଭିନ୍ନ ସାହିତ୍ୟ ସୃଜନୀ ଫଲୋ କରେ । ଅନ୍‌ଲାଇନରେ ସୃଷ୍ଟି ଓ ସ୍ରଷ୍ଟା, ଓଡ଼ିଆ ସାହିତ୍ୟ, କବିତା ଆସର ପ୍ରଭୃତି ସୋସିଆଲ ପୃଷ୍ଠା ସହିତ ଗୁଗଲ୍ ପ୍ଲେ ବୁକ୍ସ, ଓପନ୍ ଲାଇବ୍ରେରି, ମେନିବୁକ୍ସ ଆଦି ସାଇଟ୍‌ରୁ ପଢ଼ାପଢ଼ି କରେ ।

## ଏ ସପ୍ତାହର ପ୍ରଶ୍ନ ?

୧- ଦି ଟାଇଫୁନ୍ ମିଶାଇଲ୍ ସିଷ୍ଟମ୍ ......... ଦେଶ ପ୍ରସ୍ତୁତ କରିଛି ?
୨- ଶ୍ରୀବିଲିପୁଥର୍-ମେଘମଲାଇ ଟାଇଗର ରିଜର୍ଭ .......... ରାଜ୍ୟରେ ଅବସ୍ଥିତ ?
୩- ଛତିଶଗଡ଼-ତେଲଙ୍ଗାନା ସୀମାରେ ଥିବା କେରାଗୁଟା ହିଲ୍‌ରେ ଚାଲିଥିବା ସବୁଠୁ ବଡ଼ ଆଣ୍ଟି ନକ୍ସଲ୍ ଅପରେଶନ୍‌ର ନାମ ........... ?
୪- ଅଙ୍ଗୀକାର ୨୦୨୫ କ୍ୟାମ୍ପେନ୍ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ............ ସ୍କିମ୍‌ରେ ଅନ୍ତର୍ଭୁକ୍ତ ?
୫- ଲଣ୍ଡନ୍ ମୁସ୍‌ଲିମ୍ ଲିଗ୍ ୧୯୦୮ ...... ପ୍ରତିଷ୍ଠା କରିଥିଲେ ?

## ଗତ ଥରର ଉତ୍ତର

୧ ହରିୟାଣା
୨ ଶ୍ରୀଲଙ୍କା
୩ ୧୯୨୧
୪ ଏନ୍‌ଏଚ୍- ୧୩୦ ସି
୫ ରାଜସ୍ଥାନ

## ଉତ୍ତର ଦାତା


ଶେଖ୍ ୟାକୁବ୍ ଗୋପ


ଶକ୍ତିପ୍ରସାଦ ସିଂ ଭୁବନେଶ୍ୱର


ଛବିଲାଲ୍ ଭାଟି, କଳାହାଣ୍ଡି

## ଟପ୍ ଟେନ୍ ୧୦

### ସବୁଠୁ ଲୋକପ୍ରିୟ ସ୍ମାର୍ଟୱାଚ୍ ବ୍ରାଣ୍ଡ- ୨୦୨୫



୧......... ଆପ୍‌ଲ୍
୨......... ସାମ୍‌ସଙ୍ଗ୍
୩......... ଗୁଗଲ୍(ପିକ୍ସେଲ୍ ୱାଚ୍)
୪......... ଗାର୍ମିନ୍
୫......... ଫିଟ୍‌ବିଟ୍
୬......... ହୁଆୱି
୭......... ଜାଓମି
୮......... ଆମାଜ୍‌ଫିଟ୍
୯......... ୱାନ୍‌ପ୍ଲସ୍
୧୦......... ଫସିଲ୍

ୟୁଥ୍ ଆଲର୍ଟ

## ହେବ ନାହିଁ କ୍ୟାନ୍‌ସର

**ପୃଥିବୀର ପ୍ରତିଟି ସ୍ଥାନରେ ବର୍ତ୍ତମାନ କ୍ୟାନ୍ସର ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଯେଉଁଥିପାଇଁ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକଙ୍କର ମୃତ୍ୟୁ ବି ହେଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ମୁତାବକ ବର୍ତ୍ତମାନ ୩୦ ବର୍ଷରୁ କମ୍ ବୟସ୍କଙ୍କଠାରେ ମଧ୍ୟ କ୍ୟାନ୍ସର ରୋଗ ଅଧିକ ଦେଖିବାକୁ ମିଳୁଛି। ଭାରତରେ ବଢୁଥିବା କ୍ୟାନ୍ସର ରୋଗୀଙ୍କ ସଂଖ୍ୟା ଦେଖି, ମୁଖ୍ୟତଃ ୮ଟି ଦିଗପ୍ରତି ସତର୍କ ରହିଲେ ଯୁବପିଢ଼ି ଏହି ରୋଗଠାରୁ ଦୂରେଇ ରହିପାରିବେ। ସେନେଇ ଏସ୍ପର ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଜାଣନ୍ତୁ ସେ ସମ୍ପର୍କରେ...**

❖ସର୍ବପ୍ରଥମେ ସନ୍ତୁଳିତ ଖାଦ୍ୟପେୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ। କାରଣ ବର୍ତ୍ତମାନର ଜଙ୍କ୍ ଫୁଡ୍, କମ୍ ଫାଇବର୍‌ଯୁକ୍ତ ଖାଦ୍ୟ ଆଦିର ଅଧିକ ସେବନ ମଧ୍ୟ କ୍ୟାନ୍ସରର ପ୍ରମୁଖ କାରଣ। ତେଣୁ ଅଳ୍ପ ବୟସରୁ ହିଁ ଏଭଳି ଖାଦ୍ୟାଭ୍ୟାସଠାରୁ ଦୂରେଇ ରହିବା ସହ ଅଧିକ ଫାଇବରଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା କ୍ୟାନ୍ସର ଆଶଙ୍କା କମିଥାଏ।



❖ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ମୁତାବକ ଯେଉଁମାନେ ପ୍ରତିଦିନ ୫୦ଗ୍ରାମ୍ ପ୍ରୋସେସ୍ଡ ମିଟ୍ ଖାଉଛନ୍ତି ସେମାନଙ୍କଠାରେ ମଧ୍ୟ କୋଲେରେକ୍ଟାଲ୍ କ୍ୟାନ୍ସର ଆଶଙ୍କା ୧୮ ପ୍ରତିଶତ ଅଧିକ। ସେହିପରି ଅଧିକ ରେଡ୍ ମିଟ୍ ଖାଇବା ବି କ୍ଷତିକାରକ।

❖ଆଜିକାଲି ଅନେକ ଯୁବପିଢ଼ି ବାହାରେ ଛଣାଛଣି ବା ଅଧିକ ତେଲଯୁକ୍ତ ଖାଦ୍ୟ ଖାଇବାକୁ ଆଗ୍ରହୀ ହେଉଛନ୍ତି। ହେଲେ ସେହିସବୁ ଖାଦ୍ୟ ପ୍ରସ୍ତୁତ ହେବା ଲାଗି ଅନେକ ଦୋକାନୀ ଭଲ ତେଲ ବ୍ୟବହାର କରି ନ ଥାନ୍ତି, ଯାହାକି କ୍ୟାନ୍ସରର ଆଉ ଏକ ବଡ଼ କାରଣ। ତେଣୁ ସବୁବେଳେ ଭଲ ତେଲ ବିଶେଷ କରି ଅଲିଭ୍ ଅଏଲ୍‌ରେ ପ୍ରସ୍ତୁତ ଖାଦ୍ୟ ଖାଇବା ଦ୍ୱାରା କ୍ୟାନ୍ସର ଆଶଙ୍କା ପ୍ରାୟ ୩୦ ପ୍ରତିଶତ କମ୍ ହୋଇଥାଏ।

❖ ଆଲ୍‌କହଲ୍ ଅଧିକ ପିଇବା ଦ୍ୱାରା କିମ୍ବା ଗୁଟ୍‌ଖା, ତମାଖୁ ସେବନ ଓ ସିଗାରେଟ୍ ଆଦି ଧୂମ ପାନୀୟ କ୍ୟାନ୍ସରର ଆଉ ଏକ ବଡ଼ କାରଣ। ତେଣୁ ଏସବୁଠାରୁ ସମ୍ପୂର୍ଣ୍ଣ ଦୂରେଇ ରହିଲେ ସୁସ୍ଥ ରହିପାରିବେ।

❖ଗବେଷଣା ରିପୋର୍ଟ ମୁତାବକ ମେଦବହୁଳତା ଯୋଗୁ ମଧ୍ୟ ବର୍ତ୍ତମାନ ୧୩ ପ୍ରକାରର କ୍ୟାନ୍ସର ଆଶଙ୍କା ବୃଦ୍ଧି ପାଉଛି। ଆମେରିକାରେ ହେଉଥିବା କ୍ୟାନ୍ସର ଜନିତ ମୃତ୍ୟୁ ମଧ୍ୟରୁ ୪୦ ଭାଗ କେବଳ ଏହି କାରଣରୁ ହେଉଥିବା ଜଣାପଡ଼ିଛି। ତେଣୁ ଓଜନ ନିୟନ୍ତ୍ରଣରେ ରଖିବା ଅତ୍ୟନ୍ତ ଜରୁରୀ।

❖ରାଷ୍ଟ୍ରୀୟ କ୍ୟାନ୍ସର ସଂସ୍ଥାନର ଆକଳନ ଅନୁଯାୟୀ ନିୟମିତ ବ୍ୟାୟାମ କଲେ କ୍ୟାନ୍ସରର ଆଶଙ୍କା ମଧ୍ୟ କମିଥାଏ। ବିଶେଷକରି ଏହାଦ୍ୱାରା ବ୍ରେଷ୍ଟ, କୋଲନ୍, ଏଣ୍ଡିମେଟ୍ରିଆଲ୍ କ୍ୟାନ୍ସର ଭୟ ପ୍ରାୟ ୨୦-୪୦ ପ୍ରତିଶତ କମିଯାଏ।

❖ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରତିଦିନ ପର୍ଯ୍ୟାପ୍ତ ମାତ୍ରାରେ ଶୋଇବା। କାରଣ କ୍ରନିକ୍ ଷ୍ଟ୍ରେସ୍ ଓ ନିଦ୍ରାହୀନତା ଯୋଗୁ ଯଦ୍ୟମର ଶୀଘ୍ର ଶୀଘ୍ର ବଢି କ୍ୟାନ୍ସର ହୋଇପାରେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଦିନରେ ୬ ଘଣ୍ଟାରୁ କମ୍ ଶୋଇବା ଦ୍ୱାରା କ୍ୟାନ୍ସର ଜନିତ ମୃତ୍ୟୁ ଆଶଙ୍କା ୨୪ ପ୍ରତିଶତ ବୃଦ୍ଧି ପାଇଥାଏ।

ଜାଣନ୍ତୁ ଦୁନିଆ

# ଏୟାର୍ ଇଣ୍ଡିଆ

**ଆକାଶ ପରିବହନ କ୍ଷେତ୍ରରେ ଭାରତୀୟ ବିମାନ ସେବା ସମଗ୍ର ପୃଥିବୀରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଜାଣନ୍ତୁ ଏହା ସମ୍ପର୍କରେ କିଛି ତଥ୍ୟ...**

★ଏୟାର ଇଣ୍ଡିଆର ସର୍ବପ୍ରଥମ ଫ୍ଲାଇଟ୍ ୧୯୩୨ ମସିହା ଅକ୍ଟୋବର ୧୫ ତାରିଖରେ ମୁମ୍ବାଇରୁ କରାଚି ପର୍ଯ୍ୟନ୍ତ ଉଡାଣ କରିଥିଲା । ସେତେବେଳେ ଏୟାର ଇଣ୍ଡିଆ ଜେ.ଆର୍.ଡି. ଟାଟାଙ୍କ ଅଧୀନରେ ଥିଲା ଏବଂ ପରେ ଏହା ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ହେଲା । ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଜେ.ଆର୍.ଡି. ଟାଟା ହେଉଛନ୍ତି ଭାରତର ପ୍ରଥମ ଲାଇସେନ୍ସପ୍ରାପ୍ତ ପାଇଲଟ୍ । ସେ ହିଁ ଏୟାର ଇଣ୍ଡିଆର ପ୍ରଥମ ଲୋଗୋ ଚୟନ କରିଥିଲେ । ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ମଧ୍ୟ ରାଜନୀତିରେ ଯୋଗ ଦେବା ପୂର୍ବରୁ ଏୟାର ଇଣ୍ଡିଆରେ ପାଇଲଟ୍ ଥିଲେ ।




★ପୃଥିବୀର ସବୁଠାରୁ ଅଧିକ ଦୂର ବା ଲମ୍ବା କମର୍ସିଆଲ୍ ଏୟାର୍‌ଲାଇନ୍ ହେଉଛି ଦିଲ୍ଲୀରୁ ସାନ୍‌ଫ୍ରାନ୍ସିସ୍କୋ, ଯାହାର ଦୂରତା ୯୫୦୦ ମାଇଲ୍। ତେବେ ଏହି ଦୂରତା ଅତିକ୍ରମ କରିବା ଲାଗି ଫ୍ଲାଇଟ୍‌କୁ ପ୍ରାୟ ୧୪ଘଣ୍ଟା ସମୟ ଲାଗିଥାଏ ।

★୧୯୬୦ ମସିହାରେ ଏୟାର ଇଣ୍ଡିଆ ପକ୍ଷରୁ ଏସିଆର ପ୍ରଥମ ଜେଟ୍ ବିମାନ ନିର୍ମାଣ କରାଯାଇଥିଲା । ସେହିପରି ୧୯୭୧ ମସିହାରେ ଭାରତର ପ୍ରଥମ ଲକ୍‌ଜୁରି ଏୟାର ଟ୍ରାଭେଲ୍ (ବୋଇଂ ୭୪୭-୨୦୦ବି) ଆରମ୍ଭ କରାଯାଇଥିଲା ।

★ଏୟାର ଇଣ୍ଡିଆର ପ୍ରଥମ ଇଣ୍ଟରନ୍ୟାଶନାଲ୍ ଫ୍ଲାଇଟ୍ ୧୯୪୮ ମସିହା ଜୁନ୍ ୮ ତାରିଖରେ ମୁମ୍ବାଇରୁ ଲଣ୍ଡନ ପର୍ଯ୍ୟନ୍ତ ଉଡାଣ କରିଥିଲା, ଯେଉଁଥିରେ ୩୫ଜଣ ଯାତ୍ରୀ ଥିଲେ ।

★୨୦୧୪ରେ ଏୟାର ଇଣ୍ଡିଆ ପୃଥିବୀର ବୃହତ୍ତମ ଗ୍ଲୋବାଲ୍ ଏୟାରଲାଇନ୍ ଆଲିଆନ୍ସର ମେମ୍ବର ହୋଇପାରିଥିଲା ।

★ଦିଲ୍ଲୀରେ ଥିବା ଇନ୍ଦିରା ଗାନ୍ଧୀ ଏୟାରପୋର୍ଟ ପୃଥିବୀର ସବୁଠୁ ବ୍ୟସ୍ତବହୁଳ ଏୟାରପୋର୍ଟଗୁଡ଼ିକ ମଧ୍ୟରେ ଅନ୍ୟତମ । କାରଣ ଏହା କାର୍ବନ୍ ନ୍ୟୁଟ୍ରାଲ୍ ଏୟାରପୋର୍ଟର ମାନ୍ୟତା ପାଇଛି । ଏହା ବ୍ୟତୀତ ମାତ୍ର ଅଳ୍ପ କେତୋଟି ଏୟାପୋର୍ଟକୁ ଏହି ମାନ୍ୟତା ପ୍ରାପ୍ତ ହୋଇଛି ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୧୪ ସେପ୍ଟେମ୍ବର, ୨୦୨୫ Bhubaneswar, Sunday, 14 September, 2025

# ଲିଗ୍ ପର୍ଯ୍ୟାୟ ଶେଷ, ନକଆଉଟ୍‌ରେ ୧୬ ଦଳ

**ତୃତୀୟ ସର୍ବଭାରତୀୟ ଟି-୧୦ ଟେନିସ ବଲ କ୍ରିକେଟ**

ପୁରୀ, ୧୩।୯
(ଅଜିତ୍ କୁମାର ମହାନ୍ତି)



ଟି୧୦ ଟେନିସ୍ ବଲ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ (ଟିବିସିଏଆଇ) ଆନୁକୂଲ୍ୟରେ ଓଡ଼ିଶା ଟି୧୦ ଟେନିସ କ୍ରିକେଟ୍ ଆସୋସିଏଶନ ଏବଂ ଶ୍ରୀଜଗନ୍ନାଥ ଦର୍ଶନ ଚାରିଟେବୁଲ ଟ୍ରଷ୍ଟ ସହଯୋଗରେ ପେଣ୍ଠକଟା ସ୍ଥିତ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମରେ ଚାଲିଥିବା ତୃତୀୟ ସର୍ବଭାରତୀୟ ଟି-୧୦ ଟେନିସ ବଲ କ୍ରିକେଟ ଚାମ୍ପିୟନଶିପ୍‌ରେ ତୃତୀୟ ଦିନରେ ପୁରୁଷ ବିଭାଗର ସମସ୍ତ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଶେଷ ହୋଇଛି ଏବଂ ୧୬ ଦଳ ନକଆଉଟ୍‌ରେ ପ୍ରବେଶ କରିଛନ୍ତି।

ତୃତୀୟ ଦିନରେ ୧୫ଟି ଲିଗ୍ ଓ ୮ଟି ନକ୍‌ଆଉଟ୍ ମ୍ୟାଚ୍ ଖେଳାଯାଇଛି। ପ୍ରଥମ ମ୍ୟାଚ୍‌ରେ ଉତ୍ତର ପ୍ରଦେଶ ୪୭ ରନରେ ତେଲଙ୍ଗାନାକୁ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ କର୍ନାଟକ ୭୯ ରନରେ ମହାରାଷ୍ଟ୍ରକୁ ପରାସ୍ତ କରିଥିଲା। ସେହିଭଳି ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଝାଡ଼ଖଣ୍ଡ ୯ ଉଇକେଟରେ ଉତ୍ତରାଖଣ୍ଡକୁ, ମେଘାଳୟ ୪୦ ରନ୍‌ରେ ଆନ୍ଧ୍ରପ୍ରଦେଶକୁ, ଗୋଆ ୮ ଉଇକେଟ୍‌ରେ ରାଜସ୍ଥାନକୁ, ହିମାଞ୍ଚଳ ପ୍ରଦେଶ ୨୦ ରନ୍‌ରେ ମେଘାଳୟକୁ, ଦିଲ୍ଲୀ ୭ ଉଇକେଟ୍‌ରେ ହରିୟାଣାକୁ, ପଶ୍ଚିମବଙ୍ଗ ୫୫ ରନ୍‌ରେ ତେଲେଙ୍ଗାନାକୁ, ତ୍ରିପୁରା ୭ ଉଇକେଟ୍‌ରେ ଆନ୍ଧ୍ର ପ୍ରଦେଶକୁ, ଓଡ଼ିଶା ହୋଷ୍ଟ ୪୦ରନ୍‌ରେ ଉତ୍ତରାଖଣ୍ଡକୁ, ପୂର୍ବାଞ୍ଚଳ ୭ ୱକେଟ୍‌ରେ ସିକିମକୁ, ମଧ୍ୟପ୍ରଦେଶ ୨୮ ରନରେ ମହାରାଷ୍ଟ୍ରକୁ, ଆସାମ ୮ ଉଇକେଟ୍‌ରେ ରାଜସ୍ଥାନକୁ ହରାଇଥିଲା। ତେବେ ଲିଗ ପର୍ଯ୍ୟାୟରୁ ଏଆଇଆଇଡି, ଛତିଶଗଡ, ମଧ୍ୟପ୍ରଦେଶ, ଦିଲ୍ଲୀ, ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ, ମଧ ଭାରତ, ଓଡ଼ିଶା, ପୂର୍ବାଞ୍ଚଳ, ଝାଡଖଣ୍ଡ, ଓଡିଶା ହୋଷ୍ଟ, ଗୋଆ, ଆସାମ, ହିମାଚଳ ପ୍ରଦେଶ, ତ୍ରିପୁରା, କର୍ନାଟକ ଆଦି ୧୬ ଦଳ ନକ୍‌ଆଉଟ୍ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ୧୪ ତାରିଖରେ ମହିଳା ବିଭାଗର ସମସ୍ତ ନକ୍‌ଆଉଟ ମ୍ୟାଚ ଖେଳାଯିବ। ଉଭୟ ପୁରୁଷ ଏବଂ ମହିଳା ବିଭାଗର କ୍ୱାର୍ଟର ଓ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଉଭୟ ପୁରୁଷ ଓ ମହିଳା ଫାଇନାଲ ମ୍ୟାଚ୍ ଖେଳାଯିବ।

## ଗଗନେନ୍ଦୁ ପୂର୍ବାଞ୍ଚଳ ଜିଟିସିସି ସଦସ୍ୟ

**ଭୁବନେଶ୍ୱର, ୧୩।୯ (ବିଜୟ ରଣା):** ନଭେମ୍ବରରେ ଜୟପୁରଠାରେ ହେବାକୁଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ପାଇଁ କିଟ୍ ୟୁନିଭର୍ସିଟି କ୍ରୀଡ଼ା ଓ ଯୋଗ ବିଭାଗ ଡାଇରେକ୍ଟର ଜେନେରାଲ ଡ. ଗଗନେନ୍ଦୁ ଦାଶ ପୂର୍ବାଞ୍ଚଳର ଜିଟିସିସି(ଗେମ୍ସ ଟେକ୍ନିକାଲ କଣ୍ଡକ୍ଟ କମିଟି)ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି।




## ମୀନାକ୍ଷୀ, ଯସ୍ମିନ, ନୂପୁର ଫାଇନାଲରେ

**ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍**

**ଲିଭରପୁଲ୍, ୧୩।୯ (ପି.ଟି.):** ଭାରତର ୩ ମହିଳା ବକ୍ସର ମୀନାକ୍ଷୀ ହୁଦା, ଯସ୍ମିନ ଲାମ୍ବୋରିଆ ଓ ନୂପୁର ଶେଓରାନ ଚଳିତ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହିତ ସେମାନେ ଭାରତ ପାଇଁ ଅତିକମ୍‌ରେ ରୌପ୍ୟ ପଦକ ପକ୍କା କରିଛନ୍ତି। ମୀନାକ୍ଷୀ ହେଉଛନ୍ତି ଜଣେ ପୂର୍ବତନ ଏସିଆନ ଚାମ୍ପିୟନଶିପ୍ ଓ ବିଶ୍ୱକପ୍ ରୌପ୍ୟ ବିଜେତା। ୪୮କେଜି ସେମିଫାଇନାଲରେ ସେ ଆଧିପତ୍ୟ ବିସ୍ତାରକୁ ୨୦୧୩ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା ମଙ୍ଗୋଲିଆ ଲୁତ୍‌ସେଖାନି ଅଲତାନସେତେସେଗ୍‌ଙ୍କୁ ୫-୦ରେ ହରାଇ ଦେଇଛନ୍ତି।







Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ